ଧରିତ୍ରୀ 52 Years
ପୃଷ୍ଠା-୮+୮
# ଧରିତ୍ରୀ
DHARITRI
ଭୁବନେଶ୍ୱର, ରବିବାର, ମାର୍ଚ୍ଚ ୨୨/୨୦୨୬ ( ୮+୮=୧୬ ପୃଷ୍ଠା+ଛୁଟିଦିନ) | Bhubaneswar, Sunday, March 22/2026 | Page 16 | ₹ 7.00 | BERHAMPUR
୫୨ଶ ଭାଗ ୧୧୬ ସଂଖ୍ୟା | www.orissakhabar.com/www.dharitri.com | Printed at Bhubaneswar, Sambalpur, Rayagada & Angul | VOLUME 52 ISSUE 116 | ମୂଲ୍ୟ ₹୭/-



## ଧୁରନ୍ଧର-୨: ଦୁଇଦିନରେ ଆୟ ୨୨୬ କୋଟି

ଆଦିତ୍ୟ ଧର୍‌ଙ୍କ ନିର୍ଦ୍ଦେଶିତ ଓ ରଣବୀର ସିଂଙ୍କ ଅଭିନୀତ ବ୍ଲକ୍‌ବଷ୍ଟର ଚଳଚ୍ଚିତ୍ର 'ଧୁରନ୍ଧର-୨' ମୁକ୍ତିଲାଭ କରିବାର ୨ ଦିନ ମଧ୍ୟରେ ୨୨୬.୨୭ କୋଟି ଟଙ୍କା ଆୟ କରିଛି।

୦୪

୦୮

## ପାର୍ବତୀଙ୍କୁ ଦୁଇ ସ୍ୱର୍ଣ୍ଣ

ଚଣ୍ଡିଗଡ଼ରେ ଚାଲିଥିବା ଖେଲୋ ମାଷ୍ଟର ନ୍ୟାଶନାଲ ଗେମ୍ସରେ ଓଡ଼ିଶାର ପାର୍ବତୀ ସେଠୀ ଦୁଇଟି ସ୍ୱର୍ଣ୍ଣ ପଦକ ଜିତିଛନ୍ତି।





୩ ମାସର ବକେୟା ଦରମା ସମେତ ୭ ଦଫା ଦାବି ନେଇ ନିଖିଳ ଓଡ଼ିଶା ମଧ୍ୟାହ୍ନଭୋଜନ ପାଚକପାଚିକା ମହାସଂଘ ପକ୍ଷରୁ ଭୁବନେଶ୍ୱର ଲୋୟର ପିଏମ୍‌ଜିରେ ଚାଲିଥିବା ଆନ୍ଦୋଳନବେଳେ ଶନିବାର ଜଣେ ପାଚିକା ରାସ୍ତାରେ ଶୋଇ କାନ୍ଦି ନିଜ ଦୁଃଖ ଜଣାଉଛନ୍ତି। (ଫଟୋ- ମନୋରଞ୍ଜନ ମିଶ୍ର)

# କ୍ରସ୍ ଭୋଟିଂ: ବିଜେଡିର ୬ ବିଧାୟକ ନିଲମ୍ବିତ

- ସମସ୍ତଙ୍କ ବିଧାନସଭା ସଭ୍ୟପଦ ରଦ୍ଦ ପାଇଁ ବାଚସ୍ପତିଙ୍କୁ ଜଣାଇବୁ: ପ୍ରମିଳା
- ପିଏସି ବୈଠକରେ ନିଆଗଲା ନିଷ୍ପତ୍ତି

**ଭୁବନେଶ୍ୱର, ୨୧ା୩ (ସୁନିତ୍ ମିଶ୍ର)**

କ୍ରସ୍ ଭୋଟିଂ କରିଥିବା ବିଜେଡିର ୬ ବିଧାୟକଙ୍କୁ ଶନିବାର ଦଳରୁ ନିଲମ୍ବନ କରାଯାଇଛି। ବିଧାୟକ ଚକ୍ରମଣି କହଁର, ନବ କିଶୋର ମଲିକ, ସୌଭିକ ବିଶ୍ୱାଳ, ସୁବାସିନୀ ଜେନା, ରମାକାନ୍ତ ଭୋଇ ଏବଂ ଦେବୀରଞ୍ଜନ ତ୍ରିପାଠୀଙ୍କୁ ବିଜେଡି ସଭାପତି ନବୀନ ପଟ୍ଟନାୟକ ନିଲମ୍ବନ କରିଛନ୍ତି। ଦଳର ରାଜନୈତିକ ବ୍ୟାପାର କମିଟି(ପିଏସି) ବୈଠକରେ ନିଷ୍ପତ୍ତି ହେବାପରେ ଏନେଇ ଘୋଷଣା କରାଯାଇଛି। ପିଏସି ଅଧ୍ୟକ୍ଷ ତଥା ବିଜେଡି ସଭାପତି ନବୀନ ପଟ୍ଟନାୟକଙ୍କ ଦସ୍ତଖତରେ ଏହି



ଚକ୍ରମଣି କହଁର



ନବ କିଶୋର ମଲିକ



ସୌଭିକ ବିଶ୍ୱାଳ



ସୁବାସିନୀ ଜେନା



ରମାକାନ୍ତ ଭୋଇ



ଦେବୀରଞ୍ଜନ ତ୍ରିପାଠୀ

ନିଲମ୍ବନ ଆଦେଶ ପ୍ରକାଶ ପାଇଛି।

ଗତ ୧୬ ତାରିଖରେ ଓଡ଼ିଶାର ୪ଟି ରାଜ୍ୟ ସଭା ଆସନରେ ନିର୍ବାଚନ ହୋଇଥିଲା। ଏଥିରେ ମିଳିତ ବିରୋଧୀ ଦଳ ପକ୍ଷରୁ ସ୍ୱାଧୀନ ଭାବେ ଡାକ୍ତର ଦତ୍ତେଶ୍ୱର ହୋତା ପ୍ରାର୍ଥୀ ହୋଇଥିଲେ। ବିଜେଡି ସବୁ ବିଧାୟକଙ୍କୁ ନେଇ ବୈଠକ କରିବା ସହ ଦତ୍ତେଶ୍ୱରଙ୍କୁ ଭୋଟ ଦେବା ଲାଗି ହ୍ୱିପ୍ ଜାରି ☞ପୃଷ୍ଠା-୪

ଇରାନ ତୈଳ ଉପରୁ କଟକଣା ହଟାଇଲେ ଟ୍ରମ୍ପ୍

........୩........

**ଆଜିର ସମ୍ପାଦକୀୟ**

**ପ୍ରକୃତ ଖଳନାୟକ**

# ଅଖା ଭିତରେ ନିଖୋଜ ନାବାଳିକାଙ୍କ ମୃତଦେହ

**ଘର ନିକଟରୁ ଜଣେ ୧୫ବର୍ଷୀୟା ନାବାଳିକା ନିଖୋଜ ହେବାର ୧୨ଘଣ୍ଟା ପରେ ଅଖା ଭିତରୁ ତାଙ୍କର ମୃତଦେହ ଜବତ ହୋଇଛି। ମୟୂରଭଞ୍ଜ ଜିଲା କରଞ୍ଜିଆ ଏନ୍‌ଏସିଅଧୀନ ୧୫ନଂ.ୱାର୍ଡ ବଣସାହିରେ ଶନିବାର ସକାଳେ ଏପରି ଅଭାବନୀୟ ଘଟଣା ଦେଖିବାକୁ ମିଳିଛି। ମୃତା ନାବାଳିକା ହେଲେ ମନସା ବିନ୍ଧାଣୀ। ନାବାଳିକାଙ୍କ ହତ୍ୟାକାରୀଙ୍କୁ ତୁରନ୍ତ ଗିରଫ ସହ କଠୋର ଦଣ୍ଡ ଦେବାକୁ ପରିବାର ଲୋକ ଏବଂ ସ୍ଥାନୀୟ ଅଞ୍ଚଳବାସୀ ଦାବି କରିଛନ୍ତି। ଅପରପକ୍ଷରେ ଅଭିଯୋଗ ଆଧାରରେ ପୋଲିସ ଜଣଙ୍କୁ ଅଟକ ରଖି ପଚରାଉଚରା କରୁଛି।**

**କରଞ୍ଜିଆ,୨୧ା୩ (କବିତା ମହାନ୍ତ)**

ମନସା କରଞ୍ଜିଆର ଏକ ଘରୋଇ ବିଦ୍ୟାଳୟରେ ୮ମ ଶ୍ରେଣୀରେ ପଢ଼ନ୍ତି। ଶୁକ୍ରବାର ସନ୍ଧ୍ୟା ପ୍ରାୟ ୭ଟା ବେଳେ ମନସା ଘରେ ରୋଷେଇ କରୁଥିଲେ। ଏହାର କିଛି ସମୟ ପରେ ସେ ନିଖୋଜ ହୋଇଯାଇଥିବା ନେଇ ବାପା ରଞ୍ଜନ ବିନ୍ଧାଣୀ କରଞ୍ଜିଆ ଥାନାରେ ରାତିରେ ଏତଲା ଦେଇଥିଲେ। କରଞ୍ଜିଆ ବ୍ଲକ ଶିକ୍ଷା ଅଧିକାରୀ କାର୍ଯ୍ୟାଳୟରେ କାର୍ଯ୍ୟରତ ଜଣେ କର୍ମଚାରୀଙ୍କ ଉପରେ ତାଙ୍କର ସନ୍ଦେହ ହେଉଥିବା ରଞ୍ଜନ ଏତଲାରେ ଦର୍ଶାଇଥିଲେ। ପରିବାର ଲୋକେ ରାତିରେ ଗାଁ ନିକଟରେ ପୋଲିସ ଓ ପଡ଼ୋଶୀଙ୍କ ସହଯୋଗରେ ଝିଅକୁ ଖୋଜାଖୋଜି କରିଥିଲେ ମଧ୍ୟ ତାଙ୍କୁ ପାଇ ନ ଥିଲେ। ଶନିବାର ସକାଳେ ବଣସାହିସ୍ଥିତ କାଠଡିପୋ ନିକଟରେ ଥିବା ଏକ ବାଉଁଶ ବୁଦା ପାର୍ଶ୍ୱରେ ଏକ ଅଖାବସ୍ତାରେ ମନସାଙ୍କ ମୃତଦେହ ☞ପୃଷ୍ଠା-୪






## ଦିଲ୍ଲୀରେ ଆଜି



ଇଦ୍-ଉଲ୍-ଫିତର ଅବସରରେ ଶନିବାର ଦିଲ୍ଲୀର ଜାମା ମସ୍‌ଜିଦଠାରେ ପିଲାମାନେ ଉତ୍ସବ ମନାଉଛନ୍ତି। (ଫଟୋ: ଚମନ ଗୌତମ)

# ପୋଲିସର ଅନ୍‌ଲାଇନ ଭିଡିଓ ଅପ୍‌ଲୋଡ୍ ନିରପେକ୍ଷ ବିଚାରରେ ବାଧକ

## ଚିନ୍ତାବ୍ୟକ୍ତ କଲେ ସୁପ୍ରିମକୋର୍ଟ

ନୂଆଦିଲ୍ଲୀ,୨୧।୩(ପି.ଟି.)

ଲୋକେ ମୋବାଇଲ୍ ଫୋନ୍‌ରେ ଭିଡିଓ ଶୁଟ୍ କରି ତତ୍‌କ୍ଷଣାତ୍ ସୋସିଆଲ୍ ମିଡିଆରେ ଅପ୍‌ଲୋଡ୍ କରିଦେଉଥିବାରୁ ସୁପ୍ରମକୋର୍ଟ ଗଭୀର ଉଦ୍‌ବେଗ ପ୍ରକାଶ କରିଛନ୍ତି। ଲୋକମାନଙ୍କ ଏଭଳି କାର୍ଯ୍ୟ ନିରପେକ୍ଷ ତଦନ୍ତ ପ୍ରତି ବାଧକ ବୋଲି ପ୍ରଧାନ ବିଚାରପତି ସୂର୍ଯ୍ୟ କାନ୍ତ, ଜଷ୍ଟିସ୍ ଜୟମାଲ୍ୟ ବାଗ୍‌ଚୀ ଏବଂ ବିପୁଲ ଏମ୍ ପାଞ୍ଚୋଲିଙ୍କ ଖଣ୍ଡପୀଠ କହିଛନ୍ତି।

ପୋଲିସ ଅଭିଯୁକ୍ତଙ୍କ ଭିଡିଓ ଏବଂ ଫଟୋକୁ ସୋସିଆଲ ମିଡିଆରେ ଅପ୍‌ଲୋଡ୍ କରି ଜନସାଧାରଣଙ୍କ ମନରେ ପକ୍ଷପାତିତା ସୃଷ୍ଟି କରୁଥିବା ଅଭିଯୋଗରେ ଦାଏର ଏକ ଜନସ୍ୱାର୍ଥ ମାମଲା (ପିଆଇଏଲ୍)ର ଶୁଣାଣି ବେଳେ ଖଣ୍ଡପୀଠ ଉପରୋକ୍ତ ମତ ଦେଇଛନ୍ତି। ପୋଲିସ ଗଣମାଧ୍ୟମକୁ କୌଣସି ଅପରାଧ ମାମଲା ସମ୍ପର୍କରେ ସୂଚନା ଦେବା ନେଇ ଗାଇଡ୍‌ଲାଇନ୍ ପ୍ରସ୍ତୁତ କରିବାକୁ ସୁପ୍ରିମକୋର୍ଟ ପୂର୍ବରୁ ଅନ୍ୟ ଏକ ମାମଲାରେ ରାଜ୍ୟଗୁଡ଼ିକୁ ନିର୍ଦ୍ଦେଶ ଦେଇଥିଲେ। ସୋସିଆଲ ମିଡିଆ ପୋଷ୍ଟକୁ ମଧ୍ୟ ଏଥିରେ ସାମିଲ କରାଯିବା ଆବଶ୍ୟକ। ଖଣ୍ଡପୀଠ ଶୁଣାଣି ଅବସରରେ ଆବେଦନକାରୀ



ହେମେନ୍ଦ୍ର ପଟେଲଙ୍କୁ କହିଥିଲେ, ଗାଇଡ୍‌ଲାଇନ୍ ଆସିବା ପର୍ଯ୍ୟନ୍ତ ଅପେକ୍ଷା କର। ଆଜିକାଲି ମୋବାଇଲ୍ ଫୋନ୍ ଥିବା ପ୍ରତ୍ୟେକ ବ୍ୟକ୍ତି ଗଣମାଧ୍ୟମ ବନିଯାଉଛନ୍ତି ବୋଲି ପଟେଲଙ୍କ ଓକିଲ ଗୋପାଳ ଶଙ୍କରନାରାୟଣନ କହିଥିବାବେଳେ ଖଣ୍ଡପୀଠ ଏଥିରେ ସହମତ ହୋଇଥିଲେ।

# ବଦଳିପାରେ ଯୁଦ୍ଧ ସ୍ଥିତି

## ଇରାନ ଅଭିମୁଖେ ୨୨୦୦ ମେରିନ୍

ତେହରାନ୍,୨୧।୩

ଇରାନ୍-ଆମେରିକା ଯୁଦ୍ଧ ଶନିବାର ୨୨ ଦିନରେ ପହଞ୍ଚିଛି। ଇତିମଧ୍ୟରେ ଆମେରିକା ଓ ଇସ୍ରାଏଲ ମିଳିତ ଭାବେ ଇରାନ୍‌ର ୮୦୦୦ ଗୁରୁତ୍ୱପୂର୍ଣ୍ଣ ସ୍ଥଳରେ ଆକ୍ରମଣ କରିସାରିଥିବା ପ୍ରକାଶ କରିଛନ୍ତି। ଇରାନ୍‌ର ଆଣବିକ କେନ୍ଦ୍ରଠାରୁ ଆରମ୍ଭ କରି ତୈଳ ଓ ଗ୍ୟାସ୍ ଉତ୍ପାଦନ କେନ୍ଦ୍ର ଏବଂ ସାମରିକ ଘାଟି ଉପରେ ଆକ୍ରମଣ କରାଯାଇ ସେଗୁଡ଼ିକୁ ଧ୍ୱସ୍ତ ବିଧ୍ୱସ୍ତ କରିଦିଆଯାଇଛି। ଏପରିକି ଇରାନ୍‌ର ନୌସେନା ଭିତ୍ତିଭୂମିକୁ ସମ୍ପୂର୍ଣ୍ଣ ନଷ୍ଟ କରିଦିଆଯାଇଛି ବୋଲି ଆମେରିକା ଦାବି କରିଛି। ଏହାପରେ ଆମେରିକା ଇରାନ୍‌ରେ ସ୍ଥଳସେନା ମୁତୟନ କରି ଇରାନ୍‌ର ପ୍ରଶାସନିକ ଭିତ୍ତିଭୂମିକୁ ଧ୍ୱଂସ କରିବାକୁ ଉଦ୍ୟମ କରିବ ବୋଲି ସାମରିକ ବିଶେଷଜ୍ଞମାନେ ଆକଳନ କରିଛନ୍ତି। ପ୍ରାୟ ୨୨୦୦ ଦୁର୍ଦ୍ଧର୍ଷ ମେରିନ୍ କମାଣ୍ଡୋଙ୍କୁ ନେଇ ଜାପାନରୁ ଇରାନ୍ ଅଭିମୁଖେ ଆସୁଥିବା ଆମେରିକାର ଯୁଦ୍ଧ ଜାହାଜ ୟୁଏସ୍‌ଏସ୍ ଟ୍ରିପୋଲି ଏହି ଆକଳନକୁ ସ୍ପଷ୍ଟ କରିଛି। ଉପଗ୍ରହ ଚିତ୍ର ସଙ୍କେତ ଅନୁଯାୟୀ ଏହି ଯୁଦ୍ଧ ଜାହାଜ ଏବେ ଭାରତ ମହାସାଗରର ଦକ୍ଷିଣ ଭାଗ ଦେଇ ଗତି କରୁଛି। ଇରାନ୍‌ରେ ପହଞ୍ଚିବାକୁ ଏହି ଯୁଦ୍ଧ ଜାହାଜକୁ ଆଉ ଅଳ୍ପ କିଛି ଦିନ ଲାଗିବ। ଏହାପରେ ଇରାନ୍‌ରେ ଯୁଦ୍ଧ ସ୍ଥିତି ବଦଳିଯିବ ବୋଲି କୁହାଯାଉଛି।



ଦକ୍ଷିଣ ଭାରତ ମହାସାଗର ଅତିକ୍ରମ କରିସାରିଥିବା ଆମେରିକା ଯୁଦ୍ଧଜାହାଜ ୟୁଏସ୍‌ଏସ୍ ଟ୍ରିପୋଲି।

ଇରାନ୍‌ରେ ସ୍ଥଳସେନା ମୁତୟନକୁ ନେଇ ଟ୍ରମ୍ପ ପ୍ରଶାସନ ପକ୍ଷରୁ କୌଣସି ସଙ୍କେତ ଦିଆଯାଇ ନ ଥିଲେ ମଧ୍ୟ ବିଚଳିତ ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ କୌଣସି ସମୟରେ କିଛି ବି ନିଷ୍ପତ୍ତି ନେଇପାରନ୍ତି। ହର୍ମୁଜ୍ ଷ୍ଟ୍ରେଟ୍ ଦେଇ ତୈଳ ଯୋଗାଣ ବାଧାପ୍ରାପ୍ତ ହେବା କାରଣରୁ ଆମେରିକା ସମେତ ବୈଶ୍ୱିକ ସ୍ତରରେ ଯେଉଁଭଳି ଅର୍ଥନୈତିକ ଅସଙ୍ଗତି ବଢ଼ିଚାଲିଛି , ତାହା ଏବେ ଟ୍ରମ୍ପଙ୍କ ପାଇଁ ମୁଣ୍ଡବିନ୍ଧାର କାରଣ ହୋଇଛି। କାରଣ ଅନ୍ତର୍ଜାତୀୟ ସ୍ତରରେ କ୍ରୁଡ୍ ତୈଳ ବ୍ୟାରେଲ ପିଛା୧୨୦ ଡଲାର ନିକଟବର୍ତ୍ତୀ ହୋଇଥିବାରୁ ଆମେରିକା ସମେତ ବିଭିନ୍ନ ଦେଶରେ ମୁଦ୍ରାସ୍ଫୀତି ସ୍ଥିତି ଉତ୍କଟ ହେବା ଆଶଙ୍କା ବଢ଼ାଇଛି। ଆମେରିକାରେ ଆଗକୁ ମଧ୍ୟବର୍ତ୍ତିକାଳୀନ ନିର୍ବାଚନ ଥିବାରୁ ମହଙ୍ଗାମାଡ଼ ଟ୍ରମ୍ପଙ୍କ ପାଇଁ କାଳ ହେବ ବୋଲି ଆଶଙ୍କା କରାଯାଉଥିବାରୁ ରାଷ୍ଟ୍ରପତି ଟ୍ରମ୍ପ ହର୍ମୁଜ୍ ଦେଇ ତୈଳ ଯୋଗାଣକୁ ନିଶ୍ଚିତ କରିବାକୁ ଚାହୁଁଛନ୍ତି। ଏଥିପାଇଁ ଇରାନ୍ ଉପକୂଳ ସମେତ ଖର୍ଗ ଦ୍ୱୀପରେ ଇରାନ୍‌ର ତୈଳ ଭିତ୍ତିଭୂମିକୁ କବ୍‌ଜା କରିବାକୁ ଟ୍ରମ୍ପ ସ୍ଥଳସେନା ମୁତୟନ କରିପାରନ୍ତି ବୋଲି କୁହାଯାଉଛି।

## ୬୦ ବର୍ଷ ମଧ୍ୟରେ ପ୍ରଥମ: ଇଦ୍‌ରେ ବନ୍ଦ ହେଲା ଅଲ୍ ଆକ୍‌ସା ମସ୍‌ଜିଦ୍

ଜେରୁଜେଲମ୍ ,୨୧।୩

ଇରାନ୍-ଆମେରିକା ଯୁଦ୍ଧକୁ ନେଇ ଏବେ ସମଗ୍ର ମଧ୍ୟପ୍ରାଚ୍ୟ ଅଶାନ୍ତ ହୋଇପଡ଼ିଛି। ଇରାନ୍‌ଠାରୁ ଇସ୍ରାଏଲ ଯାଏ ସବୁଠି ଭୟର ବାତାବରଣ ଦେଖାଯାଇଛି। ଇତିମଧ୍ୟରେ ଇଦ୍‌ରେ ଜେରୁଜେଲମ୍‌ସ୍ଥିତ ଅଲ୍ ଆକ୍‌ସା ମସ୍‌ଜିଦ୍‌କୁ ବନ୍ଦ କରିଦିଆଯିବା ଘଟଣା ଇସ୍‌ଲାମିକ୍ ଜଗତରେ ଉଦ୍‌ବେଗ ସୃଷ୍ଟି କରିଛି। ମକ୍କା ଏବଂ ମଦିନା ପରେ ଜେରୁଜେଲମ୍‌ସ୍ଥିତ ଏହି ମସ୍‌ଜିଦ୍ ଇସ୍‌ଲାମ ଧର୍ମାବଲମ୍ବୀଙ୍କ ପାଇଁ ବହୁ ଗୁରୁତ୍ୱବହନ କରେ। କିନ୍ତୁ ଇଦ୍ ସମୟରେ ଏହି ମସ୍‌ଜିଦ୍‌ରେ ଶ୍ରଦ୍ଧାଳୁମାନଙ୍କୁ ନମାଜପାଠ ଲାଗି ଅନୁମତି ଦିଆଯାଇ ନାହିଁ। ୧୯୬୭ରେ ଇସ୍ରାଏଲ ଓ ଆରବ ଦେଶସମୂହଙ୍କ ଯୁଦ୍ଧ ପରେ ପ୍ରାୟ ୬୦ ବର୍ଷ ପରେ ଇଦ୍ ସମୟରେ ଏହି ମସ୍‌ଜିଦ୍‌କୁ ବନ୍ଦ ରଖାଯାଇଛି। ସୁରକ୍ଷା ଦୃଷ୍ଟିରୁ ଇସ୍ରାଏଲ ସରକାର ଏହାକୁ ବନ୍ଦ ରଖିଥିବା କହିଛନ୍ତି। ଶନିବାର ଇରାନ୍ ଜେରୁଜେଲମ୍ ଉପରେ କ୍ଷେପଣାସ୍ତ୍ର ମାଡ଼ କରିଥିଲାବେଳେ ଅଲ୍ ଆକ୍‌ସା ମସ୍‌ଜିଦ୍‌ଠାରୁ ମାତ୍ର କିଛି ଶହ ମିଟର ଦୂରରେ ଏହି କ୍ଷେପଣାସ୍ତ୍ର ମାଡ଼ ହୋଇଥିବା ଇସ୍ରାଏଲ ପକ୍ଷରୁ କୁହାଯାଇଛି।

## ୧ କୋଟି ମୂଲ୍ୟବର୍ଗର ରିଆଲ୍ ଛାପିଲା ଇରାନ୍



ତେହରାନ୍,୨୧।୩

ଇରାନ୍ ବିରୋଧରେ ଗତ କିଛି ବର୍ଷ ଧରି ଆମେରିକା ଆର୍ଥିକ କଟକଣା ଲାଗୁ କରିଆସିଥିଲାବେଳେ ଇରାନ୍‌ର ଅର୍ଥନୀତି ବହୁମାତ୍ରାରେ ପ୍ରଭାବିତ ରହିଆସିଛି। ଏବେ ଯୁଦ୍ଧକୁ ନେଇ ଇରାନ୍‌ର ଆର୍ଥିକ ସ୍ଥିତି ଆହୁରି ଜଟିଳ ହୋଇପଡ଼ିଛି। ଯୁଦ୍ଧ ସ୍ଥିତିରେ ଇରାନ୍ କେନ୍ଦ୍ରୀୟ ବ୍ୟାଙ୍କ ୧୦ ନିୟୁତ ବା ୧ କୋଟି ମୂଲ୍ୟବର୍ଗର ନୋଟ୍(ରିଆଲ୍) ଛାପିଥିବା ଦେଖିବାକୁ ମିଳିଛି। ଇରାନ୍‌ରେ ବର୍ତ୍ତମାନ ମୁଦ୍ରାସ୍ଫୀତି ବଢ଼ିବା ସହ ନୋଟ୍‌ର ମାତ୍ରାଧିକ ଅଭାବ ଦେଖାଯାଇଛି। ସାଧାରଣରେ ଦୈନିକ ଅର୍ଥ କାରବାରକୁ ଦୃଷ୍ଟିରେ ରଖି ଇରାନ୍ ସରକାର ଏହି ମୂଲ୍ୟବର୍ଗର ନୋଟ୍ ଛାପିବାକୁ ନିଷ୍ପତ୍ତି ନେଇଥିବା କୁହାଯାଇଛି। ଏହି ନୋଟ୍ ଆସିବା ପରେ ବ୍ୟାଙ୍କ ଏବଂ ଏଟିଏମ୍ କାଉଣ୍ଟରଗୁଡିକରେ ଲୋକଙ୍କ ପ୍ରବଳ ଭିଡ଼ ଦେଖିବାକୁ ମିଳିଛି। କିନ୍ତୁ ପ୍ରକୃତରେ ଏହି ନୋଟ୍‌ର ମୂଲ୍ୟ ଅନ୍ତର୍ଜାତୀୟ ସ୍ତରରେ ବହୁତ୍ କମ୍ ରହିଛି। ୧ କୋଟି ମୂଲ୍ୟବର୍ଗର ଏହି ରିଆଲ ଆମେରିକୀୟ ୭ ଡଲାର ଏବଂ ଭାରତର ୬୫୦ ଟଙ୍କା ସହ ସମାନ ବୋଲି ଜଣାପଡ଼ିଛି।

## ଏଆଇ ପ୍ରସ୍ତୁତ ମୋଦିଙ୍କ ଆପତ୍ତିଜନକ ଫଟୋ ଶେୟାର କରିଥିବା ଯୁବକ ଗିରଫ

ନୂଆଦିଲ୍ଲୀ,୨୧।୩

ଏଆଇ ସହାୟତାରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ଆପତ୍ତିଜନକ ଫଟୋ ପ୍ରସ୍ତୁତ କରି ସୋସିଆଲ୍ ମିଡିଆରେ ଶେୟାର କରିଥିବା ବିହାରର ସିଦ୍ଧନାଥ କୁମାରଙ୍କୁ ଦିଲ୍ଲୀ ପୋଲିସ ଗିରଫ କରି ଜେରା ପାଇଁ ନେଇଛି। ଅଭିଯୁକ୍ତ ଜଣକ ପୂର୍ବରୁ ଭାଜପାର ଜଣେ ବିଧାୟିକା ଏବଂ ଜଣେ ବିଦେଶୀ ମହିଳା ନେତ୍ରୀଙ୍କ ପରିବର୍ତ୍ତିତ ଫଟୋ ଶେୟାର କରିଥିଲେ ବୋଲି ପୋଲିସ କହିଛି।

## ହର୍ମୁଜ ପାରହେବ ଆଉ ୨ ଭାରତୀୟ ଟ୍ୟାଙ୍କର

ନୂଆଦିଲ୍ଲୀ,୨୧।୩

ମଧ୍ୟପ୍ରାଚ୍ୟ ଯୁଦ୍ଧ ଯୋଗୁ ବିଶ୍ୱର ପ୍ରମୁଖ ତୈଳ ପରିବହନ ପଥ ଷ୍ଟ୍ରେଟ୍ ଅଫ୍ ହର୍ମୁଜ୍‌କୁ ଇରାନ ଅବରୋଧ କରିଥିବାବେଳେ ଭାରତରେ ତରଳୀକୃତ ପେଟ୍ରୋଲିୟମ ଗ୍ୟାସ୍ (ଏଲ୍‌ପିଜି) ଯୋଗାଣ ସମସ୍ୟା ସୃଷ୍ଟି ହୋଇଛି। ତେବେ ସମୁଦ୍ରରେ ଅଟକି ଥିବା ୨ଟି ଏଲ୍‌ପିଜି ବୋଝେଇ ଭାରତୀୟ ଟ୍ୟାଙ୍କର ଉକ୍ତ ସାମୁଦ୍ରିକ ପଥ ଅତିକ୍ରମ କରିବାକୁ ଯାଉଛି। ସମୁଦ୍ରରେ ଅନେକ ଶହ ଜାହାଜ ଅଟକି ରହିଥିବାବେଳେ ୟୁନାଇଟେଡ୍ ଆରବ ଏମିରେଟ୍ସର ଶାରଜା ନିକଟରେ ଅଟକି ରହିଥିବା



୨ ଭାରତୀୟ ଟ୍ୟାଙ୍କର ପାଇନ୍ ଗ୍ୟାସ୍ ଏବଂ ଜାଗ୍ ବସନ୍ତ ଖୁବ୍‌ଶୀଘ୍ର ଭାରତ ଅଭିମୁଖେ ଯାତ୍ରା କରିବାକୁ ଯାଉଥିବା ଜାହାଜ ଚଳାଚଳ ତଥ୍ୟ ଓ ବାଣିଜ୍ୟିକ ସୂତ୍ରରୁ ଜଣାପଡ଼ିଛି। ପୂର୍ବରୁ ୩ଟି ଏଲ୍‌ପିଜି ଟ୍ୟାଙ୍କର ଭାରତ ଆସିଥିଲା।

## ଉପସାଗରୀୟ ଶାନ୍ତି, ସ୍ଥିରତା ପାଇଁ ମୋଦି-ପେଜେଶ୍‌କିଆନ ଆଲୋଚନା

ନୂଆଦିଲ୍ଲୀ ,୨୧।୩

ଇରାନ୍-ଆମେରିକା ଯୁଦ୍ଧ ୪ ସପ୍ତାହରେ ପହଞ୍ଚିଥିବାବେଳେ ଉପସାଗରୀୟ ଅଞ୍ଚଳ ସ୍ଥିତି ବେଳକୁ ବେଳ ଗମ୍ଭୀର ହେବାରେ ଲାଗିଛି। ଏହାଛଡ଼ା ତୈଳ ଓ ଗ୍ୟାସ୍ ଯୋଗାଣ ଶୃଙ୍ଖଳ ଅଧିକ ମାତ୍ରାରେ ବାଧାପ୍ରାପ୍ତ ହୋଇଥିବାରୁ ବୈଶ୍ୱିକ ସମସ୍ୟା ମଧ୍ୟ ଉତ୍କଟ ହୋଇଛି। ଏହାକୁ ଦୃଷ୍ଟିରେ ରଖି ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଶନିବାର ଇରାନ୍ ରାଷ୍ଟ୍ରପତି ମାସୁଦ ପେଜେଶ୍‌କିଆନଙ୍କ ସହ କଥାବାର୍ତ୍ତା କରିଛନ୍ତି। ଇଦ୍ ଏବଂ ଫାର୍ସୀ ନବବର୍ଷ ନୋରୁଜ୍ ପାଳନ ଅବସରରେ ମୋଦି ପେଜେଶ୍‌କିଆନଙ୍କୁ ଶୁଭେଚ୍ଛା ଜଣାଇବା ସହ ଉପସାଗରୀୟ ଅଞ୍ଚଳରେ ଶାନ୍ତି ଓ ସ୍ଥିରତା ଫେରାଇ ଆଣିବାକୁ କାମନା ଜଣାଇଛନ୍ତି। ଇରାନ୍‌ର ଗୁରୁତ୍ୱପୂର୍ଣ୍ଣ ଭିତ୍ତିଭୂମି ଉପରେ ଆକ୍ରମଣକୁ ମୋଦି ନିନ୍ଦା କରିଥିଲାବେଳେ ଆରବ ଦେଶ ସମୂହରୁ ଇନ୍ଧନ ଯୋଗାଣ ବ୍ୟବସ୍ଥା ସ୍ୱାଭାବିକ ହେବା ଉଚିତ ବୋଲି କହିଛନ୍ତି। ହର୍ମୁଜ୍ ସମେତ ଅନ୍ୟ ସାମୁଦ୍ରିକ ପଥରେ ଜାହାଜ ଚଳାଚଳର ସ୍ୱାଧୀନତା ଏବଂ ସୁରକ୍ଷାକୁ ଗୁରୁତ୍ୱ ଦିଆଯାଇ ଯୋଗାଣ ଶୃଙ୍ଖଳକୁ ସ୍ୱାଭାବିକ କରିବାକୁ ମୋଦି ଆହ୍ୱାନ ଜଣାଇଛନ୍ତି। ଫେବୃଆରୀ ୨୮ରେ ଯୁଦ୍ଧ ଆରମ୍ଭ ହେବା ପରେ ମୋଦି ରାଷ୍ଟ୍ରପତି ପେଜେଶ୍‌କିଆନଙ୍କ ସହ ଦ୍ୱିତୀୟଥର ଲାଗି ଆଲୋଚନା କରିଛନ୍ତି।

## କଲେଜ ଛାତ୍ରଙ୍କୁ ଗୁଳିକରି ହତ୍ୟା

ବାରାଣସୀ,୨୧।୩

ଉତ୍ତରପ୍ରଦେଶର ବାରାଣସୀସ୍ଥିତ ଉଦୟ ପ୍ରତାପ କଲେଜ କ୍ୟାମ୍ପସ୍‌ରେ ବ୍ୟକ୍ତିଗତ ଶତ୍ରୁତାରୁ ସୂର୍ଯ୍ୟପ୍ରତାପ ସିଂ ନାମକ ୨୩ ବର୍ଷୀୟ ସ୍ନାତକ ଛାତ୍ରଙ୍କୁ ଶୁକ୍ରବାର ବିଳମ୍ବିତ ରାତିରେ ତାଙ୍କ ସହପାଠୀ ମନଜିତ ଚୌହାନ ଗୁଳିକରି ହତ୍ୟା କରିଛନ୍ତି। ଘଟଣାକୁ ନେଇ କଲେଜରେ ଗୋଷ୍ଠୀ ସଂଘର୍ଷ ଘଟିଥିବାବେଳେ ଅଭିଯୁକ୍ତଙ୍କୁ ଏନ୍‌କାଉଣ୍ଟରରେ ହତ୍ୟା କରାଯିବାକୁ ସିଂଙ୍କ ବାପା ଦାବି କରିଛନ୍ତି।

## ଗୋରକ୍ଷକ ଫାର୍ସା ବାବାଙ୍କୁ ଟ୍ରକ୍ ମଡ଼ାଇ ହତ୍ୟା ଅଭିଯୋଗ

### ମଥୁରାରେ ଜୋର୍‌ଦାର ବିକ୍ଷୋଭ

ମଥୁରା,୨୧।୩

ଉତ୍ତରପ୍ରଦେଶର ମଥୁରା ନିକଟ ଆଗ୍ରା-ଦିଲ୍ଲୀ ରାଜପଥରେ ଏକ ଟ୍ରକ୍ ମାଡ଼ିଯିବାରୁ ଫାର୍ସା ବାବା ଭାବେ ପରିଚିତ ଗୋରକ୍ଷକ ଚନ୍ଦ୍ରଶେଖରଙ୍କ ମୃତ୍ୟୁ ଘଟିଛି। ଶନିବାର ଭୋର ୪ଟା ବେଳେ ଏହି ଦୁର୍ଘଟଣା ଘଟିଥିବା କୁହାଯାଉଛି। ଅନ୍ୟପକ୍ଷରେ ବାବାଙ୍କୁ ଟ୍ରକ୍ ମଡ଼ାଇ ହତ୍ୟା କରାଯାଇଥିବା ଅଭିଯୋଗରେ ଉତ୍ତ୍ୟକ୍ତ ଲୋକେ ଅପରାହ୍ନରେ ଆଗ୍ରା-ଦିଲ୍ଲୀ ରାଜପଥ ଅବରୋଧ କରିବା ସହ ଜୋର୍‌ଦାର ବିକ୍ଷୋଭ କରିବାରୁ ଟ୍ରାଫିକ୍ ସମସ୍ୟା ସୃଷ୍ଟି ହୋଇଛି।



ଚନ୍ଦ୍ରଶେଖର ଓରଫ ଫାର୍ସା ବାବା

ବାବାଙ୍କ ସମର୍ଥକମାନଙ୍କ ଅଭିଯୋଗ ଅନୁଯାୟୀ, ଏକ ଗୋରୁ ବୋଝେଇ ଟ୍ରକ୍‌କୁ ଅଟକାଇବାକୁ ଫାର୍ସା ବାବା ଓ ତାଙ୍କ ଅନୁଗାମୀମାନେ ଉଦ୍ୟମ କରୁଥିବାବେଳେ ଚୋରାଚାଲାଣକାରୀମାନେ ଟ୍ରକ୍ ମଡ଼ାଇ ଦେଇଥିଲେ। ମଥୁରା ଜିଲା ପ୍ରଶାସନ କହିବା ଅନୁଯାୟୀ, ଗୋରୁ ଚାଲାଣ ସନ୍ଦେହରେ ବାବା ଓ ତାଙ୍କ ସମର୍ଥକମାନେ ରାଜପଥରେ ଏକ କଣ୍ଟେନର ଟ୍ରକ୍‌କୁ ଅଟକାଇଥିଲେ, ଯେଉଁଥିରେ ନାଗାଲାଣ୍ଡ ପଞ୍ଜୀକୃତ ନମ୍ବର ରହିଛି। ତେବେ ଯାଞ୍ଚ ବେଳେ ଟ୍ରକ୍‌ରେ ସାବୁନ୍, ଫିନାଇଲ ଓ ସାମ୍ପୋ ଯାଉଥିବା ଜଣାପଡ଼ିଥିଲା। ଏହି ସମୟରେ ରାଜସ୍ଥାନ ପଞ୍ଜୀକୃତ ଅନ୍ୟ ଏକ ଟ୍ରକ୍ ଆସିଥିଲା। ଭୋର ସମୟରେ ଘନ କୁହୁଡ଼ି ଯୋଗୁ ଦୃଶ୍ୟମାନ କମ୍ ହେଉଥିବାରୁ ଟ୍ରକ୍‌ଟି ଗୋରକ୍ଷକ ଟିମ୍‌କୁ ଧକ୍କା ଦେଇଥିଲା ବୋଲି ଜିଲାପାଳ ଚନ୍ଦ୍ରପ୍ରକାଶ ସିଂ କହିଛନ୍ତି। ଏହା ସତ୍ତ୍ୱେ ବାବାଙ୍କୁ ଜାଣିଶୁଣି ଟ୍ରକ୍ ମଡ଼ାଇ ଦିଆଯାଇଥିବା ଅଭିଯୋଗରେ ଲୋକେ ରାସ୍ତା ଅବରୋଧ କରିବା ସହ ଟେକାମାଡ଼ କରିଥିଲେ। ପ୍ରଶାସନ ଓ ପୋଲିସ ଅଧିକାରୀମନେ ପହଞ୍ଚି ସ୍ଥିତି ନିୟନ୍ତ୍ରଣ କରିବା ସହ ଘଟଣାର ଉପଯୁକ୍ତ ତଦନ୍ତ କରାଯିବ ବୋଲି ପ୍ରତିଶ୍ରୁତି ଦେଇଛନ୍ତି।

## ଭାରତୀୟ ନୌସେନାରେ ସାମିଲହେବ 'ଫ୍ରିଗେଟ୍ ତାରାଗିରି'

ନୂଆଦିଲ୍ଲୀ ,୨୧।୩

ଏପ୍ରିଲ ୩ରେ ଭାରତୀୟ ନୌସେନାରେ ଅତ୍ୟାଧୁନିକ ଯୁଦ୍ଧ ଜାହାଜ 'ଷ୍ଟେଲ୍ଥ ଫ୍ରିଗେଟ୍ ତାରାଗିରି(ଏଫ୍ ୪୧)' ସାମିଲ ହେବ। ବିଶାଖାପାଟନାମ ଠାରେ ପ୍ରତିରକ୍ଷା ମନ୍ତ୍ରୀ ରାଜନାଥ ସିଂଙ୍କ ଅଧ୍ୟକ୍ଷତାରେ ଆୟୋଜନ ହେବାକୁ ଥିବା ଏକ ବିଶେଷ କାର୍ଯ୍ୟକ୍ରମରେ ଏହାର ଲୋକାର୍ପଣ କରାଯିବ। ସ୍ୱଦେଶୀ ଜ୍ଞାନ କୌଶଳରେ ନିର୍ମିତ କରାଯାଇଥିବା ଏହି ଯୁଦ୍ଧ ଜାହାଜ ବ୍ରହ୍ମୋସ୍ କ୍ଷେପଣାସ୍ତ୍ରଠାରୁ ଆରମ୍ଭ କରି ଏମ୍‌ଆର୍‌ଏସ୍‌ଏମ୍ ଏୟାର ଡିଫେନ୍ସ ସିଷ୍ଟମ୍, ଅତ୍ୟାଧୁନିକ ରାଡାର୍ , ଗନ୍ ଏବଂ ଟର୍ପିଡୋ ଭଳି ବହୁ ବିଧ୍ୱଂସକାରୀ ଅସ୍ତ୍ରଶସ୍ତ୍ର ଦ୍ୱାରା ସଜ୍ଜିତ ରହିଛି। ଷ୍ଟେଲ୍ଥ ଟେକ୍‌ନୋଲୋଜି ଆଧାରିତ ଏହି ଯୁଦ୍ଧ





ଜାହାଜକୁ ଶତ୍ରୁପକ୍ଷ ଚିହ୍ନଟ କରିବା ମଧ୍ୟ ଦୁଃସାଧ୍ୟ। ଅପରପକ୍ଷେ ଶତ୍ରୁପକ୍ଷର ଯେକୌଣସି ଆକ୍ରମଣକୁ ପ୍ରତିହତ କରିବା ସହ ଯୁଦ୍ଧ ବିମାନ ଏବଂ ଗଭୀର ଜଳ ମଧ୍ୟରେ ଆକ୍ରମଣକୁ ଟାର୍ଗେଟ କରିବାକୁ ମଧ୍ୟ ଏହା ସକ୍ଷମ। ମେକ୍ ଇନ୍ ଇଣ୍ଡିଆ ଯୋଜନାରେ ଭାରତୀୟ ନୌସେନାର ୧୭ଏ କ୍ଲାସ୍ ପ୍ଲାଟଫର୍ମରେ ଏହାକୁ ନିର୍ମାଣ କରାଯାଇଛି। ନୌସେନାରେ ଏହି ଯୁଦ୍ଧ ଜାହାଜ ସାମିଲ ହେବା ପରେ ଭାରତର ଶକ୍ତି ଆହୁରି ମଜଭୁତ ହେବ ବୋଲି କୁହାଯାଇଛି।


ଧରିତ୍ରୀ
DHARITRI
ଧରିତ୍ରୀ 52 Years



# ଲକ୍ଷ୍ୟଭେଦ କ୍ଷମତା ଲୁଚାଇଥିଲା ଇରାନ୍

## ୪,୦୦୦ କି.ମି. ଦୂର ଆମେରିକା-ବ୍ରିଟେନ୍ ସେନାଘାଟିକୁ ମିଶାଇଲ ମାଡ଼

ମଧ୍ୟପ୍ରାଚ୍ୟ ଯୁଦ୍ଧ ଥମିବାର ନାଁ ନେଉନାହିଁ, ବରଂ ଦିନକୁଦିନ ଅଧିକ ଉଗ୍ର ହେବାରେ ଲାଗିଛି । ଇରାନ୍ ଉପରେ ଆମେରିକା-ଇସ୍ରାଏଲ୍‌ର ମିଳିତ ଏୟାର ଷ୍ଟ୍ରାଇକ୍ ଜାରି ରହିଥିବାବେଳେ ତେହରାନ୍ ଏହାର ମୁହଁତୋଡ଼ ଜବାବ ଦେବାକୁ ପଛାଉ ନାହିଁ। ଏହି କ୍ରମେ ଶନିବାର ଇରାନ୍ ପକ୍ଷରୁ ଭାରତୀୟ ମହାସାଗରସ୍ଥିତ ଡିଏଗୋ ଗାର୍ସିଆରେ ଥିବା ଆମେରିକା-ବ୍ରିଟେନ୍‌ର ସାମରିକ ଘାଟି ଉପରେ ବାଲିଷ୍ଟିକ୍ ମିଶାଇଲ୍ ଆକ୍ରମଣ କରାଯାଇଛି। ତେହରାନ୍ ନିଜ ଦୂରଗାମୀ କ୍ଷେପଣାସ୍ତ୍ରର ଭେଦ କ୍ଷମତାକୁ ୨,୦୦୦ କି.ମି. ଭିତରେ ସୀମିତ ରଖିଥିବା ନେଇ ପୂର୍ବରୁ ପ୍ରକାଶ କରିଥିବାବେଳେ ଇରାନ୍‌ରୁ ପ୍ରାୟ ୪,୦୦୦ କି.ମି. ଦୂରରେ ଥିବା ପାଶ୍ଚାତ୍ୟର ଏକ ଗୁରୁତ୍ୱପୂର୍ଣ୍ଣ ସେନାଘାଟିକୁ ଟାର୍ଗେଟ କରିଛି। ତେହରାନ୍‌ର ଏହି ସାମରିକ କାର୍ଯ୍ୟାନୁଷ୍ଠାନ ପରେ ଏହାର ଅଘୋଷିତ ମାରକ କ୍ଷମତାକୁ ନେଇ ପ୍ରଶ୍ନ ଉଠିଛି । ଏଭଳି ସ୍ଥିତିରେ ଇରାନ୍‌ର ନତାଞ୍ଜ ଆଣବିକ ସମ୍ବର୍ଦ୍ଧନ କେନ୍ଦ୍ରକୁ ଆକାଶମାର୍ଗରୁ ପୁଣି ଟାର୍ଗେଟ କରାଯାଇଛି। ଯୁଦ୍ଧ ୨୨ତମ ଦିନରେ ପହଞ୍ଚିଥିବାବେଳେ ଆଗକୁ ଆକ୍ରମଣ ଆହୁରି ତୀବ୍ରତର ହେବ ବୋଲି ଇସ୍ରାଏଲ୍ ପ୍ରତିରକ୍ଷା ମନ୍ତ୍ରୀ ଇସ୍ରାଏଲ୍ କାଟ୍‌ଜ ଚେତାବନୀ ଦେଇଛନ୍ତି ।




ଦୁବାଇ,୨୧।୩(ଏ.ପି./ଅଲ୍-ଜଜିରା)

ଇରାନ୍ ବିରୋଧରେ ଆମେରିକା-ଇସ୍ରାଏଲ୍‌ର ଯୁଦ୍ଧ ଚତୁର୍ଥ ସପ୍ତାହରେ ପ୍ରବେଶ କରିବା ସହ ଏହାର ପରିସର ବୃଦ୍ଧି ପାଇଛି। ଇରାନ୍ ପକ୍ଷରୁ ଶନିବାର ପ୍ରାୟ ୪,୦୦୦ କି.ମି. ଦୂରରେ ଥିବା ଆମେରିକା-ବ୍ରିଟେନ୍‌ର ସେନାଘାଟି ଉପରେ ଦୂରଗାମୀ କ୍ଷେପଣାସ୍ତ୍ର ଆକ୍ରମଣ କରାଯାଇଛି। ଭାରତ ମହାସାଗରରେ ଥିବା ଡିଏଗୋ ଗାର୍ସିଆ ବେସ୍‌ରେ ମିଶାଇଲ୍ ମାଡ଼ର ତାତ୍ପର୍ଯ୍ୟ ହେଉଛି ଏହି ଯୁଦ୍ଧ ଏବେ ରଣନୈତିକ ଭୂଗୋଳ ପରିସୀମା ଅତିକ୍ରମ କରିସାରିଛି। ପୂର୍ବରୁ ଇରାନ୍ ନିଜ ଲକ୍ଷ୍ୟଭେଦ କ୍ଷମତା ୨,୦୦୦ କି.ମି.ରେ ସୀମିତ ବୋଲି ଘୋଷଣା କରିଥିବାବେଳେ ଏହାର ୨ ଗୁଣ ଦୂରରେ ଥିବା ସେନାଘାଟିକୁ ଆକ୍ରମଣ କରିବା ପରେ ବିଶ୍ୱ ବିସ୍ମିତ ହୋଇଛି। ସମ୍ଭବତଃ ଇରାନ୍ ଇଣ୍ଟରମିଡିଏଟ୍ ରେଞ୍ଜ ବାଲିଷ୍ଟିକ୍ ମିଶାଇଲ (ଆଇଆର୍‌ବିଏମ୍) ପ୍ରୟୋଗ କରି ଅଧିକ ଦୂରରେ ଥିବା ସ୍ଥାନରେ ଆକ୍ରମଣ କରିପାରେ ; ଏହି ଆଶଙ୍କା ଏବେ ଦୃଢ଼ୀଭୂତ ହେବାରେ ଲାଗିଛି। ରଣନୈତିକ ଦୃଷ୍ଟିକୋଣରୁ ଡିଏଗୋ ଗାର୍ସିଆକୁ ଆକ୍ରମଣ ଛୋଟ କଥା ନୁହେଁ, ବରଂ ଆମେରିକାର ବୈଶ୍ୱିକ ଶକ୍ତି ଭାବମୂର୍ତ୍ତି ଉପରେ ପ୍ରଚଣ୍ଡ ପ୍ରହାର। କାରଣ ଏହି ସେନାଘାଟିରେ ଆମେରିକା ନିଜ ଭାରି ବମ୍ବର ଓ ସର୍ଭିଲାନ୍ସ ଏୟାରକ୍ରାଫ୍ଟଗୁଡ଼ିକୁ ମହଜୁଦ ରଖିଥାଏ। ଶତ୍ରୁପକ୍ଷର କଳ୍ପନା ବାହାରେ ତେହରାନ୍ ଆକ୍ରମଣ କରିବା ଏକ ମହତ୍ତ୍ୱପୂର୍ଣ୍ଣ ପଦକ୍ଷେପ ବୋଲି ଇରାନ୍‌ର ଜଣେ ମନ୍ତ୍ରୀ କହିଛନ୍ତି। କେବଳ ଏତିକି ନୁହେଁ, ଡିଏଗୋ ଗାର୍ସିଆକୁ ଟାର୍ଗେଟ ☞ପୃଷ୍ଠା-୪

## ଇରାନ୍‌ର ଆଣବିକ କେନ୍ଦ୍ର ଉପରେ ଆମେରିକା-ଇସ୍ରାଏଲ୍‌ର ବୋମାମାଡ଼

ତେହରାନ୍,୨୧।୩

ଇରାନ୍‌ର ନତାଞ୍ଜ ଆଣବିକ କେନ୍ଦ୍ର ଉପରେ ଆମେରିକା ଏବଂ ଇସ୍ରାଏଲ ଶନିବାର ବୋମାମାଡ଼ କରିଛନ୍ତି। ଏହି ଆଣବିକ କେନ୍ଦ୍ରର ୟୁରାନିୟମ୍ ଏନରିଚ୍‌ମେଣ୍ଟ ୟୁନିଟ୍‌କୁ ଟାର୍ଗେଟ କରି ଆକ୍ରମଣ କରାଯାଇଛି ବୋଲି ଇରାନ୍‌ର ଆଣବିକ ଶକ୍ତି ସଂଗଠନ ପକ୍ଷରୁ କୁହାଯାଇଛି। ତେବେ ଏହି ୟୁନିଟ୍‌ରୁ କୌଣସି ରେଡିଓ ଆକ୍ଟିଭ୍ ବିକିରଣ ହୋଇ ନାହିଁ ବୋଲି କୁହାଯାଇଛି। ଫେବୃଆରୀ ୨୮ରେ ଆମେରିକା ଏବଂ ଇସ୍ରାଏଲ ପକ୍ଷରୁ ଇରାନ୍ ଉପରେ ମିଳିତ ଆକ୍ରମଣ କରାଯିବା ପରେ ଏହି ଆଣବିକ କେନ୍ଦ୍ର ଉପରେ ଆକ୍ରମଣ କରାଯାଇଥିଲା। ସେତେବେଳେ ଏହି କେନ୍ଦ୍ରର ବହୁ ଗୁରୁତ୍ୱପୂର୍ଣ୍ଣ ବିଲ୍ଡିଂ ଏବଂ ଭିତ୍ତିଭୂମି ନଷ୍ଟ ହୋଇଯାଇଥିବା ଉପଗ୍ରହ ଚିତ୍ରରୁ ସ୍ପଷ୍ଟ ହୋଇଥିଲା। ଏହାଛଡ଼ା ଏହି ଘଟଣାକୁ ଜାତିସଂଘର ଅନ୍ତର୍ଜାତୀୟ ଆଣବିକ ଶକ୍ତି ଏଜେନ୍ସି (ଆଇଏଇଏ) ଦ୍ୱାରା ମଧ୍ୟ ସ୍ପଷ୍ଟ କରାଯାଇଥିଲା। ତେବେ ଶନିବାର ଦ୍ୱିତୀୟଥର ପାଇଁ ନତାଞ୍ଜ କେନ୍ଦ୍ର ଉପରେ ଆକ୍ରମଣ କରାଯାଇଥିବାରୁ ଆଇଏଇଏ ପକ୍ଷରୁ ଉଦ୍‌ବେଗ ପ୍ରକାଶ କରାଯାଇଛି। ବାରମ୍ବାର ଆକ୍ରମଣ ଦ୍ୱାରା ରେଡିଓ ଆକ୍ଟିଭ୍ ରଶ୍ମି ବିକିରଣ ହେବାର ଭୟ ରହିଥିବାରୁ ଏହା ମାନବସମାଜ ପାଇଁ ଭୟଙ୍କର ସ୍ଥିତି ଉତ୍ପନ୍ନ କରିବ ବୋଲି ଆଇଏଇଏ କହିଛି। ଯେକୌଣସି ସ୍ତରରେ ଆଣବିକ ଦୁର୍ଘଟଣା ଏଡ଼ାଇବାକୁ ଇସ୍ରାଏଲ ଏବଂ ଆମେରିକା ସମ୍ପୃକ୍ତ ଅଞ୍ଚଳରେ ଆକ୍ରମଣ ନ କରିବାକୁ ଉକ୍ତ ଏଜେନ୍ସି ପରାମର୍ଶ ଦେଇଛି।

## ଇରାନ୍ ତୈଳ ଉପରୁ କଟକଣା ହଟାଇଲେ ଟ୍ରମ୍ପ୍

ୱାଶିଂଟନ/ତେହରାନ୍,୨୧।୩

ମଧ୍ୟପ୍ରାଚ୍ୟ ଯୁଦ୍ଧ ଯୋଗୁ ଅନ୍ତର୍ଜାତୀୟ ବଜାରରେ ଅଶୋଧିତ ତୈଳ ଦର ହୁ ହୁ ହୋଇ ବଢ଼ିଚାଲିଥିବାବେଳେ ଏହାକୁ ପ୍ରଶମିତ କରିବା ପାଇଁ ଆମେରିକା ସମୁଦ୍ରରେ ଅଟକି ରହିଥିବା ଇରାନୀୟ ତୈଳ ବିକ୍ରି ଉପରୁ ସାମୟିକ ଭାବେ କଟକଣା ହଟାଇଛି। ମାସକ ପାଇଁ କଟକଣା ହଟାଯାଇଥିବାବେଳେ ବିଶ୍ୱ ବଜାରରେ ୧୪୦ ନିୟୁତ ବ୍ୟାରେଲ୍ ଇରାନୀୟ ତୈଳ ଉପଲବ୍ଧ ହେବ ବୋଲି ଆମେରିକା ଟ୍ରେଜେରି ସଚିବ ସ୍କଟ୍ ବେସେଣ୍ଟ କହିଛନ୍ତି। ତେବେ ଏହି ସାମୟିକ ରିହାତି କେବଳ ଜାହାଜରେ ଲୋଡ୍ ହୋଇଥିବା ତୈଳ ପାଇଁ ସୀମିତ। ନୂଆ କ୍ରୟ କିମ୍ବା ଉତ୍ପାଦନକୁ ଅନୁମତି ମିଳିବ ନାହିଁ ବୋଲି ବେସେଣ୍ଟ Xରେ ଲେଖିଛନ୍ତି।

ଇରାନ୍ ଯୁଦ୍ଧ ପୂର୍ବରୁ ଅନ୍ତର୍ଜାତୀୟ ବଜାରରେ ବ୍ରେଣ୍ଟ ଅଶୋଧିତ ତୈଳ ଦର ବ୍ୟାରେଲ୍ ପ୍ରତି ୭୦ ଡଲାର ରହିଥିବାବେଳେ ଏବେ ତାହା ୧୧୯.୫୦ ଡଲାରରେ ପହଞ୍ଚିଛି। ଦର ହ୍ରାସ ଲକ୍ଷ୍ୟରେ ଆମେରିକାର ଡୋନାଲ୍ଡ ଟ୍ରମ୍ପ୍ ପ୍ରଶାସନ ସୀମିତ ସମୟ ପାଇଁ ଇରାନ୍ ତୈଳ ଉପରୁ କଟକଣା ହଟାଇଥିବାରୁ ଭାରତୀୟ ରିଫାଇନେରି କମ୍ପାନୀଗୁଡ଼ିକ ସେଠାରୁ ତୈଳ କିଣା ଆରମ୍ଭ କରିବାକୁ ଯୋଜନା କରୁଛନ୍ତି। ଭାରତ ଏବେ ସମୁଦ୍ରରେ ଅଟକି ରହିଥିବା ରୁଷିଆ ତୈଳ କିଣୁଛି। ସେହିପରି ଅନ୍ୟ କେତେକ ଦେଶ ମଧ୍ୟ ଇରାନ୍ ତୈଳ ☞ପୃଷ୍ଠା-୪

## ଆଉ ଦୁଇଦିନ ବର୍ଷା, କମିଲା ତାତି

ଭୁବନେଶ୍ୱର,୨୧।୩(ବନ୍ଦନା ସେଠୀ)

ପଶ୍ଚିମା ବାୟୁ ତଥା ଝଡ଼ ପ୍ରବାହ ସହ ଘୂର୍ଣ୍ଣିବଳୟ ପ୍ରଭାବରେ ରାଜ୍ୟରେ ଆହୁରି ଦୁଇଦିନ ବର୍ଷା ହେବ। ରବିବାର କେନ୍ଦୁଝର ଓ ମୟୂରଭଞ୍ଜ ଜିଲାରେ ଘଡ଼ଘଡ଼ି ସହ ବର୍ଷା ପବନ ହେବା ନେଇ ୟେଲୋ ୱାର୍ନିଂ ଜାରି କରାଯାଇଛି। ସୋମବାର ଓ ମଙ୍ଗଳବାର ରାଜ୍ୟରେ ପାଗ ମୁଖ୍ୟତଃ ଶୁଖିଲା ରହିବା ସହ ବୁଧବାର କେନ୍ଦୁଝର, ମୟୂରଭଞ୍ଜ, ନବରଙ୍ଗପୁର, କଳାହାଣ୍ଡି ଏବଂ କନ୍ଧମାଳ ଜିଲାରେ ଘଡ଼ଘଡ଼ି ସହ ବର୍ଷା ପବନ ହେବ ବୋଲି ଆଞ୍ଚଳିକ ପାଣିପାଗ ବିଜ୍ଞାନ କେନ୍ଦ୍ର ପକ୍ଷରୁ ସୂଚନା ଦିଆଯାଇଛି। ତେବେ ଗତ ୨୪ ଘଣ୍ଟାରେ ରାଜ୍ୟର ବିଭିନ୍ନ ସ୍ଥାନରେ ହାଲୁକାରୁ ମଧ୍ୟମ ଧରଣର ବର୍ଷା ହୋଇଥିଲା। ଝାରସୁଗୁଡା ଲଇକେରାଠାରେ ସର୍ବାଧିକ ୧୦୪ ମି.ମି. ବର୍ଷା ରେକର୍ଡ ହୋଇଥିବାବେଳେ କିର୍‌ମିରାଠାରେ ୯୬.୪ ମି.ମି., ☞ପୃଷ୍ଠା-୪

## ଖୁବ୍‌ଶୀଘ୍ର ସକାଳୁଆ ସ୍କୁଲ

ଭୁବନେଶ୍ୱର,୨୧।୩(ସୁଚିସ୍ମିତା ସାହୁ)

ଖୁବ୍‌ଶୀଘ୍ର ସକାଳୁଆ ହେବ ସ୍କୁଲ। ରାଜ୍ୟରେ ତାପମାତ୍ରା ସହ ଖରା ପ୍ରକୋପ ଅଧିକ ରହୁଛି। ମାର୍ଚ୍ଚରେ ବିଭିନ୍ନ ସ୍ଥାନରେ ଅସହ୍ୟ ଗରମ ଅନୁଭବ ହେଉଛି। ଏମିତିକି କିଛି ଜିଲାରେ ତାପମାତ୍ରା ୪୦ ଡିଗ୍ରୀ ଛୁଇଁଲାଣି। ଏଥିପାଇଁ ସରକାର ସକାଳୁଆ ସ୍କୁଲ ପାଇଁ ଚିନ୍ତା କରୁଛନ୍ତି ବୋଲି ବିଦ୍ୟାଳୟ ଓ ଗଣଶିକ୍ଷା ମନ୍ତ୍ରୀ ନିତ୍ୟାନନ୍ଦ ଗଣ୍ଡ ଶନିବାର ଗଣମାଧ୍ୟମକୁ ସୂଚନା ଦେଇଛନ୍ତି। ସେ କହିଛନ୍ତି, ପାଣିପାଗ ବିଭାଗର ଆକଳନ ଅନୁସାରେ ଆଗକୁ ଖରାର ପ୍ରକୋପ ଅସହ୍ୟ ହେବ। ଗ୍ରୀଷ୍ମ ପ୍ରବାହକୁ ଦୃଷ୍ଟିରେ ରଖି ସକାଳୁଆ ସ୍କୁଲ ପାଇଁ ନିଷ୍ପତ୍ତି ନିଆଯିବ। ତେବେ କେବେ ସ୍କୁଲରେ ସକାଳୁଆ ପାଠପଢ଼ା ହେବ ସେନେଇ ବିଦ୍ୟାଳୟ ଓ ଗଣଶିକ୍ଷା ବିଭାଗ ଏବଂ ବିପର୍ଯ୍ୟୟ ପରିଚାଳନା ବିଭାଗର ଅଧିକାରୀମାନେ ସ୍ଥିତିକୁ ଦେଖି ନିଷ୍ପତ୍ତି ନେବେ ବୋଲି ମନ୍ତ୍ରୀ କହିଛନ୍ତି।

## କମର୍ସିଆଲ୍ ଏଲ୍‌ପିଜି ଆବଣ୍ଟନ କୋଟା ୫୦%କୁ ବୃଦ୍ଧି

ଉପକୃତ ହେବେ ହୋଟେଲ, ରେଷ୍ଟୁରାଣ୍ଟ, ଶିଳ୍ପସଂସ୍ଥା

ନୂଆଦିଲ୍ଲୀ,୨୧।୩(ପି.ଟି.)



ମଧ୍ୟପ୍ରାଚ୍ୟରେ ଚାଲିଥିବା ଭୟଙ୍କର ଯୁଦ୍ଧ ଯୋଗୁ ବିଶ୍ୱ ଶକ୍ତି ବଜାର ଅସ୍ଥିର ହୋଇପଡ଼ିଛି। ଏହି ସଙ୍କଟ ସମୟରେ ଭାରତ ସରକାର ଦେଶର ବ୍ୟବସାୟିକ କ୍ଷେତ୍ରକୁ ଆଶ୍ୱସ୍ତି ଦେବା ପାଇଁ କମର୍ସିଆଲ୍ ଏଲ୍‌ପିଜି ଆବଣ୍ଟନ କୋଟାକୁ ଅତିରିକ୍ତ ୨୦% ବଢ଼ାଇ ମୋଟ ୫୦% କରିଛନ୍ତି। ଏହାଦ୍ୱାରା ହୋଟେଲ, ରେଷ୍ଟୁରାଣ୍ଟ, ଶିଳ୍ପ ସଂସ୍ଥା ଏବଂ ଖାଦ୍ୟ ପ୍ରକ୍ରିୟାକରଣ ୟୁନିଟଗୁଡ଼ିକ ଉପକୃତ ହେବେ। ସେଗୁଡ଼ିକୁ ଏହି ଅତିରିକ୍ତ ଗ୍ୟାସ୍ ଯୋଗାଇ ଦିଆଯିବ। ପୂର୍ବରୁ ଏହି କମର୍ସିଆଲ୍ ଏଲ୍‌ପିଜି ଆବଣ୍ଟନ କୋଟାକୁ କମାଇ ଦିଆଯାଇଥିଲା। ସରକାର ସ୍ପଷ୍ଟ କରିଛନ୍ତି ଯେ ରୋଷେଇ ଗ୍ୟାସ୍ ଯୋଗାଣ ସ୍ୱାଭାବିକ ଅଛି। ଲୋକଙ୍କୁ ପ୍ୟାନିକ ବୁକିଂ ନ କରିବାକୁ ଏବଂ ହୋମ୍ ଡେଲିଭରି ଉପରେ ଭରସା ରଖିବାକୁ ପରାମର୍ଶ ଦିଆଯାଇଛି। ତେବେ ଯେଉଁ ବ୍ୟବସାୟିକ ପ୍ରତିଷ୍ଠାନ ଅଧିକ ଗ୍ୟାସ୍ ଚାହୁଁଛନ୍ତି, ସେମାନଙ୍କୁ ପାଇପ୍ ପ୍ରାକୃତିକ ଗ୍ୟାସ୍ (ପିଏନ୍‌ଜି) ସଂଯୋଗ ପାଇଁ ଆବେଦନ କରିବାକୁ ପଡ଼ିବ ବୋଲି କୁହାଯାଇଛି। ସରକାର ଦୀର୍ଘକାଳୀନ ଭାବେ ସିଲିଣ୍ଡର ଉପରୁ ନିର୍ଭରଶୀଳତା କମାଇବାକୁ ଚାହୁଁଛନ୍ତି। କଳାବଜାର ବିରୋଧରେ କାର୍ଯ୍ୟାନୁଷ୍ଠାନ ନିଆଯାଉଛି। ଗ୍ୟାସ ଚୋରାଚାଲାଣ ଏବଂ କଳାବଜାର ରୋକିବା ପାଇଁ ଦେଶସାରା ପ୍ରାୟ ୩,୫୦୦ ଚଢ଼ାଉ କରାଯାଇଛି ଏବଂ ଅନେକ ସିଲିଣ୍ଡର ଜବତ କରାଯାଇଛି। ସମସ୍ତ ରାଜ୍ୟ ଏବଂ କେନ୍ଦ୍ରଶାସିତ ଅଞ୍ଚଳକୁ ଗ୍ୟାସ ମହଜୁଦ ଏବଂ କଳାବଜାର ଉପରେ ତୀକ୍ଷ୍ଣ ନଜର ରଖିବାକୁ କେନ୍ଦ୍ର ସରକାରଙ୍କ ପକ୍ଷରୁ ନିର୍ଦ୍ଦେଶ ଦିଆଯାଇଛି। ସ୍ଥିତିକୁ ନିୟନ୍ତ୍ରଣ କରିବା ପାଇଁ ପ୍ରାୟ ସମସ୍ତ ରାଜ୍ୟରେ କଣ୍ଟ୍ରୋଲ ରୁମ୍ ଏବଂ ଜିଲାସ୍ତରୀୟ ମନିଟରିଂ କମିଟି ଗଠନ କରାଯାଇଛି। ଏହି କମିଟିଗୁଡ଼ିକ ପ୍ରତିଦିନ ଗ୍ୟାସ ଯୋଗାଣ ଏବଂ ସମୁଚିତ ବଣ୍ଟନ ବ୍ୟବସ୍ଥାର ତଦାରଖ କରୁଛନ୍ତି। ଏହି ପଦକ୍ଷେପ ଯୋଗୁ ବଜାରରେ ଖାଦ୍ୟ ସାମଗ୍ରୀର ଦରବୃଦ୍ଧି କିଛିମାତ୍ରାରେ ନିୟନ୍ତ୍ରଣକୁ ଆସିପାରେ।

## ଓଡ଼ିଶୀ ନୃତ୍ୟାଙ୍ଗନା ମଧୁମିତାଙ୍କ ପରଲୋକ


ନୂଆଦିଲ୍ଲୀ,୨୧।୩ (ପି.ଟି.)


ମଧୁମିତା ରାଉତ

ଖ୍ୟାତନାମା ଓଡ଼ିଶୀ ନୃତ୍ୟାଙ୍ଗନା ମଧୁମିତା ରାଉତଙ୍କର ଶନିବାର ହୃଦ୍‌ଘାତରେ ପରଲୋକ ହୋଇଯାଇଛି। ତାଙ୍କୁ ୫୯ ବର୍ଷ ହୋଇଥିଲା। ସେ କିଛିଦିନ ହେଲା ଅସୁସ୍ଥ ଥାଇ ଦିଲ୍ଲୀର ଏକ ଘରୋଇ ହସ୍ପିଟାଲରେ ଚିକିତ୍ସିତ ହେଉଥିଲେ। ଶନିବାର ସକାଳ ୬ଟା ୨୨ ମିନିଟ୍ ସମୟରେ ତାଙ୍କୁ ହୃଦ୍‌ଘାତ ହୋଇଥିଲା ବୋଲି ତାଙ୍କ ଭାଇ ମନୋଜ ରାଉତ କହିଛନ୍ତି। ଶନିବାର ଅପରାହ୍ଣରେ ଦିଲ୍ଲୀର ଲୋଧି କ୍ରେମେଟୋରିୟମ୍‌ରେ ତାଙ୍କ ଶେଷକୃତ୍ୟ ସମ୍ପନ୍ନ ହୋଇଯାଇଛି।

ମଧୁମିତା ତାଙ୍କ ୨ ସାନଭାଇ ମନୋଜ ଓ ମନ୍ମଥଙ୍କ ସହ ରହୁଥିଲେ। ଓଡ଼ିଶୀ ଗୁରୁ ମାୟାଧର ରାଉତଙ୍କ କନ୍ୟା ମଧୁମିତା ଓଡ଼ିଶୀ ନୃତ୍ୟର ପ୍ରସାର ପାଇଁ ଅନେକ ଜାତୀୟ ଓ ଅନ୍ତର୍ଜାତୀୟ ପୁରସ୍କାର ଓ ସ୍ୱୀକୃତି ପାଇଛନ୍ତି। ୧୯୯୭ରେ ତାଙ୍କୁ ଭାରତ ନିର୍ମାଣ ପୁରସ୍କାର, ୨୦୧୦ରେ ଓଡ଼ିଶା ରାଜ୍ୟ ଘୁଙ୍ଗୁର ସମ୍ମାନ ଏବଂ ୨୦୧୧ରେ ଓଡ଼ିଶା ଲିଭିଂ ଲିଜେଣ୍ଡ ଆୱାର୍ଡ ମିଳିଥିଲା। ସେ ଭାରତର ବିଭିନ୍ନ ନୃତ୍ୟୋତ୍ସବରେ ଅଂଶଗ୍ରହଣ କରିବା ସହ ଆୟର୍ଲାଣ୍ଡ, ନେଦରଲାଣ୍ଡସ୍, ଜର୍ମାନୀ, ବେଲ୍‌ଜିୟମ, ହଙ୍ଗେରି, ଅଷ୍ଟ୍ରିଆ, ସ୍ପେନ୍, ମରକ୍କୋ, ଫ୍ରାନ୍ସ, ପର୍ତ୍ତୁଗାଲ, ଜାପାନ ଓ ଆମେରିକାରେ ନୃତ୍ୟ ପରିବେଷଣ କରିଥିଲେ।

ମଧୁମିତା କେବଳ ନୃତ୍ୟଶିଳ୍ପୀ ନ ଥିଲେ, ସେ କବିତା ରଚନା କରିବା ସହ ଗୋଏଥେଙ୍କ କବିତା ଉପରେ ନୃତ୍ୟ ସଂଯୋଜନା ଏବଂ ନେଦରଲାଣ୍ଡସ୍‌ରେ ବାଲିନୀୟ ନୃତ୍ୟଶିଳ୍ପୀ ଦିଆ ତାନ୍ତ୍ରିଙ୍କ ସହ ଫ୍ୟୁଜନ ଡ୍ୟାନ୍ସ କରିଥିଲେ।



# ଆଜି କ'ଣ କେଉଁଠି

## ଭୁବନେଶ୍ୱର

- ଅଖିଳ ଭାରତୀୟ ବ୍ରାହ୍ମଣ ସମ୍ମିଳନୀ, ସ୍ଥାନ: ଓଡ଼େସା ସଭାଗୃହ, କେଶରୀ ଟକିଜ୍ ପଛ, ସମୟ: ସକାଳ ୯ଟା ୩୦।
- ସଙ୍ଗୀତ ସୁଧାକର ବାଳକୃଷ୍ଣ ଦାଶ ଫାଉଣ୍ଡେସନ ପକ୍ଷରୁ ୨୬ତମ ଓଡ଼ିଶୀ ସଙ୍ଗୀତ ମହୋତ୍ସବ, ସ୍ଥାନ: ରବୀନ୍ଦ୍ର ମଣ୍ଡପ, ସମୟ: ପୂର୍ବାହ୍ନ ୧୦ଟା।
- ଦଧିଚି କଲେଜ ଅଫ୍ ଫାର୍ମାସି ପକ୍ଷରୁ ଫାର୍ମା ଅନ୍ୱେଷଣ-୨୦୨୬ କାର୍ଯ୍ୟକ୍ରମ, ସ୍ଥାନ: ଦ ଇନ୍‌ଷ୍ଟିଚ୍ୟୁଶନ ଅଫ୍ ଇଞ୍ଜିନିୟର୍ସ, ଓଡ଼ିଶା ଷ୍ଟେଟ୍ ସେଣ୍ଟର, ସମୟ: ପୂର୍ବାହ୍ନ ୧୦ଟା।
- ମହାନ ବିପ୍ଳବୀ ଶହୀଦ ଭଗତ ସିଂହଙ୍କ ବଳିଦାନ ଦିବସ ଉପଲକ୍ଷେ ଏକ ସଭା ଓ ପୁରସ୍କାର ବିତରଣ ଉତ୍ସବ, ସ୍ଥାନ: ଧଉଳି ଚାରୁକଳା ମହାବିଦ୍ୟାଳୟ, ସମୟ: ପୂର୍ବାହ୍ନ ୧୦ଟା ୩୦।

## ବାଲେଶ୍ୱର

- ଭାଗବତ ପାରାୟଣ, ସ୍ଥାନ: ଶ୍ରୀ ରାଧାମାଧବ ଜୀଉ ସେବାଶ୍ରମ, ବାହାର୍ଦ୍ଦା, ବସ୍ତା, ସମୟ: ସକାଳ ୮ଟା।
- ଖଇରା ସାହିତ୍ୟ ସଂସଦର ବୈଠକ, ସ୍ଥାନ: ନଟପଡ଼ା ଛକ, ଖଇରା, ସମୟ: ସକାଳ ୮ଟା।
- ମେଗା ରକ୍ତଦାନ ଶିବିର, ସ୍ଥାନ: ବୋଇତା ୟୁଜିୟୁପି ସ୍କୁଲ, ମହାରାଜପୁର, ବାହାନଗା, ସମୟ: ସକାଳ ୯ଟା।
- ଅମର ଯବାନ ଯୁବ ସଙ୍ଗଠନର ବାର୍ଷିକ ଉତ୍ସବ ଓ ସ୍ୱେଚ୍ଛା ରକ୍ତଦାନ ଶିବିର, ସ୍ଥାନ: ବାହାବଳପୁର ଫିସାରି ପଡ଼ିଆ, ବାଲେଶ୍ୱର, ସମୟ: ସକାଳ ୯ଟା।
- ପିଙ୍ଗୁାବଣିଆ ବୈଦିକ ଗୁରୁକୁଳ ଆଶ୍ରମର ବାର୍ଷିକ ମହୋତ୍ସବର ଉଦ୍‌ଯାପନୀ ଦିବସ, ସ୍ଥାନ: ରୂପସା, ବାଲେଶ୍ୱର, ସମୟ: ପୂର୍ବାହ୍ନ ୧୦ଟା।
- ସାଇବର ଇନଭେଷ୍ଟିଗେଶନ୍ ଟ୍ରେନିଂ ପ୍ରୋଗ୍ରାମ, ସ୍ଥାନ: ଜିଲାପାଳଙ୍କ ଅଡିଟୋରିୟମ୍ ହଲ୍, ବାଲେଶ୍ୱର, ସମୟ: ପୂର୍ବାହ୍ନ ୧୦ଟା।
- ରାଜ୍ୟସ୍ତରୀୟ ଶ୍ରଦ୍ଧାଞ୍ଜଳି ସଭା, ସ୍ଥାନ: ଷ୍ଟେଶନ କ୍ଲବ, ବାଲେଶ୍ୱର, ସମୟ: ପୂର୍ବାହ୍ନ ୧୦ଟା।
- ଅନନ୍ତ ଦାସ ମେମୋରିଆଲ କ୍ରିକେଟ୍ ଟୁର୍ଣ୍ଣାମେଣ୍ଟର ଫାଇନାଲ୍ ମ୍ୟାଚ, ସ୍ଥାନ: ପରମିଟ୍ ପଡ଼ିଆ, ବାଲେଶ୍ୱର, ସମୟ: ପୂର୍ବାହ୍ନ ୧୦ଟା।
- କଂଗ୍ରେସର ମିଶ୍ରଣ ପର୍ବ, ସ୍ଥାନ: ଜିଲା କଂଗ୍ରେସ କାର୍ଯ୍ୟାଳୟ, ବାଲେଶ୍ୱର, ସମୟ: ମଧ୍ୟାହ୍ନ ୧୨ଟା ୩୦।

## ଭଦ୍ରକ

- ଇଚ୍ଛାପୁର-ବରଗଡ଼ା ସେତୁ ଉଦ୍‌ଘାଟନ, ସ୍ଥାନ: ଇଚ୍ଛାପୁର, ଭଦ୍ରକ, ସମୟ: ସକାଳ ୯ଟା।
- ଅବସରକାଳୀନ ବିଦାୟ ସମ୍ବର୍ଦ୍ଧନା, ସ୍ଥାନ: ଉଇଡିହା ଉ.ପ୍ରା. ବିଦ୍ୟାଳୟ, ବାସୁଦେବପୁର, ସମୟ: ପୂର୍ବାହ୍ନ ୧୦ଟା।
- ପ୍ରେମପୃଥିବୀ ପରିବାରର ପୁସ୍ତକ ପର୍ବ, ସ୍ଥାନ: ଆରଡ଼ିଛକ ପ୍ରେମନଗର, ଭଦ୍ରକ, ସମୟ: ପୂର୍ବାହ୍ନ ୧୦ଟା ୩୦।
- ଷ୍ଟୁଆର୍ଟ ଜାଭିୟର ହାଇସ୍କୁଲର ବାର୍ଷିକ ଉତ୍ସବ, ସ୍ଥାନ: ବିଦେଇପୁର, ବାସୁଦେବପୁର, ସମୟ: ଅପରାହ୍ନ ୪ଟା।
- ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିର ବାର୍ଷିକ ଉତ୍ସବ, ସ୍ଥାନ: ପୋଖରିଆ, ଧୁଷୁରୀ, ସମୟ: ଅପରାହ୍ନ ୪ଟା।
- ବିଦ୍ୟାଳୟର ନୂତନ ଗୃହ ପ୍ରତିଷ୍ଠା ଓ ବାର୍ଷିକ ଉତ୍ସବ, ସ୍ଥାନ: ବିନୋବାଭାବେ ନଗର, ବାସୁଦେବପୁର, ସମୟ: ସନ୍ଧ୍ୟା ୬ଟା।
- କପିଳ ମୁନି ମହୋତ୍ସବର ଉଦ୍‌ଯାପନୀ, ସ୍ଥାନ: ବିଦେଇପୁର, ବାସୁଦେବପୁର, ସମୟ: ସନ୍ଧ୍ୟା ୭ଟା।

## କେନ୍ଦୁଝର

- ଟାଟା ଷ୍ଟିଲ ପକ୍ଷରୁ ଆୟୋଜିତ ମିଡିଆ ମୈତ୍ରୀ କପ କ୍ରିକେଟ ଟୁର୍ଣ୍ଣାମେଣ୍ଟ, ସ୍ଥାନ: କେନ୍ଦ୍ରୀୟ ଖେଳ ପଡ଼ିଆ, ଯୋଡ଼ା, ସମୟ: ସକାଳ ୭ଟା।
- ରାମ ନବମୀ ଉପଲକ୍ଷେ ପ୍ରବଚନ, ସ୍ଥାନ:ଡ଼ଅଁର, ହାଟଡିହୀ, ସନ୍ଧ୍ୟା ୭ଟା।

## ମୟୂରଭଞ୍ଜ

- ପ୍ରତିଭା ଚୟନ କାର୍ଯ୍ୟକ୍ରମ, ସ୍ଥାନ:ବାରିପଦା ଷ୍ଟାଡିୟମ, ବଡ଼ସାହି ସରକାରୀ ଉଚ୍ଚ ପ୍ରାଥମିକ ବିଦ୍ୟାଳୟ ପଡ଼ିଆ, ସରକାରୀ ଉଚ୍ଚ ବିଦ୍ୟାଳୟ ଉଦଳା, କରିଆ ମିନି ଷ୍ଟାଡିୟମ, କଚେରୀ ପଡିଆ ରାଇରଙ୍ଗପୁର, ସମୟ: ସକାଳ ୭ଟା ୩୦।

## ଗଞ୍ଜାମ

- ସାହିତ୍ୟ ସଭା, ସ୍ଥାନ: ଭଞ୍ଜନଗର ଆର୍‌ଏମ୍‌ସି ସମ୍ମିଳନୀ କକ୍ଷ, ସମୟ: ପୂର୍ବାହ୍ନ ୧୧ ଟା।

## ଢେଙ୍କାନାଳ

- ଅଷ୍ଟପ୍ରହରୀ ନାମ ଯଜ୍ଞର ନଗର କୀର୍ତ୍ତନ, ସ୍ଥାନ: ଯାଉଁଳି ପୋଖରୀ ମଠ, ସମୟ: ସକାଳ ୯ଟା।

## ଅନୁଗୋଳ

- ଅନୁଗୋଳ ପରିବେଶପ୍ରେମୀ ନାଗରିକଙ୍କ ଦ୍ୱାରା ଲୋକ ଅଧିକାର ଯାତ୍ରା ରାଲି ଓ ସାଧାରଣ ସଭା, ସ୍ଥାନ: ଅନୁଗୋଳ ବାଜି ରାଉତ ଛାତ୍ରାବାସ, ସମୟ: ସନ୍ଧ୍ୟା ୬ଟା।

## ଜଗତ୍‌ସିଂହପୁର

- ନୀଳାଚଳ ସାରସ୍ୱତ ନିଗମାନନ୍ଦ ଆଶ୍ରମର ବାର୍ଷିକ ଉତ୍ସବ, ସତ୍‌ସଙ୍ଗ କାର୍ଯ୍ୟକ୍ରମ, ସ୍ଥାନ: ନିଗମାନନ୍ଦ ଆଶ୍ରମ ନୁଆବଜାର, ପାରାଦୀପ, ସମୟ: ସକାଳ ୬ଟା।

## କେନ୍ଦ୍ରାପଡ଼ା

- କେନ୍ଦ୍ରାପଡା ସାଇକେଲ କ୍ଲବ ପକ୍ଷରୁ ସ୍ୱାସ୍ଥ୍ୟ ସଚେତନତା କାର୍ଯ୍ୟକ୍ରମ, ସ୍ଥାନ:ପୁରୁଣା ବସ୍‌ଷ୍ଟାଣ୍ଡ, କେନ୍ଦ୍ରାପଡା ସହର, ସମୟ: ସକାଳ ୬ଟା ।
- କେନ୍ଦ୍ରାପଡା ଡେଭଲପମେଣ୍ଟ ଫାଉଣ୍ଡେଶନ ଓ କେନ୍ଦ୍ରାପଡା ଇଭେଣ୍ଟ ମ୍ୟାନେଜର୍ସ ପକ୍ଷରୁ କେନ୍ଦ୍ରାପଡା ସାହିତ୍ୟ ଉତ୍ସବ, ସ୍ଥାନ: ହୋଟେଲ ବିଏସ୍ ପ୍ୟାଲେସ, ଦୁହୁରିଆ, କେନ୍ଦ୍ରାପଡା ସହର, ସମୟ: ସକାଳ ୯ଟା ।
- ସ୍ୱଦେଶୀ ଜାଗରଣ ମଞ୍ଚ ପକ୍ଷରୁ ଜିଲା ସମ୍ମିଳନୀ, ସ୍ଥାନ: ଶ୍ରୀରାମ ମନ୍ଦିର, ତିନିମୁହାଣୀ, କେନ୍ଦ୍ରାପଡା ସହର, ସମୟ: ସକାଳ ୯ଟା ।
- ଜିଲା ପ୍ରଶାସନ ପକ୍ଷରୁ ଜଳ ଅର୍ପଣ ଦିବସ ପାଳନ. ସ୍ଥାନ: ଭଣଗାଁ, ଚାନ୍ଦୋଳ, ଡେରାବିଶ, ସମୟ: ପୂର୍ବାହ୍ନ ୧୦ଟା ।
- ଦିବ୍ୟ ଜୀବନ ସଂଘର ଗରାପୁର ଶିବାନନ୍ଦ ଆଶ୍ରମ ସହଯୋଗରେ ଶ୍ରୀ ଜଗନ୍ନାଥଙ୍କ ୩୨ ବେଶ ପ୍ରଦର୍ଶନ, ସ୍ଥାନ: ଶ୍ରୀ ବଳଦେବଜୀଉଙ୍କ ରଥଦାଣ୍ଡ, ଇଚ୍ଛାପୁର, କେନ୍ଦ୍ରାପଡା ସହର, ସମୟ: ସନ୍ଧ୍ୟା ୬ଟା ।
- ଶ୍ରୀ ନୀଳକଣ୍ଠେଶ୍ୱର ମହାଦେବ ମନ୍ଦିର ପ୍ରତିଷ୍ଠା ଉତ୍ସବ, ସ୍ଥାନ: ରାଜଗଡ, ରାଜନଗର, ସମୟ: ସନ୍ଧ୍ୟା ୬ଟା ।
- ଶ୍ରୀ ରାମାୟଣ ପ୍ରସାର ସମିତି ପକ୍ଷରୁ ଶ୍ରୀରାମ ମନ୍ଦିର ପ୍ରତିଷ୍ଠା ଉତ୍ସବ ଓ ନାମଯଜ୍ଞ, ସ୍ଥାନ: ମାରୁତି ମଣ୍ଡପ, ଜମପଡା, କେନ୍ଦ୍ରାପଡା, ସମୟ: ସନ୍ଧ୍ୟା ୬ଟା ।
- ଶ୍ରୀ ଲୋକନାଥ ପାଲା ପରିଷଦ ପକ୍ଷରୁ ବାଦିପାଲା ମହୋତ୍ସବ, ସ୍ଥାନ: ବାଲିଆ ହାଟ, ଭାଗବତପୁର, କେନ୍ଦ୍ରାପଡା, ସମୟ: ସନ୍ଧ୍ୟା ୬ଟା ।
- ଶ୍ରୀମଦ ଭାଗବତ କଥାମୃତ, ସ୍ଥାନ: ଶ୍ରୀ ବଳଦେବଜୀଉ ଗୌଡୀୟ ମଠ, ସାରଙ୍ଗ, ଓସ୍ତପୁର, କେନ୍ଦ୍ରାପଡା, ସମୟ: ସନ୍ଧ୍ୟା ୭ଟା ।

## ଯାଜପୁର

- ବାଲାଜୀ ପାଠାଗାରର ୫୧ତମ ବାର୍ଷିକ ଉତ୍ସବ ଓ ସମ୍ବର୍ଦ୍ଧନା ସମାରୋହ, ସ୍ଥାନ : ବରୀ ବ୍ଲକ ଅଙ୍ଗାଲୋ ପାଠାଗାର ପରିସର, ସମୟ: ପୂର୍ବାହ୍ନ ୧୧ଟା।
- ଯଯାତି ମହୋତ୍ସବର ତୃତୀୟ ସନ୍ଧ୍ୟାରେ ସ୍ୱୟଂ ପାଢୀ ଓ ତାଙ୍କ ଦଳଙ୍କ ନୃତ୍ୟ, ସଙ୍ଗୀତ ପରିବେଷଣ, ସ୍ଥାନ : ଜିଲା ପ୍ରଶାସନିକ ଭବନ ପଡିଆ, ସମୟ : ସନ୍ଧ୍ୟା ୬ଟା।
- କମାଗଡ଼ ହିଙ୍ଗୁଳା ଯଜ୍ଞ ଉତ୍ସବର ୩ୟ ଦିନ, ସ୍ଥାନ : ଧର୍ମଶାଳା ବ୍ଲକର କମାଗଡ଼ ହେଙ୍ଗୁଳା ପଡ଼ିଆ, ସମୟ: ଦିବାରାତ୍ର।

## ନୟାଗଡ଼

- ନୀଳମାଧବଙ୍କ ଚନ୍ଦନ ଲାଗି ବେଶର ୧୯ ତମ ଦିବସ, ସ୍ଥାନ: କଣ୍ଟିଲୋ ନୀଳମାଧବ ମନ୍ଦିର, ସମୟ:ପ୍ରାତଃ ୫ଟା ।
- ଦଶଦୋଳ ଯାତ୍ରାର ଉଦ୍‌ଯାପନ ଦିବସ, ସ୍ଥାନ: ନୟାଗଡ଼ ବ୍ଲକ ଇଟାମାଟି ମେଡିକାଲ ପଡିଆ, ସମୟ:ସକାଳ ୮ଟା ୩୦ ।
- ଶ୍ରୀ ରାମ ଚରିତ ମାନସ ନବାହ୍ନ ପାରାୟଣ ମହାଯଜ୍ଞ ଓ ପ୍ରବଚନ ଜ୍ଞାନଯଜ୍ଞର ୫ମ ଦିବସରେ ପୂଜାନୀତି, ସ୍ଥାନ: ଫତେଗଡ ରାମ ମନ୍ଦିର, ସମୟ:ସକାଳ ୯ଟା ।
- ଏକାଦଶ ରାଜ୍ୟ ତୈଳିକ ବୈଶ୍ୟ ମହାସଭା ଓଡ଼ିଶାର ୮୨ତମ ସାଧାରଣ ଅଧିବେଶନର ଉଦ୍‌ଯାପନ ଦିବସ, ସ୍ଥାନ ; ଭାପୁର ବ୍ଲକ ପଦ୍ମାବତୀ କଲ୍ୟାଣମଣ୍ଡପ, ସମୟ: ପୂର୍ବାହ୍ନ ୧୦ଟା।
- ସରକାରୀ ଓକିଲଙ୍କ କର୍ମଶାଳାର ଉଦ୍‌ଯାପନ ଦିବସ, ସ୍ଥାନ: ନୟାଗଡ଼ ପୋଲିସ ଟ୍ରେନିଂ ସ୍କୁଲ ପରିସର, ସମୟ:ପୂର୍ବାହ୍ନ ୧୦ଟାରୁ ଅପରାହ୍ନ ୫ଟା ।
- ବରୁଣେଇ ସମର ସ୍ୱାସ କ୍ରିକେଟ ଟୁର୍ଣ୍ଣାମେଣ୍ଟର ୬ଷ୍ଠ ଦିବସ ୨ୟ ସେମି ଫାଇନାଲ ମ୍ୟାଚରେ ବଡ ବାଣପୁର ବନାମ ମା' ବରୁଣେଇ କଣ୍ଟିଲୋ, ସ୍ଥାନ: ମିନି ଷ୍ଟାଡିୟମ କଣ୍ଟିଲୋ, ସମୟ:ପୂର୍ବାହ୍ନ ୧୧ଟା।
- ଦଶଦୋଳ ଯାତ୍ରାର ଦଶମ, ସ୍ଥାନ: ନୟାଗଡ଼ ବ୍ଲକ ବାଲୁଗାଁ ଦଶଦୋଳ ପଡିଆ, ସମୟ:ଅପରାହ୍ନ ୪ଟା ।
- ଶ୍ରୀରାମ ଚରିତ ମାନସ ନବାହ୍ନ ପାରାୟଣ ମହାଯଜ୍ଞ ଓ ପ୍ରବଚନ ଜ୍ଞାନଯଜ୍ଞର ୫ମ ଦିବସରେ ପାରାୟଣରେ ଶ୍ରୀରାମଙ୍କ ବନବାସ ଓ କୈବର୍ତ୍ତ ପ୍ରସଙ୍ଗ, ସ୍ଥାନ: ଫତେଗଡ ରାମ ମନ୍ଦିର, ସମୟ:ସନ୍ଧ୍ୟା ୬ଟା।

## କୋରାପୁଟ

- ପଣ୍ଡିତ ଦିନଦୟାଲ ଉପାଧ୍ୟାୟ ପ୍ରଶିକ୍ଷଣ ମହାଅଭିଯାନ, ସ୍ଥାନ: ଶିକ୍ଷକ ଭବନ, କୁନ୍ଦୁରା, ସମୟ: ପୂର୍ବାହ୍ନ ୧୧ଟା।
- ମା'ଗୁମା ଭୈରବୀ କ୍ରିକେଟ ଟୁର୍ଣ୍ଣାମେଣ୍ଟ ଫାଇନାଲ, ସ୍ଥାନ: ଚାରୁଆ ଖେଳପଡ଼ିଆ, ନନ୍ଦପୁର, ସମୟ: ମଧ୍ୟାହ୍ନ ୧୨ଟା ୩୦।

## ସମ୍ବଲପୁର

- ବାବା ବିଶାସହେ କୁଲତା ସମାଜ ପକ୍ଷରୁ ଚୈତ୍ର ନବରାତ୍ର ମହୋତ୍ସବରେ ଚଣ୍ଡୀପାଠ, ସ୍ଥାନ : ଠେମରା ସ୍ଥିତ ଶ୍ରୀଶ୍ରୀ ରଣେଶ୍ୱର ରାମଚଣ୍ଡି ପୀଠ, ସମୟ : ସକାଳ ୮ଟା।
- ମା'କାମାକ୍ଷା ଦେବୀଙ୍କ ବାସନ୍ତିକ ନବଦିନାତ୍ମକରେ କୁଷ୍ମାଣ୍ଡା ପୂଜାଳ, ସ୍ଥାନ : ବୈଦାରନୂଆପାଲି କାମାକ୍ଷା ବିହାର, ସମୟ : ସକାଳ ୮ଟା।
- ମା' ମଙ୍ଗଳାଙ୍କ ବାସନ୍ତିକ ନବ ଦିନାତ୍ମକ ପୂଜା, ସ୍ଥାନ : ଭୂତାପଡା, ସମୟ : ସକାଳ ୮ଟା ।
- ମାତା ସାବିତ୍ରୀବାଇ ମହିଳା ସଂଘ ବୈଠକ, ସ୍ଥାନ : ସାମ୍ବାଦିକ ଭବନ, ସମୟ : ପୂର୍ବାହ୍ନ ୧୦ଟା।
- ଭାରତୀ ସମାଜର ପ୍ରସ୍ତୁତି ବୈଠକ, ସ୍ଥାନ : ସମ୍ବଲପୁରୀ ଡେରା, ସମୟ : ପୂର୍ବାହ୍ନ ୧୦ଟା।
- କୁଚିଣ୍ଡା ବ୍ଲକ ଚନ୍ଦନୀମାଲ ସରକାରୀ ଉଚ୍ଚ ପ୍ରାଥମିକ ବିଦ୍ୟାଳୟରେ ଅମୃତ ମହୋତ୍ସବ, ସ୍ଥାନ: ବିଦ୍ୟାଳୟ ପରିସର, ସମୟ: ପୂର୍ବାହ୍ନ ୧୦ଟା୩୦।
- ସିଦ୍ଧେଶ୍ୱେରୀ ଧର୍ମ ସଂସଦ ପକ୍ଷରୁ କବି ପ୍ରଭାକର ପାଣିଗ୍ରାହୀଙ୍କ ସାହିତ୍ୟ କୃତୀ ଉପରେ ଆଲୋଚନା, ସ୍ଥାନ: ପାଣିଟାଙ୍ଗିସ୍ଥିତ ଜୀବନ କ୍ଲବ, ସମୟ: ଅପରାହ୍ନ ୫ଟା।

# ଆଜିର ରାଶିଫଳ

ଜ୍ୟୋତିର୍ବିଦ୍ୟା ବିଶାରଦ ପ୍ରସନ୍ନ କୁମାର ମହାପାତ୍ର
ମଙ୍ଗରାଜପୁର ଶାସନ, କାଦୁଆ, ଗଞ୍ଜାମ
Email-pkmahapatro@gmail.com

**ମେଷ** — ଆଜି ଚନ୍ଦ୍ର ଦ୍ୱିଜା ନକ୍ଷତ୍ରରେ ରହିଥିବାରୁ ପାରିବାରିକ ସ୍ଥିରତା, ଲୋକ ସମ୍ପର୍କରେ ଉନ୍ନତି ସାଙ୍ଗକୁ ବନ୍ଧୁମିଳନରୁ ଆନନ୍ଦିତ ରହିବେ। ମନ ଅନୁଯାୟୀ କାମ କରିପାରିବେ। ପ୍ରତ୍ୟେକ କାମରେ କିଛିଟା ଦ୍ୱନ୍ଦ୍ୱ ଓ ଆଶା, ଆଶଙ୍କା ମଧ୍ୟରେ ମନ ହଲଚଲ୍ ରହିବ। ଯାତ୍ରା, ବ୍ୟବସାୟ, ସୁସ୍ଥତା, ପ୍ରତିଯୋଗିତା, ଜମିଜମା କାରବାର ଦିଗରୁ ଦିନଟି ବହୁତ ଭଲ।

**ବୃଷ** — ଆଜିର କର୍ମକ୍ଷେତ୍ରରେ ଶେଷ ସମୟରେ କାମଟି ବିଗିଡ଼ିଯିବାର ସମ୍ଭାବନା ରହିଛି। ଘରୋଇ କଳହକୁ ନେଇ ଅଶାନ୍ତି ଲାଗିରହିବ। ବାଣିଜ୍ୟ, ଆଲୋଚନା, ପ୍ରଶାସନ, ଆଇନ, କଳା, ସାହିତ୍ୟ କ୍ଷେତ୍ର ମନ୍ଦ ହେବନି। ଏକାଦଶସ୍ଥ ରବି ହେତୁ କହିବା ଲେଖିବାର ସମ୍ପର୍କ ଯେଉଁଠାରେ ରହିଛି, ସେହି ସବୁ ପ୍ରତ୍ୟେକ ଦିଗ ଅନୁକୂଳ ରହିବ।

**ମିଥୁନ** — ଗୁରୁଙ୍କ ଶୁଭଦୃଷ୍ଟି ପ୍ରଭାବରେ ପ୍ରତ୍ୟେକ କ୍ଷେତ୍ରରେ ଅଧୈର୍ଯ୍ୟ ନ ହୋଇ କାମ କଲେ ଅପେକ୍ଷାକୃତ ସଫଳତା ପାଇପାରନ୍ତି। ଶୁକ୍ରଙ୍କ ସହ ରବିଙ୍କ ସମ୍ପର୍କରୁ ପାରିବାରିକ ସ୍ତରରେ ସନ୍ତାନ ହେତୁକ ମାନସିକ ଆଘାତ ପାଇପାରନ୍ତି। ସମସ୍ୟା ସମାଧାନ କ୍ଷେତ୍ରରେ ବନ୍ଧୁ ସାହାଯ୍ୟ କରିବେ। ପରିବହନ, ବ୍ୟବସାୟରେ ଉନ୍ନତ ମାନର ଫଳ ମିଳିବ।

**କର୍କଟ** — ଭାଗ୍ୟଭାବରେ ଉଚ୍ଚସ୍ଥ ଶୁକ୍ର ପ୍ରଭାବରେ ମନୋରଞ୍ଜନ କିମ୍ବା ଭ୍ରମଣ ଦିଗରେ ମନ ବଳାଇବେ। ଅଧିକାଂଶ କ୍ଷେତ୍ରରେ ମାନସିକ ଦ୍ୱନ୍ଦ୍ୱ କାରଣରୁ ଠିକ୍ ନିଷ୍ପତ୍ତି ନେଇପାରିବେ ନାହିଁ। ଇଚ୍ଛା ନ ଥିଲେ ମଧ୍ୟ ପରିବାର ଲୋକଙ୍କ ଯୁକ୍ତିକୁ ଗ୍ରହଣ କରିବାକୁ ବାଧ୍ୟ ହେବେ। ବହୁଦିଗରୁ ସମ୍ପର୍କୀୟଙ୍କ ସହଯୋଗ, ସୁଖ ସମ୍ମାନ ପାଇ ଖୁସି ହେବେ।

**ସିଂହ** — ଧନାଧିପ ବୁଧ ପାପଗ୍ରହ ରାହୁଙ୍କ ସଂଯୋଗ ହେତୁ ଧନହାନି ହେତୁକ ଟେନ୍‌ସନ ଲାଗିରହିବ। ନିଜ ଲୋକମାନଙ୍କୁ ଯେତିକି ଖୁସିରେ ରଖିବାକୁ ଚାହିଁଲେ ମଧ୍ୟ ଆଜିର ପରିସ୍ଥିତି ଓ ରହୁଥିବା ପରିବେଶ ତାହା ସହଜରେ କରାଇ ଦେବନାହିଁ। ପରିବାରର ଖର୍ଚ୍ଚ ପରିମାଣ ବୃଦ୍ଧି ଯୋଗୁ ମନରେ ସରସତା ରହି ନ ପାରେ।

**କନ୍ୟା** — ବଳହୀନ ବୁଧ ମିତ୍ର କ୍ଷେତ୍ରସ୍ଥ ଯୋଗୁ ସ୍ୱାସ୍ଥ୍ୟ ସମସ୍ୟା ପୂର୍ବପରି ରହିଲେ ମଧ୍ୟ ବିଶେଷ ଗୁରୁତର ହେବନାହିଁ। ଅଭାବ ପୂରଣ ସକାଶେ ବହୁ ଚେଷ୍ଟା ପରେ ଋଣ ସୂତ୍ରରେ ଅର୍ଥ ସଂଗ୍ରହର ପ୍ରଚେଷ୍ଟା କରିପାରନ୍ତି। ସାହିତ୍ୟ, ରାଜନୀତି, ବାଣିଜ୍ୟ ଓ ଯାତ୍ରା ସମ୍ପର୍କରେ ଦୁଶ୍ଚିନ୍ତା ବଢ଼ିବ। ଶତ୍ରୁତା କରୁଥିବା ବ୍ୟକ୍ତି ପଛରେ ବିଭିନ୍ନ କଥା କହିପାରନ୍ତି।

**ତୁଳା** — ରାଶି ପ୍ରତି ଚନ୍ଦ୍ର ଏବଂ ବୃହସ୍ପତିଙ୍କ ଦୃଷ୍ଟି ଯୋଗୁ ଯାହା ଆଶା କରୁଛନ୍ତି, ତାହା ପାଇବାରେ ଅସୁବିଧା ହେବନାହିଁ। ବିଭିନ୍ନ ବିଷୟରେ ଦୁଶ୍ଚିନ୍ତାଜନିତ ମନ ଭଲ ରହି ନ ପାରେ। ସାଧାରଣ କଥାରେ ତର୍କ ଓ ବିବାଦ ପାରିବାରିକ କ୍ଷେତ୍ରରେ ଅସ୍ଥିରତା ସୃଷ୍ଟି କରିବ। ଅବହେଳା ଓ କାଳକ୍ଷେପଣ ନୀତି ହେତୁ କାମରେ ପ୍ରତିବନ୍ଧକ ସୃଷ୍ଟିହେବ।

**ବିଛା** — ଦୈହିକ ସୁସ୍ଥତା, ଅର୍ଥାଭାବ, ଭଲ ଚିନ୍ତା ଓ କାମ କଲେ ମଧ୍ୟ ମନର ଅଭାବ ସମସ୍ତ ଅସୁଖର କାରଣ ପାଲଟିଯିବ। ଷଷ୍ଠସ୍ଥ ଚନ୍ଦ୍ର ପ୍ରଭାବରେ ଯାହାକୁ ଯାହା କହିବେ ତାହା ନିଶ୍ଚିତ ଗ୍ରହଣଯୋଗ୍ୟ ହେବନାହିଁ। ରାଜନୈତିକ ବ୍ୟକ୍ତିଙ୍କ ପୃଷ୍ଠପୋଷକତାରେ ବିବାଦୀୟ ପରିସ୍ଥିତିର ଦୃଢ଼ ମୁକାବିଲା କରି ବିଜୟୀ ହେବେ ।

**ଧନୁ** — ସ୍ୱାସ୍ଥ୍ୟ ସମସ୍ୟା ନିୟନ୍ତ୍ରଣରେ ରହିଲେ ମଧ୍ୟ ସମସ୍ୟାଜନିତ ଟେନ୍‌ସନ ଲାଗିରହିବ। ଅଫିସ୍‌ରେ କିଛି ବିଚାର ନ କରି ଅନ୍ୟକୁ ବିଶ୍ୱାସ କରି ହଇରାଣରେ ପଡ଼ିବେ। ପରିବହନ, ଛୋଟ ଦୋକାନ, ହୋଟେଲ ଆଦିରୁ ସୁଫଳ ମିଳିବ। କଳା, ସାହିତ୍ୟ, ସଙ୍ଗୀତ, କ୍ରୀଡ଼ା, ଚଳଚ୍ଚିତ୍ରାଦି ମନୋରଞ୍ଜନ କାର୍ଯ୍ୟକ୍ରମରୁ ପ୍ରଶଂସିତ ହୋଇପାରନ୍ତି।

**ମକର** — କେନ୍ଦ୍ରସ୍ଥ ଚନ୍ଦ୍ର ପ୍ରଭାବରେ ସକାଳୁ କୌଣସି ଶୁଭ ଖବର ମନକୁ ଆମୋଦିତ କରିପାରେ। ପରିଜନଙ୍କ ସହିତ ବନ୍ଧୁଗୃହକୁ କିମ୍ବା ଭ୍ରମଣରେ ଯିବାକୁ ସଜବାଜ ହୋଇପାରନ୍ତି। ପରିବାରରେ ଭୁଲ୍ ବୁଝାମଣା ଯୋଗୁ ସହକର୍ମୀଙ୍କ ସହ ତିକ୍ତତା ସୃଷ୍ଟି ହେବ। ରାଜନୀତି, ବ୍ୟବସାୟରେ ପ୍ରତିବନ୍ଧକ ସୃଷ୍ଟି ହେଲେ ମଧ୍ୟ କୌଣସି ଅସୁବିଧା ହେବ ନାହିଁ।

**କୁମ୍ଭ** — ଉପଚୟସ୍ଥ ଚନ୍ଦ୍ରଙ୍କ ଅଶୁଭଦୃଷ୍ଟିରୁ କାର୍ଯ୍ୟବ୍ୟସ୍ତତା ଜନିତ ମାନସିକ ଚାପ ବୃଦ୍ଧି ହେତୁ ସ୍ୱାସ୍ଥ୍ୟହାନି କାମକୁ ପ୍ରତିରୋଧ କରିବ। ନିଜ ଲୋକଙ୍କ କାର୍ଯ୍ୟକଳାପରେ ବିବ୍ରତ ହୋଇପାରନ୍ତି। ଭାଇଙ୍କ ସ୍ୱାସ୍ଥ୍ୟ ସକାଶେ ଖର୍ଚ୍ଚାନ୍ତ ହେବାକୁ ପଡ଼ିପାରେ। ଆନୁଷ୍ଠାନିକ କ୍ଷେତ୍ରରେ ପଦମର୍ଯ୍ୟାଦା ବୃଦ୍ଧି ଘଟିବା ସାଙ୍ଗକୁ ସମ୍ମାନିତ ମଧ୍ୟ ହୋଇପାରନ୍ତି।

**ମୀନ** — ଉଚ୍ଚାରୋହୀ ରବିଙ୍କ ପ୍ରଭାବରେ କର୍ମକ୍ଷେତ୍ର ଏବଂ ସାମାଜିକ ସ୍ତରରେ ସୁପ୍ରତିଷ୍ଠିତ ହେବେ। ସଭାସମିତି, ସାଙ୍ଗଠନିକ କାର୍ଯ୍ୟରେ ନେତୃତ୍ୱ ନେଇ ପ୍ରଶଂସିତ ହେବେ। ଆର୍ଥିକ ସ୍ୱଚ୍ଛଳତା ଆସିବ ଓ ପ୍ରିୟ ବନ୍ଧୁଙ୍କ ସାନ୍ନିଧ ଲାଭରୁ ଖୁସି ହେବେ। ପରିସ୍ଥିତି ତାଡ଼ନାରେ ଇଚ୍ଛା ବିରୋଧରେ କୌଣସି କାମ କରି ଅନୁତାପ କରିବାକୁ ପଡ଼ିପାରେ।

ଆଜି ମାର୍ଚ୍ଚ ୨୨ ତାରିଖ, ବିଶ୍ୱ ଜଳ ଦିବସ, ଶ୍ରୀମନ୍ଦିରରେ ବାଡିନସିଂହ ବିଜେ, ଚୈତ୍ର ଶୁକ୍ଳ ଚତୁର୍ଥୀ ରବିବାର। ରାଶିନକ୍ଷତ୍ର- ଦ୍ୱିଜା/ମେଷ, ଚତୁର୍ଥୀର ଏକୋଦ୍ଦିଷ୍ଟ ଓ ପାର୍ବଣ ଶ୍ରାଦ୍ଧ, ଦିବା ଘ.୦୫।୫୨ ଗତେ ୦୭।୫୩ ମଧ୍ୟେ, ଘ.୦୧।୨୩ ଗତେ ଘ.୦୧।୫୪ ମଧ୍ୟେ ଶୁଦ୍ଧ ଶୁଭବେଳା। ଅପରାହ୍ନ ଘ.୦୪।୨୪ ଗତେ ଘ.୦୫।୫୪ ମଧ୍ୟେ ରାହୁକାଳ।

# ଧୂରନ୍ଧର-୨: ଦୁଇଦିନରେ ଆୟ ୨୨୬ କୋଟି

**ମୁମ୍ବାଇ,୨୧।୩**

ଆଦିତ୍ୟ ଧର୍‌ଙ୍କ ବ୍ଲକ୍‌ବଷ୍ଟର ଚଳଚ୍ଚିତ୍ର 'ଧୂରନ୍ଧର-୨' ମୁକ୍ତିଲାଭ କରିବାର ୨ ଦିନ ମଧ୍ୟରେ ମୋଟ ୨୨୬.୨୭ କୋଟି ଟଙ୍କା ଆୟ କରିଛି। ରଣବୀର ସିଂ ଅଭିନୀତ ଉକ୍ତ ଚଳଚ୍ଚିତ୍ରର ବୁଧବାର ପେଡ୍ ପ୍ରିଭ୍ୟୁରୁ ୪୩ କୋଟି ଟଙ୍କା ଆୟ ହୋଇଥିବାବେଳେ ଗୁରୁବାର ମୁକ୍ତିଲାଭର ପ୍ରଥମ ଦିନରେ ୧୦୨.୫୫ କୋଟି ଏବଂ ଶୁକ୍ରବାର ଦ୍ୱିତୀୟ ଦିନରେ ୮୦.୭୨ କୋଟି ଟଙ୍କା ଆୟ ହୋଇଥିବା ଏକ ଟ୍ରେଡ୍ ଟ୍ରାକିଂ ୱେବ୍‌ସାଇଟ୍‌ରୁ ଜଣାପଡ଼ିଛି। ମୁକ୍ତିଲାଭର ପ୍ରଥମ ଦିନରେ ୨୫ ଲକ୍ଷରୁ ଉର୍ଦ୍ଧ୍ୱ ଟିକେଟ ବିକ୍ରି ହୋଇଥିଲା। ସୂଚନାଯୋଗ୍ୟ, ଗତବର୍ଷ ଡିସେମ୍ବରରେ ମୁକ୍ତିଲାଭ କରିଥିବା 'ଧୂରନ୍ଧର' ଚଳଚ୍ଚିତ୍ର ବିଶ୍ୱବ୍ୟାପୀ ୧,୩୦୦ କୋଟି ଟଙ୍କା ଆୟ କରିଥିଲା। ଜ୍ୟୋତି ଦେଶପାଣ୍ଡେ ଏବଂ ଲୋକେଶ ଧର୍‌ଙ୍କ ଦ୍ୱାରା ନିର୍ମିତ 'ଧୂରନ୍ଧର: ଦି ରିଭେଞ୍ଜ'ରେ ରଣବୀର ସିଂଙ୍କ ସହ ଅଭିନେତା ଆର୍. ମାଧବନ, ଅର୍ଜ୍ଜୁନ ରାମପାଲ, ସଞ୍ଜୟ ଦତ୍ତ, ସାରା ଅର୍ଜୁନ ଏବଂ ରାକେଶ ବେଦୀ ଅଭିନୟ କରିଛନ୍ତି। ଫିଲ୍ମଟି ହିନ୍ଦୀ, ଉର୍ଦ୍ଦୁ, ତେଲୁଗୁ, ତାମିଲ, କନ୍ନଡ ଏବଂ ମାଲାୟଲମ୍ ଭାଷାରେ ରିଲିଜ୍ ହୋଇଛି।

# ଢଗଢମାଳି

(କ୍ରମେ ଲୋକମୁଖରୁ ଓ ଜନମାନସରୁ ବିସ୍ମୃତ ହେଉଥିବା ଢଗଢମାଳିକୁ ପାଠିକା-ପାଠକଙ୍କ ନିକଟରେ ପହଞ୍ଚାଇବା ସକାଶେ ଧରିତ୍ରୀର ପ୍ରୟାସ)


**ଓଢ଼ଣା ପଡ଼ିଛି ଗୋଡ଼ଣାଯାଏ**
**ତୁଣ୍ଡ ଶୁଭୁଅଛି ରେମୁଣା ଯାଏ ।**

ଲଜ୍ଜା ନାରୀର ଭୂଷଣ। ଶାଶୁଘରେ ନୂଆକରି ପାଦ ଥାପିଥିବା ବୋହୂ ମୁଣ୍ଡରେ ଓଢ଼ଣା ପକେଇ ରହିଥାଏ, ଯାହାକି ତା'ର ଲଜ୍ଜାଶିଳା ଗୁଣକୁ ସୂଚାଇଥାଏ। ତେବେ କିଛି ବୋହୂ ଅତି ଉଚ୍ଚ ସ୍ୱରରେ କଥା ହୋଇ ନିଜର ଔଦ୍ଧତ୍ୟ ଦେଖାଇଥାନ୍ତି। ଏପରିସ୍ଥଳେ ଉକ୍ତ ମୁଖରା ବୋହୂ ପ୍ରତି ଅନାଦର ଭାବ ପ୍ରକାଶ ପାଇବା ନେଇ ଏଭଳି ଉକ୍ତି ଉଲ୍ଲେଖ କରାଯାଇଛି।

**ଓଷା ଯାକରେ ଖୁଦୁରୁକୁଣୀ**
**ଯାତ ଯାକରେ ତିରିବିଣୀ ।**

ମା' ମଙ୍ଗଳାଙ୍କ ନାମରେ କରାଯାଉଥିବା ଓଷାକୁ ଭାଲୁକୁଣୀ ବା ଖୁଦୁରୁକୁଣୀ ଓଷା କୁହାଯାଇଥାଏ। ଅବିବାହିତ ଭଉଣୀ ନିଜ ଭାଇର ଶୁଭମନାସିବା ନେଇ ଏହି ଓଷାକୁ ପାଞ୍ଚ ପାଳି ପର୍ଯ୍ୟନ୍ତ ଅତି ନିଷ୍ଠା ଓ ଭକ୍ତିର ସହିତ ପାଳନ କରିଥାନ୍ତି। ସେହିପରି ତ୍ରିବେଣୀରେ ବୁଡ଼ ପକାଇଲେ ବ୍ୟକ୍ତିର ସକଳ ପାପ ଧୋଇ ହୋଇ ଯାଉଥିବା ନେଇ ଲୋକବିଶ୍ୱାସ ରହିଆସିଥିବା ଅର୍ଥରେ ଏଭଳି ଉକ୍ତି ପ୍ରକାଶ କରାଯାଇଛି।

ଓଡ଼ିଆ ଢଗଢମାଳି ଓ ଲୋକଗୀତ - ଫ୍ରେଣ୍ଡସ ପବ୍ଲିଶର୍ସ



ଶନିବାର ଅପରାହ୍ନ ୪ଟାରେ ମହାକାଶରୁ ଉତ୍ତୋଳିତ ପାଣିପାଗ ଚିତ୍ର।

# ଅବଶିଷ୍ଟାଂଶ

## କ୍ରସ୍ ଭୋଟିଂ: ବିଜେଡିର ୬ ...



ନବୀନ ନିବାସରେ ଶନିବାର ଅନୁଷ୍ଠିତ ପିଏସି ବୈଠକ।

କରିଥିଲା। ମାତ୍ର ଦଳ ସହ ରହି ଶେଷ ସମୟରେ ବିଜେଡିର ଉପରୋକ୍ତ ୬ ବିଧାୟକ ଭାଜପା ସମର୍ଥିତ ସ୍ୱାଧୀନ ପ୍ରାର୍ଥୀ ଦିଲୀପ ରାୟଙ୍କୁ ଭୋଟ ଦେଇ ଦଳର ହ୍ୱିଇପ୍ ଭାଙ୍ଗିଥିଲେ। ଏହା ପରଠାରୁ ରାଜ୍ୟ ରାଜନୀତି ଜୋର୍ ଧରିବାରେ ଲାଗିଛି। ଏନେଇ ଗତ ୧୭ ତାରିଖରେ କ୍ରସ୍ ଭୋଟିଂ କରିଥିବା ୬ ଜଣ ବିଧାୟକଙ୍କୁ ବିରୋଧୀ ଦଳ ମୁଖ୍ୟ ସଚେତକ ପ୍ରମିଳା ମଲ୍ଲିକ କାରଣ ଦର୍ଶାଅ ନୋଟିସ ଜାରି କରିଥିଲେ। ଗତ ୨୦ ତାରିଖ ସନ୍ଧ୍ୟା ୫ଟା ସୁଦ୍ଧା କ୍ରସ୍ ଭୋଟିଂ କରିବା ଏବଂ ଦଳୀୟ ହ୍ୱିଇପ୍ ଭଙ୍ଗକରିଥିବାର କାରଣ ଦର୍ଶାଇବାକୁ ଦଳ ପକ୍ଷରୁ ନୋଟିସରେ ଉଲ୍ଲେଖ କରାଯାଇଥିଲା। ଏହାର ଉତ୍ତର ଯାହା ୬ ବିଧାୟକ ଦେଇଛନ୍ତି, ଦଳ ସେଥିରେ ସନ୍ତୁଷ୍ଟ ହୋଇପାରିନାହିଁ। ଦଳର ଶୃଙ୍ଖଳା କମିଟି ସେମାନଙ୍କ ଉତ୍ତରରେ ସନ୍ତୁଷ୍ଟ ହୋଇ ନ ଥିବା ଶନିବାର ନବୀନ ନିବାସଠାରେ ଅନୁଷ୍ଠିତ ପିଏସି ବୈଠକକୁ ରିପୋର୍ଟ ମାଧ୍ୟମରେ ଜଣାଇଛି। ଫଳରେ ପିଏସି କ୍ରସ୍ ଭୋଟିଂ କରିଥିବା ସମସ୍ତଙ୍କୁ ନିଲମ୍ବନ କରିବାକୁ ନିଷ୍ପତ୍ତି ନେଇଛି। ଦଳ ବିରୋଧୀ କାର୍ଯ୍ୟକ୍ରମ, ରାଜ୍ୟ ସଭା ନିର୍ବାଚନରେ କ୍ରସ୍ ଭୋଟିଂ କରିଥିବାରୁ ସେମାନେ ଦଳର ଆଭ୍ୟନ୍ତରୀଣ ନିଷ୍ପତ୍ତିକୁ ଭଙ୍ଗକରିବା ଏବଂ ଦଳୀୟ ନେତୃତ୍ୱଙ୍କ ନିଷ୍ପତ୍ତିକୁ ଅବମାନନା କରିବା ଅଭିଯୋଗରେ ନିଲମ୍ବନ ସମ୍ପର୍କିତ ବିଜ୍ଞପ୍ତିରେ ଉଲ୍ଲେଖ କରାଯାଇଛି। ବୈଠକ ଶେଷ ହେବାପରେ ଗଣମାଧ୍ୟମକୁ ପ୍ରତିକ୍ରିୟା ଦେଇ ପ୍ରମିଳା କହିଛନ୍ତି, ଦଳ ବିରୋଧୀ କାର୍ଯ୍ୟ ଲାଗି ୬ ବିଧାୟକଙ୍କୁ ନିଲମ୍ବନ କରାଯାଇଛି। ଏନେଇ ପିଏସିରେ ନିଷ୍ପତ୍ତି ହୋଇଛି। ୬ ବିଧାୟକଙ୍କ ସଭ୍ୟପଦ ରଦ୍ଦ ଲାଗି ଦଳ ପକ୍ଷରୁ ବାଚସ୍ପତିଙ୍କୁ ଲେଖି ଜଣାଯିବ ବୋଲି ସେ କହିଛନ୍ତି। ସୂଚନାଯୋଗ୍ୟ, ବିଜେଡିରୁ ନିଲମ୍ବନ ହୋଇଥିବା ବିଧାୟକମାନଙ୍କ ମଧ୍ୟରୁ ଅଧିକାଂଶ ସେମାନେ ନେଇଥିବା ନିଷ୍ପତ୍ତି ଠିକ୍ ବୋଲି ବିଭିନ୍ନ ଫୋରମରେ ଯୁକ୍ତି ବାଢୁଛନ୍ତି।

# ବିଧାୟିକାଙ୍କୁ ନିଲମ୍ବନ ପରେ ବିଜେଡି ଛାଡିଲେ ବସ୍ତା ବ୍ଲକ ସଭାପତି

**ବସ୍ତା, ୨୧।୩(ହରି ଶଙ୍କର ପାଢ଼ୀ)**

ରାଜ୍ୟ ସଭା ନିର୍ବାଚନରେ କ୍ରସ ଭୋଟିଂ ନେଇ ବସ୍ତା ବିଧାୟିକା ସୁବାସିନୀ ଜେନାଙ୍କୁ ବିଜେଡି ଦଳରୁ ଶନିବାର ନିଲମ୍ବିତ କରିଛି। ବସ୍ତା ନିର୍ବାଚନମଣ୍ଡଳୀ ମଧ୍ୟରୁ ବସ୍ତାରେ ଅନୀଲ କୁମାର ମହାନ୍ତି ଏବଂ ବାଲିଆପାଳରେ ଗୋବିନ୍ଦ ଦାସ ଦଳର ମଙ୍ଗ ଧରିଥିଲେ। ତେବେ ନିକଟରେ ବାଲେଶ୍ୱରର ପୂର୍ବତନ ଏମ୍‌ପି ତଥା ବସ୍ତା ବିଧାୟିକାଙ୍କ ସ୍ୱାମୀ ରବୀନ୍ଦ୍ର କୁମାର ଜେନା ଶଙ୍ଖ ଦଳ ଛାଡି ପଦ୍ମ ଧରିଛନ୍ତି। ତାଙ୍କ ସହ ବସ୍ତା ବ୍ଲକର ବିଜେଡି ଚେୟାରମ୍ୟାନ, ବାଲିଆପାଳ ବ୍ଲକର ସଭାପତି ଗୋବିନ୍ଦ ଦାସଙ୍କ ସହ କେତେକ ସରପଞ୍ଚ, ସଦସ୍ୟ ଭାଜପାରେ ଯୋଗ ଦେଇଛନ୍ତି। ତେବେ ବିଧାୟିକାଙ୍କ ନିଲମ୍ବନକୁ ବିରୋଧ କରି ବସ୍ତା ବ୍ଲକ ବିଜେଡି ସଭାପତି ଅନିଲ କୁମାର ମହାନ୍ତି, ଯୁବ ସାଧାରଣ ସମ୍ପାଦକ ନୃସିଂହ ଚରଣ ଦାସ, ଜିଲା ଯୁବ ସାଧାରଣ ସମ୍ପାଦକ ରାଜେଶ କୁମାର ଗିରି ବିଜେଡିରୁ ଇସ୍ତଫା ଦେଇଛନ୍ତି। ଫଳରେ ବିଜେଡି ଏବେ ବସ୍ତା ନିର୍ବାଚନମଣ୍ଡଳୀରେ ମୁରବି ଶୂନ୍ୟ ହୋଇପଡ଼ିଛି। ତେବେ ବସ୍ତା ଓ ବାଲିଆପାଳ ବ୍ଲକରେ ବିଜେଡିର ମଙ୍ଗୁଆଳ କିଏ ହେବ ତାହାକୁ ନେଇ ଚର୍ଚ୍ଚା ଜୋର ଧରିଛି।

## ଇରାନ୍ ତୈଳ...

କିଣିବାକୁ ଆଗ୍ରହୀ ଥିବାବେଳେ ଅନ୍ତର୍ଜାତୀୟ କ୍ରେତାମାନଙ୍କ ପାଇଁ ସମୁଦ୍ରରେ ତେହରାନ୍‌ର ବଳକା ଅଶୋଧିତ ତୈଳ ଗଚ୍ଛିତ ନ ଥିବା ଏହାର ମନ୍ତ୍ରଣାଳୟ କହିଛି। ମୁମ୍ବାଇରେ ଥିବା ଇରାନ୍ ବାଣିଜ୍ୟିକ ଦୂତାବାସ ପକ୍ଷରୁ ଏକ ବିବୃତି ଜରିଆରେ କୁହାଯାଇଛି, ବର୍ତ୍ତମାନ ଅନ୍ତର୍ଜାତୀୟ ସ୍ତରରେ ଯୋଗାଇବା ପାଇଁ ତେହରାନ୍ ପାଖରେ ଅତିରିକ୍ତ ତୈଳ ମହଜୁଦ ନାହିଁ। ତୈଳ କିଣୁଥିବା ଦେଶଗୁଡ଼ିକୁ ପୁନର୍ବାର ଆଶ୍ୱାସନା ଦେବା ଏବଂ ବଜାର ମନୋଭାବ ପରିଚାଳନା କରିବା ଲକ୍ଷ୍ୟରେ ଆମେରିକା ଟ୍ରେଜେରି ବିଭାଗ କଟକଣା ହଟାଇବା କଥା କହିଥିବା ଇରାନ୍ କନ୍‌ସୁଲେଟ୍ ପକ୍ଷରୁ କୁହାଯାଇଛି। ଅନ୍ୟପକ୍ଷରେ କଟକଣା ଲାଗିଥିବା ଇରାନ୍ ତୈଳକୁ ଚାଇନା ଶସ୍ତାରେ ମହଜୁଦ କରି ରଖିଥିବା ଆମେରିକୀୟ ଅଧିକାରୀ ଅଭିଯୋଗ କରିଛନ୍ତି।

## ଆଉ ଦୁଇଦିନ...

ମୟୂରଭଞ୍ଜ ଜାମଦାଠାରେ ୭୪ ମି.ମି., ସୁନ୍ଦରଗଡ଼ ରାଜଗାଙ୍ଗପୁରଠାରେ ୭୦.୨ ମି.ମି., କୁଚ୍‌ରାରେ ୬୦ ମି.ମି., ମନ୍ଦିରାଡ୍ୟାମ୍‌ରେ ୫୨ ମି.ମି., ଗୁରୁଣ୍ଡିଆରେ ୪୮ ମି.ମି. ବର୍ଷା ହୋଇଥିଲା। ସେହିପରି ବର୍ଷା ପାଇଁ ରାଜ୍ୟର ବିଭିନ୍ନ ସ୍ଥାନରେ ସର୍ବାଧିକ ତାପମାତ୍ରା ହ୍ରାସ ପାଇଛି। ଶନିବାର ପାରଳାଖେମୁଣ୍ଡିଠାରେ ସର୍ବୋଚ୍ଚ ତାପମାତ୍ରା ୩୫.୬ ଡିଗ୍ରୀ ଓ ବୌଦ୍ଧରେ ୩୫.୨ ଡିଗ୍ରୀ ରେକର୍ଡ କରାଯାଇଥିବାବେଳେ ଅନ୍ୟ ସ୍ଥାନଗୁଡ଼ିକରେ ସର୍ବାଧିକ ତାପମାତ୍ରା ୩୫ ଡିଗ୍ରୀ ତଳେ ରହିଥିଲା।

## ଲକ୍ଷ୍ୟଭେଦ କ୍ଷମତା...

କରି ଇରାନ୍ ମଧ୍ୟପ୍ରାଚ୍ୟ ସଂଘର୍ଷକୁ ଭାରତ ମହାସାଗରୀୟ ଅଞ୍ଚଳକୁ ଟାଣିଆଣିଛି। ଅର୍ଥାତ୍ ଆମେରିକା ପାଇଁ ଆଉ କୌଣସି ସ୍ଥାନ ନିରାପଦ ନୁହେଁ ବୋଲି ତେହରାନ୍ ସଙ୍କେତ ଦେଇଛି। ଏହା ପୂର୍ବରୁ ଆମେରିକା ପକ୍ଷରୁ ଭାରତ ମହାସାଗରୀୟ ଅଞ୍ଚଳର ଶ୍ରୀଲଙ୍କା ନିକଟରେ ଇରାନ୍‌ର ଏକ ତୈଳ ଜାହାଜକୁ ଆକ୍ରମଣ କରାଯାଇଥିବାବେଳେ ଇରାନ୍ ସଦ୍ୟ ଆକ୍ରମଣ ଜରିଆରେ ଜଣାଇ ଦେଇଛି ଯେ, ଏହା ପାଇଁ ମଧ୍ୟ ଇଣ୍ଡିଆନ୍ ଓସେନ୍ ରିଜିଅନ୍ ଅପହଞ୍ଚ ନୁହେଁ। କୁହାଯାଉଛି ଯେ ଇରାନ୍ ଉତ୍‌କ୍ଷେପଣ କରିଥିବା ୨ଟି ଆଇଆର୍‌ବିଏମ୍ ମଧ୍ୟରୁ ଗୋଟିଏ ଟାର୍ଗେଟକୁ ହିଟ୍ କରିଥିବାବେଳେ ଅନ୍ୟଟି ଲକ୍ଷ୍ୟଚ୍ୟୁତ ହୋଇଯାଇଛି। ତେବେ ଏଠାରେ ହିଟ୍ କିମ୍ବା ମିସ୍‌ର ବୈଷୟିକ ପରିଣାମ ବଡ଼କଥା ନୁହେଁ। ସୂତ୍ରରୁ ଜଣାପଡ଼ିଛି, ଆମେରିକା ଏକ ଏସ୍‌ଏମ୍-୩ ଇଣ୍ଟରସେପ୍ଟର ଫାୟାର କରିଥିଲା। ତେବେ ଏହା କେତେ ଫଳପ୍ରଦ ହୋଇଛି ତାହା ଜଣାପଡ଼ିନାହିଁ। ବିଶ୍ଳେଷକଙ୍କ ମତରେ ଭୂରାଜନୈତିକ ଉତ୍ତେଜନା ଚରମସୀମାରେ ପହଞ୍ଚିଥିବାବେଳେ ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପଙ୍କୁ ଇସ୍‌ଲାମିକ୍ ରିଭୋଲ୍ୟୁଶନାରି ଗାର୍ଡ କର୍ (ଆଇଆର୍‌ଜିସି) ଏକ ପ୍ରତ୍ୟକ୍ଷ ଚ୍ୟାଲେଞ୍ଜ ଦେବାରେ ସକ୍ଷମ ହୋଇଛି ବୋଲି ବୁଝିବାକୁ ପଡ଼ିବ।

## ଅଖା ଭିତରେ ନିଖୋଜ...

ଦେଖି ମହୁଲ ଓ କୁସୁମ ସାଉଁଟିବାକୁ ଆସିଥିବା ଲୋକେ ତାଙ୍କ ପରିବାର ଲୋକଙ୍କୁ ଖବର ଦେଇଥିଲେ। ପରିବାର ଲୋକେ ପହଞ୍ଚି ମନସାଙ୍କ ମୃତଦେହ ଚିହ୍ନଟ କରି କରଞ୍ଜିଆ ଥାନାକୁ ଜଣାଇଥିଲେ। ପାଞ୍ଚପୀଢ଼ ଉପଖଣ୍ଡ ପୋଲିସ ଅଧିକାରୀ ନବକୃଷ୍ଣ ନାଏକ, କରଞ୍ଜିଆ ଥାନା ଭାରପ୍ରାପ୍ତ ଅଧିକାରୀ ମୃତ୍ୟୁଞ୍ଜୟ ପ୍ରଧାନ, ସବ୍‌ଇନ୍ସପେକ୍ଟର ସୁଧାଂଶୁ ସେଠୀ, ଭାରତୀ ନାଏକ ଓ ସହକାରୀ ସବ୍ ଇନ୍ସପେକ୍ଟର ସାଲ୍‌ଖାନ ହେମ୍ବ୍ରମ ଘଟଣାସ୍ଥଳରେ ପହଞ୍ଚି ମୃତଦେହ ଜବତ କରିଥିଲେ। ପରେ ବାରିପଦାରୁ ସାଇଣ୍ଟିଫିକ୍ ଟିମ୍ ଓ ସନ୍ଧାନୀ କୁକୁର ଦ୍ୱାରା ତଦନ୍ତ କରାଯାଇଛି। ସନ୍ଦିଗ୍ଧଙ୍କୁ ଥାନାରେ ଅଟକ ରଖି ପଚରାଉଚରା ଜାରି ରହିଛି। ବ୍ୟବଚ୍ଛେଦପାଇଁଉପଖଣ୍ଡଚିକିତ୍ସାଳୟକୁପଠାଯାଇଛି। ବ୍ୟବଚ୍ଛେଦ ପରେ ନାବାଳିକା ମୃତ୍ୟୁର ପ୍ରକୃତ କାରଣ ଜଣାପଡ଼ିବ। ପୋଲିସ ସମସ୍ତ ଦିଗ ଉପରେ ତର୍ଜମା କରି ତଦନ୍ତ କରୁଛି ବୋଲି କରଞ୍ଜିଆ ଥାନା ଭାରପ୍ରାପ୍ତ ଅଧିକାରୀ ପ୍ରଧାନ କହିଛନ୍ତି। ଶୁକ୍ରବାର ରଞ୍ଜନଙ୍କ ଅଭିଯୋଗ ଆଧାରରେ ଥାନାରେ ଏକ ନିଖୋଜ ମାମଲା (ନଂ.୧୧୧/୨୬) ରୁଜୁ ହୋଇଛି।




# ଆଗକୁ ଶିକ୍ଷକଙ୍କୁ ନିୟମିତ ନିଯୁକ୍ତି ଦିଆଯିବ: ମନ୍ତ୍ରୀ

**ବନ୍ଦ ସ୍କୁଲ ପୁନଃ ଖୋଲିବାକୁ ପଦକ୍ଷେପ ନେଉଛନ୍ତି ସରକାର**

ଭୁବନେଶ୍ୱର,୨୧।୩(ସୁଚିସ୍ମିତା ସାହୁ)

ରାଜ୍ୟରେ ଶିକ୍ଷାକ୍ଷେତ୍ରରେ ପରିବର୍ତ୍ତନ ଆଣିବା ପାଇଁ ରାଜ୍ୟ ସରକାର ପ୍ରୟାସ କରୁଛନ୍ତି। ଶିକ୍ଷକମାନେ ଯେପରି ରାଜରାସ୍ତାରେ ନ ବସିବେ, ପିଲାଙ୍କ ପାଠପଢ଼ାକୁ ଯେପରି ଗୁରୁତ୍ୱ ଦେବେ, ସେଥିପାଇଁ ଶୁକ୍ରବାର ଚୁକ୍ତିଭିତ୍ତିକ ନିଯୁକ୍ତି ପାଇଥିବା କନିଷ୍ଠ ଶିକ୍ଷକଙ୍କୁ ବିଧିବଦ୍ଧ ଭାବେ ମୁଖ୍ୟମନ୍ତ୍ରୀ ନିୟମିତ କରିଛନ୍ତି। ନିଯୁକ୍ତି ପାଇଥିବା ଦିନରୁ ହିଁ ସେମାନଙ୍କୁ ନିୟମିତ କରାଗଲା। ମୁଖ୍ୟମନ୍ତ୍ରୀଙ୍କର ଏହା ଏକ ଯୁଗାନ୍ତକାରୀ ପଦକ୍ଷେପ। ସେହିପରି ଆଗକୁ ଶିକ୍ଷା କ୍ଷେତ୍ରରେ ଯେତେବେଳେ ଶିକ୍ଷକ ନିଯୁକ୍ତି କରାଯିବ, ସମସ୍ତଙ୍କୁ ନିୟମିତ ଭାବେ ନିଯୁକ୍ତି ଦିଆଯିବ ବୋଲି ଶନିବାର ବିଦ୍ୟାଳୟ ଓ ଗଣଶିକ୍ଷା ମନ୍ତ୍ରୀ ନିତ୍ୟାନନ୍ଦ ଗଣ୍ଡ ସୂଚନା ଦେଇଛନ୍ତି।

ମନ୍ତ୍ରୀ କହିଲେ, ପୂର୍ବ ସରକାର ରାଜ୍ୟରେ ୫ହଜାରରୁ ଊର୍ଦ୍ଧ୍ୱ ସ୍କୁଲ ବନ୍ଦ କରିଦେଇଥିଲେ। ହେଲେ ଆମ ସରକାର ଆସିବା ପରେ ଯେଉଁଠି ପିଲା ଅଛନ୍ତି, ସେମାନେ ଦୂର ସ୍କୁଲକୁ ଯାଉଛନ୍ତି, ସେଭଳି ଜାଗାରେ ବିଦ୍ୟାଳୟ ପୁନଃ ଖୋଲିବାକୁ ନିଷ୍ପତ୍ତି ନିଆଯିବ। ଏଥିପାଇଁ ଜିଲାର ଯାଞ୍ଚ କମିଟି ପକ୍ଷରୁ ସେମିତି କିଛି ପ୍ରସ୍ତାବ ଆସିଲେ, ରାଜ୍ୟ କମିଟି ତାହାର ଯାଞ୍ଚ ଓ ତର୍ଜମା କରିବ। ଏହାପରେ ଯଦି ଆବଶ୍ୟକତା ରହିଥିବା ନେଇ କମିଟି ସରକାରଙ୍କୁ ରିପୋର୍ଟ ଦେବ, ତେବେ ସେଠାରେ ପୁନଃ ବିଦ୍ୟାଳୟ ଖୋଲାଯିବ। ଇତିମଧ୍ୟରେ ୪୦ଟି ସ୍କୁଲକୁ ରି-ଓପନ କରି ପାଠପଢ଼ାଇବା ପାଇଁ ସରକାର ନିଷ୍ପତ୍ତି ନେଇଛନ୍ତି ବୋଲି ମନ୍ତ୍ରୀ ଗଣ୍ଡ କହିଛନ୍ତି।

# ବି.ଏଡ୍. ପ୍ରବେଶିକା ପରୀକ୍ଷା ପାଇଁ ୨୩ରୁ ଆବେଦନ

ଭୁବନେଶ୍ୱର,୨୦।୩ (ସୁଚିସ୍ମିତା ସାହୁ)

ଦୁଇ ବର୍ଷିଆ ବି.ଏଡ୍, ବିଏଚ୍.ଏଡ୍. ଓ ଏମ୍.ଏଡ୍ ପାଠ୍ୟକ୍ରମରେ ନାମ ଲେଖାଇବା ପାଇଁ ପ୍ରବେଶିକା ପରୀକ୍ଷା ଲାଗି ଉଚ୍ଚଶିକ୍ଷା ବିଭାଗ ପକ୍ଷରୁ ବିଜ୍ଞପ୍ତି ପ୍ରକାଶ ପାଇଛି। ଏଥିପାଇଁ ସୋମବାରଠାରୁ ଏପ୍ରିଲ୍ ୬ ମଧ୍ୟରେ ଆଶାୟୀ ଛାତ୍ରୀଛାତ୍ର ଆବେଦନ କରିପାରିବେ। ଆବେଦନ ସମୟରେ କୌଣସି ତ୍ରୁଟି ଥିଲେ ୭ ତାରିଖରେ ସଂଶୋଧନ କରିପାରିବେ। ଆବେଦନକାରୀଙ୍କ ସମସ୍ତ ତଥ୍ୟ ଓକାକ୍ ପକ୍ଷରୁ ୧୩ ତାରିଖ ଦିନ ପରୀକ୍ଷା ପରିଚାଳନା କରୁଥିବା ରାଜ୍ୟ ପ୍ରବରଣ ମଣ୍ଡଳୀ (ଏସ୍‌ଏସ୍‌ବି)କୁ ପ୍ରଦାନ କରାଯିବ। ମେ ୨୭ରେ ଏସ୍‌ଏସ୍‌ବି ୱେବ୍‌ସାଇଟ୍‌ରେ ଆଡମିଟ୍ କାର୍ଡ ଉପଲବ୍ଧ ହେବ। ମେ' ୩୧ରେ ବି.ଏଡ୍ ପାଠ୍ୟକ୍ରମ ପାଇଁ ପ୍ରବେଶିକା ପରୀକ୍ଷା ଅନୁଷ୍ଠିତ ହେବ। ସେହିପରି ଜୁନ୍ ୩ରେ ବିଏଚ୍.ଏଡ୍ ଓ ଏମ୍.ଏଡ୍ ପ୍ରବେଶିକା ପରୀକ୍ଷା ହେବ। ଜୁନ୍ ୪ରେ ପ୍ରୋଭିଜନାଲ୍ ଆନସାର୍ କି ପ୍ରକାଶ ପାଇବା ପରେ ଉତ୍ତରକୁ ନେଇ କୌଣସି ଅସନ୍ତୋଷ ଥିଲେ ୫ରୁ ୭ ତାରିଖ ମଧ୍ୟରେ ଆବେଦନ କରିପାରିବେ। ଚୂଡ଼ାନ୍ତ ଆନ୍‌ସାର୍ କି କେବେ ପ୍ରକାଶ ପାଇବ, ସେନେଇ ପରବର୍ତ୍ତୀ ସମୟରେ ସୂଚନା ଦିଆଯିବ। ସ୍ନାତକ ପରୀକ୍ଷା ଫଳ ପ୍ରକାଶ ପାଇ ନ ଥିଲେ ମଧ୍ୟ ଛାତ୍ରୀଛାତ୍ର ପ୍ରବେଶିକା ପରୀକ୍ଷା ପାଇଁ ଆବେଦନ କରିପାରିବେ। ରେଜଲ୍ଟ ବାହାରିବା ପରେ ତାକୁ ଅପଡେଟ୍ କରିବେ। ବିଭାଗ ପକ୍ଷରୁ ପ୍ରଦାନ କରାଯାଉଥିବା ବୃତ୍ତିରାଶି ପାଇଁ ଆବେଦନ ସମୟରେ ହିଁ ରେସିଡେଣ୍ଟ ସହିତ ଜାତି ଓ ଆୟ ପ୍ରମାଣପତ୍ରର ଆବଶ୍ୟକତା ରହିଛି। ଆବେଦନ ପୂର୍ବରୁ ଏସବୁ ପ୍ରମାଣପତ୍ର ପ୍ରସ୍ତୁତ କରିବା ପାଇଁ ବିଭାଗ ପକ୍ଷରୁ କୁହାଯାଇଛି।

# ଏପ୍ରିଲ ୮ରେ ସମସ୍ତ ଉଚ୍ଚ ଶିକ୍ଷାନୁଷ୍ଠାନରେ ରକ୍ତଦାନ ଶିବିର

ଭୁବନେଶ୍ୱର,୨୧।୩(ସୁଚିସ୍ମିତା ସାହୁ)

ଆସନ୍ତା ଏପ୍ରିଲ ୮ରେ ରାଜ୍ୟର ସମସ୍ତ ବିଶ୍ୱବିଦ୍ୟାଳୟ ଓ ମହାବିଦ୍ୟାଳୟଗୁଡ଼ିକରେ ରକ୍ତଦାନ ଶିବିର ଆୟୋଜନ ହେବ। ଏନେଇ ସମସ୍ତ ବିଶ୍ୱବିଦ୍ୟାଳୟ ରେଜିଷ୍ଟ୍ରାର ଏବଂ ମହାବିଦ୍ୟାଳୟ ଅଧ୍ୟକ୍ଷମାନଙ୍କୁ ଉଚ୍ଚଶିକ୍ଷା ବିଭାଗ ପକ୍ଷରୁ ଚିଠି କରାଯାଇଛି। ଆସନ୍ତା ଏପ୍ରିଲ ୧ରୁ ୧୪ତାରିଖ ପର୍ଯ୍ୟନ୍ତ ସାରା ରାଜ୍ୟରେ ଓଡ଼ିଆ ପକ୍ଷ ପାଳନ କରାଯିବ। ରାଜ୍ୟ ସରକାରଙ୍କ ବିଭିନ୍ନ ବିଭାଗ ପକ୍ଷରୁ ବିଭିନ୍ନ କାର୍ଯ୍ୟକ୍ରମର ଆୟୋଜନ କରାଯିବ। ଏପ୍ରିଲ ୮ରେ ସମସ୍ତ ବିଶ୍ୱବିଦ୍ୟାଳୟ ଓ ମହାବିଦ୍ୟାଳୟରେ ଏନ୍‌ସିସି/ ଏନ୍‌ଏସ୍‌ଏସ୍/ଯୁଥ୍ /ରେଡକ୍ରସ/ ରୋଭର୍ସ ରେଞ୍ଜର୍ସ ତରଫରୁ ରକ୍ତଦାନ ଶିବିରର ଆୟୋଜନ କରାଯିବ ବୋଲି ଉକ୍ତ ଚିଠିରେ ନିର୍ଦ୍ଦେଶ ଦିଆଯାଇଛି। ଯଦି କୌଣସି ଶିକ୍ଷାନୁଷ୍ଠାନରେ ପରୀକ୍ଷା ବା ଅନ୍ୟକୌଣସି ଅପରିହାର୍ଯ୍ୟ କାରଣରୁ ଉକ୍ତଦିନ ରକ୍ତଦାନ ଶିବିର ଆୟୋଜନ ସମ୍ଭବ ନ ହେବ, ତେବେ ଏହାକୁ ଓଡ଼ିଆ ପକ୍ଷ ପାଳନ ଅବଧି ମଧ୍ୟରେ ରହିଥିବା ଯେକୌଣସି ଦିନରେ କରାଯାଇପାରିବ ବୋଲି କୁହାଯାଇଛି। ରକ୍ତଦାନ ଶିବିର ଆୟୋଜନ ପରେ ଶିବିରର ବିବରଣୀକୁ ହିମ୍ସ ପୋର୍ଟାଲରେ ଅପ୍‌ଲୋଡ୍ କରିବା ପାଇଁ ଉଚ୍ଚଶିକ୍ଷା ବିଭାଗ ପକ୍ଷରୁ ନିର୍ଦ୍ଦେଶ ଦିଆଯାଇଛି।

DVARA KGFS
PUBLIC NOTICE
DVARA KGFS ଶାଖା ସ୍ଥାନାନ୍ତର ନୋଟିସ୍
DVARA KGFS (DVARA Kshetriya Gramin Financial Services Private Limited) ତାର ଗ୍ରାହକମାନଙ୍କୁ ଜଣାଇବାକୁ ଚାହୁଁଛି ଯେ ପ୍ରଶାସନିକ ସୁବିଧା ହେତୁ, ବୁଢାମ୍ବ ଏବଂ ଛେଣ୍ଡିପଦା ସ୍ଥିତ କାର୍ଯ୍ୟ କରୁଥିବା ଶାଖା ୦୧ ଏପ୍ରିଲ ୨୦୨୬ ଠାରୁ ନିମ୍ନଲିଖିତ ଶାଖାଗୁଡିକରୁ ତାର ସମସ୍ତ ଆର୍ଥିକ ସେବା ପ୍ରଦାନ ଜାରି ରଖିବ।
FOR BUDHAMBA: Kalasandhapur, Aska, Ganjam, Odisha-761111, ବୁଢାମ୍ବ ପାଇଁ- କାଳସନ୍ଧପୁର, ଆସ୍କା, ଗଞ୍ଜାମ, ଓଡ଼ିଶା-୭୬୧୧୧୧
FOR CHHENDIPADA: At- Similipada, Po- Angul, Dist- Angul, Odisha-759122 ଛେଣ୍ଡିପଦା ପାଇଁ: ଗ୍ରାମ- ଶିମିଳିପଡା, ପୋଷ୍ଟ- ଅନୁଗୁଳ, ଜିଲ୍ଲା- ଅନୁଗୁଳ, ଓଡ଼ିଶା- ୭୫୯୧୨୨

# ଚଳନ୍ତା ବସ୍‌ରେ ଲାଗିଲା ନିଆଁ

**ଅଳ୍ପକେ ବର୍ତ୍ତିଲେ ଚିତ୍ରକୋଣ୍ଡା ବିଧାୟକଙ୍କ ସମେତ ୩୯ ଯାତ୍ରୀ**

ପଟ୍ଟାଙ୍ଗି,୨୧।୩(ଶରତ କୁମାର ଧଳ)

କୋରାପୁଟ ଜିଲା ପଟ୍ଟାଙ୍ଗି ବ୍ଲକ ସୀମାନ୍ତ ଆନ୍ଧ୍ରପ୍ରଦେଶ ବିଜୟନଗରମ ଜିଲା ଅଧୀନ ରାମଭଦ୍ରପୁରମ ନିକଟ ତାରାପୁରମ ଗ୍ରାମ ନିକଟରେ ଓଡ଼ିଶାର ଏକ ଘରୋଇ ଯାତ୍ରୀବାହୀ ବସ୍‌ରେ ଶୁକ୍ରବାର ରାତିରେ ନିଆଁ ଲାଗିଥିଲା। ଏଥିରୁ ମାଲକାନଗିରି ଜିଲା ଚିତ୍ରକୋଣ୍ଡା ବିଧାୟକ ମଙ୍ଗୁ ଖିଲଙ୍କ ସମେତ ୩୯ ଯାତ୍ରୀ ଅଳ୍ପକେ ବର୍ତ୍ତିଯାଇଥିବା ଜଣାପଡ଼ିଛି।

ସୂଚନାନୁଯାୟୀ, ଶୁକ୍ରବାର ରାତିରେ ଭୁବନେଶ୍ୱରରୁ ମାଲକାନଗିରି ଜିଲା କାଲିମେଲା ଅଭିମୁଖେ ନୀଳକଣ୍ଠେଶ୍ୱର ନାମକ ଏକ ଘରୋଇ ସ୍ଲିପର ବସ୍(ଓଡି୦୨-ସିଏଚ୍-୪୦୦୨)ରେ ପ୍ରାୟ ୩୯ ଯାତ୍ରୀ ଫେରୁଥିଲେ। ହଠାତ୍ ରାତିରେ ଆନ୍ଧ୍ରର ତାରାପୁରମ ଗ୍ରାମ ନିକଟରେ ବସ୍‌ରେ କୌଣସି କାରଣରୁ ନିଆଁ ଲାଗିଯାଇଥିଲା। ବସ୍ ଡ୍ରାଇଭର ଶୁକଦେବ ବେହେରା ଶୋଇଥିବା ବେଳେ ଅନ୍ୟ ସହଯୋଗୀ ଡ୍ରାଇଭର ଦାଶରଥି ପୃଷ୍ଟି ଗାଡ଼ି ଚଳାଉଥିଲେ। ବସ୍ ଚାଲୁଥିବା ଅବସ୍ଥାରେ କିଛି ଫାଟିବା ଶବ୍ଦ ଶୁଣି ଶୁକଦେବଙ୍କ ନିଦ ଭାଙ୍ଗିଯାଇଥିବା ସେ କହିଛନ୍ତି। ଏହା ପରେ ସେ ସହଯୋଗୀ ଡ୍ରାଇଭରଙ୍କୁ ବସ୍ ରଖିବାକୁ କହିଥିଲେ। ବସ୍‌ରୁ ତଳକୁ ଓହ୍ଲାଇ ଦେଖିବାରୁ ପଛ ଚକା ପାଖରେ ଥିବା ହାଉଜିଙ୍ଗ ନିକଟ ଓୟାରରୁ ନିଆଁ ବାହାରୁଥିବା ଜାଣିଥିଲେ। ପାଣି ପକାଇ ନିଆଁ ଲିଭାଇବାକୁ ଚେଷ୍ଟା କରିଥିଲେ ମଧ୍ୟ ନିଆଁକୁ ଆୟତ୍ତ କରିପାରି ନ ଥିଲେ। ଏହା ପରେ ବସ୍‌ରୁ ଗ୍ୟାସ୍ କାଢ଼ି ଲିଭାଇବା ସମୟରେ ବସ୍‌ର ବେଲୁନ ଫାଟିଯିବାରୁ ନିଆଁ ଅଣାୟତ୍ତ ହୋଇଯାଇଥିବା ଡ୍ରାଇଭର କହିଛନ୍ତି। ବସ୍ ଭିତରୁ ସମସ୍ତ ଯାତ୍ରୀଙ୍କୁ ବାହାରକୁ ବାହାରିବାକୁ କହିଥିଲେ। ବସ୍‌ରେ ଥିବା ଭୁବନେଶ୍ୱରରୁ ଚିତ୍ରକୋଣ୍ଡା ଫେରୁଥିବା ବିଧାୟକ ଖିଲ ବାହାରକୁ ଡେଇଁ ପଡ଼ିଥିଲେ। ଏଥିସହ ଯାତ୍ରୀଙ୍କୁ ବାହାରକୁ ବାହାର କରିବାରେ ଡ୍ରାଇଭରଙ୍କୁ ସହଯୋଗ କରିଥିଲେ। ସ୍ମାଇଲ ନୀଳକଣ୍ଠେଶ୍ୱର ନାମକ ଅନ୍ୟ ଏକ ବସ୍‌ରେ ସମସ୍ତ ଯାତ୍ରୀଙ୍କୁ ଜୟପୁର ପଠାଇବାରେ ବିଧାୟକ ସହଯୋଗ କରିଥିଲେ। ସମସ୍ତ ଯାତ୍ରୀଙ୍କ ଜିନିଷ ଉଦ୍ଧାର କରାଯାଇଥିଲା। ଅଳ୍ପ କିଛି ସାମଗ୍ରୀ ପୋଡ଼ିଯାଇଥିବା ଜଣାପଡ଼ିଛି। ଜଣେ ମହିଳା ତାଙ୍କ ସୁନାଗହଣା ବାହାରକରି ବସ୍‌ରେ ରଖିଥିବା ବେଳେ ଏହା ପୋଡ଼ିଯାଇଥିଲା। ଆନ୍ଧ୍ର ପୋଲିସ ଉକ୍ତ ପୋଡ଼ିଯାଇଥିବା ସୁନାଗହଣାକୁ ମହିଳାଙ୍କୁ ଫେରାଇଥିଲା। ଆନ୍ଧ୍ର ପୋଲିସ ଓ ଅଗ୍ନିଶମ ବିଭାଗ ପହଞ୍ଚି ଘଟଣା ସମ୍ପର୍କରେ ତଦନ୍ତ ଆରମ୍ଭ କରିଥିବା ଜଣାପଡ଼ିଛି।



# ସୋମବାର ମୁଖ୍ୟମନ୍ତ୍ରୀଙ୍କ ବାସଭବନ ଘେରିବ ବିଜେଡି

**ପ୍ରତାପଙ୍କ ବାସଭବନରେ ଗଣ୍ଡଗୋଳ ଘଟଣା**

ଭୁବନେଶ୍ୱର,୨୧।୩ (ସୁନିତ୍ ମିଶ୍ର)

ରାଜ୍ୟ ସଭା ନିର୍ବାଚନରେ ବିଜେଡିରୁ ୬ ଜଣ ବିଧାୟକ କ୍ରସ୍ ଭୋଟିଂ କରିଥିଲେ। ଏହାସହ ବିଜେଡିରୁ ନିଲମ୍ବନ ହୋଇଥିବା ୨ ଜଣ ବିଧାୟକ ମଧ୍ୟ ଭାଜପା ସମର୍ଥିତ ପ୍ରାର୍ଥୀଙ୍କୁ ଭୋଟ ଦେଇଥିଲେ। ଏହାପରଠାରୁ ବିଜେଡି ପକ୍ଷରୁ ଦଳ ବିରୋଧୀ କାର୍ଯ୍ୟକଳାପରେ ସଂଶ୍ଳିଷ୍ଟ ଥିବା ଛାତ୍ର, ଯୁବ ଓ ବିଧାୟକମାନଙ୍କୁ ନିଲମ୍ବନ କରାଯାଉଛି। ଶୁକ୍ରବାର କେତେଜଣ ବିଜୁ ଯୁବ ଓ ଛାତ୍ର ଜନତା ଦଳ ନେତାଙ୍କୁ ଦଳର ଉପ ସଭାପତି(ମୁଖ୍ୟାଳୟ) ପ୍ରତାପ ଜେନାଙ୍କ ଦସ୍ତଖତରେ ନିଲମ୍ବନ କରାଯାଇଥିଲା। ଦଳର ଜଣେ ନେତାଙ୍କ କହିବା କଥା, ଏହି ଯୁବ ଓ ଛାତ୍ର ନେତାମାନେ ଗୁରୁବାର ଯେତେବେଳେ ବିଧାୟକ ଦେବୀରଞ୍ଜନ ତ୍ରିପାଠୀଙ୍କ ଘର ସମ୍ମୁଖରେ ବିଜେଡି ପକ୍ଷରୁ ପ୍ରତିବାଦ କଲେ ସେମାନେ ଓଲଟା ଦିଗରେ କାର୍ଯ୍ୟକଲେ। ସେମାନେ ଦେବୀଙ୍କୁ ସମର୍ଥନକରି ଦଳ ବିପକ୍ଷରେ ବାହାରିଥିଲେ। ସେଥିଲାଗି ସେମାନଙ୍କୁ ନିଲମ୍ବନ କରାଯାଇଥିଲା।

ଏହାପରେ ଶୁକ୍ରବାର ବିଳମ୍ବିତ ରାତିରେ ପ୍ରତାପ ଜେନାଙ୍କ ବାସଭବନ ବାହାରେ ନିଲମ୍ବିତ କେତେଜଣ ଯୁବ ଓ ଛାତ୍ର ନେତା ଭାଜପା ସମର୍ଥିତ ରାଜ୍ୟ ସଭା ପ୍ରାର୍ଥୀଙ୍କ ବିଜୟକୁ ନେଇ ବାଣ ଫୁଟାଇଥିଲେ। ଏହାପରେ ପ୍ରତାପଙ୍କ ଗେଟ୍ ଖୋଲି ତାଙ୍କ ବାସଭବନରେ ଥିବା ସିକ୍ୟୁରିଟି ଏବଂ ଘରୋଇ ସହାୟକଙ୍କୁ ମାରିଥିବା ଭିଡିଓ ବାହାରେ ପ୍ରଘଟ ହେଲା। ଏହି ଘଟଣାରେ କେତେଜଣ ଭାଜପା କର୍ମୀ ଥିବା ମଧ୍ୟ ବିଜେଡି ଅଭିଯୋଗକରି ଥାନାର ଦ୍ୱାରସ୍ଥ ହେଲା। ଏହି ଘଟଣାରେ ଶନିବାର ବିଜୁ ଯୁବ ଓ ଛାତ୍ର ଜନତା ଦଳ ପକ୍ଷରୁ ଏକ ଖବରଦାତା ସମ୍ମିଳନୀ କରାଯାଇ ଉକ୍ତ ଘଟଣା ବିରୋଧରେ ସୋମବାର ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀଙ୍କ ବାସଭବନ ଘେରାଉ କରାଯିବ ବୋଲି କୁହାଯାଇଛି। ଦଳର ଛାତ୍ର ସଭାପତି ଇପ୍ସିତା ସାହୁ କହିଛନ୍ତି, ବିଜୁ ଲିଗାସିର ଦ୍ୱାହିଦେଇ କେତେଜଣ ସ୍ୱାର୍ଥପର ରାଜନେତା ନିଜର ଅପକର୍ମକୁ ଘୋଡ଼ାଇବା ପାଇଁ ନୂତନ ରଣନୀତି ଆପଣାଇଛନ୍ତି। ପ୍ରତାପଙ୍କ ବିରୋଧରେ ଯେପରି ହିଂସାତ୍ମକ କାର୍ଯ୍ୟପନ୍ଥା ଗ୍ରହଣ କରିଛନ୍ତି ତାହା ଅତ୍ୟନ୍ତ ନିନ୍ଦନୀୟ ଏବଂ ବିଜୁ ବିଚାରଧାରାର ପରିପନ୍ଥୀ। ପ୍ରତାପଙ୍କ ଅନୁପସ୍ଥିତିରେ ତାଙ୍କ ବାସଭବନରେ ଦେବୀରଞ୍ଜନଙ୍କ ନାଁ ନେଇ କେତେଜଣ ମଦ୍ୟପ ଯୁବକ ଆତଙ୍କରାଜ ଖେଳାଇଲେ। ଦେବୀ ଜଣେ ଭୀରୁ, କାପୁରୁଷଙ୍କ ଭଳି କାର୍ଯ୍ୟ କରୁଛନ୍ତି। ତାଙ୍କ ବାପା ଯେଉଁଭଳି ୧୯୯୬ରେ ବିଜୁବାବୁଙ୍କ ସହ ବେଇମାନିକରି ସେହି ସମୟରେ ଅନୁଷ୍ଠିତ ରାଜ୍ୟ ସଭା ନିର୍ବାଚନରେ କଂଗ୍ରେସ ପ୍ରାର୍ଥୀ ଜୟନ୍ତୀ ପଟ୍ଟନାୟକଙ୍କୁ ଭୋଟ ଦେଲେ ଠିକ୍ ସେହିଭଳି ୨୦୨୬ରେ ତାଙ୍କ ପୁଅ ଦେବୀରଞ୍ଜନ ମଧ୍ୟ ଦଳ ପ୍ରତି ବିଶ୍ୱାସଘାତକତା କରିଛନ୍ତି। ତାଙ୍କ ପ୍ରରୋଚନାରେ ଘଟାଯାଇଥିବା ଆତଙ୍କରାଜ ବିରୋଧରେ ବିଜୁ ଯୁବ ଓ ଛାତ୍ର ଜନତା ଦଳ ଉଚିତ ଜବାବ ଦେବ ବୋଲି କୁହାଯାଇଛି।

# ଅହମ୍ମଦାବାଦରେ 'ଓଡ଼ିଶା ପରବ' ଉଦ୍‌ଘାଟିତ


ଗୁଜରାଟ ଅହମ୍ମଦାବାଦଠାରେ 'ଓଡ଼ିଶା ପରବ'ର ଉଦ୍‌ଘାଟନ ଅବସରରେ ଉପମୁଖ୍ୟମନ୍ତ୍ରୀ ପ୍ରଭାତୀ ପରିଡ଼ା, ଗୁଜରାଟ ଉପମୁଖ୍ୟମନ୍ତ୍ରୀ ହର୍ଷ ରମେଶକୁମାର ସାଙ୍ଘଭିଙ୍କ ସହ ଅନ୍ୟ ଅତିଥିମାନେ।

ଭୁବନେଶ୍ୱର,୨୧।୩ (ସୌମ୍ୟରଞ୍ଜନ ରାଉତ)

ଓଡ଼ିଶା ପର୍ଯ୍ୟଟନ ବିଭାଗ ପକ୍ଷରୁ ଗୁଜରାଟ ଅହମ୍ମଦାବାଦସ୍ଥିତ ଗୁଜରାଟ ବିଶ୍ୱବିଦ୍ୟାଳୟ କନ୍‌ଭେନ୍‌ଶନ ସେଣ୍ଟରଠାରେ ଶନିବାର 'ଓଡ଼ିଶା ପରବ' ଆରମ୍ଭ ହୋଇଛି। ଉପମୁଖ୍ୟମନ୍ତ୍ରୀ ପ୍ରଭାତୀ ପରିଡ଼ା ମୁଖ୍ୟ ଅତିଥି ଭାବେ ଯୋଗଦେଇ ଉତ୍ସବକୁ ଉଦ୍‌ଘାଟନ କରିଥିଲେ। ସେ କହିଲେ, ଓଡ଼ିଶା ଏକ ଅନୁଭୂତିପୂର୍ଣ୍ଣ ପର୍ଯ୍ୟଟନ ସ୍ଥଳୀ, ଯେଉଁଠାରେ ଐତିହ୍ୟ, ଆଧ୍ୟାତ୍ମିକତା, ପ୍ରକୃତି, ଓଡ଼ିଆ ବ୍ୟଞ୍ଜନ ଏବଂ ଆଧୁନିକ ପର୍ଯ୍ୟଟନ ଭିତ୍ତିଭୂମିର ଏକ ଅପୂର୍ବ ସମନ୍ୱୟ ରହିଛି। ସମ୍ମାନିତ ଅତିଥି ଭାବେ ଗୁଜରାଟର ଉପମୁଖ୍ୟମନ୍ତ୍ରୀ ହର୍ଷ ରମେଶକୁମାର ସାଙ୍ଘଭି ଓଡ଼ିଶାର ସାଂସ୍କୃତିକ ବିଭବକୁ ଗୁଜରାଟରେ ପ୍ରଦର୍ଶିତ କରିବା ପାଇଁ ହୋଇଥିବା ଏହି ପ୍ରୟାସକୁ ପ୍ରଶଂସା କରିବା ସହ ଏହା ଦୁଇ ରାଜ୍ୟ ମଧ୍ୟରେ ସମ୍ପର୍କକୁ ଆହୁରି ସୁଦୃଢ଼ କରିବ ବୋଲି କହିଥିଲେ। ଅନ୍ୟତମ ଅତିଥି ଭାବେ ଅହମ୍ମଦାବାଦ ମ୍ୟୁନିସିପାଲ କମିଶନର ବାଞ୍ଛାନିଧି ପାଣି, ଓଡ଼ିଶା ପର୍ଯ୍ୟଟନ ବିଭାଗର ଶାସନ ସଚିବ ବଲବନ୍ତ ସିଂ ଓ ନିର୍ଦ୍ଦେଶକ ଦୀପଙ୍କର ମହାପାତ୍ର ପ୍ରମୁଖ ଉପସ୍ଥିତ ଥିଲେ। ଓଡ଼ିଆ ଭାଷା, ସାହିତ୍ୟ ଓ ସଂସ୍କୃତି ବିଭାଗ, ହସ୍ତତନ୍ତ, ବୟନ ଓ ହସ୍ତଶିଳ୍ପ ବିଭାଗ, ଓର୍‌ମାସ୍ ଏବଂ ମିଶନ ଶକ୍ତି ବିଭାଗ ସହଯୋଗରେ ଆୟୋଜିତ ଏହି ଉତ୍ସବରେ ଓଡ଼ିଶାର ସମୃଦ୍ଧ ଐତିହ୍ୟ, ପରମ୍ପରା, ହସ୍ତଶିଳ୍ପ, ହସ୍ତତନ୍ତ, ସୁଆଦିଆ ବ୍ୟଞ୍ଜନ ଏବଂ ବିଭିନ୍ନ ପର୍ଯ୍ୟଟନ ସ୍ଥଳୀ ପ୍ରଦର୍ଶିତ ହୋଇଛି। ଏହା ଅସନ୍ତା ୨୩ ତାରିଖ ପର୍ଯ୍ୟନ୍ତ ଚାଲିବ ବୋଲି ପର୍ଯ୍ୟଟନ ବିଭାଗ ପକ୍ଷରୁ ସୂଚନା ଦିଆଯାଇଛି।



# ପ୍ରକୃତ ଖଳନାୟକ



ଆକାର ପଟେଲ

ମୁଁ ଚାହେଁ ଇରାନ ବିଜୟୀ ହେଉ। ବିଜୟର ଅର୍ଥକୁ ଇରାନ ଏହିପରି ପରିଭାଷିତ କରେ: ଇରାନ ଉପରେ ଅନେକ ଦଶନ୍ଧି ଧରି ଆମେରିକା ଲାଗୁକରିଥିବା କଟକଣାକୁ ହଟାଇବା ଦରକାର; ଆରବ ରାଷ୍ଟ୍ରଗୁଡ଼ିକରେ ଥିବା ଏହାର ସାମରିକ ଘାଟିକୁ ହଟାଇବା ଉଚିତ; ଲେବାନନ ଉପରେ ଇସ୍ରାଏଲର ଦଖଲ ଶେଷ କରିବାକୁ ହେବ; ଏବଂ ଇରାନକୁ ଅନେକ ବର୍ଷ ଧରି ଓ ଏହି ଯୁଦ୍ଧରେ ହୋଇଥିବା କ୍ଷତିର ଭରଣା କରିବାକୁ ପଡ଼ିବ। ଯଦିଓ ଆମେରିକା ଏବଂ ଇସ୍ରାଏଲ ବୋମା ମାଡ଼ରେ ହଜାରରୁ ଊର୍ଦ୍ଧ୍ୱ ଇରାନୀଙ୍କ ମୃତ୍ୟୁ ହେବା ସହ ଅଧିକ ମୃତ୍ୟୁର ସମ୍ଭାବନା ରହିଛି, ତଥାପି ଇରାନ ଯଦି ଏସବୁ ବିଷୟକୁ ହାସଲ କରେ ତେବେ ଏହାର ସମ୍ପୂର୍ଣ୍ଣ ବିଜୟ ଘଟିବ। କମ୍ କ୍ଷମତାସମ୍ପନ୍ନ ଇରାନ ଦୁଇ ପରମାଣୁ ଅସ୍ତ୍ରଶସ୍ତ୍ର ସମ୍ପନ୍ନ ପ୍ରତିଦ୍ୱନ୍ଦ୍ୱୀ ଇସ୍ରାଏଲ ଏବଂ ଆମେରିକା ବିରୋଧରେ ଲଢ଼େଇ କରୁଛି। ହଁ, ଏହା ସାମରିକ ଦୃଷ୍ଟିରୁ ସେମାନଙ୍କ ତୁଳନାରେ ଦୁର୍ବଳ, କିନ୍ତୁ ଫେବୃଆରୀ ୨୮ରୁ ବିଶ୍ୱ ଯାହା ଦେଖୁଛି ସେଥିରୁ ସ୍ପଷ୍ଟ ଯେ ଏହା ଶକ୍ତିହୀନ ନୁହେଁ। ଅନ୍ୟ ରାଷ୍ଟ୍ର ତୁଳନାରେ ଏହାର ସଙ୍କଳ୍ପ ଅଧିକ ଦୃଢ଼ ରହିଛି। ଇରାନକୁ ପାଶ୍ଚାତ୍ୟ ନଷ୍ଟ କରିଦେଇଥିବାରୁ ମୋର ତା'ପ୍ରତି ସମର୍ଥନ ଅଛି। ମୂଳ କଥା ହେଉଛି, ଯେଉଁ ଦେଶଗୁଡ଼ିକ ଇସ୍ରାଏଲ ଏବଂ ଆମେରିକାକୁ ଚାହୁଁନାହାନ୍ତି ବା ସମର୍ଥନ କରୁନାହାନ୍ତି ସେମାନଙ୍କ ଉପରେ ନିଷ୍ଠୁର ଭାବରେ ବଳ ପ୍ରୟୋଗ କରୁଛନ୍ତି। ଏହି ଦୁଇ ଦେଶ ଓ ସେମାନଙ୍କ କାର୍ଯ୍ୟକୁ ପ୍ରତିରୋଧ କରାଯିବା ଉଚିତ। ଇରାନ ଉପରେ ଆମେରିକାର କଟକଣା ଏହାକୁ ବିଶ୍ୱ ବ୍ୟାଙ୍କିଙ୍ଗ୍ ବ୍ୟବସ୍ଥାରୁ ବିଚ୍ଛିନ୍ନ କରିଛି, ଯାହା ତାହାର ବାଣିଜ୍ୟକୁ ଜଟିଳ କରିଦେଇଛି। ଇରାନକୁ ଦୁର୍ବଳ କରିବା ସହ ଇରାନୀଙ୍କୁ ଗରିବ ରଖିବା ପାଇଁ ଆମେରିକା ଏହା କରିଛି। ଏସବୁ ଜାତିସଂଘର କଟକଣା ନୁହେଁ, ବରଂ ଆମେରିକା ଏକପାଖିଆ ଭାବରେ ଲାଗୁ କରିଛି। ଆମେରିକା ଯେଉଁ ଦେଶକୁ ପସନ୍ଦ କରିନାହିଁ ତାହାକୁ ଆର୍ଥିକ କ୍ଷମତା ବ୍ୟବହାର କରି ହଇରାଣ କରିଛି। ଭେନେଜୁଏଲା ଏବଂ କ୍ୟୁବା କ୍ଷେତ୍ରରେ ଏଭଳି ସ୍ଥିତି ଦେଖିବାକୁ ପାଉଛୁ। ଇରାନ ସେହିସବୁ କଟକଣାକୁ ହଟାଇବା ପାଇଁ ଦାବି କରିବା ଯଥାର୍ଥ। ମୁଁ ମଧ୍ୟ ଚାହେଁ, ସେଗୁଡ଼ିକୁ ହଟାଇବା ପାଇଁ ଇରାନକୁ ଯୁଦ୍ଧରେ ଜିତିବାକୁ ପଡ଼ିବ।

ବାହାରିନ, କୁଏଟ୍, ୟୁଏଇ, ଜୋର୍ଡାନ, ଇରାକ ଏବଂ ସାଉଦି ଆରବରେ ଆମେରିକାର ସାମରିକ ଘାଟି ଅଛି। ସେଠାରେ ତାହାର ଅସ୍ତ୍ରଶସ୍ତ୍ର ଏବଂ ଏତେ ସୈନିକ କାହିଁକି ଅଛନ୍ତି? ଆମେରିକା ଏସବୁ ଦେଶରେ ଏକ ସାମ୍ରାଜ୍ୟ ଚଳାଇଛି। ଇରାନ ଏବେ କହୁଛି, ଆମେରିକୀୟ ସେନା ବିଶ୍ୱକୁ ଧମକାଇବା ଉଚିତ ନୁହେଁ ଏବଂ ନିଜ ଦେଶ ଉପରେ ଧ୍ୟାନ ଦେବା ଆବଶ୍ୟକ। ୪୦ ବର୍ଷ ପୂର୍ବେ ଦକ୍ଷିଣ ଆଫ୍ରିକା ଯେପରି ଥିଲା ଏବେ ଇସ୍ରାଏଲ ସେମିତି ଅଛି, କହିବାକୁ ଗଲେ ତା'ଠାରୁ ଆହୁରି ଖରାପ। ଏହା ଏକ ବର୍ଣ୍ଣବୈଷମ୍ୟବାଦୀ ରାଷ୍ଟ୍ର (ଏହା ଅନେକ ଲକ୍ଷ ଲୋକଙ୍କୁ ନିୟନ୍ତ୍ରଣ କରେ ଯେଉଁମାନଙ୍କର ଭୋଟ ଦେବା ଏବଂ ଅନ୍ୟ କୌଣସି ଅଧିକାର ନାହିଁ)। ଆମେରିକାଠାରୁ ପର୍ଯ୍ୟାପ୍ତ ଅସ୍ତ୍ରଶସ୍ତ୍ର ଓ ପାଣ୍ଠି ପାଇ ମଧ୍ୟପ୍ରାଚ୍ୟକୁ ଆତଙ୍କିତ କରିବା ପାଇଁ ଇସ୍ରାଏଲ ତାହାର ସାମରିକ ଶକ୍ତି ପ୍ରୟୋଗ କରିଛି, ଯାହାକୁ ବନ୍ଦ କରିବାକୁ ପଡ଼ିବ। ପ୍ରତିବନ୍ଧକ ଯୋଗୁ ଇରାନ ଅନେକ ଶହ ବିଲିୟନ ଡଲାରର କ୍ଷତି ସହିଆସୁଛି ଏବଂ ଏବର ଯୁଦ୍ଧ ପରଠାରୁ ଅଧିକ କ୍ଷତିଗ୍ରସ୍ତ ହୋଇଛି। ଇରାନ କ୍ଷତିପୂରଣ ପାଇବା ପାଇଁ ହକଦାର ଏବଂ ଏହାକୁ ଆମେରିକା ଓ ଏହାର ସହଯୋଗୀମାନଙ୍କୁ ଦେବାକୁ ପଡ଼ିବ। ଏହିସବୁ କାରଣ ପାଇଁ ଇରାନ ଜିତୁ ବୋଲି ମୁଁ ଚାହୁଁଛି। ଇରାନ ଜିତିବାର ସମ୍ଭାବନା ଅଛି କାରଣ ଯୁଦ୍ଧ ଏହାର ନିୟନ୍ତ୍ରଣରେ ରହିଛି। ଆମେରିକା ଏବଂ ଇସ୍ରାଏଲ ଇରାନର ସ୍କୁଲ ଝିଅମାନଙ୍କୁ ହତ୍ୟା ଏବଂ ଭିତ୍ତିଭୂମି ଉପରେ ଆକ୍ରମଣ କରି ଇରାନ ଏବଂ ଏହାର ଲୋକଙ୍କୁ କଠୋର ଦଣ୍ଡ ଦେଇଛନ୍ତି। ଇରାନର ନେତାମାନଙ୍କୁ ହତ୍ୟା କରିଛନ୍ତି ଏବଂ ସମ୍ଭବତଃ ଅଧିକ ନେତାଙ୍କୁ ହତ୍ୟା କରି ପାରନ୍ତି। କିନ୍ତୁ ଦୁଇ ଦେଶ ଇରାନରେ ଶାସନ ପରିବର୍ତ୍ତନ କରିବାରେ ବିଫଳ ହୋଇଛନ୍ତି, ଯାହା ଯୁଦ୍ଧର ଲକ୍ଷ୍ୟ ଥିଲା। ଇରାନ ସେମିତି ଇସ୍‌ଲାମିକ ଗଣରାଜ୍ୟ ହୋଇ ରହିଛି। ଇରାନ ପ୍ରତିକ୍ରିୟା ସ୍ୱରୂପ ତେଲ, ଗ୍ୟାସ କିମ୍ବା କୌଣସି ଯୋଗାଣକୁ ସମୁଦ୍ର ଦେଇ ମଧ୍ୟପ୍ରାଚ୍ୟରୁ ବାହାରକୁ କିମ୍ବା ମଧ୍ୟପ୍ରାଚ୍ୟକୁ ପ୍ରବେଶ ନ କରାଇବା ଉପରେ ଧ୍ୟାନ ଦେଇଛି। ଏହାର ଜଳପଥ ଉପରେ ନିୟନ୍ତ୍ରଣ ଅଛି ଓ ବାଣିଜ୍ୟିକ ଜାହାଜଗୁଡ଼ିକୁ ହର୍ମୁଜ ଷ୍ଟ୍ରେଟ ପାର ହେବାରେ ବାଧା ଉପୁଜାଇଛି। ଆମେ ଦେଖୁଛୁ, ଆମେରିକୀୟ ଘାଟିଗୁଡ଼ିକ ଥିବା ଦେଶଗୁଡ଼ିକ ଉପରେ ଆକ୍ରମଣ ଜାରି ରଖିଛି। ଏହି ଦୁଇଟି ବିଷୟ ଇରାନକୁ ବିଜୟୀ ହେବା ପାଇଁ ଆବଶ୍ୟକ।

ଆମେରିକାର ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ ପାରସ୍ୟ ଉପସାଗରରେ ଜାହାଜ ଯିବା ଆସିବା ଉପରେ ନିୟନ୍ତ୍ରଣ ନ ରଖିପାରିଲେ ଅଶୋଧିତ ତେଲ ଏବଂ ଗ୍ୟାସ ମୂଲ୍ୟ ବୃଦ୍ଧି ପାଇବ, ଯାହା ଯୁଦ୍ଧ ପରଠାରୁ ବଢ଼ିଚାଲିଛି। ଆମେରିକୀୟମାନେ ପେଟ୍ରୋଲ ଏବଂ ଡିଜେଲ ପାଇଁ ଅଧିକ ଦେୟ ଦେଉଛନ୍ତି ଏବଂ ଯୁଦ୍ଧ ଜାରି ରହିଲେ ଆହୁରି ଅଧିକ ଦେବେ। ଦୁର୍ଭାଗ୍ୟବଶତଃ, ସମଗ୍ର ବିଶ୍ୱ ମଧ୍ୟ ଏହି ସମସ୍ୟାରେ ପଡ଼ିଛନ୍ତି ଏବଂ କ୍ଷତିଗ୍ରସ୍ତ ହେବେ। କିନ୍ତୁ ବିଶ୍ୱ ସମୁଦାୟ ଏପର୍ଯ୍ୟନ୍ତ ମୂଳ ଅପରାଧୀ ତଥା ପ୍ରକୃତ ଖଳନାୟକ ଆମେରିକା ଏବଂ ଇସ୍ରାଏଲକୁ ଯୁଦ୍ଧ ଶେଷ କରିବାକୁ ଆହ୍ୱାନ ଦେଇନାହିଁ। କାରଣ ବିଶ୍ୱସମୁଦାୟ ସେମାନଙ୍କୁ ଭୟ କରନ୍ତି ଏବଂ ସେଥିପାଇଁ ଇରାନ ବିଜୟୀ ହେଉ ମୁଁ ଚାହୁଁଛି। ତେବେ ଏବେଠୁ ଆଗକୁ ଆମେରିକାକୁ ଯୁଦ୍ଧ ସ୍ଥିତିରେ ନାଟକୀୟ ପରିବର୍ତ୍ତନ କରିବାକୁ ପଡ଼ିବ, ଯାହା ଇରାନ ସପକ୍ଷରେ ଅଛି। ହତ୍ୟା ଏବଂ ବୋମା ମାଡ଼ କାମ କରିନାହିଁ। ଆଶା କରାଯାଏ, ଆମେରିକା ହିଂସା ବନ୍ଦ କରୁ ଏବଂ ଇରାନର ଅତି କମ୍‌ରେ ଦୁଇଟି ଦାବିରେ ରାଜି ହେଉ। ସେହି ଦାବି ହେଉଛି, ଭବିଷ୍ୟତରେ କୌଣସି ହିଂସା ନ କରିବା ଏବଂ ସ୍ଥାୟୀ ପ୍ରତିବନ୍ଧକ ଉଠାଇବାର ଗ୍ୟାରେଣ୍ଟି ଦେଉ। ଇସ୍ରାଏଲଠାରୁ ମୋର କୌଣସି ଆଶା ନାହିଁ, କାରଣ ବର୍ଷ ବର୍ଷ ଧରି ତାହା ବିଚାରହୀନ ଭାବରେ ବିନାଶ ଘଟାଇଛି। ମୁଁ ଚାହୁଁଛି ଇରାନ ଜିତୁ ଏବଂ ଏହା ହେବା ପାଇଁ ଆମେରିକାକୁ ହାରିବାକୁ ପଡ଼ିବ ନାହିଁ, ବରଂ ଏହାକୁ କେବଳ ଠିକ୍ କାମ କରିବାକୁ ପଡ଼ିବ।

Email:aakar.patel@gmail.com

# ସମାନତା: ଏକ ଛଳନା



ଡ. ଛାୟାକାନ୍ତ ଷଡ଼ଙ୍ଗୀ

ଭାରତ ହେଉଛି ଏକ ଜନମଙ୍ଗଳ ରାଷ୍ଟ୍ର। ଏଣୁ ସରକାର ଜନସାଧାରଣଙ୍କ ପାଇଁ ଶିକ୍ଷା, ସ୍ୱାସ୍ଥ୍ୟ, ଗମନାଗମନ ଆଦି ବିଭିନ୍ନ କ୍ଷେତ୍ରରେ ଅନେକ ଜନକଲ୍ୟାଣକାରୀ ଯୋଜନା କାର୍ଯ୍ୟକାରୀ କରନ୍ତି। ସ୍କୁଲ, କଲେଜ ଖୋଲନ୍ତି। ଛାତ୍ରୀଛାତ୍ରଙ୍କୁ ଶିକ୍ଷା ପ୍ରତି ଆକୃଷ୍ଟ କରିବା ପାଇଁ ଜୋତା, ଛତା, ସାଇକେଲ, ୟୁନିଫର୍ମ, ମଧ୍ୟାହ୍ନଭୋଜନ ଆଦି ଯୋଗାଇ ଦିଅନ୍ତି। ପୁନଶ୍ଚ ଉନ୍ନତ ମାନର ବିଜ୍ଞାନାଗାର ଓ ପାଠାଗାର ନିର୍ମାଣ କରନ୍ତି। ଉତ୍ତମ ସ୍ୱାସ୍ଥ୍ୟ ରକ୍ଷା ପାଇଁ ହସ୍‌ପିଟାଲ ଖୋଲନ୍ତି। ଉନ୍ନତ ମାନର ରୋଗ ପରୀକ୍ଷା ଯନ୍ତ୍ରପାତି ଯୋଗାଇଦିଅନ୍ତି। ମାତ୍ର ବିଡ଼ମ୍ବନାର ବିଷୟ ଯେ ମନ୍ତ୍ରୀ ଓ ପ୍ରଶାସନିକ ଅଧିକାରୀଙ୍କ ସନ୍ତାନସନ୍ତତି ସରକାରୀ ସ୍କୁଲ କଲେଜରେ ପଢ଼ନ୍ତି ନାହିଁ। ସ୍ୱାସ୍ଥ୍ୟ ସମସ୍ୟା ହେଲେ ସେମାନେ ସରକାରୀ ହସ୍‌ପିଟାଲରେ ଚିକିତ୍ସିତ ହୁଅନ୍ତି ନାହିଁ। ସେମାନଙ୍କର ପିଲା ପଢ଼ନ୍ତି ଉତ୍ତମ ଭିତ୍ତିଭୂମି ଥିବା ବ୍ୟୟବହୁଳ ଘରୋଇ ସ୍କୁଲ କଲେଜରେ। ସେମାନେ ଚିକିତ୍ସିତ ହୁଅନ୍ତି ଉନ୍ନତ ଘରୋଇ ହସ୍ପିଟାଲରେ। ଆବଶ୍ୟକ ହେଲେ ଇଂଲଣ୍ଡ, ଆମେରିକା, ସୁଇଜରଲାଣ୍ଡର ପ୍ରଖ୍ୟାତ ହସ୍ପିଟାଲକୁ ଯାଇ ସେମାନେ ଚିକିତ୍ସିତ ହୁଅନ୍ତି। ଏହା ସୂଚାଉଛି , ସରକାରୀ ଅନୁଷ୍ଠାନଗୁଡ଼ିକ ଉପରେ ମନ୍ତ୍ରୀ, ପ୍ରଶାସକ ଓ ସରକାରୀ କର୍ମଚାରୀଙ୍କର ଆସ୍ଥା ନାହିଁ। ଏହିଭଳି ସ୍ଥିତିରେ ଜନସାଧାରଣ ରାଜନେତା, ଅଫିସର ଓ ସରକାରୀ କର୍ମଚାରୀଙ୍କୁ ବିଶ୍ୱାସ କରିବେ କିପରି? ଯେଉଁଦିନ ନେତା, ମନ୍ତ୍ରୀ, ସରକାରୀ କର୍ମଚାରୀ ସରକାରୀ ଅନୁଷ୍ଠାନଗୁଡ଼ିକରେ ଶିକ୍ଷା ଓ ଚିକିତ୍ସା ଗ୍ରହଣ କରିବେ, ସେଦିନ ଗଣତନ୍ତ୍ର ପ୍ରତିଷ୍ଠା ହେଲା ବୋଲି କହିହେବ।

ବିଶିଷ୍ଟ ଲେଖକ ମନୋଜ ଦାସ ସିଙ୍ଗାପୁର ସରକାରଙ୍କ ଶିକ୍ଷା ମନ୍ତ୍ରଣାଳୟର ଉପଦେଷ୍ଟା ଥିବା ସମୟର ଏକ ଘଟଣା। ସେତେବେଳେ ସିଙ୍ଗାପୁରର ରାଷ୍ଟ୍ରପତି ଥା'ନ୍ତି ଡ. ଦେବେନ୍ ନାୟାର। ପରେ ସେ ଅସୁସ୍ଥ ହୋଇପଡ଼ିଲେ। ଜରୁରୀ ଅସ୍ତ୍ରୋପଚାର ନିମନ୍ତେ ସେ ଏକ ସରକାରୀ ହସ୍ପିଟାଲରେ ଭର୍ତ୍ତି ହୋଇଥା'ନ୍ତି। ମନୋଜ ଦାସ ତାଙ୍କୁ ଦେଖା କରିବା ପାଇଁ ସେଠାରେ ପହଞ୍ଚିଲେ। ସମସ୍ତେ ଚିନ୍ତାମଗ୍ନ ଥା'ନ୍ତି। ସେତେବେଳେ ପହଞ୍ଚିଲେ ସିଙ୍ଗାପୁର ସ୍ୱାସ୍ଥ୍ୟ ବିଭାଗର ସର୍ବୋଚ୍ଚ ପଦାଧିକାରୀ। ସେ କହିଲେ, ଆମେରିକାର ଏକ ପ୍ରଖ୍ୟାତ ହସ୍ପିଟାଲରେ ତାଙ୍କର ଚିକିତ୍ସା ବ୍ୟବସ୍ଥା କରାଯାଇଛି ଓ ତାଙ୍କୁ ବିମାନ ଯୋଗେ ସେଠାକୁ ଶୀଘ୍ର ଯିବାକୁ ପଡ଼ିବ। ଦେବେନ୍ ନାୟାର କହିଲେ, ''ନା, ଯାହା ଚିକିତ୍ସା କରିବ ଏଠି କର। ଏହି ହସ୍ପିଟାଲ ଛାଡ଼ି ମୁଁ କୁଆଡ଼େ ଯିବି ନାହିଁ।'' ସ୍ୱାସ୍ଥ୍ୟ କର୍ତ୍ତୃପକ୍ଷ ତାଙ୍କ ପ୍ରସ୍ତାବରେ ରାଜିହେବାକୁ ପୁଣି ଅନୁରୋଧ କରନ୍ତେ ଦେବେନ୍ କହିଲେ, ''ଆମ ଦେଶର ଚିକିତ୍ସା ବ୍ୟବସ୍ଥା ଆମେରିକା ତୁଳନାରେ କ'ଣ ନିକୃଷ୍ଟ?'' ସ୍ୱାସ୍ଥ୍ୟ ପଦାଧିକାରୀ କହିଲେ, ''ନା।'' ଦେବେନ୍ କହିଲେ, ''ଯଦି ଆମ ଡାକ୍ତରମାନେ ମଧ୍ୟ ନିଷ୍ଠାର ସହ କାର୍ଯ୍ୟ କରୁଛନ୍ତି, ମୋ ଭଳି ଗୋଟିଏ ଲୋକ ପାଇଁ ରାଷ୍ଟ୍ରର ଏତେ ଅର୍ଥ ବ୍ୟୟ କରାଯିବ କାହିଁକି?'' ସ୍ୱାସ୍ଥ୍ୟ ବିଭାଗ ଅଫିସର କୌଣସି ଉତ୍ତର ଦେଇପାରିଲେ ନାହିଁ। ଦେବେନ୍ ନାୟାର କହିଲେ, ''ଲୋକେ କ'ଣ ଧାରଣା କରିବେ? ଆମ ରାଷ୍ଟ୍ରପତି ଯେଉଁ ଚିକିତ୍ସା ବ୍ୟବସ୍ଥା ଉପରେ ଆସ୍ଥା ରଖିପାରୁନାହାନ୍ତି, ଆମେ ସାଧାରଣ ଜନତା କେମିତି ଆସ୍ଥା ରଖିବୁ?'' ସ୍ୱାସ୍ଥ୍ୟ ଅଫିସର କହିଲେ, ''ମୋତେ କ୍ଷମା କରନ୍ତୁ। ଆପଣ ଏହି ସରକାରୀ ହସ୍ପିଟାଲରେ ହିଁ ଆରୋଗ୍ୟ ଲାଭ କରିବେ।'' ଶେଷରେ ସେ ସେଠାରେ ସୁସ୍ଥ ହେଲେ। ଭାରତର ନିର୍ବାଚିତ ପ୍ରତିନିଧି ଉଚ୍ଚ ଦରମାପ୍ରାପ୍ତ ସରକାରୀ କର୍ମଚାରୀ ପ୍ରମୁଖ ସମସ୍ତେ ଏହି ଘଟଣାରୁ ଶିକ୍ଷାଲାଭ କରିବାର ସମୟ ଆସିଛି। ଆମ ମନ୍ତ୍ରୀମାନେ କହୁଛନ୍ତି, ଆମେ ବିଶ୍ୱସ୍ତରୀୟ ହସ୍ପିଟାଲ, ବିଶ୍ୱସ୍ତରୀୟ ବିଶ୍ୱବିଦ୍ୟାଳୟ ନିର୍ମାଣ କରୁଛୁ। ଏହା ଯଦି ସତ୍ୟ, ତା'ହେଲେ ସେମାନେ ଉଚ୍ଚଶିକ୍ଷା ଓ ଚିକିତ୍ସା ପାଇଁ କାହିଁକି ରାଜ୍ୟ ଓ ଦେଶ ବାହାରକୁ ଯାଉଛନ୍ତି? ସ୍ୱାସ୍ଥ୍ୟସେବା ହେଉ ବା ଶିକ୍ଷା ହେଉ, ଶାସକ ଓ ଶାସିତଙ୍କ ପାଇଁ ସମାନ ବ୍ୟବସ୍ଥା କାହିଁ? ଗଣତନ୍ତ୍ରର ମୂଳ ନୀତି ସମାନତା ବାସ୍ତବକ୍ଷେତ୍ରରେ କାର୍ଯ୍ୟକାରୀ ନ ହୋଇ ସମ୍ବିଧାନ ପୃଷ୍ଠାରେ କେବଳ ଲିଖିତ ରହିଛି।

ଭାରତୀୟ ସମ୍ବିଧାନ ଭାରତକୁ ଏକ ସମାଜବାଦୀ ରାଷ୍ଟ୍ର ଭାବରେ ଉପସ୍ଥାପନ କରେ। ଗଣତନ୍ତ୍ରରେ ସମସ୍ତେ ସମାନ ସୁବିଧା ଓ ସୁଯୋଗ ପାଇବା କଥା। ନେତାମାନେ ନିର୍ବାଚନ ସମୟରେ ଆମେ ସମସ୍ତେ ସମାନ କହି ଭୋଟ ଭିକ୍ଷା କରନ୍ତି, ନିର୍ବାଚିତ ହୁଅନ୍ତି, ମାତ୍ର ପରବର୍ତ୍ତୀ ସମୟରେ ସେମାନେ ଉଚ୍ଚତର ସୁବିଧା ଓ ସୁଯୋଗ ଉପଭୋଗ କରନ୍ତି। ତା'ପରେ ବିଶିଷ୍ଟ ଔପନ୍ୟାସିକ ଜର୍ଜ ଅରୱେଲ୍‌ଙ୍କ ପ୍ରଖ୍ୟାତ ଉପନ୍ୟାସ 'ଆନିମଲ ଫାର୍ମ' ଦୃଶ୍ୟପଟର ପୁନରାବୃତ୍ତି ହୁଏ। ମଣିଷ ଭୋଗମୟ ଜୀବନଯାପନ କରି ଏକଛତ୍ରବାଦ ଚଳେଇଥିବାରୁ ଅରଣ୍ୟର ସମସ୍ତ



ପଶୁପକ୍ଷୀ ତା' ବିରୋଧରେ ଆନ୍ଦୋଳନ କଲେ ଓ ମଣିଷକୁ ରାଜ୍ୟରୁ ତଡ଼ିଦେଲେ। ତା' ପରେ ଶାସନ ଡୋରି ଗ୍ରହଣ କଲେ ନେପୋଲିଅନ ଓ ସ୍ନୋବଲ ନାମକ ଦୁଇ ଗ୍ରାମ୍ୟ ଶୂକର। ତିଆରି ହେଲା ସାମ୍ବିଧାନିକ ନିୟମ। ତା' ଭିତରୁ କେତୋଟି ନିୟମ ହେଲା– କେହି ପଶୁ ବିଛଣାରେ ଶୋଇବେ ନାହିଁ, ମଦ୍ୟପାନ କରିବେ ନାହିଁ, ଅନ୍ୟ ପଶୁକୁ ମାରିବେ ନାହିଁ, ସମସ୍ତେ ସମାନ। ଶାସନ ଚାଲିଲା। ଘଟଣାକ୍ରମେ କ୍ଷମତା କନ୍ଦଳ ସୃଷ୍ଟି ହେଲା। ସ୍ନୋବଲ୍‌କୁ ତଡ଼ି ଦେଇ ନେପୋଲିଅନ ସମସ୍ତ କ୍ଷମତା ଅକ୍ତିଆର କଲେ। ବିଳାସବ୍ୟସନରେ ରହିଲେ। କ୍ରମେ ସବୁ ନିୟମ ପରିବର୍ତ୍ତନ କରାଗଲା। ପରିବର୍ତ୍ତିତ ନିୟମଗୁଡ଼ିକ ହେଲା– କେହି ଚାଦର ପକାଇ ବିଛଣାରେ ଶୋଇବେ ନାହିଁ, ଅତ୍ୟଧିକ ମଦ୍ୟପାନ କରିବେ ନାହିଁ, ବିନା କାରଣରେ ଅନ୍ୟ ପଶୁକୁ ମାରିବେ ନାହିଁ। ଏହିସବୁ ପରିବର୍ତ୍ତିତ ନିୟମ ଅନୁସାରେ ସେ ବିନା ଚାଦରରେ କୋମଳ ଶଯ୍ୟାରେ ଶୋଇଲା, ଅଳ୍ପ ମଦ ପିଇପାରିଲା ଓ କୌଣସି ନା କୌଣସି କାରଣ ଦର୍ଶାଇ ଅନ୍ୟ ପଶୁଙ୍କୁ ମାରିଲା। ଶେଷରେ 'ସମସ୍ତେ ସମାନ' ନିୟମକୁ ପରିବର୍ତ୍ତନ କରାଗଲା। ତାହା ହେଲା – ସମସ୍ତେ ସମାନ, ମାତ୍ର କିଛି ପ୍ରାଣୀ ଅନ୍ୟମାନଙ୍କଠାରୁ ବେଶୀ ସମାନ। ଆଜି ଏହିଭଳି ନ୍ୟାୟରେ ମନ୍ତ୍ରୀ, ପ୍ରଶାସନିକ ଅଧିକାରୀ, କ୍ଷମତାସୀନ ସରକାରୀ କର୍ମଚାରୀ କ୍ଷମତାକୁ ଆସିବା ପୂର୍ବରୁ ସମସ୍ତେ ସମାନ ଥିଲେ। ମାତ୍ର କ୍ଷମତାକୁ ଆସିବା ପରେ ସେମାନେ ବେଶୀ ସମାନ ହୋଇଗଲେ। ଏଣୁ ସାଧାରଣ ଜନତା ସରକାରୀ ସ୍କୁଲ କଲେଜରେ ପାଠ ପଢ଼ିଲେ, ସରକାରୀ ହସ୍ପିଟାଲରେ ଚିକିତ୍ସିତ ହେଲେ। ମାତ୍ର ଏହି ଉଚ୍ଚ ପଦାଧିକାରୀମାନେ ବହୁ ଅର୍ଥ ଖର୍ଚ୍ଚ କରି ଆହୁରି ବେଶୀ ସୁବିଧାପ୍ରାପ୍ତ ଘରୋଇ ଅନୁଷ୍ଠାନଗୁଡ଼ିକରେ ନିଜର ଶିକ୍ଷା ଓ ଚିକିତ୍ସା ବନ୍ଦୋବସ୍ତ କଲେ। ଗଣତନ୍ତ୍ରର ମୂଳସୂତ୍ର ସମସ୍ତେ ସମାନ ଜପି ଜପି ଶେଷରେ କିଛିଲୋକ ବେଶୀ ସମାନ ହୋଇଗଲେ।

ଭାରତରେ ନିର୍ବାଚିତ ନେତାମାନେ ଜାଣନ୍ତି ଯେ ସେମାନଙ୍କ ଆଦର୍ଶ ନୀତି ବା ଚରିତ୍ରବତ୍ତା ଲାଗି ଲୋକେ ତାଙ୍କୁ ଭୋଟ ଦେଇନାହାନ୍ତି। ଏ ଦେଶରେ ସୁଯୋଗ୍ୟ ବ୍ୟକ୍ତି ପରାଜିତ ଓ ମୂଢ଼ ବ୍ୟକ୍ତି ବିଜୟୀ ହେବାର ଅନେକ ଉଦାହରଣ ଅଛି। ତେଣୁ ଥରେ ଜିତିଗଲେ ପୁଣି କ୍ଷମତାକୁ ଆସିହେବ ବୋଲି କିଛି ନିଶ୍ଚିତତା ନାହିଁ। ଏଣୁ ଥରକରେ ଯେତେ ସୁବିଧା ସୁଯୋଗ ଅଛି, ସେସବୁକୁ ଉପଯୋଗ କରିବା ପାଇଁ ଚେଷ୍ଟା କରନ୍ତି ନିର୍ବାଚିତ ନେତାମାନେ। ରାଜନୀତି ତାଙ୍କ ପାଇଁ ଦେଶସେବାର ମାଧ୍ୟମ ନ ହୋଇ ଆମୋଦ ଓ ଅହଂତୃପ୍ତିର ସୁଯୋଗ ହୁଏ। ଭାରତରେ ଇଷ୍ଟ ଇଣ୍ଡିଆ କମ୍ପାନୀ ଶାସନ ସମୟର କଥା। ହେଷ୍ଟିଂସ୍ କମ୍ପାନୀ କର୍ତ୍ତୃପକ୍ଷଙ୍କୁ ଲେଖିଥିଲେ, ଥାଟ ନ ଥିଲେ ଭାରତୀୟମାନେ ଆମକୁ ଶାସକ ଜାତିର ମାନ୍ୟତା ଦେବେ ନାହିଁ। ଏଣୁ ଗୋଟିଏ ପ୍ରକାଣ୍ଡ ପ୍ରାସାଦରେ ଗଭର୍ନର ଜେନେରାଲ ରହିବା ଆବଶ୍ୟକ। ଅସାଧାରଣ କୋଠା ଦେଖିଲେ ହିଁ ସେମାନେ ମହାନ୍ ଶାସକ ରହୁଛନ୍ତି ବୋଲି ମନେକରିବେ। ହେଷ୍ଟିଂସ୍ ଭାରତୀୟଙ୍କ ସମ୍ପର୍କରେ ଯେଉଁ ଆକଳନ କରିଥିଲେ, ବୋଧହୁଏ ଏବେ ବି ତାହା ସତ୍ୟ। ତେଣୁ ଆମ ମନ୍ତ୍ରୀ, ଜନପ୍ରତିନିଧି, ପ୍ରଶାସନିକ ଅଧିକାରୀ ପ୍ରମୁଖ ସମସ୍ତେ ଅସାଧାରଣ ଜୀବନଯାପନ କରିବାକୁ ପସନ୍ଦ କରନ୍ତି।

– ଟିଟିଲାଗଡ଼, ମୋ: ୭୦୦୮୩୬୯୯୨୦

# ଜଳ ନୋବେଲ ବିଜେତା

ବର୍ତ୍ତମାନର ଭୂରାଜନୈତିକ ଓ ଅର୍ଥନୈତିକ ସ୍ଥିତି ଇରାନ୍ ଉପରେ ଆମେରିକା ଓ ଇସ୍ରାଏଲ ଆକ୍ରମଣଜନିତ ଯୁଦ୍ଧ ଯୋଗୁ ଘୋର ପ୍ରଭାବିତ। ଯୁଦ୍ଧ ଲୋକଙ୍କୁ ଶାରୀରିକ କ୍ଷତି ସହ ଆର୍ଥିକ ଦୁର୍ଗତି ଆଣିଦେଇଛି। ଏହାକୁ ନେଇ ସମଗ୍ର ପୃଥିବୀ ସନ୍ତ୍ରସ୍ତ। ଏଭଳି ସ୍ଥଳେ ୨୨ ମାର୍ଚ୍ଚରେ ପାଳନ କରାଯାଉଛି ବିଶ୍ୱ ଜଳ ଦିବସ। ସ୍ୱଚ୍ଛ ଜଳଟିକେ ପାଇବା ପାଇଁ ଆଜି ପ୍ରାଣିଜଗତ ଯେଭଳି ସଙ୍କଟର ସମ୍ମୁଖୀନ ହେଲାଣି, ତାହା ସକାଶେ ଖୁବ୍‌ଶୀଘ୍ର ବିଶ୍ୱମାନବ ତୃତୀୟ ବିଶ୍ୱଯୁଦ୍ଧ ଦେଖିବ ବୋଲି କରାଯାଉଥିବା ଆକଳନର ଆଭାସ ମିଳିଲାଣି। କାରଣ ଲୁଣି ଜଳକୁ ଛାଡ଼ିଦେଲେ ବିଶ୍ୱରେ ଯେତିକି ମଧୁର ଜଳ ଉପଲବ୍ଧ ହେଉଛି ତାହା ବ୍ୟାପକ ଭାବେ ପ୍ରଦୂଷିତ ହେବାରେ ଲାଗିଥିବାରୁ ମଣିଷ ତିଷ୍ଠିବା ଉପରେ ଘୋର ପ୍ରଶ୍ନବାଚୀ ସୃଷ୍ଟି ହେଲଣି। ଏଭଳି ପରିପ୍ରେକ୍ଷୀରେ ନିରାପଦ ଜଳ ପାଇଁ ଯେଉଁ ସରକାରୀ, ବେସରକାରୀ ସଙ୍ଗଠନ ଓ ବ୍ୟକ୍ତିବିଶେଷ କାର୍ଯ୍ୟ କରୁଛନ୍ତି ସେମାନଙ୍କୁ ସବୁ ସ୍ତରରେ ସମର୍ଥନ ମିଳିବା ସମୟର ଆବଶ୍ୟକତା ହୋଇପଡ଼ିଲାଣି। ଯୁଦ୍ଧ ପାଇଁ ଇରାନ୍‌କୁ ନେଇ ଚର୍ଚ୍ଚା ହେଉଥିବା ବେଳେ ଏହି ଭୂମିର ସନ୍ତାନ କଭେ ମଦାନୀ ଜଳ ସଂରକ୍ଷଣ ଦିଗରେ ନେଇଥିବା ପଦକ୍ଷେପ ଯୋଗୁ ଏବେ ବିଶ୍ୱର ଦୃଷ୍ଟି ଆକର୍ଷଣ କରିଛନ୍ତି। ୨୦୨୬ ସକାଶେ ସେ ଷ୍ଟକ୍‌ହୋମ ଜଳ ପୁରସ୍କାର ବିଜେତା ହୋଇଥିବାରୁ ତାଙ୍କ ବ୍ୟକ୍ତିତ୍ୱ ବିଷୟରେ ସମସ୍ତେ ଜାଣିବାର ଏକ ସୁନ୍ଦର ଅବକାଶ ସୃଷ୍ଟି ହୋଇଛି।

'ଜଳର ନୋବେଲ ପୁରସ୍କାର' ନାମରେ ପରିଚିତ ଷ୍ଟକ୍‌ହୋମ ଜଳ ପୁରସ୍କାର ବିଶ୍ୱର ସବୁଠାରୁ ପ୍ରତିଷ୍ଠିତ ଜଳ ସମ୍ବନ୍ଧୀୟ ସମ୍ମାନ। ୧୯୯୧ ମସିହାରେ ଏହା ପ୍ରତିଷ୍ଠା ହୋଇଥିଲା। ବିଶ୍ୱର ଜଳ ସମ୍ପଦର ସଦ୍‌ବ୍ୟବହାର ଓ ସୁରକ୍ଷା ପାଇଁ ଅବଦାନ ରଖୁଥିବା ବ୍ୟକ୍ତି ଓ ସଙ୍ଗଠନଗୁଡ଼ିକୁ ସେବେଠାରୁ ଏହି ସମ୍ମାନ ପ୍ରଦାନ କରାଯାଇଆସୁଛି। ଷ୍ଟକ୍‌ହୋମ ଜଳ ଫାଉଣ୍ଡେଶନ ଏହି ପୁରସ୍କାରକୁ ରୟାଲ ସ୍ୱିଡିଶ ଏକାଡେମୀ ଅଫ୍ ସାଇନ୍ସେସ ସହଯୋଗରେ ପ୍ରଦାନ କରେ। ପ୍ରତିବର୍ଷ ମାର୍ଚ୍ଚ ମାସରେ ବିଶ୍ୱ ଜଳ ଦିବସ ପୂର୍ବରୁ ବିଜେତାଙ୍କ ନାମ ଘୋଷଣା କରାଯାଏ ଏବଂ ଅଗଷ୍ଟରେ ବିଶ୍ୱ ଜଳ ସପ୍ତାହ ସମୟରେ ଷ୍ଟକ୍‌ହୋମରେ ଏକ ବର୍ଣ୍ଣାଢ଼ ଉତ୍ସବରେ ସମ୍ମାନ ପ୍ରଦାନ କରାଯିବାର ବିଧି ରହିଛି।

ବ୍ୟକ୍ତିତ୍ୱ



କଭେ ମଦାନୀ

କଭେ ଇରାନ୍‌ର ତେହରାନ୍‌ରେ ୧୯୮୧ରେ ଜନ୍ମଗ୍ରହଣ କରିଥିଲେ। ମାତାପିତା ଜଳ କ୍ଷେତ୍ରରେ କାର୍ଯ୍ୟ କରୁଥିଲେ। ସେ ତେହରାନ୍‌ରେ ବିଦ୍ୟାଳୟ ଶିକ୍ଷା ଗ୍ରହଣ କରିଥିଲେ ଏବଂ ୨୦୦୩ରେ ଉତ୍ତର-ପଶ୍ଚିମ ଇରାନ୍‌ର ତାବ୍ରିଜ୍ ବିଶ୍ୱବିଦ୍ୟାଳୟରୁ ସିଭିଲ ଇଞ୍ଜିନିୟରିଂରେ ବିଏସ୍‌ସି ଡିଗ୍ରୀ ହାସଲ କରିଥିଲେ। ପରେ ସ୍ୱିଡେନ୍‌ର ଲୁଣ୍ଡ ବିଶ୍ୱବିଦ୍ୟାଳୟରୁ ଜଳ ସମ୍ପଦରେ ଏମ୍‌ଏସ୍‌ସି ଏବଂ ଆମେରିକାର କାଲିଫର୍ନିଆ ବିଶ୍ୱବିଦ୍ୟାଳୟରୁ ସିଭିଲ୍ ଆଣ୍ଡ ଏନ୍‌ଭାଇରନ୍‌ମେଣ୍ଟାଲ ଇଞ୍ଜିନିୟରିଂରେ ପିଏଚ୍‌ଡି କରିଥିଲେ। ସେ କାଲିଫର୍ନିଆ ବିଶ୍ୱବିଦ୍ୟାଳୟର ୱାଟର ସାଇନ୍ସ ଆଣ୍ଡ ପଲିସି ସେଣ୍ଟରରୁ ପରିବେଶ ନୀତି ଓ ଅର୍ଥନୀତିରେ ପୋଷ୍ଟ-ଡକ୍ଟରାଲ ମଧ୍ୟ କରିଥିଲେ। ୨୦୧୦ ଆଡ଼କୁ ମଦାନୀ ସେଣ୍ଟ୍ରାଲ ଫ୍ଲୋରିଡା ବିଶ୍ୱବିଦ୍ୟାଳୟରେ ସିଭିଲ, ଏନଭାଇରନମେଣ୍ଟାଲ ଆଣ୍ଡ କନ୍‌ଷ୍ଟ୍ରକ୍ସନ ଇଞ୍ଜିନିୟରିଂ ଆସିଷ୍ଟାଣ୍ଟ ପ୍ରଫେସର ଓ ଆଲେକ୍ସ ଆଲେକ୍‌ଜାଣ୍ଡର ଫେଲୋ ଥିଲେ, ଯେଉଁଠାରେ ସେ ହାଇଡ୍ରୋ-ଏନ୍‌ଭାଇରନ୍‌ମେଣ୍ଟାଲ ଏଣ୍ଡ ଏନର୍ଜି ସିଷ୍ଟମ୍ସ ଆନାଲିସିସ (ଏଚ୍‌ଇଏସ୍‌ଏ) ଗବେଷଣା ଗ୍ରୁପ୍ ପ୍ରତିଷ୍ଠାତା ନିର୍ଦ୍ଦେଶକ ଥିଲେ। ୨୦୧୩ରେ ସେ ଇମ୍ପେରିଆଲ କଲେଜ ଲଣ୍ଡନର ସେଣ୍ଟର ଫର୍ ଏନଭାଇରନ୍‌ମେଣ୍ଟାଲ ପଲିସିରେ ଯୋଗ ଦେଇଥିଲେ। ସେଠାରେ ସେ ୨୦୧୩ରୁ ୨୦୧୫ ଯାଏ ଆସିଷ୍ଟାଣ୍ଟ ପ୍ରଫେସର, ୨୦୧୫ରୁ ୨୦୧୬ରେ ଆସୋସିଏଟ ପ୍ରଫେସର ଏବଂ ୨୦୧୬ରୁ ୨୦୧୭ରେ ସିଷ୍ଟମ୍ସ ଆନାଲିସିସ ଓ ପଲିସିରେ ରିଡର ଭାବରେ କାର୍ଯ୍ୟ କରିଥିଲେ।

ଜଣେ ଶିକ୍ଷାବିତ୍ ଓ ପରିବେଶବିତ୍ ଭାବେ ତାଙ୍କ କାର୍ଯ୍ୟ ଅନ୍ତର୍ଜାତୀୟ ସ୍ୱୀକୃତି ପାଇବାକୁ ଲାଗିଥିଲା। ମଦାନୀ ୨୦୧୭ରେ ଇରାନ୍‌ର ପୂର୍ବତନ ଉପରାଷ୍ଟ୍ରପତି ଇସା କଲାନ୍ତାରୀଙ୍କ ଦ୍ୱାରା ଇରାନ୍ ପରିବେଶ ବିଭାଗର ଅନ୍ତର୍ଜାତୀୟ ବ୍ୟାପାର, ଉଦ୍ଭାବନ ଓ ସାମାଜିକ-ସାଂସ୍କୃତିକ ସଂଯୋଗର ଡେପୁଟି ଭାବରେ ନିଯୁକ୍ତ ହୋଇଥିଲେ। ଇରାନ ପହଞ୍ଚିବା ମାତ୍ରେ ସେ ଇସ୍‌ଲାମିକ ରେଭୋଲ୍ୟୁସନାରୀ ଗାର୍ଡ କର୍ (ଆଇଆର୍‌ଜିସି) ଅଧିକାରୀଙ୍କ ଦ୍ୱାରା କିଛି ଘଣ୍ଟା ନଜରବନ୍ଦୀ ଓ ପଚରାଉଚରା ସମ୍ମୁଖୀନ ହୋଇଥିଲେ। ଏପରିକି ତାଙ୍କ ଫୋନ ଓ କମ୍ପ୍ୟୁଟର ମଧ୍ୟ ଜବତ କରାଯାଇଥିଲା। ସମୟକ୍ରମେ ୨୦୧୭ରୁ ୨୦୧୮ ପର୍ଯ୍ୟନ୍ତ ସେ ଇରାନ୍ ଡେପୁଟି ଭାଇସ୍-ପ୍ରେସିଡେଣ୍ଟ ହୋଇଥିଲେ। ବିଚାରଧାରା ଓ ପରିବେଶ ସମ୍ବନ୍ଧୀୟ ଉତ୍ତମ କାର୍ଯ୍ୟ ପାଇଁ ସେ ଇରାନ୍‌ର ଅନ୍ତର୍ଜାତୀୟ ଜଳବାୟୁ ପରିବର୍ତ୍ତନ ଆଲୋଚନା ଜାତୀୟ କମିଟିର ଅଧ୍ୟକ୍ଷ ସହ ଇରାନ-ଆଫଗାନିସ୍ତାନ ଜଳ ଉପରେ ଆଲୋଚନା କାର୍ଯ୍ୟଦଳର ସଦସ୍ୟ ଥିଲେ। ସେ ଇରାନ୍‌ର ପ୍ରମୁଖ ପରିବେଶ କୂଟନୈତିକ ଭାବେ ନିଜର ମଧ୍ୟ ଏକ ସ୍ୱତନ୍ତ୍ର ପରିଚୟ ସୃଷ୍ଟି କରିଥିଲେ। ହେଲେ ୨୦୧୮ ଫେବୃଆରୀରେ ଆଇଆର୍‌ଜିସି ଦ୍ୱାରା ଗିରଫ ହୋଇଥିଲେ। ଏପ୍ରିଲରେ ସେ ରାଜନୈତିକ ପଦ ସହ ଦେଶ ମଧ୍ୟ ଛାଡ଼ି ଦେଇଥିଲେ।

ଜଳ, ପରିବେଶ ଓ ସ୍ୱାସ୍ଥ୍ୟ ସଂକ୍ରାନ୍ତୀୟ ଜାତିସଂଘ ବିଶ୍ୱବିଦ୍ୟାଳୟ ପ୍ରତିଷ୍ଠାନ(ୟୁଏନ୍‌ୟୁ-ଆଇଏନ୍‌ଡବ୍ଲୁଇଏଚ୍)ର ନିର୍ଦ୍ଦେଶକ କଭେଙ୍କୁ ୨୦୨୬ ମସିହାର ଷ୍ଟକ୍‌ହୋମ ଜଳ ପୁରସ୍କାରର ବିଜେତା ଘୋଷଣା କରାଯିବା ପରେ ସେ କହିଛନ୍ତି, 'ମୁଁ ଏହି ପୁରସ୍କାରକୁ ଇରାନ୍‌ବାସୀଙ୍କ ସହ ଅନ୍ୟ ଯେଉଁମାନେ ମୋ ସହ ରହିଥିଲେ ସେମାନଙ୍କୁ ଉତ୍ସର୍ଗ କରୁଛି'। ଜଳ ଦେବାଳିଆ (ୱାଟର ବାଙ୍କରପ୍‌ଟସି) ସ୍ଥିତିର ଧାରଣାକୁ ଜନମାନସରେ ଆଲୋଚନା କରିବା ପାଇଁ ଯାଇ ସେ କହନ୍ତି, ଜଳ ଅଭାବ ଅସ୍ଥାୟୀ ସଙ୍କଟ ନୁହେଁ, ବରଂ ଦୀର୍ଘକାଳୀନ ପ୍ରଣାଳୀଗତ ବିଫଳତାର ପ୍ରତିଫଳନ। ଅନେକ ନଦୀ ଅବବାହିକା ଓ ଜଳଭଣ୍ଡାର ଐତିହାସିକ ସ୍ତରକୁ ପୁନରୁଦ୍ଧାର କରିବାରେ ଅସମର୍ଥ। ତେଣୁ ଜଳ ସଂରକ୍ଷଣ ଓ ଏହାର ସୁବିନିଯୋଗ ଲାଗି ସମସ୍ତେ ଆଗେଇ ଆସିବାକୁ ସେ ଆହ୍ୱାନ ଦେଇଛନ୍ତି।

– ଜିତେନ୍ଦ୍ର କୁମାର ନାୟକ

# ଏଇ ଭାରତରେ

ନାଗପୁର ନିବାସୀ ଅଶୋକ ତେଭାନିଙ୍କୁ ବୟସ ଏବେ ୭୪। ପରିଣତ ବୟସରେ କର୍ମତତ୍ପରତା ତାଙ୍କୁ ଭିନ୍ନ ପରିଚୟ ଦେଇଛି। ସେ ଅଦରକାରୀ ୱେଡିଂ କାର୍ଡରୁ ଘରଚଟିଆଙ୍କ ପାଇଁ ବସା ତିଆରି କରୁଛନ୍ତି। ୩୮ ବର୍ଷର ବ୍ୟାଙ୍କିଂ କ୍ୟାରିୟରରୁ ଅବସର ନେବା ପରେ ସେ ଏହି କାମ କରିଆସୁଛନ୍ତି। ଏବେ ସୁଦ୍ଧା ସେ ୨,୭୨୫ ବସା ତିଆରି କରିସାରିଲେଣି। ଏହା ବ୍ୟତୀତ ନାଗପୁରର ବିଭିନ୍ନ ସ୍କୁଲରେ କର୍ମଶାଳାର ଆୟୋଜନ କରି ପିଲାଙ୍କୁ ଘରଚଟିଆ ବସା ତିଆରିର କୌଶଳ ସମ୍ପର୍କରେ ଶିକ୍ଷା ଦେଉଛନ୍ତି। ଏଥିରେ ଗ୍ରାମାୟଣ ଏନଜିଓ ତାଙ୍କୁ ସହଯୋଗ କରୁଛି। ୨୦୧୪ରେ ସେ ଏକ ମାଗାଜିନରୁ ଘରଚଟିଆଙ୍କ ବଂଶ ଲୋପ ପାଇଯାଉଥିବା ବିଷୟରେ ପଢ଼ି ସେମାନଙ୍କ ବଂଶ ବୃଦ୍ଧିର ଅଭିନବ ଉପାୟ ଆପଣାଇବା ଲାଗି ନିଷ୍ପତ୍ତି ନେଇଥିଲେ। ଏବଂ ଅଦରକାରୀ ୱେଡିଂ କାର୍ଡରେ ବସା ତିଆରି କରିବା ଆରମ୍ଭ କରିଥିଲେ। ସେବେଠାରୁ ସେ ମାସକୁ ୨୫ରୁ ୨୬ଟି ବସା ତିଆରି କରି ଆସୁଛନ୍ତି। ଲୋକଙ୍କୁ ଘରଚଟିଆ ବସା ସେ ମାଗଣାରେ ଦେଉଛନ୍ତି। ଚଳିତବର୍ଷ ମାର୍ଚ୍ଚ ଶେଷସୁଦ୍ଧା ସେ ନାଗପୁରର ୨୦ଟି ସ୍କୁଲରେ ଘରଚଟିଆ ସଂରକ୍ଷଣ ସମ୍ପର୍କରେ ସଚେତନତା କାର୍ଯ୍ୟକ୍ରମ ପାଇଁ ନିଷ୍ପତ୍ତି ନେଇଛନ୍ତି।

## ୫୦ ବର୍ଷ ତଳର ଧରିତ୍ରୀ

୨୨ ମାର୍ଚ୍ଚ ୧୯୭୭

- ଲୋକସଭା ନିର୍ବାଚନରେ ଶ୍ରୀମତୀ ଗାନ୍ଧୀ ଓ ତାଙ୍କ ଦଳର ଘୋର ବିପର୍ଯ୍ୟୟ ଘଟିବାର ସ୍ପଷ୍ଟ ସୂଚନା ପ୍ରକାଶ ପାଇବା ଫଳରେ ୩୦ ବର୍ଷବ୍ୟାପୀ ଏକଚାଟିଆ କ୍ଷମତାଧିକାରର ଅବସାନ ଆସନ୍ନ।
- ଦେଶରେ ପ୍ରବର୍ତ୍ତନ ହୋଇଥିବା ଜାତୀୟ ଜରୁରୀ ପରିସ୍ଥିତିକୁ ଅସ୍ଥାୟୀ ରାଷ୍ଟ୍ରପତି ରୂପେ କାର୍ଯ୍ୟ କରୁଥିବା ଉପରାଷ୍ଟ୍ରପତି ଶ୍ରୀ ବି.ଜି. ଜଟ୍ଟି ନିଜସ୍ୱ କ୍ଷମତା ବଳରେ ଉଠାଇ ଦେଇଛନ୍ତି।

## ସୁ-ଡୋ-କୁ

su|do|ku
Puzzles by Srikant Ghosh

| | | | | | | | | |
|---|---|---|---|---|---|---|---|---|
| | 7 | | | | | | | 9 |
| | | 2 | | 1 | 6 | 3 | | |
| 4 | | 9 | 5 | | | | | 2 |
| | | | 6 | | 7 | 5 | | |
| 3 | | 8 | | | | 6 | 9 | |
| | | | | | 3 | | | |
| | 9 | | | | | | | |
| | 6 | | | 3 | | | 8 | |
| | | 4 | 2 | 6 | | | | |

ଏହାର ଉତ୍ତର ଆସନ୍ତାକାଲି ପ୍ରକାଶ ପାଇବ

ଉପରେ ପ୍ରଦତ୍ତ ସୁଡୋକୁର ଏପରି ସମାଧାନ କରିବାକୁ ହେବ, ଯେପରି ପ୍ରତ୍ୟେକ ଧାଡି, ସ୍ତମ୍ଭ ଓ ଆୟତାକାର ବାକ୍ସ ଭିତରେ ୧ରୁ ୯ ପର୍ଯ୍ୟନ୍ତ ଅଙ୍କ ରହିବ।

| | | | | | | | | |
|---|---|---|---|---|---|---|---|---|
| 9 | 1 | 3 | 8 | 2 | 5 | 6 | 4 | 7 |
| 6 | 2 | 7 | 1 | 4 | 3 | 9 | 8 | 5 |
| 4 | 8 | 5 | 9 | 6 | 7 | 3 | 1 | 2 |
| 7 | 4 | 6 | 5 | 9 | 1 | 8 | 2 | 3 |
| 5 | 3 | 2 | 4 | 8 | 6 | 7 | 9 | 1 |
| 1 | 9 | 8 | 7 | 3 | 2 | 5 | 6 | 4 |
| 2 | 5 | 9 | 6 | 7 | 4 | 1 | 3 | 8 |
| 8 | 7 | 4 | 3 | 1 | 9 | 2 | 5 | 6 |
| 3 | 6 | 1 | 2 | 5 | 8 | 4 | 7 | 9 |

ଗତକାଲିର ଉତ୍ତର

# ପାଠକ ଶ୍ରେଷ୍ଠ ବିଚାରକ

## ଇଚ୍ଛାମୃତ୍ୟୁକୁ ଅନୁମତି

ମହାଶୟ,

ଜୀବନ ଅମୂଲ୍ୟ, କିନ୍ତୁ କେବେ କେବେ ଦୀର୍ଘ ଯନ୍ତ୍ରଣା ଓ ନିରାଶା ମଧ୍ୟରେ ଏହା ଏକ ଭାର ହୋଇଯାଏ। ସେତେବେଳେ ମନରେ ପ୍ରଶ୍ନ ଉଠେ ମର୍ଯ୍ୟାଦା ସହିତ ବଞ୍ଚିବା ଯଦି ଅସମ୍ଭବ, ତେବେ ମର୍ଯ୍ୟାଦା ସହିତ ବିଦାୟ ନେବାର ଅଧିକାର ମଣିଷଙ୍କୁ କାହିଁକି ମିଳିବ ନାହିଁ? ସମ୍ପ୍ରତି ସର୍ବୋଚ୍ଚ ନ୍ୟାୟାଳୟ ହରିଶ ରାଣାଙ୍କୁ ଇଚ୍ଛାମୃତ୍ୟୁ ଅନୁମତି ଦେଇ ଏହି ସମ୍ବେଦନଶୀଳ ପ୍ରଶ୍ନକୁ ଜାତୀୟ ଆଲୋଚନାର କେନ୍ଦ୍ରକୁ ଆଣିଛନ୍ତି। ଦୀର୍ଘ ସମୟ ଧରି ଅଚେତନ ଅବସ୍ଥାରେ ଥିବା ହରିଶଙ୍କ ଜୀବନ ଚିକିତ୍ସା ଯନ୍ତ୍ର ଉପରେ ନିର୍ଭର କରୁଥିଲା। ଡାକ୍ତରମାନେ ସୁସ୍ଥ ହେବାର ଆଶା ନ ଥିବା ସ୍ପଷ୍ଟ କରିଥିଲେ। ଏପରି ସ୍ଥିତିରେ ସର୍ବୋଚ୍ଚ ନ୍ୟାୟାଳୟ ମାନବିକ ଦୃଷ୍ଟିକୋଣ ଅବଲମ୍ବନ କରି ଜୀବନ ରକ୍ଷା ଯନ୍ତ୍ର ପ୍ରତ୍ୟାହାରକୁ ଅନୁମତି ଦେଲେ। ଏହା କେବଳ ଏକ ନ୍ୟାୟିକ ରାୟ ନୁହେଁ, ବରଂ ମଣିଷର ଯନ୍ତ୍ରଣା ପ୍ରତି ସମ୍ବେଦନଶୀଳତାର ଏକ ଉଦାହରଣ। ତଥାପି ଇଚ୍ଛାମୃତ୍ୟୁ ସହ ନୀତି, ଧର୍ମ, ଆଇନ ଓ ଚିକିତ୍ସା ବିଜ୍ଞାନର ଅନେକ ପ୍ରଶ୍ନ ଜଡ଼ିତ। କେହି ଏହାକୁ ମାନବୀୟ ପଦକ୍ଷେପ ଭାବେ ଦେଖନ୍ତି, ଆଉ କେହି ଦୁରୁପଯୋଗର ଆଶଙ୍କା କରନ୍ତି। ସେହିପରି ଏପରି ନିଷ୍ପତ୍ତି ପାଇଁ ସ୍ପଷ୍ଟ ନିୟମ ଅତ୍ୟାବଶ୍ୟକ।

– ସିଦ୍ଧାର୍ଥ କର ମହାପାତ୍ର, ରଘୁନାଥପୁର, ବାରିପଦା

## ଚିରନ୍ତନୀ

ଦେଖରେ ପିକ ଦେଖରେ ଶୁକ
ଲଭିଛି କବି କି ଗୁରୁ ଦୁଃଖ
ତୁମରି ସ୍ୱର ନୁହେଁ ମଧୁର,
କରିଛି ତାକୁ ମଉନ ମୂକ।
–(କବିର ବ୍ୟଥା)

–କାଳିନ୍ଦୀ ଚରଣ ପାଣିଗ୍ରାହୀ

ପାଠକ ଶ୍ରେଷ୍ଠ ବିଚାରକ ସ୍ତମ୍ଭକୁ ପତ୍ର ପଠାଇବାର ଠିକଣା: ସମ୍ପାଦକ, ଧରିତ୍ରୀ, ବି-୧୫, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର-୭୫୧୦୧୦
କେବଳ ସମ୍ପାଦକଙ୍କୁ ପତ୍ର, ଖବର ପାଇଁ ବ୍ୟବହାର କରନ୍ତୁ : E-mail: edit.dharitri@gmail.com (Use only for letters to Editor, news & news photos) କେବଳ ବିଜ୍ଞାପନ ପାଇଁ ବ୍ୟବହାର କରନ୍ତୁ: E-mail:advt@dharitri.com :miku11@yahoo.com (Use only for advertisements,commercial queries)

## ଜନ୍ମଦିନର ଶୁଭେଚ୍ଛା

ନାମ: ......................................
ବୟସ:......................................
ଜନ୍ମ ତାରିଖ: ..............................


ଶିବାନୀ
ପରିବାରବର୍ଗ

ଏଠାରେ ୨ X ୨ ସେ.ମି. ଫଟୋ ଲଗାନ୍ତୁ

ସର୍ତ୍ତାବଳୀ: ଏହି କୁପନ ବ୍ୟବହାର କରି ସମ୍ପୂର୍ଣ୍ଣ ମାଗଣାରେ ଜନ୍ମଦିନର ଶୁଭେଚ୍ଛା ଜଣାନ୍ତୁ। ଫଟୋଗ୍ରାଫ ସହିତ କୁପନଟି ପ୍ରକାଶନ ତାରିଖର ୭ ଦିନ ପୂର୍ବରୁ ଜନ୍ମଦିନ ଶୁଭେଚ୍ଛା, ଧରିତ୍ରୀ, ବି-୨୬, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର-୧୦ ଠିକଣାରେ ପହଞ୍ଚିବା ଆବଶ୍ୟକ।


# ସ୍ୱେରେଜ ଟାଙ୍କିରୁ ମଣିଷର କଟାଗୋଡ଼ ଜବତ


ଘଟଣାସ୍ଥଳରେ ପୋଲିସ ତଦନ୍ତ କରୁଛି।

ରାଉରକେଲା, ୨୧।୩(ସଙ୍ଗୀତା ଜେନା)

ରାଉରକେଲା ସେକ୍ଟର-୧୫ ଥାନା ଅନ୍ତର୍ଗତ ସେକ୍ଟର-୧୬ ରାଉରକେଲା ଇସ୍ପାତ କାରଖାନା (ଆର୍‌ଏସ୍‌ପି)ସ୍ୱେରେଜ ଟାଙ୍କିରୁ ଶନିବାର ପୂର୍ବାହ୍ନ ୧୧ଟାରେ ମଣିଷର ଏକ କଟା ଗୋଡ଼ ପୋଲିସ ଜବତ କରିଛି। ସ୍ୱେରେଜ ଟାଙ୍କିରେ ଗୋଡ଼ ଭାସୁଥିବା ସ୍ଥାନୀୟ ଲୋକେ ଦେଖି ପୋଲିସକୁ ଖବର ଦେଇଥିଲେ। ଘଟଣାସ୍ଥଳରେ ପୋଲିସ, କାରଖାନା ଅଗ୍ନିଶମ ବିଭାଗ ଓ ରାଜ୍ୟ ଅଗ୍ନିଶମ ବିଭାଗ କର୍ମଚାରୀ ପହଞ୍ଚି ମିଳିତ ଭାବେ କଟା ଗୋଡ଼ ଉଦ୍ଧାର କରିଥିଲେ। ଏହାକୁ ରାଉରକେଲା ସରକାରୀ ଡାକ୍ତରଖାନା (ଆର୍‌ଜିଏଚ୍) ମର୍ଗହାଉସରେ ସଂରକ୍ଷିତ ରଖାଯାଇଛି। ତେବେ ଏହା ମହିଳାଙ୍କ କଟା ଗୋଡ଼ ବୋଲି ପ୍ରାଥମିକ ତଦନ୍ତରୁ ଜଣାପଡ଼ିଛି। କଟା ଗୋଡ଼ ସେଠାକୁ କେମିତି ଆସିଲା ତାହା ଜଣାପଡ଼ି ନ ଥିବାବେଳେ ପୋଲିସ ଓ ସାଇଣ୍ଟିଫିକ୍ ଟିମ୍ ଘଟଣାର ଅନୁସନ୍ଧାନ କରୁଛି। ଆଖପାଖ ଥାନା ଅଞ୍ଚଳରୁ ନିଖୋଜ ଲୋକଙ୍କ ତାଲିକା ସଂଗ୍ରହ କରାଯାଉଛି ବୋଲି ପୋଲିସ କହିଛି।

# ଥଣ୍ଡା ବୋତଲରେ ଦେଶୀ ମଦ ଚାଲାଣ

ଉଦଳା,୨୧।୩ (ସନ୍ତୋଷ କୁମାର ବାଛିନି)


ଉଦଳାରୁ ଭୁବନେଶ୍ୱର ଚାଲାଣ ହେଉଥିବା ଥଣ୍ଡାପାନୀୟ ବୋତଲରେ ଦେଶୀ ମଦ।

- ଉଦଳାରୁ ଭୁବନେଶ୍ୱର ସାଲିଆସାହିକୁ ଯାଉଥିଲା
- ବସ୍‌ରୁ ନାବାଳକଙ୍କୁ ଧରିଲା ପୋଲିସ, ଖସିଗଲେ ୨

ଦାମିକା ବ୍ୟାଗ୍ ଭିତରେ ଥଣ୍ଡା ବୋତଲରେ ଦେଶୀମଦ ଚାଲାଣ କରାଯାଉଥିଲା। ମୟୂରଭଞ୍ଜ ଜିଲା ଉଦଳା ଥାନା ଅଧୀନ ପାଟଶାଣିପୁର ଅଞ୍ଚଳରୁ ଦେଶୀମଦ ଭୁବନେଶ୍ୱର ସାଲିଆସାହିକୁ ବସ୍‌ରେ ନିଆଯାଉଥିବା ବେଳେ ଶୁକ୍ରବାର ରାତିରେ ପୋଲିସ ଚଢାଉ କରି ଧରିଛି। ମଦ ନେଇ ଯାଉଥିବା ଜଣେ ନାବାଳକ ପୋଲିସ ହାତରେ ଧରାପଡ଼ିଥିବା ବେଳେ ୨ଜଣ ଖସିଯାଇଛନ୍ତି। ମଦ ଭର୍ତ୍ତି ୩ଟି ବ୍ୟାଗ୍‌କୁ ପୋଲିସ ଜବତ କରିଛି।

ସୂଚନା ଅନୁଯାୟୀ, ଶୁକ୍ରବାର ରାତିରେ ଖୁଣ୍ଟା ଅଞ୍ଚଳରୁ ଭୁବନେଶ୍ୱର ଯାଉଥିବା ଏକ ଘରୋଇ ବସ୍ ଉଦଳା ବସ୍‌ଷ୍ଟାଣ୍ଡରେ ପହଞ୍ଚିଥିଲା। ସେହି ବସ୍‌ରେ ମଦ ଚାଲାଣ ହେଉଥିବା ଖବର ପାଇ ଉଦଳା ପୋଲିସ ବସ୍‌ଷ୍ଟାଣ୍ଡରେ ଚଢ଼ାଉ କରିଥିଲା। ବସ୍‌ରେ ଯାତ୍ରୀ ସାଜି ଦେଶୀମଦ ଚାଲାଣ କରୁଥିବା ପାଟଶାଣିପୁର ଅଞ୍ଚଳର ନାବାଳକଙ୍କୁ ପୋଲିସ କାବୁ କରିଥିବା ବେଳେ ତାଙ୍କ ସହ ଥିବା ଅନ୍ୟ ୨ଜଣ ଭିଡ଼ର ଫାଇଦା ନେଇ ଖସିଯାଇଥିଲେ। ୨ଟି ବଡ଼ ବ୍ୟାଗ୍ ଥିବାବେଳେ ଗୋଟିଏ ଛୋଟ ବ୍ୟାଗ୍ ଥିଲା। ମୋଟ ୩୨ଟି ବୋତଲରେ ୬୪ ଲିଟର ଦେଶୀ ମଦ ଚାଲାଣ ହେଉଥିଲା। ମଦ ଚାଲାଣ ହେଉଥିବା ବ୍ୟାଗ୍‌ଗୁଡ଼ିକ ଉପରେ ଲାଲ୍ ରଙ୍ଗରେ ଛକି ଚିହ୍ନର କୋଡ୍ ଦିଆଯାଇଥିଲା। ଦେଶୀମଦ ସାଲିଆସାହିଠାରେ ପହଞ୍ଚାଇ ଦେଲେ ୫୦୦ରୁ ୧୦୦୦ ଟଙ୍କା ପର୍ଯ୍ୟନ୍ତ ମିଳୁଥିଲା। ତେବେ ଛୋଟ ବ୍ୟାଗ୍‌ଟି ନାବାଳକଙ୍କ ଦାୟିତ୍ୱରେ ଥିବାବେଳେ ଫେରାର ହୋଇଯାଇଥିବା ୨ଜଣ ଯୁବକ ହୋଇଥିବାନେଇ ପୋଲିସ ଅନୁମାନ କରୁଛି। ଏହି ୨ଜଣଙ୍କୁ ଧରିବାକୁ ଉଦ୍ୟମ ଜାରି ରହିଥିବା ଉଦଳା ଥାନା ଅଧିକାରୀ ବନମାଳୀ ବାରିକ କହିଛନ୍ତି। ଏନେଇ ଥାନାରେ ଏକ ମାମଲା (ନଂ.୧୦୬/୨୬) ରୁଜୁ କରି ନାବାଳକଙ୍କୁ ଅଟକ ରଖି ପଚରାଉଚରା ଚାଲିଛି। ମଦ ବେପାରୀମାନେ ନିଜକୁ ଯାତ୍ରୀ ସଜାଇ ସମସ୍ତଙ୍କ ଆଖିରେ ଧୂଳି ଦେଇ ଏଭଳି ମଦ ଚାଲାଣ କରୁଥିବାରୁ ସେମାନଙ୍କ ଉପରେ ନଜର ରଖାଯାଇଥିବା ଥାନା ଅଧିକାରୀ ବାରିକ କହିଛନ୍ତି।

# ପ୍ରତାପ ଜେନାଙ୍କ ଘର ଆଗରେ ହଙ୍ଗାମା

ଭୁବନେଶ୍ୱର,୨୧।୩(ତ୍ରିନାଥ ମହାନ୍ତି)

**ରାତି ଅଧରେ ସରକାରୀ କ୍ୱାର୍ଟର୍ସ ଆଗରେ ବାଣ ଫୁଟାଇବା ସହ ସୁରକ୍ଷା କର୍ମୀଙ୍କୁ ପିଟିଥିଲେ**

ବିଜେଡି ନେତା ପ୍ରତାପ ଜେନାଙ୍କ ଘର ଆଗରେ ଶୁକ୍ରବାର ରାତିରେ କେତେଜଣ ଯୁବକ ହଙ୍ଗାମା କରିଥିଲେ। ଏହି ହଙ୍ଗାମା ପଛରେ ବିଜେଡିରୁ ନିଲମ୍ବିତ ଯୁବ ଓ ଛାତ୍ର ନେତାଙ୍କ ହାତ ରହିଥିବା ଅଭିଯୋଗ ହୋଇଛି। ଦଳ ବିରୋଧୀ କାର୍ଯ୍ୟ ପାଇଁ ଦଳରୁ ସେମାନଙ୍କୁ ନିଲମ୍ବନ କରାଯିବାପରେ ସେମାନେ ରାଗରେ ପ୍ରତାପଙ୍କ ଘର ଆଗରେ ବାଣ ଫୁଟାଇ ହୋହଲ୍ଲା କରିବା ସହ ଆତଙ୍କରାଜ କରିଥିଲେ। ଏପରି କି ପ୍ରତାପଙ୍କ ଘର ଲୋକ ବିରୋଧ କରିବାରୁ ତାଙ୍କୁ ଆକ୍ରମଣ କରିଥିବା ଅଭିଯୋଗ ହୋଇଛି। ନିଲମ୍ବିତ ନେତାଙ୍କ ହଙ୍ଗାମା ବେଳର ଭିଡିଓ ସୋସିଆଲ ମିଡିଆରେ ପୋଷ୍ଟ କରି ପ୍ରତାପ ଜେନା କାର୍ଯ୍ୟାନୁଷ୍ଠାନ ଦାବି କରିଛନ୍ତି।

# ଦୃଷ୍ଟିହୀନ ନାବାଳିକାଙ୍କୁ ବଳାତ୍କାର ମାମଲା
## ଅଭିଯୁକ୍ତଙ୍କୁ ୨୫ ବର୍ଷ ସଶ୍ରମ କାରାଦଣ୍ଡ

ଜୟପୁର,୨୧।୩(ପବନ ପାଣିଗ୍ରାହୀ)

ଜଣେ ଦୃଷ୍ଟିହୀନ ନାବାଳିକା(୧୫)ଙ୍କୁ ବଳାତ୍କାର ମାମଲାର କୋରାପୁଟ ଜିଲା ଜୟପୁରସ୍ଥିତ ଅତିରିକ୍ତ ଜିଲା ଜଜ୍ ତଥା ସ୍ୱତନ୍ତ୍ର ପୋକ୍‌ସୋ କୋର୍ଟ ଜଜ୍ ସଂଘମିତ୍ରା ଦାସ ଶୁଣାଣି କରି ଅଭିଯୁକ୍ତଙ୍କୁ ୨୫ ବର୍ଷ ସଶ୍ରମ କାରାଦଣ୍ଡରେ ଶନିବାର ଦଣ୍ଡିତ କରିଛନ୍ତି। ୯ଜଣଙ୍କ ସାକ୍ଷ୍ୟ ପ୍ରମାଣକୁ ଭିତ୍ତି କରି ସେମିଳିଗୁଡା ଥାନା ଅନ୍ତର୍ଗତ କାଙ୍ଗାରା ଗ୍ରାମର ଲଇଛନ ଭୋଇଙ୍କୁ ୨୫ ବର୍ଷ ସଶ୍ରମ କାରାଦଣ୍ଡ ସହ ୧୫ ହଜାର ଆର୍ଥିକ ଜରିମାନାରେ ଦଣ୍ଡିତ କରିଛନ୍ତି। ଅର୍ଥ ଅନାଦାୟ ହେଲେ ଅଧିକା ୩ବର୍ଷ ଜେଲଦଣ୍ଡ ଭୋଗିବାକୁ ଶୁଣାଣି କରାଯାଇଛି।

ସୂଚନାନୁଯାୟୀ, ୨୦୨୪ରେ ଲଇଛନ କୋରାପୁଟ ଥାନା ଅଞ୍ଚଳରେ ରହୁଥିବା ଜଣକ ଘରକୁ ପୂଜାପାଠ କରିବାକୁ ଯାଇଥିଲେ। ଦୃଷ୍ଟିହୀନ ନାବାଳିକାଙ୍କ ଆଖିକୁ ଭଲ କରିବାକୁ କହି ତାଙ୍କୁ ନିଶା ଦେଇ ବଳାତ୍କାର କରିଥିଲେ। ଏ ନେଇ କୋରାପୁଟ ଟାଉନ ଥାନାରେ ୨୪।୦୯।୨୪ରେ ଅଭିଯୋଗ ହୋଇଥିଲା। ପୋଲିସ ନଂ.୨୭୩/୨୪ରେ ମାମଲା ରୁଜୁ କରିଥିଲା। ଆଦାୟ ଜରିମାନା ଟଙ୍କା ସହ ସରକାରଙ୍କ ପକ୍ଷରୁ ଜିଲା ଆଇନ ସେବା ପ୍ରାଧିକରଣ ମାଧ୍ୟମରେ ପୀଡ଼ିତାଙ୍କୁ ୫ ଲକ୍ଷ ଟଙ୍କା ଅନୁକମ୍ପା ରାଶି ପ୍ରଦାନ ପାଇଁ କୋର୍ଟ ନିର୍ଦ୍ଦେଶ ଦେଇଛନ୍ତି। ଏହି ମାମଲାକୁ ସରକାରଙ୍କ ପକ୍ଷରୁ ସ୍ୱତନ୍ତ୍ର ସରକାରୀ ଓକିଲ ପି.ସନ୍ନ୍ୟାସୀ ରାଓ ପରିଚାଳନା କରିଥିଲେ।

# ଶୁକ୍ରୁ, ଟିମ୍‌କୁ ନିପାତ ଲକ୍ଷ୍ୟରେ ସୁରକ୍ଷାକର୍ମୀ
## ନିର୍ଣ୍ଣାୟକ ମୋଡ଼ରେ ମାଓବାଦୀ ମୂଳପୋଛ ଅଭିଯାନ

ଫୁଲବାଣୀ,୨୧।୩(ରାକେଶ କୁମାର ରାଉତ)

କନ୍ଧମାଳ ଜିଲାରେ ମାଓବାଦୀ ମୂଳପୋଛ ଅଭିଯାନ ନିର୍ଣ୍ଣାୟକ ମୋଡରେ ପହଞ୍ଚିଛି। ମାଓବାଦୀ ନେତା ଶୁକ୍ରୁ ଓ ତାଙ୍କ ଟିମ୍‌କୁ ନିପାତ କରିବା ପାଇଁ କନ୍ଧମାଳ ଏବଂ ରାୟଗଡ଼ା ଜିଲା ସୀମାନ୍ତବର୍ତ୍ତୀ ଦୁର୍ଗମ ଜଙ୍ଗଲକୁ ଘେରାବନ୍ଦୀ କରାଯାଇଛି। ଶୁକ୍ରୁ ଏବଂ ତାଙ୍କ କେତେଜଣ ସହଯୋଗୀ ଏହି ଅଞ୍ଚଳରେ ଆତ୍ମଗୋପନ କରିଛନ୍ତି। ସେମାନଙ୍କ ଗତିବିଧି ଉପରେ ନଜର ରଖିବା ଏବଂ ନିପାତ କରିବା ପାଇଁ ସୁରକ୍ଷାକର୍ମୀ ଏବେ ଉନ୍ନତ ଜ୍ଞାନକୌଶଳ ଏବଂ ଅତ୍ୟାଧୁନିକ ଡ୍ରୋନ୍‌ର ସହାୟତା ନେଉଛନ୍ତି। ଶନିବାର ଏସବୁ ଅଞ୍ଚଳରେ ଡ୍ରୋନ ଉଡ଼ାଣ ହୋଇଛି। ଏହି ଡ୍ରୋନ ୧୫ କିମି ପର୍ଯ୍ୟନ୍ତ ଉଚ୍ଚ ଆକାଶରୁ ସ୍ପଷ୍ଟ ଚିତ୍ର ଦେଉଛି । ଦିନ ରାତି ଡ୍ରୋନ ଉଡ଼ାଣ କରୁଛି । ଡ୍ରୋନରୁ ମିଳୁଥିବା ସିଗ୍ନାଲ ଏବଂ ଚିତ୍ର ଆଧାରରେ ସୁରକ୍ଷାକର୍ମୀ ସେମାନଙ୍କ ରଣନୀତି ପ୍ରସ୍ତୁତ କରୁଛନ୍ତି। ଏହି ଅପରେଶନରେ ଏସ୍‌ଓଜି, ଡିଭିଏଫ, ସିଆରପିଏଫ, ବିଏସ୍‌ଏଫ ଯବାନ ସାମିଲ ହୋଇଛନ୍ତି। କନ୍ଧମାଳ, ରାୟଗଡ଼ା ଏବଂ କଳାହାଣ୍ଡି ଜିଲାର ସୀମାନ୍ତବର୍ତ୍ତୀ ଅଞ୍ଚଳକୁ ସିଲ୍ କରାଯାଇଛି।

# କଲେଜ ଛାତ୍ରୀ ହତ୍ୟା ଘଟଣାର ମୁଖ୍ୟ ଅଭିଯୁକ୍ତ ଗିରଫ

କାମାକ୍ଷାନଗର, ୨୧।୩ (ସୁଧୀର କୁମାର ପରିଡ଼ା)

- ସିନ୍ ରିକ୍ରିଏଶନ କଲା ପୋଲିସ
- ଅନ୍ୟ ୨ ସହଯୋଗୀ ଗିରଫ ସୂଚନା


ମୁଖ୍ୟ ଅଭିଯୁକ୍ତଙ୍କୁ ନେଇ ପୋଲିସ ସିନ୍ ରିକ୍ରିଏଶନ କରୁଛି।

ଢେଙ୍କାନାଳ ଜିଲା କାମାକ୍ଷାନଗର କଲେଜର +୨ ପ୍ରଥମ ବର୍ଷର ଛାତ୍ରୀ ଅଙ୍କିତା ପ୍ରିୟଦର୍ଶିନୀ ବାରିକଙ୍କୁ ବଳାତ୍କାର ଓ ହତ୍ୟା ଘଟଣାର ୩ ଦିନ ପରେ ମୁଖ୍ୟ ଅଭିଯୁକ୍ତଙ୍କୁ ଗିରଫ କରିଛି ପୋଲିସ୍। ସାଆନ୍ତାରାପୁର ଗ୍ରାମର ମୁଖ୍ୟ ଅଭିଯୁକ୍ତ ଗଙ୍ଗାଧର ପାତ୍ର ଓରଫ ଜଗା (୩୮)ଙ୍କୁ ନେଇ ପୋଲିସ ସିନ୍ ରିକ୍ରିଏଶନ କରିଥିବା ଜଣାପଡ଼ିଛି। ଏହି ଘଟଣାରେ ସମ୍ପୃକ୍ତ ଅନ୍ୟ ୨ ସହଯୋଗୀଙ୍କୁ ପୋଲିସ ଗିରଫ କରିଥିବା ସୂଚନା ମିଳିଛି।

ସୂଚନା ଅନୁସାରେ, ଗତ ୧୮ ତାରିଖରେ ଅଙ୍କିତା କଲେଜରୁ ପରୀକ୍ଷା ସାରି ଫେରିବା ବେଳେ କାମାକ୍ଷାନଗର ସହରର ଜଗନ୍ନାଥ ବଜାର ଛକରେ ଛିଡ଼ା ହୋଇଥିଲେ। ସେହି ସମୟରେ ଜଗା ଏକ କାର (ଓଡ଼ି୦୨ ସିଏକ୍ସ-୨୮୦୭) ଯୋଗେ ସେଠାରେ ପହଞ୍ଚି ତାଙ୍କୁ ଉଠାଇନେଇ ନିକଟରେ ଥିବା ପଲ୍ଲୀଗ୍ରାମ ଜଙ୍ଗଲକୁ ଯାଇଥିଲେ। ସେଠାରେ ତାଙ୍କୁ ବଳାତ୍କାର କରିଥିଲେ। ଛାତ୍ରୀ ଜଣଙ୍କ ଗୁରୁତର ହେବାରୁ କିଛି ଅଘଟଣ ଆଶଙ୍କାରେ ଜଗା ଛାତ୍ରୀଙ୍କୁ କାମାକ୍ଷାନଗର ସହରକୁ ନେଇଆସିଥିଲେ। ମହିମାଟୁଙ୍ଗି ନିକଟରେ ପହଞ୍ଚିବା ପରେ ଛାତ୍ରୀଙ୍କ ପାଇଁ ଜଣେ ସମ୍ପର୍କୀୟଙ୍କୁ କହି ନୂଆ ପ୍ୟାଣ୍ଟ, ସାନିଟାରି ନାପ୍‌କିନ ମଗାଇ ପୁଣି ଜଙ୍ଗଲକୁ ନେଇଯାଇଥିଲେ। ଜଙ୍ଗଲରେ ପହଞ୍ଚିବା ପରେ ଛାତ୍ରୀଙ୍କ ସ୍ୱାସ୍ଥ୍ୟାବସ୍ଥା ଅଧିକ ସଂକଟାପନ୍ନ ହେବା ସହ ତାଙ୍କର ମୃତ୍ୟୁ ଘଟିଥିଲା। ଜଗା କୌଣସି ଉପାୟ ନ ପାଇ ଜଙ୍ଗଲରୁ ପଳାଇ ଆସି ରାମେଶ୍ୱର ମନ୍ଦିର ରାମିଆଳ ନଦୀହୁଡ଼ାରେ ଛାତ୍ରୀଙ୍କ ପାଇଁ କିଣିଥିବା ନୂଆ ପ୍ୟାଣ୍ଟ, ସାନିଟାରି ନାପ୍‌କିନକୁ ଫିଙ୍ଗି ଦେଇଥିଲେ। ପରେ ଜଗା ତାଙ୍କର ମଉସା ଓ ଜଣେ ସମ୍ପର୍କୀୟ ଭାଇଙ୍କ ସାହାଯ୍ୟ ଲୋଡ଼ିଥିଲେ। ଦୁହିଙ୍କ ସହଯୋଗରେ କାର୍ ଯୋଗେ ମୃତଦେହକୁ ଆଣି ରାତିପ୍ରାୟ ୧୨ଟା ମଧ୍ୟରେ ସାରୁଆଳି ଗ୍ରାମ ଜଙ୍ଗଲରେ ଫିଙ୍ଗିଦେଇ କେଉଁଆଡ଼େ ଫେରାର ହୋଇଯାଇଥିଲେ। ସକାଳେ ଖବର ପାଇ କାମାକ୍ଷାନଗର ପୋଲିସ ଘଟଣାସ୍ଥଳରେ ପହଞ୍ଚି ମୃତଦେହ ଜବତ କରିବା ସହ ତଦନ୍ତ ଆରମ୍ଭ କରିଥିଲା । ଘଟଣାର ୩ ଦିନ ପରେ ଶନିବାର ମୁଖ୍ୟ ଅଭିଯୁକ୍ତ ଜଗାଙ୍କୁ ଢେଙ୍କାନାଳ-କେଉଁଝର ଜିଲା ସୀମାନ୍ତ ଜଣେ ସମ୍ପର୍କୀୟଙ୍କ ଘରୁ ଧରିବାରେ ସକ୍ଷମ ହୋଇଛି । ହତ୍ୟାକାଣ୍ଡରେ ବ୍ୟବହୃତ କାର୍‌କୁ ପୋଲିସ ଜବତ କରିଥିବା ବେଳେ ମୁଖ୍ୟ ଅଭିଯୁକ୍ତଙ୍କୁ ନେଇ ସିନ୍ ରିକ୍ରିଏଶନ କରିଥିଲା। ଜଗାଙ୍କୁ ସହଯୋଗ କରିଥିବା ମଉସା ପରଜଙ୍ଗ ଥାନା ଅଞ୍ଚଳର ଜଣେ ଅବସରପ୍ରାପ୍ତ ଶିକ୍ଷକ ଓ ଅନ୍ୟ ଜଣେ କାମାକ୍ଷାନଗର ଅଞ୍ଚଳର ବୋଲି ସୂଚନା ମିଳିଛି। ସେମାନଙ୍କ ବିଷୟରେ ପୋଲିସ କିଛି ସୂଚନା ଦେଇ ନ ଥିବା ବେଳେ ମୁଖ୍ୟ ଅଭିଯୁକ୍ତ ଜଗାଙ୍କ ସହ ଅନ୍ୟ ୨ ଜଣଙ୍କୁ ଗିରଫ କରିଥିବା ଜଣାପଡ଼ିଛି। ଜଗା ପେସାରେ ଜଣେ ଡ୍ରାଇଭର ବୋଲି ଜଣାପଡ଼ିଛି।


# Classified Everyday
0674-2580101, 9692975378


MATRIMONIAL
GROOM WANTED

49ବୟସ୍କା ଅଙ୍ଗନବାଡି supervisor divorce ବ୍ରାହ୍ମଣ ଝିଅଙ୍କୁ ବର ଦରକାର। 9776705242. D-3670

37ବୟସ୍କା Widow ଅନାଥ କରଣ Govt. nurseଙ୍କ ପାଇଁ ଘରଜ୍ୱାଇଁ ଦରକାର Urgent. 8249280543. D-3669


REAL ESTATE
SALE

3BHK Sophisticated Flat at BJB Nagar/ 2100sqft. Gharabari Land at Uttara, Bhubaneswar. Call- 8917520527. D-3708

ଭୁବନେଶ୍ୱର ଜଟଣୀଗେଟ୍‌ରୁ ଅଳ୍ପ ଦୂରତାରେ 1500sqft. 7,50,000/- ପ୍ଲଟ୍ ବିକ୍ରିହେବ। 9658891108. D-25

DO U NEED TO INVEST on property/Immediately house purpose ???? At Brahmanjharilo, Phulanakhara, Cuttack in between middle of CUTTACK & BHUBANESWAR at a reduced price. 7809525452.

2&3BHK Flats sale at Kalarahanga, Patia, Bhubaneswar. Close to school, college and hospital. Completed project. Near to possession. Contact: 7440045095, 7077771880. D-101

Residential Flat 3 Number in Geetanjali Apartments Bhubaneswar Size (865, 725, 1154) Sqft. is available for sale.

Residential Flat 2 number in Dev Apartments Cuttack Size (1112, 1058) Sqft. and one shop (240) Sqft. is available for sale.

Residential Flat in Varun Plaza Sambalpur Size 1238 Sqft. is available for sale. May send their offer on email id: CPMT@dalmiabharat.com. Contact Person Bharat Kumar Pandey, Contact Number: 9582088780. D-3711

Land near BALASORE Town for Sale. Residential Plot 19 decimals near Harihat in Village SINDHIA near Balighat and 278 decimals all in Village SAHUPADA near BALASORE-Baripada National Highway suitable for farmhouse, apartment, institute. Please contact immediately - 7656861995, 8763744316. D-75866

A brand new 3bhk premium category flat in Assotech Pride for immediate sale at a reasonable price. 7008265039 Broker Excuse. D-3540


ଭୁବନେଶ୍ୱର ନଖରା Dadhichi College ପାଖରେ Sqft. 1099/ରେ ଘରବାଡି, ବାଉଣ୍ଡାରୀ, Electric ଥାଇ ବାସୋପଯୋଗୀ ପ୍ଲଟ୍ ମିଳୁଛି। 8093465134. D-3683

Plots/Apartment for sale, Bhubaneswar KIIT University Boundary, Road with Electricity available. 7978416795, 9937513595. D-23

ଭୁବନେଶ୍ୱର, ଫୁଲନଖରା ଛକ, ପାହାଳ, ଜଟଣୀ ଗେଟ୍, ଅରୁଗୁଳ IIT, ପିପିଲି, ରଙ୍ଗବଜାର, ପାତ୍ରପଡ଼ା ନିକଟରେ ଘରବାରୀ ପ୍ଲଟ୍/Duplex ମିଳୁଛି। 8327785834. D-3649


BUSINESS

Urgently required Second hand Racks for supermarket in Bhubaneswar, Contact: 8240127783. D-3703




Godown and Showrroom near Pathargadia, Sibamandira 200ft. Road. Mob. 9938060592. D-3544




All types of physiotherapy and massage contact 9556924059 / 7656969134. D-3668

## ପାଠକଙ୍କ ପାଇଁ ସୂଚନା

କ୍ଲାସିଫାଏଡରେ ପ୍ରକାଶିତ କେତେକ ବିଜ୍ଞାପନକୁ ଭିତ୍ତିକରି କିଛି ପାଠକ ଠକାମିର ଶିକାର ହେଉଥିବା ଆମର ଦୃଷ୍ଟିଗୋଚର ହେଉଛି। ବିଜ୍ଞାପନ ଦେଉଥିବା ସଂସ୍ଥାମାନଙ୍କ ସହ କାରବାର କରିବା ପୂର୍ବରୁ ସବିଶେଷ ତଥ୍ୟ ଓ ନିଜର ବିବେକ ଖଟାଇ କାରବାର କରନ୍ତୁ। ଏଥିପାଇଁ ଧରିତ୍ରୀ କର୍ତ୍ତୃପକ୍ଷ ଦାୟୀ ରହିବେ ନାହିଁ।

## AFFIDAVIT

By virtue of an affidavit No. C.F.No. 15 dated-19.01.2026 sworn before the Executive Magistrate, Rampur, Subarnapur, Odisha, I, Gyanendra Sahu, S/o.- Late Gouranga Sahu, Village/P.O./P.S.- Dunguripali, Dist.- Subarnapur declare that I have changed my name from Gyanendra Kumar Sahu to Gyanendra Sahu. Henceforth, I shall be known as Gyanendra Sahu for all purpose. D-3713

By virtue of an affidavit dtd. 19.03.2026 sworn before Executive Magistrate, Bhadrak, I, Behera Pradeep Sambhunath, S/o.- Sambhunath Behera, Vill./P.O.- Paliabindha, P.S.- Tihidi, Dist.- Bhadrak, Odisha, At present Santkabir Society Street No. 1, Pedak Road, Rajkot, Gujarat declare that I have an LIC policy bearing No. 582299078. Where in my name is mentioned Kunumunu Behera. I further declare that Behera Pradeep Sambhunath and Kunumunu Behera, S/o.- Sambhunath Behera same and one person. D-3712

ଧରିତ୍ରୀ DHARITRI
Scan & Pay
ଧରିତ୍ରୀ କ୍ଲାସିଫାଏଡ୍ ବିଜ୍ଞାପନ ବାବଦୀୟ ଦେୟକୁ ନିମ୍ନପ୍ରଦତ୍ତ QR Code ସ୍କାନ୍ କରି ଯେକୌଣସି UPI App ମାଧ୍ୟମରେ ସହଜରେ ପୈଠ କରନ୍ତୁ।
BHIM | UPI
ଦେୟ ପୈଠ ହେଲାପରେ ରସିଦ୍‌ର Screenshotକୁ classifieddharitri@gmail.com ରେ ଇମେଲ୍ କରନ୍ତୁ।



# ମନେ ପଡ଼ନ୍ତି

**ଏକାଦଶାହ ଉପଲକ୍ଷେ**




ସ୍ୱର୍ଗତା ପ୍ରଣତୀ ମିଶ୍ର
ଆବିର୍ଭାବ: ୦୧।୦୧।୧୯୭୪
ତିରୋଧାନ: ୧୨।୦୩।୨୦୨୬

ଆଜି ଏହି ପବିତ୍ର ଏକାଦଶାହ ତିଥି ଅବସରରେ ପରିବାରର ସମସ୍ତ ସଦସ୍ୟଙ୍କ ପକ୍ଷରୁ ଅଶ୍ରୁଳ ଶ୍ରଦ୍ଧାଞ୍ଜଳି। ଆପଣଙ୍କ ଅମରାତ୍ମା ଚିରଶାନ୍ତି ଲଭୁ ଏହାହିଁ ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ ନିକଟରେ ପ୍ରାର୍ଥନା।

-:ଶୋକସନ୍ତପ୍ତ:-
କିଶୋର କୁମାର ମିଶ୍ର, କେଦାରଶ୍ୱର ମିଶ୍ର, ଦୀପ୍ତିମୟୀ ମିଶ୍ର, ଚେତନ୍ ମହାପାତ୍ର, ଲାଲି, ଗୁଡ୍ଡୁ, ଲୋରି, ସଞ୍ଜୀବ, ଲିଟିଲ ଏବଂ ପରିବାରବର୍ଗ ଓ ଆତ୍ମୀୟସ୍ୱଜନ।
ଧ-୩୭୦୯

**୧୬ତମ ଶ୍ରାଦ୍ଧବାର୍ଷିକୀ**



୰ସଦାଶିବ ପ୍ରଧାନ
(ନୀଳଚକ୍ର ନଗର, ପୁରୀ)
ଅମର ଆତ୍ମାର ସଦ୍‌ଗତି ନିମନ୍ତେ ପ୍ରଭୁ ଶ୍ରୀଜଗନ୍ନାଥଙ୍କ ନିକଟରେ ବିନମ୍ର ପ୍ରାର୍ଥନା ।

-:ଶୋକସନ୍ତପ୍ତ:-
ଝିଅ: ମଞ୍ଜୁବାଳା, ମମତା, ଜ୍ୱାଇଁ- କାହ୍ନୁ, ବିଶ୍ୱଜିତ୍, ନାତି: ଚିନ୍ମୟ, ତନ୍ମୟ ଏବଂ ପରିବାରବର୍ଗ ।
ଧ-୩୭୧୦

**ପ୍ରଥମ ଶ୍ରାଦ୍ଧବାର୍ଷିକୀ ଉପଲକ୍ଷେ ଅଶ୍ରୁଳ ଶ୍ରଦ୍ଧାଞ୍ଜଳି**

ନୈନଂ ଛିନ୍ଦନ୍ତି ଶସ୍ତ୍ରାଣି, ନୈନଂ ଦହତି ପାବକଃ
ନ ଚୈନଂ କ୍ଳେଦୟନ୍ତ୍ୟାପୋ, ନ ଶୋଷୟତି ମାରୁତଃ



୰ମାନମୟୀ ଦାସ
ଆବିର୍ଭାବ: ୦୧/୦୧/୧୯୬୬
ତିରୋଧାନ: ୨୨/୦୩/୨୦୨୫

ଆପଣଙ୍କ ସ୍ନେହ, ସରଳତା, ସଚ୍ଚୋଟତା ଓ ନିଃସ୍ୱାର୍ଥୀ ମଣିଷପଣିଆ ଆମମାନଙ୍କ ପାଇଁ ଚିରନ୍ତନ ସ୍ମୃତି ଓ ପଥ ପ୍ରଦର୍ଶକ। ଆପଣଙ୍କ ଅମର ଆତ୍ମାର ଶାନ୍ତି ଓ ସଦ୍‌ଗତି ନିମନ୍ତେ ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ ନିକଟରେ ବିନମ୍ର ପ୍ରାର୍ଥନା କରୁଅଛୁ।

ଶୋକସନ୍ତପ୍ତ: ବନ୍ଧୁ ଓ ପରିବାରବର୍ଗ
ଧ-୧୦୪

ଧରିତ୍ରୀ 52 Years

ଧରିତ୍ରୀ DHARITRI







# ହରିୟାଣା ଚାମ୍ପିୟନ, ଓଡ଼ିଶାକୁ ୫ ସ୍ୱର୍ଣ୍ଣ ସହ ୧୭ ପଦକ





ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଓଡ଼ିଶାର ଜୟନ୍ତୀ ବେହେରାଙ୍କୁ ପଦକ ପ୍ରଦାନ କରୁଛନ୍ତି, ନିକଟରେ ଅଛନ୍ତି କ୍ରୀଡ଼ାମନ୍ତ୍ରୀ ସୂର୍ଯ୍ୟବଂଶୀ ସୂରଜ । ଚାମ୍ପିୟନ ହରିୟାଣା ଦଳ। (ଫଟୋ ବିକାଶ ନାୟକ)

**ଭୁବନେଶ୍ୱର,୨୧।୩(ଅନାଦି କର)**

କଳିଙ୍ଗ ଷ୍ଟାଡିୟମରେ ଚାଲିଥିବା ୨୪ତମ ଜାତୀୟ ପାରା ଆଥଲେଟିକ୍ସ ଚାମ୍ପିୟନଶିପ୍ ଶନିବାର ଉଦ୍‌ଯାପିତ ହୋଇଯାଇଛି। ଏହି ପ୍ରତିଯୋଗିତାରେ ୨୮ ରାଜ୍ୟର ୧୪୦୦ରୁ ଊର୍ଦ୍ଧ୍ୱ ପାରା ଆଥଲେଟ୍ ଭାଗ ନେଇଥିବା ବେଳେ ହରିୟାଣା ୩୯ ସ୍ୱର୍ଣ୍ଣ ସହ ମୋଟ ୯୫ ପଦକ ସହ ଚାମ୍ପିୟନ ହୋଇଛି। ସେହିଭଳି ତାମିଲନାଡୁ ୫୧ ପଦକ ସହ ଦ୍ୱିତୀୟ ସ୍ଥାନରେ ରହିଛି। ଆୟୋଜକ ଓଡ଼ିଶା ୫ ସ୍ୱର୍ଣ୍ଣ ଓ ମୋଟ ୧୭ ପଦକ ସହ ନବମ ସ୍ଥାନରେ ରହିଛି।

## ଜାତୀୟ ପାରା ଆଥଲେଟିକ୍ସ ଉଦ୍‌ଯାପିତ

ଉଦ୍‌ଯାପନୀ ଉତ୍ସବରେ ମୁଖ୍ୟ ଅତିଥି ଭାବେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଯୋଗ ଦେଇଥିଲେ। କ୍ରୀଡ଼ାମନ୍ତ୍ରୀ ସୂର୍ଯ୍ୟବଂଶୀ ସୂରଜ, କ୍ରୀଡ଼ା ବିଭାଗ କମିଶନର କମ୍ ସଚିବ ସଚିନ ରାମଚନ୍ଦ୍ର ଯାଦବ, ପାରା ଅଲିମ୍ପିକ୍ସ କମିଟି ଅଫ୍ ଇଣ୍ଡିଆ (ପିସିଆଇ) ଉପ ସଭାପତି ସତ୍ୟପ୍ରକାଶ ସାମଲ, ସାଧାରଣ ସମ୍ପାଦକ ଜୟବନ୍ତ ଜିଏଚ୍, ପାରା ସ୍ପୋର୍ଟ୍ସ ଆସୋସିଏଶନ ଅଫ୍ ଓଡ଼ିଶା ସଭାପତି କମଳାକାନ୍ତ ରଥ, ପାରା ଆଥଲେଟିକ୍ସ ଚେୟାରମ୍ୟାନ ସତ୍ୟ ନାରାୟଣ ପ୍ରମୁଖ ଯୋଗ ଦେଇଥିଲେ। ଏହି ଅବସରରେ ମୁଖ୍ୟମନ୍ତ୍ରୀ କହିଥିଲେ ଯେ, ଭୁବନେଶ୍ୱର ନିକଟସ୍ଥ ଗୋଠପାଟଣାଠାରେ ଏକ ଅତ୍ୟାଧୁନିକ କ୍ରୀଡ଼ା କମ୍ପ୍ଲେକ୍ସ ନିର୍ମାଣ କରାଯିବାର ଯୋଜନା ରହିଛି। ୧୨୦ ଏକର ଜାଗାରେ ସମସ୍ତ ଇଭେଣ୍ଟକୁ ସୁହାଇଲା ଭଳି ଭିତ୍ତିଭୂମି ନିର୍ମାଣ କରାଯିବ। ଏଥିଲାଗି ୧୦୦୦ କୋଟିରୁ ଊର୍ଦ୍ଧ୍ୱ ଟଙ୍କା ଖର୍ଚ୍ଚ ହେବାର ଯୋଜନା ରହିଛି। ସେହିଭଳି ପିସିଆଇ ସାଧାରଣ ସମ୍ପାଦକ ଜୟବନ୍ତ ଜିଏଚ୍ ପ୍ରକାଶ କରିଥିଲେ ଯେ, ଆମେ ଓଡ଼ିଶାରେ ସମସ୍ତ ପାରା ଇଭେଣ୍ଟ ଆୟୋଜନ କରିବାକୁ ଚାହୁଁ। ଏଠାରେ ଖୁବ ଭଲ ଭିତ୍ତିଭୂମି ସହ ସରକାରଙ୍କ ଭରପୂର ସମର୍ଥନ ମିଳୁଛି।

ଜାତୀୟ ପାରା ଆଥଲେଟିକ୍ସ ଚାମ୍ପିୟନଶିପ୍‌ର ଅନ୍ତିମ ଦିନ ତଥା ଶନିବାର ଓଡ଼ିଶାର ପାରା ଆଥଲେଟ୍‌ମାନେ ୧ ସ୍ୱର୍ଣ୍ଣ ଓ ୫ ରୌପ୍ୟ ଜିତିଛନ୍ତି। ସୁଚିତ୍ରା ପରିଡ଼ା ମହିଳା ଜାଭେଲିନ ଥ୍ରୋ ଏଫ୍‌୫୫ ଇଭେଣ୍ଟରେ ୧୭.୮୦ ଦୂରତା ସହ ସ୍ୱର୍ଣ୍ଣ ପଦକ ଜିତିଛନ୍ତି। ସେହିଭଳି ପୁରୁଷ ୫୦୦ ମିଟର ଦୌଡ଼ ଟି୧୧ ଇଭେଣ୍ଟରେ ଜଦୁନାଥ ମାଝୀ (୧୭:୫୯.୦୬ ସେକେଣ୍ଡ), ପୁରୁଷ ଲଙ୍ଗ ଜମ୍ପ ଟି୪୭ ଇଭେଣ୍ଟରେ ସ୍ୱାଧୀନ ମେହର (୬.୬୨ ମି.), ପୁରୁଷ ୨୦୦ ମି, ଦୌଡ଼ ଟି୩୭ ଇଭେଣ୍ଟରେ ସ୍ୱସ୍ତିକ ସାହୁ (୨୫.୨୫ ସେ.), ମହିଳା ୨୦୦ ମି. ଦୌଡ଼ ଟି୧୨ ଇଭେଣ୍ଟରେ ଜାନକୀ ଓରାମ (୨୮.୪୩ ସେ.), ମହିଳା ୨୦୦ ମି. ଦୌଡ଼ ଟି୪୭ ଇଭେଣ୍ଟରେ ଜୟନ୍ତୀ ବେହେରା (୨୭.୯୫ ସେ.) ରୌପ୍ୟ ପଦକ ହାସଲ କରିଛନ୍ତି।

## ମହିଳା ଏସିଆନ କପ୍: ଜାପାନ ଚାମ୍ପିୟନ

**ସିଡ୍‌ନୀ,୨୧।୩(ଏପି)**

ଚଳିତ ମହିଳା ଏସିଆନ କପ୍ ଫୁଟ୍‌ବଲ ଟୁର୍ନାମେଣ୍ଟରେ ଜାପାନ ଚାମ୍ପିୟନ ହୋଇଛି। ଶନିବାର ଷ୍ଟାଡିୟମ ଅଷ୍ଟ୍ରେଲିଆରେ ଅନୁଷ୍ଠିତ ଫାଇନାଲରେ ମାଇକା ହାମାନୋଙ୍କ ଗୋଲ ବଳରେ ଜାପାନ ୧-୦ ଗୋଲରେ ଅଷ୍ଟ୍ରେଲିଆକୁ ପରାସ୍ତ କରି ଏହି ସଫଳତା ପାଇଛି। ୨୧ ବର୍ଷୀୟା ହାମାନୋ ୧୭ତମ ମିନିଟ୍‌ରେ ମିଡ୍ ଫିଲ୍ଡରୁ ପାଇଥିବା ପାସକୁ ଗୋଲରେ ପରିଣତ କରିଥିଲେ, ଯାହାକି ଦଳର ବିଜୟ ଲାଗି ଯଥେଷ୍ଟ ସାବ୍ୟସ୍ତ ହୋଇଥିଲା। ମହିଳା ଏସିଆନ କପ୍ ଟୁର୍ନାମେଣ୍ଟର ଗତ ୪ ସଂସ୍କରଣରେ ଏହା ଜାପାନର ତୃତୀୟ ଟାଇଟଲ। ଏଥିପୂର୍ବରୁ ଜାପାନ ୨୦୧୪ ଓ ୨୦୧୮ରେ ଚାମ୍ପିୟନ ହୋଇଥିଲା। ଉଭୟ ଥର ଫାଇନାଲରେ ଅଷ୍ଟ୍ରେଲିଆ ପରାସ୍ତ ହୋଇଥିଲା। ଏସିଆର ଟପ୍ ମହିଳା ଦଳ ଜାପାନ ଏହି ଟୁର୍ନାମେଣ୍ଟରେ ୬ ମ୍ୟାଚ୍ ଖେଳିଥିବା ବେଳେ ମାତ୍ର ଗୋଟିଏ ଗୋଲ ବରଣ କରିଥିଲା। ଏହି ଟୁର୍ନାମେଣ୍ଟରୁ ଆସନ୍ତା ବର୍ଷ ବ୍ରାଜିଲରେ ହେବାକୁ ଥିବା ମହିଳା ଫିଫା ବିଶ୍ୱକପ୍ ଲାଗି ୬ ଦଳ ଯୋଗ୍ୟତା ହାସଲ କରିଛନ୍ତି। ମିଡିଲ ଇଷ୍ଟରେ ଯୁଦ୍ଧ ଚାଲୁଥିବା ବେଳେ ଇରାନ ଏହି ୧୨ ଦଳ ବିଶିଷ୍ଟ ଟୁର୍ନାମେଣ୍ଟରେ ଖେଳୁଥିବାରୁ ଏହା ଚର୍ଚ୍ଚାର ବିଷୟ ପାଲଟି ଥିଲା। ଇରାନ ଦଳର ୭ ଖେଳାଳି ପ୍ରାରମ୍ଭିକ ଭାବେ ଅଷ୍ଟ୍ରେଲିଆରେ ଆସାଇଲମ ଲାଗି ଅନୁରୋଧ କରିଥିଲେ। ହେଲେ ଅଷ୍ଟ୍ରେଲିଆ ସରକାରଙ୍କ ଅନୁମତି ପରେ ସେମାନଙ୍କ ମଧ୍ୟରୁ ୫ ଜଣ ଦଳ ସହ ଫେରି ଯାଇଥିଲେ।

## ପାର୍ବତୀଙ୍କୁ ଦୁଇ ସ୍ୱର୍ଣ୍ଣ

**ଭୁବନେଶ୍ୱର,୨୧।୩(ଅନାଦି କର)**

ଚଣ୍ଡିଗଡ଼ରେ ଚାଲିଥିବା ଖେଲୋ ମାଷ୍ଟର ନ୍ୟାଶନାଲ ଗେମ୍ସରେ ଆନ୍ତର୍ଜାତୀୟ ଆଥଲେଟ୍ ପାର୍ବତୀ ସେଠୀ ଶନିବାର ଦୁଇଟି ସ୍ୱର୍ଣ୍ଣ ପଦକ ଜିତିଛନ୍ତି। ସେ ଡିସ୍‌କସ୍ ଥ୍ରୋରେ ୪୦.୫୫ ମିଟର ଦୂରତା ହାସଲ କରିଥିବା ବେଳେ ସଟ୍ ପୁଟରେ ୧୦.୪୫ ମି. ଥ୍ରୋ ସହିତ ପୋଡିୟମରେ ଶୀର୍ଷ ସ୍ଥାନ ହାସଲ କରିଛନ୍ତି। ଓଡ଼ିଶାର ପ୍ରଥମ ମହିଳା ଡିସକସ୍ ଥ୍ରୋୟର ହେଉଛନ୍ତି ପାର୍ବତୀ। ସେ ଇଣ୍ଡିଆନ ରେଲୱେ ବିଭାଗରେ କାର୍ଯ୍ୟରତ। ଆଗକୁ ଦକ୍ଷିଣ କୋରିଆରେ ୱାର୍ଲ୍ଡ ମାଷ୍ଟର ଆଥଲେଟ୍ ମିଟ ହେବ। ରାଜ୍ୟ ସରକାର ସହଯୋଗ କଲେ, ମୁଁ ରାଜ୍ୟ ପାଇଁ ପଦକ ଜିତିବା ଆଶା ରଖିଛି ବୋଲି ପାର୍ବତୀ କହିଛନ୍ତି।




ସ୍ୱର୍ଣ୍ଣ ପଦକଧାରୀ ପାର୍ବତୀ ସେଠୀ।

## ଭାଷ୍ୟକାର ଶିବରାମ କ୍ରିଷ୍ଣନଙ୍କ ଅବସର

**ନୂଆଦିଲ୍ଲୀ,୨୧।୩**

ଭାରତର ପୂର୍ବତନ କ୍ରିକେଟର ଲକ୍ଷ୍ମଣ ଶିବରାମ କ୍ରିଷ୍ଣନ କମେଣ୍ଟ୍ରୀରୁ ଅବସର ଘୋଷଣା କରିଛନ୍ତି। ହେଲେ ସେ ଅବସର ଘୋଷଣା ଲାଗି କରିଥିବା ସୋସିଆଲ ମିଡିଆ ପୋଷ୍ଟକୁ ନେଇ ଏବେ ବିବାଦ ଦେଖାଦେଇଛି। ''ଦୀର୍ଘ ୨୩ ବର୍ଷ ହେଲା ମୋତେ ଟସ୍ ଓ ମ୍ୟାଚ୍ ପରବର୍ତ୍ତୀ ଉପସ୍ଥାପନା ଲାଗି ସୁଯୋଗ ମିଳୁନାହିଁ। ନୂଆ ଚେହେରା ଆସି ପିଚ୍ ରିପୋର୍ଟ, ଟସ୍, ମ୍ୟାଚ୍ ଉପସ୍ଥାପନା କରୁଛନ୍ତି। ଏପରିକି ରବି ଶାସ୍ତ୍ରୀ ଭାରତୀୟ ଦଳର କୋଚ୍ ଥିବା ବେଳେ ମଧ୍ୟ ଯଦି ସୁଯୋଗ ନ ମିଳେ, ତେବେ ତାହାର କାରଣ କ'ଣ ହୋଇଥିବ'' ବୋଲି ଶିବରାମ କ୍ରିଷ୍ଣନ ଏକ୍ସ'ରେ ପୋଷ୍ଟ କରିଥିଲେ। ଏହି ପୋଷ୍ଟରେ ଜଣେ ୟୁଜର କମେଣ୍ଟ କରି ଲେଖିଥିଲେ, ହୁଏତ ତୁମର କୃଷ୍ଣକାୟ ରଙ୍ଗ ଏହାର କାରଣ ହୋଇଥାଇପାରେ। ଏହାର ଉତ୍ତରରେ ଶିବରାମ କ୍ରିଷ୍ଣନ ଲେଖିଥିଲେ, ତୁମେ ଠିକ କହିଛ। ରଙ୍ଗ ଭେଦଭାବ। ଏହି ପୋଷ୍ଟ ଭାଇରାଲ ହେବା ପରେ ବିସିସିଆଇ ପ୍ରଶାସକଙ୍କର ଏଥିରେ କୌଣସି ଭୂମିକା ନ ଥିବା ନେଇ ଶିବରାମ କ୍ରିଷ୍ଣନ ସ୍ପଷ୍ଟୀକରଣ ରଖିଛନ୍ତି।

## ୫୦ ମିଟର ଫ୍ରିଷ୍ଟାଇଲରେ କାମେରନଙ୍କ ବିଶ୍ୱ ରେକର୍ଡ

**ଶେନ୍‌ଝେନ,୨୧।୩(ଚାଇନା)**

ଅଲିମ୍ପିକ ଓ ବିଶ୍ୱ ଚାମ୍ପିୟନ ସନ୍ତରଣକାରୀ କାମେରନ ମ୍ୟାକ୍‌ଏଭଏ ପୁରୁଷ ୫୦ମିଟର ଫ୍ରିଷ୍ଟାଇଲରେ ୧୭ବର୍ଷ ଧରି ରହିଥିବା ରେକର୍ଡକୁ ଭଙ୍ଗ କରିଦେଇଛନ୍ତି। ଅଷ୍ଟ୍ରେଲିଆର ଏହି ୩୧ବର୍ଷୀୟ ଶେନଝେନ୍‌ରେ ଅନୁଷ୍ଠିତ ଚାଇନା ଓପନରେ ୨୦.୮୮ ସେକେଣ୍ଡ ଟାଇମିଂରେ ରେସ୍ ଶେଷ କରି ନୂଆ କିର୍ତ୍ତୀମାନ ଅର୍ଜନ କରିଛନ୍ତି। ପୂର୍ବରୁ ଏହି ରେକର୍ଡର ଅଧିକାରୀ ଥିବା ବ୍ରାଜିଲିଆନ ସେସାର ସିଏଲୋ ୦.୦୩ ସେକେଣ୍ଡ ଆଗୁଆ ରେସ୍ ଶେଷ କରିଥିଲେ। ସିଏଲୋ ତାଙ୍କ ବିଶ୍ୱ ରେକର୍ଡ ୨୦୦୯ 'ସୁପର ସୁଟ୍' ଯୁଗରେ ସୁଇମିଂରେ ୨୦.୯୧ ଟାଇମିଂରେ ପ୍ରତିଷ୍ଠା କରିଥିଲେ। ସିଲୋ ସୋସିଆଲ ମିଡିଆ ଜରିଆରେ ତୁରନ୍ତ ମ୍ୟାକ୍‌ଏଭଏଙ୍କୁ ଅଭିନନ୍ଦନ ଜଣାଇଛନ୍ତି। ସେ ଟୁଇଟ୍ କରିଛନ୍ତି; କଙ୍ଗ୍ରାଟ୍ସ, କାମ୍।



କାମେରନ ମ୍ୟାକ୍‌ଏଭଏ

## ୨୩ରୁ ଜାତୀୟ ସିନିୟର ହ୍ୟାଣ୍ଡବଲ

**ଭୁବନେଶ୍ୱର,୨୧।୩(ଅନାଦି କର)**

ଆସନ୍ତା ୨୩ରୁ ୨୭ ତାରିଖ ପର୍ଯ୍ୟନ୍ତ ହରିୟାଣାର କୁରୁକ୍ଷେତ୍ରଠାରେ ୫୪ତମ ଜାତୀୟ ସିନିୟର ପୁରୁଷ ହ୍ୟାଣ୍ଡବଲ ପ୍ରତିଯୋଗିତା ଅନୁଷ୍ଠିତ ହେବ। ଏଥିଲାଗି ଓଡ଼ିଶା ଦଳ ଶନିବାର ଟ୍ରେନ ଯୋଗେ ଯାତ୍ରା କରିଛି। ଦଳରେ ସ୍ଥାନ ପାଇଥିବା ଖେଳାଳିମାନେ ହେଲେ ସୁମନ୍ତ କୁମାର ସାହୁ, ବିଶ୍ୱନାଥ କହର, ଅନିଲ ପାତ୍ର, କ୍ଷୀତିଶ ଚନ୍ଦ୍ର ଖଟେଇ, ଭୋଳାନାଥ ଖଟୁଆ, ସୁରେଶ କୁମାର ସେଠୀ, ଅଜିତ ସାହୁ, ସରୋଜ ନାୟକ, ଅଶୋକ ବେହେରା, ରାଜେଶ ନାୟକ, ଜ୍ୟୋତିରଞ୍ଜନ ଲେଙ୍କା, ସୁବ୍ରତ ଦାସ, ଓମ୍ ପ୍ରକାଶଦାସ ମହାପାତ୍ର, ଦିବ୍ୟଜ୍ୟୋତି ମହାପାତ୍ର, ସୁବାସ ମାଝୀ, ରୁଦ୍ରପ୍ରସାଦ ରାଉତ, ନୀଳମଣି ମଣ୍ଡଳ, ଶାନ୍ତନୁ ବିଶ୍ୱାଳ। ଦଳ ସହିତ ପ୍ରଶିକ୍ଷକ ଭାବେ ପ୍ରଭାତ କୁମାର ଦଳେଇ, ପ୍ରବନ୍ଧକ ଭାବେ ଛାୟାକାନ୍ତ ମହାନନ୍ଦା ଯାତ୍ରା କରିଛନ୍ତି। ଓଡ଼ିଶା ଦଳକୁ ଓଡ଼ିଶା ରାଜ୍ୟ ହ୍ୟାଣ୍ଡବଲ ଆସୋସିଏଶନ ପକ୍ଷରୁ ସମ୍ପାଦକ ବୀରେନ କୁମାର ବେହେରା, ସଭାପତି ଗୋପୀନାଥ ସାହୁ, କୋଷାଧ୍ୟକ୍ଷ ଉପେନ୍ଦ୍ର କୁମାର ଦାସ, ସୋମନନ୍ଦ ବିହାରୀ ପ୍ରମୁଖ ଶୁଭକାମନା ଜଣାଇଛନ୍ତି।

## ୱିମ୍ବେଲଡନ ଓପନରେ ଭିଡିଓ ରିଭ୍ୟୁ ବ୍ୟବସ୍ଥା

**ଲଣ୍ଡନ, ୨୧।୩ (ଏପି)**

ୱିମ୍ବେଲଡନ ଓପନ ଗ୍ରାଣ୍ଡସ୍ଲାମ ଟେନିସ୍‌ରେ ଚଳିତବର୍ଷ ପ୍ରଥମ ଥର ଭିଡିଓ ରିଭ୍ୟୁ ବ୍ୟବସ୍ଥା କାର୍ଯ୍ୟକାରୀ ହେବ। ଅଲ୍ ଇଂଲଣ୍ଡ କ୍ଲବ ତରଫରୁ ଶନିବାର ଏହା ଘୋଷଣା କରାଯାଇଛି। ବିଶ୍ୱର ଏହି ସର୍ବ ପୁରାତନ ଗ୍ରାଣ୍ଡସ୍ଲାମ ଟେନିସ ଟୁର୍ନାମେଣ୍ଟର ସେଣ୍ଟର କୋର୍ଟ, କ୍ଲବର ଦ୍ୱିତୀୟ ସର୍ବବୃହତ୍ ଷ୍ଟାଡିୟମ ନମ୍ବର-୧ କୋର୍ଟ ବ୍ୟତୀତ ଅନ୍ୟ ୪ଟି କୋର୍ଟରେ ଏହି ଟେକ୍ନୋଲୋଜି ଉପଲବ୍ଧ ହେବ। ଚେୟାର ଅମ୍ପାୟରଙ୍କ ଦ୍ୱାରା ହୋଇଥିବା ନିର୍ଦ୍ଦିଷ୍ଟ କଲ୍ ଯଥା ଡବଲ ବାଉନ୍ସ ଉପରେ ଖେଳାଳିମାନେ ରିଭ୍ୟୁ ପାଇଁ ଅନୁମତି ପାଇବେ। ୨୦୨୩ ୟୁଏସ୍ ଓପନରେ ଭିଡିଓ ରିଭ୍ୟୁ ଏହାର ପ୍ରଥମ ପଦାର୍ପଣ କରିଥିଲା। ଅଷ୍ଟ୍ରେଲିଆନ ଓପନ ମଧ୍ୟ ଏହି ଟେକ୍ନୋଲୋଜି ବ୍ୟବହାର କରି ଆସୁଛି।

## ତନ୍‌ଭିଙ୍କ ପ୍ରଭାବୀ ଅଭିଯାନ ଶେଷ

**ଓର୍ଲିନ୍ସ, ୨୧।୩ (ପି.ଟି.)**

ଭାରତର ସ୍ୱଳ୍ପ ବୟସ୍କା ବ୍ୟାଡ୍‌ମିଣ୍ଟନ ଖେଳାଳି ତନ୍‌ଭି ଶର୍ମା ଏଠାରେ ଚାଲିଥିବା ଓର୍ଲିନ୍ସ ମାଷ୍ଟର୍ସ ସୁପର ୩୦୦ ଟୁର୍ନାମେଣ୍ଟ ସେମିଫାଇନାଲରୁ ବିଦାୟ ନେଇଛନ୍ତି। ଜାପାନର ନୋଜୋମି ଓକୁହାରାଙ୍କଠାରୁ ସେ ୯-୨୧, ୧୬-୨୧ରେ ହାରିଯାଇଛନ୍ତି। ଏହି ମ୍ୟାଚ ମାତ୍ର ୩୫ ମିନିଟରେ ଶେଷ ହୋଇଯାଇଥିଲା। ମ୍ୟାଚରେ ନିୟନ୍ତ୍ରଣ ହରାଇ ବସିବାରୁ ତନଭିଙ୍କୁ ପରାଜୟ ବରଣ କରିବାକୁ ହୋଇଥିଲା। ସୂଚନାଯୋଗ୍ୟ, ବିଶ୍ୱ ଜୁନିୟର ଚାମ୍ପିୟନଶିପ୍ ରୌପ୍ୟ ବିଜେତା ଏହି ୧୭ ବର୍ଷୀୟା ଭାରତୀୟ ଗତବର୍ଷ ସୟଦ ମୋଦୀ ଇଣ୍ଟରନ୍ୟାଶନାଲରେ ଏକ ୩ ମ୍ୟାଚ ବିଶିଷ୍ଟ ରୋମାଞ୍ଚକ ମୁକାବିଲାରେ ଓକୁହାରାଙ୍କୁ ହରାଇ ଦେଇଥିଲେ।

## ଓସ୍‌ଜାର ଏଜିଏମ୍ ଅନୁଷ୍ଠିତ

**ଭୁବନେଶ୍ୱର,୨୧।୩(ଅନାଦି କର)**

ଓଡ଼ିଶା ଜର୍ନାଲିଷ୍ଟ ଆସୋସିଏଶନ କାର୍ଯ୍ୟାଳୟ ପରିସରରେ ଶନିବାର ଓଡ଼ିଶା ସ୍ପୋର୍ଟ୍ସ ଜର୍ନାଲିଷ୍ଟ ଆସୋସିଏଶନ (ଓସ୍‌ଜା)ର ସାଧାରଣ ପରିଷଦ ବୈଠକ (ଏଜିଏମ୍) ଅନୁଷ୍ଠିତ ହୋଇଯାଇଛି। ସଂଘର ୨୦୨୫-୨୬ ବର୍ଷର ଆର୍ଥିକ ରିପୋର୍ଟ ପ୍ରଦାନ କରାଯିବା ସହ ୨୦୨୬-୨୭ ବର୍ଷ କାର୍ଯ୍ୟ ଖସଡ଼ା ନିର୍ଦ୍ଧାରଣ ହୋଇଥିଲା। ଏହି ଅବସରରେ ଓସ୍‌ଜାର ନୂଆ କର୍ମକର୍ତ୍ତା ସର୍ବସମ୍ମତିକ୍ରମେ ମନୋନୀତ ହୋଇଛନ୍ତି। ସନ୍ଦୀପ ମିଶ୍ର ସଭାପତି ପଦ ବଜାୟ ରଖିଥିବା ବେଳେ ସମୀକ୍ଷା ପଟ୍ଟନାୟକ କାର୍ଯ୍ୟକାରୀ ସଭାପତି, ତପନ କୁମାର ସ୍ୱାଇଁ ସାଧାରଣ ସମ୍ପାଦକ ଓ ସୁରେଶ କୁମାର ସ୍ୱାଇଁ କୋଷାଧ୍ୟକ୍ଷ ମନୋନୀତ ହୋଇଛନ୍ତି। ସେହିଭଳି ଉପସଭାପତି ଭାବେ ହିମାଂଶୁପତି ମିଶ୍ର, ସଞ୍ଜୀବ ବିଶ୍ୱାଳ, ଦେବୀପ୍ରସନ୍ନ ମହାନ୍ତି ଏବଂ ଯୁଗ୍ମ ସମ୍ପାଦକ ଭାବେ ଦେବାଶିଷ ସୁନ୍ଦରାୟ, ଶୁଭଲକ୍ଷ୍ମୀ ବଳ, ବିମଳ କୁମାର ରାଉଳ ମନୋନୀତ ହୋଇଛନ୍ତି। କାର୍ଯ୍ୟକାରୀ କମିଟିରେ କେ. ରବି, ସମ୍ବିତ ମହାପାତ୍ର, ଜ୍ଞାନରଂଜନ ମିଶ୍ର, ଡି. ନିରଞ୍ଜନ ରେଡ୍ଡୀ, ଶକ୍ତି ପ୍ରସାଦ ନନ୍ଦ, ବେଣୁଧର ଦାସ, ତୁଷାର କୁମାର ସେନାପତି ସଦସ୍ୟ ଭାବେ ରହିଛନ୍ତି। ସନ୍ଦୀପ ମିଶ୍ର ପୌରୋହିତ୍ୟ କରିଥିବା ବେଳେ ସମୀକ୍ଷା ପଟ୍ଟନାୟକ ଧନ୍ୟବାଦ ଅର୍ପଣ କରିଥିଲେ।




ବୈଠକରେ ଯୋଗଦେଇଥିବା ଓଡ଼ିଶା ସ୍ପୋର୍ଟ୍ସ ଜର୍ନାଲିଷ୍ଟ ଆସୋସିଏଶନର ସଦସ୍ୟ।

## ମାନବ, ଯଶସ୍ୱିନୀଙ୍କୁ ପ୍ରଥମ ଜାତୀୟ ଟାଇଟଲ

### ଜାତୀୟ ଟେନିସ

**ଇନ୍ଦୋର, ୨୧।୩ (ପି.ଟି.)**

ପେଟ୍ରୋଲିୟମ ସ୍ପୋର୍ଟ୍ସ ପ୍ରମୋଶନ ବୋର୍ଡ (ପିଏସ୍‌ପିବି) ଖେଳାଳି ମାନବ ଠକ୍କର ଓ ଯଶସ୍ୱିନୀ ଘୋର୍‌ପଡ଼େ ଏଠାରେ ଚାଲିଥିବା ଜାତୀୟ ସିନିୟର ଟେବିଲ ଟେନିସ (ଟିଟି) ଚାମ୍ପିୟନଶିପ୍‌ରେ ସେମାନଙ୍କ ପ୍ରଥମ ସିଙ୍ଗଲ୍ସ ଟାଇଟଲ ହାସଲ କରିଛନ୍ତି। ପୁରୁଷ ଫାଇନାଲ ମାନବ ୪-୧ (୧୧-୨, ୧୧-୪, ୬-୧୧, ୧୧-୯, ୧୧-୩)ରେ ରେଲୱେ ସ୍ପୋର୍ଟ୍ସ ପ୍ରମୋଶନ ବୋର୍ଡ (ଆର୍‌ଏସ୍‌ପିବି)ର ଜିତ୍ ଚନ୍ଦ୍ରଙ୍କୁ ହରାଇ ଦେଇଛନ୍ତି। ସେହିପରି ସଂଘର୍ଷପୂର୍ଣ୍ଣ ମହିଳା ଫାଇନାଲରେ ଯଶସ୍ୱିନୀ ୪-୩ (୧୧-୬, ୧୨-୧୪, ୧୧-୫, ୧୧-୯, ୧୩-୧୧, ୬-୧୧, ୧୧-୮ରେ ପିଏସ୍‌ପିବିର ସିଣ୍ଡ୍ରେଲା ଦାସଙ୍କୁ ପରାସ୍ତ କରିଛନ୍ତି।

**ଅଙ୍କୁର-ସୁହାନାଙ୍କୁ ସ୍ୱର୍ଣ୍ଣ**

ମିକ୍ସଡ ଡବଲ୍ସ ଫାଇନାଲରେ ପଶ୍ଚିମବଙ୍ଗର ଅଙ୍କୁର ଭଟ୍ଟାଚାର୍ଜୀ ଓ ହରିୟାଣାର ସୁହାନା ସଇନି ଏକ ୫ ସେଟ୍ ବିଶିଷ୍ଟ ରୋମାଞ୍ଚକ ମୁକାବିଲାରେ ବେଙ୍ଗଲ ଯୋଡ଼ି ଅନିକେତ ବୋଷ ଓ ସମ୍ପ୍ରତି ରାୟଙ୍କୁ ୩-୨ (୧୧-୯-୧୧-୭, ୯-୧୧, ୧୩-୧୫, ୧୨-୧୦)ରେ ହରାଇ ଦେଇଛନ୍ତି।

**ଦିବ୍ୟାଂଶୀଙ୍କୁ ଡି. ବିଶ୍ୱ ଟ୍ରଫି**

ଟୁର୍ନାମେଣ୍ଟରେ ଉଦୀୟମାନ ଯୁବ ଖେଳାଳି ଭାବେ ସିନିୟର ସ୍ତରରେ ଉଲ୍ଲେଖନୀୟ ପ୍ରଦର୍ଶନ ପାଇଁ ଦିବ୍ୟାଂଶୀ ଭୌମିକ୍‌ଙ୍କୁ ଡି. ବିଶ୍ୱ ଟ୍ରଫି ମିଳିଛି। ପ୍ରଭାବୀ ପ୍ରଦର୍ଶନ ସହ ସେ କ୍ୱାର୍ଟରଫାଇନାଲ ପର୍ଯ୍ୟାୟକୁ ଉନ୍ନୀତ ହୋଇ ପାରିଥିଲେ। ଶୁକ୍ରବାର ଅନୁଷ୍ଠିତ ଏକ କଡ଼ା ମୁକାବିଲାରେ ସେ ଗତଥରର ଚାମ୍ପିୟନ ଦିୟା ଚିତାଲେଙ୍କୁ ହରାଇ ଦେଇଥିଲେ। ସୂଚନାଯୋଗ୍ୟ, ଦିବ୍ୟାଂଶୀ ଏସିଆନ ୟୁଥ୍ ଚାମ୍ପିୟନଶିପ୍‌ର ୧୫ ବର୍ଷରୁ କମ୍ ସିଙ୍ଗଲ୍ସରେ ସ୍ୱର୍ଣ୍ଣ ପଦକ ଜିତିଥିଲେ। ଏତଦ୍ ବ୍ୟତୀତ ଗତବର୍ଷ ଆଇଟିଟିଏଫ୍ ୟୁଥ୍ ୱାର୍ଲ୍ଡ ଚାମ୍ପିୟନଶିପ୍‌ରେ ସେ ୧୯ ବର୍ଷରୁ କମ୍ ଟାଇଟଲ ହାସଲ କରିଥିଲେ।




ଯଶସ୍ୱିନୀ ଘୋର୍‌ପଡ଼େ ଓ ମାନବ ଠକ୍କର।


1-Printed and published by Adyasha Satpathy on behalf of Navajat Printers & Media Pvt. Ltd. and printed at Navajat Printers, B-15, Industrial Estate, Rasulgarh, Bhubaneswar, Editor - Tathagata Satpathy, ସମ୍ପାଦକ– ତଥାଗତ ସତପଥୀ

ଧରିତ୍ରୀ 52 Years
ପୃଷ୍ଠା–୮+୮
ଧରିତ୍ରୀ
DHARITRI
ଭୁବନେଶ୍ୱର, ରବିବାର, ମାର୍ଚ୍ଚ ୨୨/୨୦୨୬ (୮+୮=୧୬ ପୃଷ୍ଠା+ଛୁଟିଦିନ) | Bhubaneswar, Sunday, March 22/2026 | Page 16 | ₹ 7.00 | BERHAMPUR
୫୨ଶ ଭାଗ ୧୧୬ ସଂଖ୍ୟା | www.orissakhabar.com/www.dharitri.com | Printed at Bhubaneswar, Sambalpur, Rayagada & Angul | VOLUME 52 ISSUE 116 | ମୂଲ୍ୟ ₹୭/-

# ପୂର୍ବତନ ବିଧାୟକଙ୍କୁ ବାସନ୍ଦକଲା ଭତରା ସମାଜ

### ଅନ୍ୟ ଜାତିରେ ଝିଅ ବିବାହ କରାଉଥିବାରୁ ବୈଠକ କରି ନିଷ୍ପତ୍ତି ନେଇଛି ସମାଜ

ଡାବୁଗାଁ,୨୧।୩(ପ୍ରଜ୍ଞାରଞ୍ଜନ ପରିଡ଼ା)

ନବରଙ୍ଗପୁର ପୂର୍ବତନ ବିଧାୟକ ସଦାଶିବ ପ୍ରଧାନୀ ଅନ୍ୟ ଜାତିରେ ନିଜ ଝିଅଙ୍କୁ ବାହାଦେବାକୁ ଯାଉଥିବାରୁ ତାଙ୍କ ପରିବାରକୁ ଭତରା ସମାଜ ପକ୍ଷରୁ ବାସନ୍ଦ କରାଯିବା ଖବର ପଦାକୁ ଆସିଛି। ଶନିବାର ନବରଙ୍ଗପୁର ଜିଲା ଡାବୁଗାଁ ଥାନା ଅଧୀନ ଧାମନାଗୁଡ଼ା ଗ୍ରାମ ସ୍ଥିତ ମାଁ ଦାନ୍ତେଶ୍ୱରୀ ମନ୍ଦିର ପରିସରରେ ନବରଙ୍ଗପୁର ଜିଲା ଅଖିଳ ଭାରତୀୟ ଭତରା ବିକାଶ ପରିଷଦର ଏକ ବୈଠକ ଜିଲା ସଭାପତି ଜଗନ୍ନାଥ ମାଝିଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହୋଇଯାଇଛି। ତେବେ ଖବର ଲେଖାଯିବା ସୁଦ୍ଧା ଏ ନେଇ ବିଧାୟକ ପ୍ରଧାନୀଙ୍କ କୌଣସି ମତାମତ ମିଳିପାରିନାହିଁ।

ସୂଚନାନୁଯାୟୀ ଆସନ୍ତା ଏପ୍ରିଲରେ ପୂର୍ବତନ ବିଧାୟକ ସଦାଶିବ ପ୍ରଧାନୀ ଜୟପୁରର ଏକ ବ୍ରାହ୍ମଣ ପରିବାରରେ ଝିଅ ବାହାଘର କରିବାକୁ ଯାଉଛନ୍ତି। ଏ ନେଇ ଗତ ଫେବୃଆରୀରେ ନିର୍ବନ୍ଧ ସରିଛି। ଏ କଥା ଜଣାପଡ଼ିବା ପରେ ନବରଙ୍ଗପୁର ଜିଲାର ୧୦ ବ୍ଲକ୍‌ର ଭତରା ସମାଜର ସଭାପତି ଓ ଅନ୍ୟ କର୍ମକର୍ତ୍ତାମାନେ ଶନିବାର ଏକ ବୈଠକ କରିଥିଲେ। ନବରଙ୍ଗପୁର ପୂର୍ବତନ ବିଧାୟକ ସଦାଶିବ ପ୍ରଧାନୀ ସମାଜର ନିୟମ ଉଲ୍ଲଂଘନକରି ନିଜ ଝିଅର ବିବାହ ଅନ୍ୟ ଜାତିରେ କରାଉଥିବା ନେଇ ଆଲୋଚନା ହୋଇଥିଲା। ଏହାପରେ ବ୍ଲକ୍‌ର ସମାଜ ସଭାପତି ଓ କର୍ମକର୍ତ୍ତାଙ୍କ ନିଷ୍ପତ୍ତିକ୍ରମେ ପୂର୍ବତନ ବିଧାୟକ ପ୍ରଧାନୀଙ୍କ ପରିବାରକୁ ଭତରା ସମାଜରୁ ବାସନ୍ଦ କରାଯାଇଛି। ଏହି ବୈଠକରେ ଜିଲା ସମ୍ପାଦକ ପ୍ରତାପ ଚନ୍ଦ୍ର ନାୟକ, ତେନ୍ତୁଳିଖୁଣ୍ଟି ବ୍ଲକ୍ ସଭାପତି ସୂର୍ଯ୍ୟ ରନ୍ଧାରୀ, ଚନ୍ଦାହାଣ୍ଡି ବ୍ଲକ୍ ସଭାପତି ସରିନ୍ଦ୍ର ଶରୀ, ଝରିଗାଁ ବ୍ଲକ୍ ସଭାପତି ସଦାନନ୍ଦ ଭତ୍ରା, ଡାବୁଗାଁ ବ୍ଲକ ସଭାପତି ମୋହନ ନାୟକଙ୍କ ସମେତ ୧୦ ବ୍ଲକ୍‌ର ସଭାପତି, ସମ୍ପାଦକ, ନାଏକ, ମହାନାଏକ, ପାଇକ ତଥା ସମାଜର ଅନ୍ୟ ମାନ୍ୟଗଣ୍ୟ ବ୍ୟକ୍ତି ଯୋଗ ଦେଇଥିଲେ।


ସଦାଶିବ ପ୍ରଧାନୀ

# ଜଙ୍ଗଲରେ ନିଆଁ ଲଗାଇଲେ ଦୃଢ଼ କାର୍ଯ୍ୟାନୁଷ୍ଠାନ

### ମନୁଷ୍ୟକୃତ ବନାଗ୍ନିକୁ ନେଇ ମୁଖ୍ୟମନ୍ତ୍ରୀଙ୍କ ଉଦ୍‌ବେଗ

### ୨ବର୍ଷରେ ୫୫୮ ବର୍ଗ କି.ମି. ଜଙ୍ଗଲ ବୃଦ୍ଧି

ଭୁବନେଶ୍ୱର,୨୧।୩(ବନ୍ଦନା ସେଠୀ)




ପ୍ରକୃତିର ଅନନ୍ୟ ବରଦାନ ହେଉଛି ଆମର ସବୁଜ ବନାନୀ। ଏହା ଆମ ଜୀବନ ଓ ଜୀବିକାର ଆଧାର। ତେଣୁ ଜଙ୍ଗଲ ନିଆଁ ଏବଂ ମନୁଷ୍ୟ–ବନ୍ୟଜନ୍ତୁ ସଂଘର୍ଷ ରୋକିବା ଦିଗରେ ସମସ୍ତେ ଯତ୍ନବାନ୍ ହେବା ଆବଶ୍ୟକ। ବିଶେଷକରି ମନୁଷ୍ୟକୃତ ଜଙ୍ଗଲ ନିଆଁ କ୍ଷେତ୍ରରେ ସମ୍ପୃକ୍ତ ଦୋଷୀଙ୍କ ବିରୋଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ନେବାକୁ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ବିଭାଗକୁ ନିର୍ଦ୍ଦେଶ ଦେଇଛନ୍ତି। ଶନିବାର ଲୋକସେବା ଭବନ କନ୍‌ଭେନ୍‌ଶନଠାରେ ଆୟୋଜିତ ରାଜ୍ୟସ୍ତରୀୟ ବିଶ୍ୱ ବନ ଦିବସ କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ଯୋଗଦେଇ ମୁଖ୍ୟମନ୍ତ୍ରୀ ମନୁଷ୍ୟକୃତ ବନାଗ୍ନିକୁ ନେଇ ଉଦ୍‌ବେଗ ପ୍ରକାଶ କରିଥିଲେ। ଏଥିସହ ସେ ଜଙ୍ଗଲ ସଂରକ୍ଷଣ ଓ ଜଳବାୟୁ ପରିବର୍ତ୍ତନ ସମ୍ବନ୍ଧରେ ସଚେତନତାକୁ ଆହୁରି ବ୍ୟାପକ କରିବାକୁ ନିର୍ଦ୍ଦେଶ ଦେଇଥିଲେ। ସେ କହିଲେ, ଉତ୍ତମ ବନ ପରିଚାଳନା ପଦ୍ଧତି, ବ୍ୟାପକ ବୃକ୍ଷରୋପଣ ଓ ଜନସଚେତନତା ଜରିଆରେ ଓଡ଼ିଶା ବନ ସୁରକ୍ଷା ଓ ସବୁଜ ବଳୟ ସୃଷ୍ଟିରେ ଦେଶର ଅଗ୍ରଣୀ ରାଜ୍ୟ ଭାବେ ପ୍ରତିଷ୍ଠା ଲାଭ କରିଛି। ଗତ ୨ବର୍ଷ ମଧ୍ୟରେ ରାଜ୍ୟରେ ୫୫୮ ବର୍ଗ କି.ମି. ବନ ଓ ବୃକ୍ଷ ଆବରଣ ବୃଦ୍ଧି ଘଟିଛି। ବର୍ତ୍ତମାନ ରାଜ୍ୟର ସମୁଦାୟ ଭୂମି କ୍ଷେତ୍ରର ୩୭.୬୩% ଅର୍ଥାତ ୫୮,୫୯୭ ବର୍ଗ କି.ମି. ବନ ଓ ବୃକ୍ଷ ଆବରଣରେ ପରିପୂର୍ଣ୍ଣ। ଏକ୍ ପେଡ୍ ମା' କେ ନାମ୍ ଅଭିଯାନରେ ରାଜ୍ୟରେ ଗୋଟିଏ ଦିନରେ ୧.୪୯ କୋଟି ଚାରାରୋପଣ ସହିତ ବର୍ଷକ ମଧ୍ୟରେ ୮କୋଟିରୁ ଅଧିକ ଗଛ ଲଗାଯାଇଛି। ଜଙ୍ଗଲ ସହିତ ଅର୍ଥନୀତି ଜଡ଼ିତ। ଏ କ୍ଷେତ୍ରରେ ଓଡ଼ିଶା ଗୁରୁତ୍ୱପୂର୍ଣ୍ଣ ଭୂମିକା ନିର୍ବାହ କରୁଛି। ପରିବେଶ ଓ ଶିଳ୍ପାୟନ ମଧ୍ୟରେ ଉପଯୁକ୍ତ ସମନ୍ୱୟକୁ ମୁଖ୍ୟମନ୍ତ୍ରୀ ଗୁରୁତ୍ୱ ଦେବା ସହ ଜଙ୍ଗଲ କେବଳ ପରିବେଶ ପାଇଁ ନୁହେଁ, ବରଂ ଆମ ରାଜ୍ୟ ତଥା ଦେଶର ବିକାଶ ପାଇଁ ମଧ୍ୟ ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ ବୋଲି କହିଛନ୍ତି। ଜଙ୍ଗଲ, ପରିବେଶ ଓ ଜଳବାୟୁ ପରିବର୍ତ୍ତନ ମନ୍ତ୍ରୀ ଗଣେଶ ରାମ ସିଂ ଖୁଣ୍ଟିଆ କହିଲେ, ରାଜ୍ୟରେ ମୁଖ୍ୟମନ୍ତ୍ରୀଙ୍କ ନେତୃତ୍ୱରେ ଗ୍ରାମାଞ୍ଚଳ ଓ ଜଙ୍ଗଲ ଅଧିବାସୀଙ୍କ ବିକାଶକୁ ଗୁରୁତ୍ୱ ଦେଇ ନିରନ୍ତର କାର୍ଯ୍ୟ କରାଯାଉଛି। ଜଙ୍ଗଲ ନିକଟବର୍ତ୍ତୀ ଅଞ୍ଚଳର ଲୋକଙ୍କ ଜୀବନ ଜୀବିକାକୁ ଆଗକୁ ନେବା ପାଇଁ ବିଭାଗ ପକ୍ଷରୁ ଉଦ୍ୟମ ଜାରି ରହିଛି। ଆଦିବାସୀ ଅଧ୍ୟୁଷିତ ଜିଲାଗୁଡିକରେ ଏସବୁ କାର୍ଯ୍ୟକୁ ଆହୁରି କ୍ରିୟାଶୀଳ କରାଯାଇଛି। ମୁଖ୍ୟ ଶାସନ ସଚିବ ଅନୁ ଗର୍ଗ କହିଲେ, ୨୦୩୬ ଓ ୨୦୪୭ ବେଳକୁ ଓଡିଶା ଅର୍ଥନୀତିର ଅଭିବୃଦ୍ଧି ସହିତ ବ୍ୟାପକ ନିଯୁକ୍ତି ଲକ୍ଷ୍ୟ ରହିଛି। ପର୍ଯ୍ୟଟନ କ୍ଷେତ୍ରରୁ କେବଳ ୨୫ଲକ୍ଷ ନିଯୁକ୍ତି ପାଇଁ ଯୋଜନା ରହିଛି। ଆମକୁ ଜଙ୍ଗଲକୁ ଇକୋନୋମିକାଲ କଣ୍ଟ୍ରିବ୍ୟୁଟର ଭାବେ ଗଢି ତୋଳିବା ସହ ଗ୍ରୀନ୍ ଇକୋନୋମି ପ୍ରତି ସ୍ୱତନ୍ତ୍ର ଦୃଷ୍ଟି ଦେବାକୁ ପଡିବ।

ଏହି ଅବସରରେ ମୁଖ୍ୟମନ୍ତ୍ରୀ ଉତ୍ତମ ପ୍ରଦର୍ଶନକାରୀ ବନାଞ୍ଚଳ ଅଧିକାରୀ, ବନପାଳ ଓ ବନରକ୍ଷୀମାନଙ୍କୁ ସମ୍ମାନିତ କରିଥିଲେ। ବିଭାଗ ପକ୍ଷରୁ ଆୟୋଜିତ ଫଟୋଚିତ୍ର ପ୍ରଦର୍ଶନୀକୁ ମୁଖ୍ୟମନ୍ତ୍ରୀ ବୁଲି ଦେଖିବା ସହିତ ଜଙ୍ଗଲ ସୁରକ୍ଷା ସମ୍ବନ୍ଧିତ ପୁସ୍ତକ ଉନ୍ମୋଚନ କରିଥିଲେ। ଜଙ୍ଗଲ, ପରିବେଶ ଓ ଜଳବାୟୁ ପରିବର୍ତ୍ତନ ବିଭାଗର ପ୍ରମୁଖ ଶାସନ ସଚିବ ଭାସ୍କର ଜ୍ୟୋତି ଶର୍ମା ସ୍ୱାଗତ ଭାଷଣ ଏବଂ ପ୍ରଧାନ ମୁଖ୍ୟ ବନ ସଂରକ୍ଷକ ତଥା ବନବାହିନୀ ମୁଖ୍ୟ ଡ. କେ. ମୁରଗେଶନ ଧନ୍ୟବାଦ ଅର୍ପଣ କରିଥିଲେ।




# ଗଜପତିରେ ହେବ ବିମାନ, ରେଳସେବା ସମ୍ପ୍ରସାରଣ

## ଦାବି ରଖିଲେ ବିଧାୟକ ରୂପେଶ ପାଣିଗ୍ରାହୀ




ଭୁବନେଶ୍ୱର,୨୧।୩ (ଅନୁରାଧା ମହାରଣା)

କେନ୍ଦ୍ର ବେସାମରିକ ବିମାନ ଚଳାଚଳ ମନ୍ତ୍ରୀ କେ.ରାମମୋହନ ନାଇଡୁଙ୍କୁ ସାକ୍ଷାତକରି ଦୁଇଟି ରେଳର ସମ୍ପ୍ରସାରଣ ଓ ପାରଳାଖେମୁଣ୍ଡି ନିକଟରେ ଏକ ମିନି ବିମାନବନ୍ଦର ସ୍ଥାପନ ପାଇଁ ପାରଳାଖେମୁଣ୍ଡି ବିଧାୟକ ଇଂ. ରୂପେଶ ପାଣିଗ୍ରାହୀ ଦାବି ରଖିଛନ୍ତି। ପାତପାଟନମଠାରେ ମନ୍ତ୍ରୀଙ୍କୁ ସାକ୍ଷାତକରି ବିଧାୟକ ପାଣିଗ୍ରାହୀ ବିଭିନ୍ନ ଉନ୍ନୟନ କାର୍ଯ୍ୟ ସମ୍ପର୍କରେ ଆଲୋଚନା କରିଥିଲେ। ବିଶେଷକରି ଗୁଣପୁରଠାରୁ ବିଶାଖାପାଟଣା ଯାଉଥିବା ଟ୍ରେନ୍‌କୁ ହାଇଦ୍ରାବାଦ ପର୍ଯ୍ୟନ୍ତ ସମ୍ପ୍ରସାରଣ କରିବା ଓ ଭଦ୍ରକରୁ ଆସି ପଲାସାଠାରେ ରହୁଥିବା ଟ୍ରେନ୍‌କୁ ପାରଳାଖେମୁଣ୍ଡି ପର୍ଯ୍ୟନ୍ତ ସମ୍ପ୍ରସାରଣ କରିବାକୁ ବିଧାୟକ ଦାବି ଜଣାଇଛନ୍ତି। ଏହାସହ ଏହି ଅଞ୍ଚଳରେ ଏକ ମିନି ବିମାନବନ୍ଦର ସ୍ଥାପନକରିବା ପାଇଁ ମଧ୍ୟ ଆଲୋଚନା କରିଛନ୍ତି। ଗଜପତି ଜିଲାର ବିଭିନ୍ନ ଅଞ୍ଚଳରୁ ଅନେକ ଲୋକ ଚାକିରି,ବ୍ୟବସାୟ ଓ ପାଠପଢ଼ା ନିମନ୍ତେ ହାଇଦ୍ରାବାଦ, ଚେନ୍ନାଇ,ଦିଲ୍ଲୀ, ବେଙ୍ଗାଲୁରୁ,କଟକ, ଭୁବନେଶ୍ୱର ମୁମ୍ବାଇ, କୋଲକାତା ଆଦି ସହରକୁ ଯାତାୟାତ କରୁଛନ୍ତି। ତେଣୁ ଜିଲା ସହ ବିଭିନ୍ନ ଅଞ୍ଚଳକୁ ରେଳ ଓ ବିମାନରେ ଗମନାଗମନର ସୁବିଧା ସୃଷ୍ଟି କରିବା ପାଇଁ ବିଧାୟକ କେନ୍ଦ୍ରମନ୍ତ୍ରୀଙ୍କଠାରେ ଦାବି ରଖିଛନ୍ତି । ତେବେ ଦିଲ୍ଲୀ ଫେରିବା ପରେ ରେଳ ବିଭାଗ ଓ ବିମାନ ସେବା ବିଭାଗ ସହ ଆଲୋଚନା କରି ପଦକ୍ଷେପ ନେବେ ବୋଲି ମନ୍ତ୍ରୀ ନାଇଡୁ କହିଛନ୍ତି।

# ଭାରତରେ ୧ ବିଲିୟନ ଟନ୍ କୋଇଲା ଉତ୍ପାଦନ

ଭୁବନେଶ୍ୱର,୨୧।୩ (ଅନୁରାଧା ମହାରଣା)

ପଶ୍ଚିମ ଏସିଆ ସଙ୍କଟ ଯୋଗୁ ବିଶ୍ୱ ଶକ୍ତି ବଜାରରେ ଅନିଶ୍ଚିୟତା ବଢ଼ିଥିବା ସମୟରେ ଭାରତ ୨ୟ ବର୍ଷ ପାଇଁ ୧ ବିଲିୟନ ଟନ୍ (୧ ବିଟି) କୋଇଲା ଉତ୍ପାଦନର ମାଇଲଖୁଣ୍ଟ ହାସଲ କରିଛି। କୋଇଲା ମନ୍ତ୍ରଣାଳୟର ଏକ ବିବୃତିରେ କୁହାଯାଇଛି, କୋଇଲା କ୍ଷେତ୍ରରେ ନିରନ୍ତର ଓ ସମନ୍ୱିତ ପ୍ରୟାସ ଏବଂ ସମସ୍ତ ସମ୍ପୃକ୍ତ ପକ୍ଷଙ୍କ ମୂଲ୍ୟବାନ୍ ଅବଦାନ ଯୋଗୁ ଦେଶ ମାର୍ଚ୍ଚ ୨୦ରେ ଦ୍ୱିତୀୟ ବର୍ଷ ପାଇଁ ୧ ବିଲିୟନ ଟନ୍ କୋଇଲା ଉତ୍ପାଦନର ଲକ୍ଷ୍ୟ ସଫଳତାର ସହ ହାସଲ କରିଛି। ଏହି ଉଚ୍ଚ ଓ ନିରନ୍ତର ଉତ୍ପାଦନ ଦେଶର ବଢୁଥିବା ଶକ୍ତି ଚାହିଦାକୁ ପୂରଣ କରିବାରେ ସହାୟକ ହୋଇଛି ଏବଂ କୋଇଲା ଆଧାରିତ ଥର୍ମାଲ ପାୱାର ପ୍ଲାଣ୍ଟଗୁଡ଼ିକରେ ରେକର୍ଡ କୋଇଲା ଷ୍ଟକ୍ ବଜାୟ ରଖିବାରେ ବିଦ୍ୟୁତ୍ କ୍ଷେତ୍ରକୁ ସମର୍ଥନ ଯୋଗାଇଛି ବୋଲି ଅଧିକାରୀମାନେ କହିଛନ୍ତି। ଏହା ଦେଶର ଆର୍ଥିକ ବୃଦ୍ଧି ଗତିକୁ ଯଥେଷ୍ଟ ମାତ୍ରାରେ ସମୃଦ୍ଧ କରୁଛି।


# ଫାର୍ମବିର ନୂଆ ଲୋଗୋ ଓ ପ୍ୟାକେଜିଂ ଉନ୍ମୋଚିତ



ଭୁବନେଶ୍ୱର,୨୧।୩ (ଅନୁରାଧା ମହାରଣା)

ରାଜ୍ୟର ଅଗ୍ରଣୀ ଖାଦ୍ୟ ପ୍ରସ୍ତୁତକାରୀ ଉଦ୍ୟୋଗ ଫାର୍ମବି ପକ୍ଷରୁ ଭୁବନେଶ୍ୱରସ୍ଥିତ ଏକ ହୋଟେଲରେ ଫାର୍ମବି ୟୁନିଟ୍ ସମିଟ୍ -୨୦୨୬ ଅନୁଷ୍ଠିତ ହୋଇଯାଇଛି । ଏହି କାର୍ଯ୍ୟକ୍ରମକୁ ରୁଚି ଫୁଡ୍ ଲାଇନ୍‌ର ଅଧ୍ୟକ୍ଷା ସଙ୍ଗୀତା ସାହୁ ଓ ଫାର୍ମବିର ପ୍ରତିଷ୍ଠାତା ଓ ପରିଚାଳନା ନିର୍ଦ୍ଦେଶିକା ରଶ୍ମି ସାହୁ ଉଦ୍‌ଘାଟନ କରିଥିଲେ । ଅନ୍ୟମାନଙ୍କ ମଧ୍ୟରେ ଅଛନ୍ତି ଅନୁଷ୍ଠାନର ନ୍ୟାଶନାଲ ସେଲ୍ସ ହେଡ୍ ରବୀନ୍ଦ୍ର କୁମାର, ଜୋନାଲ ସେଲ୍‌ସ ହେଡ୍ ବିବେକ ଚନ୍ଦ୍ର ବ୍ରାଣ୍ଡ ଡେଭେଲପମେଣ୍ଟ ସହଯୋଗୀ ବିଜିତେଶ୍ ମଲ୍ଲିକ ଓ ଭାଚାସ୍ପତି ଶୁକ୍ଲା। ଏହି ଅବସରରେ କମ୍ପାନୀର ସ୍ୱତନ୍ତ୍ର ଲେଗୋ ଓ ପ୍ୟାକେଜିଂ ଉନ୍ମୋଚନ କରାଯାଇଥିଲା। ପୂର୍ବ ଭାରତର ଅଗ୍ରଣୀ ଖାଦ୍ୟ ଉତ୍ପାଦନକାରୀ ଉଦ୍ୟୋଗ ରୁଚି ଫୁଡ୍‌ଲାଇନ୍‌ର ପ୍ରତିଷ୍ଠାତା ତଥା ଓଡ଼ିଶାର ମସଲା ସମ୍ରାଟ ସ୍ୱର୍ଗତ ଡ. ଶରତ କୁମାର ସାହୁଙ୍କ ଆଦର୍ଶ ଓ ଅଭିଜ୍ଞତାର ଏକ ନୂତନ ଉଦ୍ୟୋଗ ଫାର୍ମବିର ପ୍ରତିଷ୍ଠାତା ରଶ୍ମି ସାହୁ କମ୍ପାନୀ ସମ୍ପର୍କରେ ବିଶେଷ ସୂଚନା ଦେଇଛନ୍ତି । ଫାର୍ମବି ସବୁବେଳେ ଖାଉଟିମାନଙ୍କ ଉତ୍ତମ ସ୍ୱାସ୍ଥ୍ୟ ଓ ଶୁଦ୍ଧତା ପାଇଁ ଉତ୍ସର୍ଗୀକୃତ ବୋଲି ପ୍ରକାଶ କରିଥିଲେ । ବ୍ୟବସାୟ ବ୍ୟତୀତ ଫାର୍ମ ବି ଚାଷୀମାନଙ୍କୁ ସ୍ୱାବଲମ୍ବୀ କରିବା, ଚାଷୀମାନଙ୍କ ଠାରୁ ସିଧାସଳଖ ଦ୍ରବ୍ୟ କ୍ରୟକରି ସେମାନଙ୍କୁ ସୁଲଭ ପ୍ରାପ୍ୟ ଦେବା ତଥା ଓଡ଼ିଶାର ଅନେକ ସାମାଜିକ କାର୍ଯ୍ୟକ୍ରମର ଗୁରୁଦାୟିତ୍ୱ ବହନ କରିଛି।

# ଜେଏସ୍‌ଡବ୍ଲ୍ୟୁ ଏନର୍ଜି ପକ୍ଷରୁ ଜାତୀୟ ସୁରକ୍ଷା ଦିବସ



ଜେଏସ୍‌ଡବ୍ଲ୍ୟୁର ସୁରକ୍ଷା କର୍ମୀଙ୍କ ଦ୍ୱାରା ଅଗ୍ନି ନିରାପତ୍ତା ସମ୍ବନ୍ଧୀୟ ମକ୍ ଡ୍ରିଲ୍ କରାଯାଉଛି

ଝାରସୁଗୁଡ଼ା, ୨୧।୩(ଆଶିଷ ରଞ୍ଜନ ଦାଶ)

ଝାରସୁଗୁଡ଼ା ସାହାଜବାହାଲସ୍ଥିତ ଜେଏସ୍‌ଡବ୍ଲ୍ୟୁ ଏନର୍ଜିଠାରେ ଶନିବାର ୫୫ତମ ଜାତୀୟ ସୁରକ୍ଷା ଦିବସ ପାଳିତ ହୋଇଯାଇଛି। ସମ୍ବଲପୁର ବଏଲର ଓ କାରଖାନା ବିଭାଗର ସ୍ୱରୂପ ଜେନା ମୁଖ୍ୟ ଅତିଥି ଭାବେ ଯୋଗଦେଇଥିବାବେଳେ ସମ୍ମାନିତ ଅତିଥି ଭାବେ ଝାରସୁଗୁଡା ବଏଲର ଓ କାରଖାନା ବିଭାଗର ସହକାରୀ ନିର୍ଦ୍ଦେଶକ ଅର୍ଚ୍ଚନା ଦାସ, ପ୍ଲାଣ୍ଟ ହେଡ୍ ବଳିରାମ ଯାଦବ ଏବଂ ସୁରକ୍ଷା ବିଭାଗ ମୁଖ୍ୟ ସନ୍ଦୀପ ପାଣିଗ୍ରାହୀ ଉପସ୍ଥିତ ଥିଲେ। କାର୍ଯ୍ୟକ୍ରମରେ ଚାରପାଲି, ତିଲିଆ, କୁମ୍ଭାରବନ୍ଧ ଏବଂ ସାହଜବାହାଲ ଅଞ୍ଚଳର ବିଦ୍ୟାଳୟ ଛାତ୍ରୀଛାତ୍ରମାନଙ୍କ ମଧ୍ୟରେ ବିଭିନ୍ନ ସୁରକ୍ଷା ସମ୍ବନ୍ଧୀୟ ପ୍ରତିଯୋଗିତା ଆୟୋଜନ କରାଯାଇ ପୁରସ୍କାର ବିତରଣ କରାଯାଇଥିଲା। ଠିକା ଶ୍ରମିକମାନଙ୍କ ମଧ୍ୟରେ ପୋଷ୍ଟର ତିଆରି, ସ୍ଲୋଗାନ ଏବଂ କୁଇଜ ପ୍ରତିଯୋଗିତା ଅନୁଷ୍ଠିତ ହୋଇଥିଲା। ପ୍ଲାଣ୍ଟ ପରିସର ମଧ୍ୟରେ ଏକ ନିରାପଦ କାର୍ଯ୍ୟ ପରିବେଶ ସୃଷ୍ଟିକରିବା ପାଇଁ ଏକ ସଚେତନତା ରାଲି ମଧ୍ୟ କରାଯାଇଥିବା ବେଳେ ନିୟାମକ କର୍ତ୍ତୃପକ୍ଷଙ୍କ ଉପସ୍ଥିତିରେ ଅଗ୍ନିକାଣ୍ଡର ପ୍ରତିରୋଧ ଏବଂ ପ୍ରସ୍ତୁତି ନେଇ ଏକ ବୈଧାନିକ ମକ୍‌ଡ୍ରିଲ୍ ଅନୁଷ୍ଠିତ ହୋଇଥିଲା। ଏହି ଅବସରରେ ଓପିଜିସି, ଜେଏସ୍‌ଡବ୍ଲ୍ୟୁ, ବିପିଏସ୍‌ଏଲ୍ ଏବଂ ବେଦାନ୍ତର ପ୍ରତିନିଧିମାନେ ଯୋଗଦେଇଥିଲେ। ସୁରକ୍ଷା ବିଭାଗର ପରିଚାଳକ ସୁମନ୍ତ ପଣ୍ଡା ଧନ୍ୟବାଦ ଦେଇଥିଲେ।

# ଓଡ଼ିଶା ୨.୦ ଦ୍ରୁତ ଅଭିବୃଦ୍ଧି ପାଇଁ ଦୃଢ଼ ନୀତି ପ୍ରବର୍ତ୍ତନ ଆବଶ୍ୟକ

ଭୁବନେଶ୍ୱର,୨୧।୩ (ଅନୁରାଧା ମହାରଣା)

ଥିଙ୍କ୍ ଚେଞ୍ଜ ଫୋରମ ପକ୍ଷରୁ 'ଓଡ଼ିଶା ୨.୦: ଭାରତର ସର୍ବୋତ୍ତମ ପ୍ରଦର୍ଶନକାରୀ ରାଜ୍ୟଗୁଡ଼ିକରୁ ଶିକ୍ଷା ନେଇ ଏକ ନୂତନ ଅଭିବୃଦ୍ଧି ମଡେଲ ନିର୍ମାଣ' ଶୀର୍ଷକ ଏକ ନୂତନ ରିପୋର୍ଟ ପ୍ରକାଶ ପାଇଛି। ରିପୋର୍ଟ ସମ୍ପର୍କରେ ଥିଙ୍କ୍ ଚେଞ୍ଜ ଫୋରମର ମହାସଚିବ ରଙ୍ଗନାଥ ଟି. କହିଛନ୍ତି, 'ଓଡ଼ିଶା ୨.୦ ବିଶ୍ୱସ୍ତରୀୟ ପ୍ରତିଯୋଗିତାମୂଳକ, ଆଞ୍ଚଳିକ ସନ୍ତୁଳିତ ଏବଂ କାର୍ଯ୍ୟାନ୍ୱୟନ ଚାଳିତ ଅଭିବୃଦ୍ଧିର ଏକ ମଡେଲ ଭାବରେ ନିଜକୁ ପୁନଃ ସ୍ଥାପନ କରିବାର ସୁଯୋଗ ରଖିଛି। ମାତ୍ର ଏଥିପାଇଁ ଅତୀତ ଏବଂ ଭାରତର ସର୍ବୋତ୍ତମ ପ୍ରଦର୍ଶନକାରୀ ରାଜ୍ୟଗୁଡ଼ିକରୁ ଶିକ୍ଷା ଗ୍ରହଣ କରିବା, ସ୍ଥିରତା ସହିତ ନୀତି ଲାଗୁ କରିବା, କାର୍ଯ୍ୟାନ୍ୱୟନ ପ୍ରତିବନ୍ଧକଗୁଡ଼ିକୁ ଦୂରକରିବା ଏବଂ ଉପର ଏବଂ ନିମ୍ନଗାମୀ ଶିଳ୍ପ ଇକୋସିଷ୍ଟମ, ନିଯୁକ୍ତି ଆବଶ୍ୟକ। ଖଣି ମନ୍ତ୍ରଣାଳୟର ଭାରତୀୟ ଖଣି ବ୍ୟୁରୋର ପୂର୍ବତନ ନିୟନ୍ତ୍ରକ ଜେନେରାଲ ଏବଂ ଖଣିନୀତି ବିଶେଷଜ୍ଞ ଆର୍. କେ. ସିହ୍ନା କହିଛନ୍ତି, ଓଡ଼ିଶାରେ ବକ୍ସାଇଟ୍ ଖଣି, ଲୁହାଖଣି ପରି ସମାନ ଗତିରେ ଅଗ୍ରଗତି କରିନାହିଁ। ଯଦି ଏହି ଅସୁବିଧାଗୁଡ଼ିକୁ ସଂଶୋଧନ କରା ନ ଯାଏ, ଡାଉନଷ୍ଟ୍ରିମ୍ ମୂଲ୍ୟ ଶୃଙ୍ଖଳ ନିର୍ମାଣ ପାଇଁ ଏକ ସୁଚିନ୍ତିତ ରଣନୀତି ସହ ଖଣିଜ ସମୃଦ୍ଧ ରାଜ୍ୟଗୁଡ଼ିକ କ୍ଷେତ୍ରର ପ୍ରକୃତ ଅର୍ଥନୈତିକ ଏବଂ ସାମାଜିକ ଗୁଣକରୁ କେବଳ ଏକ ଅଂଶ ହାସଲକରି ଚାଲିବେ। ଓଡ଼ିଶାରେ ଭାରତର ପ୍ରାୟ ୫୧% ବକ୍ସାଇଟ୍ ସଂରକ୍ଷଣ ଅଛି ଏବଂ କେବଳ ଓଡ଼ିଶାର ଦକ୍ଷିଣ-ପଶ୍ଚିମ ବେଲ୍ଟରେ ଏହାର ୮୫% ରହିଛି। ତଥାପି ଏହି ଜମାର ଏକଚତୁର୍ଥାଂଶରୁ କମ୍ ସକ୍ରିୟ ଖଣିଜ ଉତ୍ପାଦନ ଅଧୀନରେ ଅଛି, ଯାହା ସ୍ପଷ୍ଟ ଭାବରେ ଅବ୍ୟବହୃତ ରହିଛି। ପଶ୍ଚିମ ଓଡ଼ିଶାର ଲାଞ୍ଜିଗଡ଼ରେ ଥିବା ଏକ ଆଲୁମିନା ରିଫାଇନେରି ଉପରେ ଏକ କେସ୍ ଷ୍ଟଡିକୁ ଏକ ଦବିଯାଇଥିବା ନିବେଶର ଉଦାହରଣ ଭାବରେ ଦସ୍ତାବିଜ କରାଯାଇଛି। ଏହି ମେଗା ନିବେଶର ସମ୍ପୂର୍ଣ୍ଣ ଅର୍ଥନୈତିକ ଗୁଣକ କେବଳ ସ୍ଥାନୀୟ ବକ୍ସାଇଟ୍ ଉପଲବ୍ଧତାରେ ନୀତି କାର୍ଯ୍ୟକାରିତା ଚ୍ୟାଲେଞ୍ଜ ଯୋଗୁ ଅଟକି ରହିଛି। ଏହି ଖଣିଗୁଡ଼ିକ ଖୋଲିବା ସରକାରଙ୍କ ପାଇଁ ଦ୍ରୁତ ଫଳାଫଳ ହାସଲ କରିବା ନିମନ୍ତେ ଅତ୍ୟନ୍ତ ଜରୁରୀ। ମହିନ୍ଦ୍ରା ବିଶ୍ୱବିଦ୍ୟାଳୟର ଅର୍ଥନୀତି ପ୍ରଫେସର ନୀଳଞ୍ଜନ ବଣିକ କହିଛନ୍ତି, ରାଜ୍ୟ ସରକାର ଏବଂ ଲାଞ୍ଜିଗଡ଼ ରିଫାଇନେରି ମଧ୍ୟରେ ହୋଇଥିବା ଚୁକ୍ତିନାମା ଅନୁଯାୟୀ ସ୍ଥାନୀୟ ବକ୍ସାଇଟ୍ ବିଶୋଧନରୁ ପ୍ରାପ୍ତ ବାର୍ଷିକ ଲାଭର ୫% ସ୍ଥାନୀୟ ସମ୍ପ୍ରଦାୟର କଲ୍ୟାଣ ପାଇଁ ଖର୍ଚ୍ଚ କରାଯିବା କଥା। ସ୍ଥାନୀୟ ଖଣି କାର୍ଯ୍ୟକ୍ଷମ ନ ହେବାରୁ ଏହି ପାଣ୍ଠିଗୁଡ଼ିକ ଅନୁପଲବ୍ଧ ରହିଛି, ଯାହା ସ୍ଥାନୀୟ ଲୋକଙ୍କୁ ଏକ ପ୍ରମୁଖ ଆର୍ଥିକ ପ୍ରୋତ୍ସାହନରୁ ବଞ୍ଚିତ କରିଛି। ପୂର୍ବତନ ଖଣି ନିର୍ଦ୍ଦେଶକ ଦୀପକ ମହାନ୍ତି କହିଛନ୍ତି, ଡିଏମ୍‌ଏଫ୍ ସମ୍ପଦର ଏକ ଅଂଶକୁ ଗ୍ରାମ ସମ୍ପ୍ରଦାୟ ଦ୍ୱାରା ସିଧାସଳଖ ପରିଚାଳନା କରିବାକୁ ଅନୁମତି ଦିଆଯାଇପାରେ। ସମସ୍ତ ବିକାଶ ପ୍ରକଳ୍ପ କ୍ଷେତ୍ରରେ ଘଟୁଥିବା ନିଷ୍କ୍ରିୟ ପ୍ରାପ୍ତାଧିକାରୀ ହେବା ପରିବର୍ତ୍ତେ ଲାଭର ସକ୍ରିୟ ପ୍ରାପ୍ତକର୍ତ୍ତା ହେବେ।

# ଡିଏଭି ସାବିତ୍ରୀ ଜିନ୍ଦଲରେ ବାର୍ଷିକ ଉତ୍ସବ 'ଆକାଂକ୍ଷା' ପାଳିତ




ଛେଣ୍ଡିପଦା,୨୧।୩(ଅଜିତ୍ ଧଳ)

ଅନୁଗୋଳ ଜିଲା ଛେଣ୍ଡିପଦା ବ୍ଲକ ବଡ଼ମହିତଳା ସ୍ଥିତ ଡିଏଭି ସାବିତ୍ରୀ ଜିନ୍ଦଲ ଉଚ୍ଚ ବିଦ୍ୟାଳୟରେ ବାର୍ଷିକ ଉତ୍ସବ 'ଆକାଂକ୍ଷା' ଓ ସାବିତ୍ରୀ ଜିନ୍ଦଲଙ୍କ ଜନ୍ମ ଦିବସ ବିଦ୍ୟାଳୟର ଅଧ୍ୟକ୍ଷ ଫକୀର ମୋହନ ସାହୁଙ୍କ ଅଧ୍ୟକ୍ଷତାରେ ଶନିବାର ଅନୁଷ୍ଠିତ ହୋଇଯାଇଛି । ଏହି ଅବସରରେ ଏକ ହୋମଯଜ୍ଞର ଆୟୋଜନ କରାଯାଇଥିଲା। ଆକାଂକ୍ଷାର ମୁଖ୍ୟ ଅତିଥି ଭାବେ ଅନୁଗୋଳ ଜିନ୍ଦଲ ଷ୍ଟିଲର କାର୍ଯ୍ୟନିର୍ବାହୀ ନିର୍ଦ୍ଦେଶକ ପି.କେ. ବିଜୁ ନାୟାର ଯୋଗଦେଇଥିଲେ। ବିଦ୍ୟାଳୟର ପ୍ରଧାନ ଶିକ୍ଷକ ବାର୍ଷିକ ବିବରଣୀ ପାଠ କରିଥିଲେ। ସମ୍ମାନିତ ଅତିଥି ଭାବେ ଡିଏଭି ସହ ଆଞ୍ଚଳିକ ଅଧିକାରୀ ଜୋନ୍-ଜି ତଥା ତାଳଚେରର ଟିପିଏସ୍ ଡିଏଭି ଅଧ୍ୟକ୍ଷା ଜ୍ୟୋତି ମିଶ୍ର, ଜିନ୍ଦଲ ଷ୍ଟିଲର ଡିଜିଏମ୍ ସିଏସ୍‌ଆର୍ ଆଶୁତୋଷ ମିଶ୍ର, ଡେପୁଟି ମ୍ୟାନେଜର ତାପସ କୁମାର ମହାନ୍ତି, ସହ ଆଞ୍ଚଳିକ ଅଧିକାରୀ ତଥା ଅଧ୍ୟକ୍ଷ ଡିଏଭି କଳିଙ୍ଗ ଏରିଆ ତାଳଚେର ପି.କେ. ପଣ୍ଡା, କ୍ଲଷ୍ଟର ମୁଖ୍ୟ ତଥା ତାଳଚେର ଅନନ୍ତବିହାର ଡିଏଭିର ଅଧ୍ୟକ୍ଷ ଶୁଭେନ୍ଦୁ ଶେଖର ବୋଷ, ଡିଏଭି ଏମ୍‌ସିଏଲ୍ ଡେରା ଅଧ୍ୟକ୍ଷା ଶୁକ୍ଲା ଚକ୍ରବର୍ତ୍ତୀ, ଡିଏଭି ଏନ୍‌ଟିପିସି କଣିହାଁର ଅଧ୍ୟକ୍ଷ ସଦାନନ୍ଦ ହୋତା, ଡିଏଭି ଏନ୍‌ଟିପିସି ଟିଟିପିଏସ୍‌ର ଅଧ୍ୟକ୍ଷା ସଙ୍ଗୀତା ପଟ୍ଟନାୟକ, ତାଳଚେର ଡିଏଭି ଲିଙ୍ଗରାଜର ସଂଯୁକ୍ତା ପୃଷ୍ଟି, ଅଧ୍ୟକ୍ଷା ଡିଏଭି ବାଳିକା ଉଚ୍ଚ ବିଦ୍ୟାଳୟ ସିଡବ୍ଲୁଏସ ସୁଜାତା ସାମଲ, ଅଧ୍ୟକ୍ଷ ଓପି ଜିନ୍ଦଲ ପବ୍ଲିକ ସ୍କୁଲ ଅଶ୍ୱିନୀ କୁମାର ସାହୁ ପ୍ରମୁଖ ଯୋଗଦେଇଥିଲେ।

# ଟିପିଏନ୍‌ଓଡିଏଲ୍‌କୁ ଓଏଚ୍‌ଏସ୍‌ଏସ୍‌ଏଆଇ ସୁରକ୍ଷା ପୁରସ୍କାର



ଟିପିଏନ୍‌ଓଡିଏଲ୍‌କୁ ସମ୍ମାନିତ କରାଯାଉଛି।

ବାଲେଶ୍ୱର, ୨୧।୩(ବାଞ୍ଛାନିଧି ଦେ)

ଗୋଆରେ ଅନୁଷ୍ଠିତ ୧୦ମ ବାର୍ଷିକ ଓଏଚ୍‌ଏସ୍‌ଏସ୍‌ଏଆଇ ସ୍ୱାସ୍ଥ୍ୟ ସୁରକ୍ଷା ପରିବେଶ(ଏଚ୍‌ଏସ୍‌ଇ) ଉତ୍କର୍ଷ ଏବଂ ଇଏସ୍‌ଜି ଗ୍ଲୋବାଲ ପୁରସ୍କାର ୨୦୨୬ରେ ଟିପିଏନ୍‌ଓଡିଏଲ୍ ୬-ତାରକା ମୂଲ୍ୟାଙ୍କନ ସହିତ 'ଓଏଚ୍‌ଏସ୍‌ଏସ୍‌ଏଆଇ ସୁରକ୍ଷା ପୁରସ୍କାର (ସ୍ୱର୍ଣ୍ଣ ବର୍ଗ)'ରେ ସମ୍ମାନିତ ହୋଇଛି। କମ୍ପାନୀର ଦୃଢ଼ ସୁରକ୍ଷା ନୀତି ତଥା ପାରିବେଶିକ, ସାମାଜିକ ଏବଂ ସୁଶାସନ ପରିଚାଳନା କ୍ଷେତ୍ରରେ ଉତ୍କର୍ଷ ପାଇଁ ଟିପିଏନ୍‌ଓଡିଏଲ୍‌କୁ ଏହି ପୁରସ୍କାରରେ ସମ୍ମାନିତ କରାଯାଇଛି। ଏଥିସହ ଟିପିଏନ୍‌ଓଡିଏଲ୍‌ର ସୁରକ୍ଷା ବିଭାଗ ମୁଖ୍ୟ ତପନ କୁମାର ପାତ୍ରଙ୍କୁ ସଂସ୍ଥାରେ 'ସୁରକ୍ଷା ସର୍ବୋପରି' କାର୍ଯ୍ୟ ସଂସ୍କୃତିକୁ ପ୍ରୋତ୍ସାହିତ କରିବା ସହ ବୈଦ୍ୟୁତିକ ସୁରକ୍ଷା କ୍ଷେତ୍ରରେ ଉଲ୍ଲେଖନୀୟ ପ୍ରଚେଷ୍ଟା ପାଇଁ 'ଇଏଚ୍‌ଏସ୍ ମେଣ୍ଟର ଆୱାର୍ଡ'ରେ ମଧ୍ୟ ପୁରସ୍କୃତ କରାଯାଇଛି। ଏହି ଅବସରରେ ଟିପିଏନ୍‌ଓଡିଏଲ୍‌ର ମୁଖ୍ୟ କାର୍ଯ୍ୟନିର୍ବାହୀ ଅଧିକାରୀ ଗଜାନନ କାଲେ ଜନସାଧାରଣ ତଥା କର୍ମଚାରୀଙ୍କ ସୁରକ୍ଷା ନେଇ ସଂସ୍ଥା ପକ୍ଷରୁ ବହୁବିଧ ପଦକ୍ଷେପ ନିଆଯାଉଥିବା ସୂଚନା ଦେଇଥିଲେ। କାର୍ଯ୍ୟକ୍ଷେତ୍ରରେ ଆଧୁନିକ ବୈଷୟିକ ଜ୍ଞାନକୌଶଳ ତଥା ସୁରକ୍ଷା ପ୍ରଣାଳୀର କଡ଼ାକଡି କାର୍ଯ୍ୟାନ୍ୱୟନ, ଏ ଦିଗରେ ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରିଥିବା ସେ କହିଥିଲେ।

# ଓପିଜିସି ଦ୍ୱାରା ୧,୫୭୦ ଲୋକଙ୍କ ଚକ୍ଷୁ ପରୀକ୍ଷା

ବେଲପାହାଡ଼,୨୧।୩(ସୁବାସ ପ୍ରଧାନ)

ଝାରସୁଗୁଡ଼ା ଜିଲା ଲଖନପୁର ବ୍ଲକ୍ ଅଧୀନ ୫ଟି ଗ୍ରାମପଞ୍ଚାୟତରେ ଓପିଜିସି ପକ୍ଷରୁ ସିଏସ୍‌ଆର୍ କାର୍ଯ୍ୟକ୍ରମ ଅଧୀନରେ ଚକ୍ଷୁ ପରୀକ୍ଷା ଶିବିର ଅନୁଷ୍ଠିତ ହୋଇଯାଇଛି। ତେଲେନପାଲି, ଦଳଗାଁ, ତିଲିଆ, ରେମେଣ୍ଡା ଏବଂ କୁମାରବନ୍ଧରେ ଆଦି ଅଞ୍ଚଳରେ ଏପରି ଶିବିର ଅନୁଷ୍ଠିତ ହୋଇଥିଲା। ଏହି ସମସ୍ତ ଶିବିରରେ ମୋଟ ୧,୫୭୦ ଜଣଙ୍କର ଚକ୍ଷୁ ପରୀକ୍ଷା କରାଯାଇଥିଲା। ସେମାନଙ୍କ ମଧ୍ୟରୁ ୧,୩୫୬ ଜଣଙ୍କୁ ଚଷମା ବଣ୍ଟନ କରାଯାଇଥିଲା। ଏହି ପରୀକ୍ଷା ସମୟରେ ୧୧୪ ଜଣ ମୋତିଆବିନ୍ଦୁ ରୋଗୀ ଚିହ୍ନଟ ହୋଇଥିଲେ। ଝାରସୁଗୁଡ଼ାସ୍ଥିତ ମହାନଦୀ ନେତ୍ର ଚିକିତ୍ସାଳୟରେ ସେମାନଙ୍କ ନିଃଶୁଳ୍କ ଅପରେଶନ କରାଯାଇଥିବା କମ୍ପାନୀ ପକ୍ଷରୁ ସୂଚନା ଦିଆଯାଇଛି। ଚକ୍ଷୁ ପରୀକ୍ଷା, ଚଷମା ଏବଂ ମୋତିଆବିନ୍ଦୁ ଅପରେଶନର ସମସ୍ତ ଖର୍ଚ୍ଚ ଓପିଜିସି ବହନ କରିଥିଲା। ଓପିଜିସି ନିର୍ଦ୍ଦେଶକ (ଅପରେଶନ) ଅଞ୍ଜନା ରଞ୍ଜନ ଦାଶ, ସିନିୟର ଭାଇସ୍ ପ୍ରେସିଡେଣ୍ଟ (ଅପରେଶନ) ସୁକାନ୍ତ ମହାପାତ୍ର, ଇବ୍ ଥର୍ମାଲ ହସ୍ପିଟାଲର ମୁଖ୍ୟ ଚିକିତ୍ସା ଅଧିକାରୀ ଡା. ସଙ୍ଗୀତା ପଣ୍ଡା, ସିଏସ୍‌ଆର୍ ଉପଦେଷ୍ଟା ପ୍ରଫୁଲ୍ଲ ଧଳ ପ୍ରମୁଖ ଶିବିରଗୁଡ଼ିକରେ ଉପସ୍ଥିତ ଥିଲେ। ଓପିଜିସି ମାନବ ସମ୍ବଳ ବିକାଶର ହିମାଂଶୁ ଭୂଷଣ ବେହେରା ବିସ୍ତୃତ ସୂଚନା ଦେଇଛନ୍ତି।

# ଡ. କିରଣ ବେଦୀଙ୍କ ବେଦାନ୍ତ ଝାରସୁଗୁଡ଼ା ପରିଦର୍ଶନ



ଭୁବନେଶ୍ୱର,୨୧।୩ (ଅନୁରାଧା ମହାରଣା)

ଭାରତର ପ୍ରଥମ ମହିଳା ଆଇପିଏସ୍ ଅଫିସର ଓ ରମଣ ମାଗାସେସେ ପୁରସ୍କାରପ୍ରାପ୍ତ ଡ. କିରଣ ବେଦୀ ଶନିବାର ବେଦାନ୍ତ ଆଲୁମିନିୟମର ଝାରସୁଗୁଡ଼ା କାରଖାନା ପରିଦର୍ଶନ କରିଛନ୍ତି। ସେ ୧୦୦୦ରୁ ଅଧିକ କର୍ମଚାରୀ, ସମୁଦାୟ ସଦସ୍ୟ ଓ ପରିବାରକୁ ସମ୍ବୋଧନ କରି ଉଦ୍ଦେଶ୍ୟପୂର୍ଣ୍ଣ କାର୍ଯ୍ୟ, ସହାନୁଭୂତିପୂର୍ଣ୍ଣ ନେତୃତ୍ୱ ଓ ମହିଳାଙ୍କ ଅଧିକ ଅଂଶଗ୍ରହଣର ଗୁରୁତ୍ୱ ବିଷୟରେ ଆଲୋଚନା କରିଥିଲେ। ବେଦାନ୍ତର ଅଧ୍ୟକ୍ଷା ପ୍ରିୟା ଅଗରୱାଲ ହେବ୍ବର ଓ ସିଇଓ ସି. ଚନ୍ଦ୍ରୁ କମ୍ପାନୀର ମହିଳା କେନ୍ଦ୍ରିକ ପଦକ୍ଷେପ ବିଷୟରେ ଉଲ୍ଲେଖ କରିଥିଲେ। ଡ. ବେଦୀ ପ୍ରୋଜେକ୍ଟ ଶୁଭଲକ୍ଷ୍ମୀର ସଦସ୍ୟାମାନଙ୍କୁ ଭେଟିଥିଲେ ଓ ବିଶେଷ କ୍ଷମତାସମ୍ପନ୍ନ ନୂତନ କର୍ମଚାରୀଙ୍କୁ ଅଫର ଲେଟର ପ୍ରଦାନ କରିଥିଲେ। ସେ ମହିଳା ନେତୃତ୍ୱାଧୀନ ଟିମ୍‌ଗୁଡ଼ିକୁ ମଧ୍ୟ ପରିଦର୍ଶନ କରିଥିଲେ।

# କିମ୍‌ସରେ ପେଡିଆଟ୍ରିକ୍ସ ଅପ୍‌ଡେଟ୍ ୨.୦




ଭୁବନେଶ୍ୱର,୨୧।୩ (ଅନୁରାଧା ମହାରଣା)

ଶିଶୁ ସ୍ୱାସ୍ଥ୍ୟସେବା ବିକାଶ କ୍ଷେତ୍ରରେ ଆଲୋଚନା କରିବା ଓ ସର୍ବୋତ୍ତମ କ୍ଲିନିକାଲ ଅଭ୍ୟାସ ବିନିମୟ ପାଇଁ କିମ୍‌ସ ଶିଶୁରୋଗ ବିଭାଗ ପକ୍ଷରୁ 'କିମ୍‌ସ ପେଡିଆଟ୍ରିକ୍ସ ଅପ୍‌ଡେଟ୍ ୨.୦' ଅନୁଷ୍ଠିତ ହୋଇଯାଇଛି। ସମ୍ମିଳନୀରେ ନବଜାତ ଶିଶୁର ଯତ୍ନ, ଶିଶୁ ଆଘାତ, ଜନ୍ମଗତ ହୃଦ୍‌ରୋଗ ଓ ଟିକା ସମ୍ବନ୍ଧୀୟ ଅପ୍‌ଡେଟ୍ ସମ୍ପର୍କରେ ଶିକ୍ଷାଗତ ଅଧିବେଶନ ଅନୁଷ୍ଠିତ ହୋଇଥିଲା। କିମ୍‌ସ ଶିଶୁରୋଗ ବିଭାଗ ମୁଖ୍ୟ ଡା. ସେବାରଞ୍ଜନ ବିଶ୍ୱାଳ କହିଲେ, ଡାକ୍ତର ଓ ବିଶେଷଜ୍ଞଙ୍କ ପାଇଁ ଜ୍ଞାନ ବିନିମୟ ଦ୍ୱାରା ଡାକ୍ତରମାନେ ଅତ୍ୟାଧୁନିକ ବିକାଶ ସହ ଅପ୍‌ଡେଟ୍ ରହିବା ସହ ପିଲାମାନଙ୍କୁ ପ୍ରଦାନ କରାଯାଉଥିବା ଚିକିତ୍ସାର ଗୁଣବତ୍ତା ଉନ୍ନତ କରିବାରେ ଡାକ୍ତରଙ୍କୁ ସାହାଯ୍ୟକରେ। କିମ୍‌ସ ମେଡିକାଲ କଲେଜ ଅଧ୍ୟକ୍ଷ ଡା. ଆର୍. ସି. ଦାସ କହିଲେ, କିମ୍‌ସରେ ଥିବା ନବଜାତ ଇଣ୍ଟେନ୍ସିଭ କେୟାର ୟୁନିଟ୍ ଓ ପେଡିଆଟ୍ରିକ୍ ଇଣ୍ଟେନ୍‌ସିଭ କେୟାର ୟୁନିଟ୍ ଓ ବହୁଳ ଭାବରେ ସ୍ୱୀକୃତିପ୍ରାପ୍ତ। ଏଠାରେ ସଫଳତାର ସହ ଶିଶୁ ଚିକିତ୍ସା ଏଣ୍ଡୋସ୍କୋପି ଓ ଶିଶୁ ଅସ୍ଥି ମଜ୍ଜା ପ୍ରତିରୋପଣ ଭଳି ଉନ୍ନତ ପ୍ରକ୍ରିୟାଗୁଡ଼ିକୁ କାର୍ଯ୍ୟକାରୀ ହେଉଛି। ପୁଣେର ବିଶିଷ୍ଟ ଶିଶୁରୋଗ ବିଶେଷଜ୍ଞ ଡା. ପ୍ରମୋଦ ଡାକ୍ତର ହେବା ପୂର୍ବରୁ ଭଲ ମଣିଷ ହେବାକୁ ପ୍ରୟାସ କରିବାକୁ ଯୁବ ଡାକ୍ତରମାନଙ୍କୁ ଆହ୍ୱାନ କରିଥିଲେ। ଡାକ୍ତର ଓ ଗବେଷକମାନଙ୍କ ଦ୍ୱାରା ସନ୍ଦର୍ଭ ଓ ପୋଷ୍ଟର ଉପସ୍ଥାପନା ପାଇଁ ସମାନ୍ତରାଳ ଅଧିବେଶନ ମଧ୍ୟ ଆୟୋଜନ କରାଯାଇଥିଲା। କିମ୍‌ସ ମେଡିକାଲ ଅଧୀକ୍ଷକ ଡା. ମାନସ ରଞ୍ଜନ ବେହେରା, ଶିଶୁରୋଗ ବିଶେଷଜ୍ଞ ଡା. ନିର୍ମଳ ମହାକୁଡ଼ ପ୍ରମୁଖ ଉପସ୍ଥିତ ଥିଲେ।

# ଏମ୍‌ଏସ୍‌ଏମ୍‌ଇ ଋଣ ସୁବିଧାରେ ପରିବର୍ତ୍ତନ

ଭୁବନେଶ୍ୱର,୨୧।୩ (ଅନୁରାଧା ମହାରଣା)

୨୦୨୫-୨୬ ବଜେଟ ଅନୁସାରେ ସରକାର ଏମ୍‌ଏସ୍‌ଏମ୍‌ଇଙ୍କୁ ଅଧିକ ଋଣ ସୁବିଧା ଦେବା ପାଇଁ ମ୍ୟୁଚୁଆଲ କ୍ରେଡିଟ୍ ଗ୍ୟାରେଣ୍ଟି ସ୍କିମ୍‌ରେ ଗୁରୁତ୍ୱପୂର୍ଣ୍ଣ ସଂଶୋଧନ କରିଛନ୍ତି। ଏହି ଯୋଜନା ଅଧୀନରେ ପ୍ଲାଣ୍ଟ ଓ ମେଶିନାରି କ୍ରୟ ପାଇଁ ୧୦୦ କୋଟି ଟଙ୍କା ଯାଏଁ ଋଣରେ ଏନ୍‌ସିଜିଟିସି ଦ୍ୱାରା ୬୦% ଗ୍ୟାରେଣ୍ଟି କଭରେଜ ମିଳୁଛି। ଏମ୍‌ଏସ୍‌ଏମ୍‌ଇ ଓ ବ୍ୟାଙ୍କର ପ୍ରତିକ୍ରିୟା ଅନୁଯାୟୀ ଅଗ୍ରିମ ୫% ଯୋଗଦାନକୁ ଫେରସ୍ତ କରାଯିବ, ସର୍ଭିସ୍ ସେକ୍ଟରକୁ ଅନ୍ତର୍ଭୁକ୍ତ କରାଯାଇଛି, ମେଶିନାରି ଖର୍ଚ୍ଚ ପ୍ରୋଜେକ୍ଟ କଷ୍ଟର ୬୦% ଯାଏଁ ହ୍ରାସ କରାଯାଇଛି ଏବଂ ଗ୍ୟାରେଣ୍ଟି ୧୦ ବର୍ଷ ପରେ ଶେଷ ହେବ। ରପ୍ତାନିକାରୀ ଏମ୍‌ଏସ୍‌ଏମ୍‌ଇଙ୍କ ପାଇଁ ବିଶେଷ ସୁବିଧା ରହିଛି । ଗତ ୩ ବର୍ଷରେ ୨୫% ରପ୍ତାନୀ କରିଥିବା ଲାଭଜନକ ଏକକଙ୍କୁ ୨୦ କୋଟି ଟଙ୍କାର ଗ୍ୟାରେଣ୍ଟିଡ୍ ଋଣ, ୨% ଅଗ୍ରିମ ଯୋଗଦାନ (ସର୍ବାଧିକ ୪୦ ଲକ୍ଷ), ୭୫% ଗ୍ୟାରେଣ୍ଟି କଭରେଜ, ପ୍ରଥମ ବର୍ଷ ଫି ଶୂନ୍ୟ ଓ ପରବର୍ତ୍ତୀ ବର୍ଷରେ ୦.୫୦%।

# କ୍ୟାବିନ କ୍ରୁଙ୍କ ଫିଟନେସ ନିୟମ କଡ଼ା କଲା ଏୟାର ଇଣ୍ଡିଆ




ଭୁବନେଶ୍ୱର,୨୧।୩ (ଅନୁରାଧା ମହାରଣା)

ଏୟାର ଇଣ୍ଡିଆ ତାଙ୍କ କ୍ୟାବିନ୍ କ୍ରୁ ପାଇଁ ଏକ କଡ଼ା ସ୍ୱାସ୍ଥ୍ୟ ଓ ଫିଟ୍‌ନେସ୍ ଅନୁପାଳନ ନୀତି ପ୍ରବର୍ତ୍ତନ କରିବାକୁ ଯାଉଛି। ଏହି ନୀତି ଅନୁଯାୟୀ କ୍ୟାବିନ କ୍ରୁ ସଦସ୍ୟଙ୍କ ବଡି ମାସ୍ ଇଣ୍ଡେକ୍ସ(ବିଏମ୍‌ଆଇ) ଅନୁସାରେ ନିୟମ ଲାଗୁହେବ। ବିଏମ୍‌ଆଇ ୧୮ରୁ ୨୪.୯ ମଧ୍ୟରେ ଥିଲେ ତାହା 'ସ୍ୱାଭାବିକ' ଓ ଗ୍ରହଣଯୋଗ୍ୟ ବୋଲି ବିବେଚନା କରାଯିବ। ଏହି ନିୟମ ମେ' ୧ରୁ କାର୍ଯ୍ୟକାରୀ ହେବ। ବିଏମ୍‌ଆଇ ୧୮ରୁ କମ୍ ଥିଲେ 'ଅଣ୍ଡରୱେଟ୍' ବୋଲି ଗଣାଯିବ ଏବଂ ଏହା ମେଡିକାଲ ମୂଲ୍ୟାଙ୍କନ ଓ ଫଙ୍କ୍ସନାଲ ଆସେସ୍‌ମେଣ୍ଟ ପାସ୍ କଲେ ଗ୍ରହଣଯୋଗ୍ୟ ହୋଇପାରିବ। ବିଏମ୍‌ଆଇ ୨୫ରୁ ୨୯.୯ ମଧ୍ୟରେ ଥିଲେ 'ଓଭରୱେଟ୍' ବୋଲି ଗଣାଯିବ ଏବଂ ଫଙ୍କ୍ସନାଲ ଆସେସ୍‌ମେଣ୍ଟ ପାସ୍ କଲେ ଗ୍ରହଣଯୋଗ୍ୟ ରହିବ। ମାତ୍ର ବିଏମ୍‌ଆଇ ୩୦ କିମ୍ବା ତା'ଠାରୁ ଅଧିକ ଥିଲେ 'ଓବେସ' ବୋଲି ଗଣାଯିବ ଏବଂ ଏହା ଗ୍ରହଣଯୋଗ୍ୟ ନୁହେଁ। ନୀତି ଅନୁଯାୟୀ, 'ଅଣ୍ଡରୱେଟ୍' କିମ୍ବା 'ଓଭରୱେଟ୍' ଥିବା କ୍ୟାବିନ କ୍ରୁକୁ ଡ୍ୟୁଟିରୁ ଡି-ରୋଷ୍ଟର କରାଯିବ ଏବଂ ଫଙ୍କ୍ସନାଲ ଆସେସ୍‌ମେଣ୍ଟ ପାସ୍ ନ କଲେ ବେତନ କଟ୍ (ଲସ୍ ଅଫ୍ ପେ) ଲାଗୁହେବ। 'ଓବେସ୍' କ୍ୟାବିନ କ୍ରୁଙ୍କ ପାଇଁ ତୁରନ୍ତ ଡ୍ୟୁଟିରୁ ବହିଷ୍କାର ଓ ବେତନ କଟ୍ ହେବ ଏବଂ ନିର୍ଦ୍ଦିଷ୍ଟ ସମୟ ମଧ୍ୟରେ ବିଏମ୍‌ଆଇ ଗ୍ରହଣଯୋଗ୍ୟ ସ୍ତରକୁ ଆଣିବାକୁ ପଡ଼ିବ। ଏହା ନ ହେଲେ କଠୋର କାର୍ଯ୍ୟାନୁଷ୍ଠାନ ନିଆଯିବ। ଏୟାର ଇଣ୍ଡିଆ ଏହି ନିୟମକୁ 'କ୍ୟାବିନ କ୍ରୁ ହେଲ୍‌ଥ ଆଣ୍ଡ ଫିଟ୍‌ନେସ୍ କମ୍ପ୍ଲାଏନ୍ସ ପଲିସି' ନାମରେ ପରିଚିତ କରାଇଛି। ପ୍ରାରମ୍ଭରେ ଏହା ସ୍ୱାସ୍ଥ୍ୟକର ଜୀବନଶୈଳୀ ଓ ଉପଯୁକ୍ତ ଓଜନ ବଜାୟ ରଖିବା ପ୍ରତି ସଚେତନତା ସୃଷ୍ଟିକରିବାକୁ ଲକ୍ଷ୍ୟ ରଖିଛି। ଏହି ନିୟମ ଉଡ଼ାଣରେ ଓ ଟ୍ରେନିଂରେ ଥିବା ସମସ୍ତ କ୍ୟାବିନ କ୍ରୁ ଉପରେ ଲାଗୁହେବ। ସୂଚନା ଥାଉକି, ଟାଟା ଗ୍ରୁପ୍ ୨୦୨୨ ଜାନୁଆରୀରେ ଏୟାର ଇଣ୍ଡିଆକୁ ହାସଲ କରିବା ପରେ ଗତ ୪ବର୍ଷରେ ଅଧିକାଂଶ ପୁରୁଣା କର୍ମଚାରୀଙ୍କୁ ଫେଜ୍ ଆଉଟ୍ କରାଯାଇଛି। ଏବେ କମ୍ପାନୀ ଲାଭଜନକ ହେବା ପାଇଁ ବିଭିନ୍ନ ସଂସ୍କାର ଆଣୁଛି।

## ସଂକ୍ଷେପରେ

### ପିତଳ ଛକ ୨ ବାଇକ୍ ଦୁର୍ଘଟଣା ଘଟଣା ମୃତ୍ୟୁ ସଂଖ୍ୟା ୨କୁ ବୃଦ୍ଧି

ହିଞ୍ଜିଳିକାଟୁ, ୨୧।୩ (ଦ୍ୱିତୀକୃଷ୍ଣ ପଣ୍ଡା)

ହିଞ୍ଜିଳି ଥାନା ପିତଳ ଛକରେ ଶୁକ୍ରବାର ୨ ବାଇକ୍ ମଧ୍ୟରେ ଦୁର୍ଘଟଣା ଘଟିଥିଲା। ଏଥିରେ ସେହିଦିନ ଜଣଙ୍କର ମୃତ୍ୟୁ ହୋଇଥିଲା। ଶନିବାର ଆଉ ଜଣଙ୍କର ମୃତ୍ୟୁ ଘଟିଛି। ସେ ହେଲେ ଶେରଗଡ଼ ଥାନା କୁରୁଳା ଗ୍ରାମର ଧର୍ମେନ୍ଦ୍ର ବେହେରା। ତାଙ୍କର ବ୍ରହ୍ମପୁର ବଡ ମେଡିକାଲରେ ଚିକିତ୍ସାଧୀନ ଅବସ୍ଥାରେ ମୃତ୍ୟୁ ଘଟିଥିବା ଜଣାପଡିଛି। ପୂର୍ବରୁ ଏହି ଦୁର୍ଘଟଣାରେ ପିତଳ ଗାଁର ବର୍ଷା ପ୍ରଧାନଙ୍କ ଶୁକ୍ରବାର ମୃତ୍ୟୁ ହୋଇଥିଲା। ସେ ଜଣେ କଲେଜ ଛାତ୍ରୀ ଥିଲେ। ଅନ୍ୟ ୨ ବାଇକ୍ ଚାଳକ କବିସୂର୍ଯ୍ୟନଗର ଥାନା ଗାଗନାପୁର ଗ୍ରାମର ଯୋଗେନ୍ଦ୍ର ପାତ୍ର (୨୮) ଓ ଖଲ୍ଲିକୋଟ ଥାନା ନାଇକାଣିପଲ୍ଲୀ ଗ୍ରାମର ଶିବାନନ୍ଦ ମହାରଣା (୨୪) ଉଭୟେ ଗୁରୁତର ଅବସ୍ଥାରେ ବ୍ରହ୍ମପୁର ବଡ଼ ମେଡ଼ିକାଲରେ ଚିକିତ୍ସିତ ହେଉଛନ୍ତି।

### ବନ ବିଭାଗ ପାଳିଲା ବିଶ୍ୱ ଜଙ୍ଗଲ ଦିବସ

ପାରଳାଖେମୁଣ୍ଡି, ୨୧।୩(ଗିରିଧାରୀ ପରିଚ୍ଛା)

ପାରଳାଖେମୁଣ୍ଡି ବନ ବିଭାଗ ପକ୍ଷରୁ ଶନିବାର ବିଶ୍ୱ ଜଙ୍ଗଲ ଦିବସ ପାଳିତ ହୋଇଛି। ବନଖଣ୍ଡ ଅଧିକାରୀ କେ.ନାଗରାଜୁଙ୍କ ସଭାପତିତ୍ୱରେ ହୋଇଥିବା କାର୍ଯ୍ୟକ୍ରମରେ ପାରଳାଖେମୁଣ୍ଡି ବିଧାୟକ ରୁପେଶ କୁମାର ପାଣିଗ୍ରାହୀ ମୁଖ୍ୟ ଅତିଥି, ଗଜପତି ଜିଲ୍ଲା ପରିଷଦର ସଭାପତି ଜି. ତିରୁପତି ରାଓ ଏବଂ କାଶୀନଗର ବ୍ଲକ ଅଧକ୍ଷା ବାଲ୍ଲା.ସାୟାମ୍ମା ସମ୍ମାନିତ ଅତିଥି ରୂପେ ଯୋଗ ଦେଇଥିଲେ। ଅନ୍ୟମାନଙ୍କ ମଧ୍ୟରେ ଏସିଏଫ ସାଇନଶ୍ରୀ ଦାସ ଏବଂ ଅରୁଣ ସାହୁ ମଞ୍ଚାସୀନ ଥିଲେ। ଜଙ୍ଗଲ ସୁରକ୍ଷା ଦିଗରେ ଗଜପତି ଜିଲାରେ ଗ୍ରହଣ କରାଯାଉଥିବା ପଦକ୍ଷେପ ସଂପର୍କରେ ନାଗାରାଜୁ ଅବଗତ କରାଇଥିଲେ। ଜିଲାରେ ୫୦ ଭାଗ ଅଞ୍ଚଳ ଅଗ୍ନି ନିବାରଣ ପଦକ୍ଷେପ ନେଇ ପରିବେଶ ସୁରକ୍ଷା କରାଯାଇପାରିଛି ବୋଲି ସେ କହିଥିଲେ। ମୁଖ୍ୟ ଅତିଥି ବିଧାୟକ ପାଣିଗ୍ରାହୀ ଜିଲାରେ ଗ୍ରହଣ କରାଯାଉଥିବା ପଦକ୍ଷେପ କ୍ଷେତ୍ରରେ ସମସ୍ତେ ସହଯୋଗ କରିବାକୁ ଆହ୍ୱାନ ଦେଇଥିଲେ। ଛାତ୍ରୀଛାତ୍ର ଓ ପ୍ରତ୍ୟେକ ନାଗରିକ ଚାରାରୋପଣ କରିବାକୁ ସେ ପରାମର୍ଶ ଦେଇଥିଲେ। ଏହି ଅବସରରେ ବକ୍ତୃତା ପ୍ରତିଯୋଗିତାର କୃତୀ ଛାତ୍ରୀଛାତ୍ରଙ୍କୁ ପୁରସ୍କୃତ କରାଯାଇଥିଲା। ଅନ୍ୟମାନଙ୍କ ମଧ୍ୟରେ ଉପସ୍ଥିତ ବିଶ୍ୱ ପରିବେଶ ସୁରକ୍ଷା ଗବେଷକ ଧ୍ରିତିମୋକ୍ଷ ପାଣିଗ୍ରାହୀ ନିଜ ମନ୍ତବ୍ୟ ରଖିଥିଲେ। ଏହି ଅବସରରେ କାଶୀନଗରର ହାତୀ ଉପଦ୍ରବ ଅଞ୍ଚଳକୁ ବିପଦମୁକ୍ତ କରିବାପାଇଁ ୨୨ଟି ସୋଲାର ଲାଇଟ ପ୍ରଦାନ କରାଯାଇଥିଲା।

# ମା' ଅଶ୍ୱମୁଖୀ ବୁଢ଼ୀ ଠାକୁରାଣୀଙ୍କ ନୂତନ ମନ୍ଦିର ପ୍ରତିଷ୍ଠାର ଅଧିବାସ ଆରମ୍ଭ

ଛତ୍ରପୁର, ୨୧।୩ (ଦିଲ୍ଲୀପ ସାମଲ )

ଗଞ୍ଜାମ ଜିଲାର ଛତ୍ରପୁର ନିକଟବର୍ତ୍ତୀ କରପଡା ଗ୍ରାମର ଅଧିଷ୍ଠାତ୍ରୀ ଦେବୀ ମା' ଅଶ୍ୱମୁଖୀ ବୁଢ଼ୀ ଠାକୁରାଣୀଙ୍କ ନୂତନ ମନ୍ଦିର ପ୍ରତିଷ୍ଠା ପାଇଁ ଅଧିବାସ ଆରମ୍ଭ ହୋଇଛି। ରବିବାର କଳସ ଯାତ୍ରା ବର୍ଣ୍ଣାଢ୍ୟ ଶୋଭାଯାତ୍ରାରେ ପୂଣ୍ୟତୋୟା ଋଷିକୁଲ୍ୟା ନଦୀରୁ ଜଳ ଅଣାଯାଇ ୧୦୦୮ ପୂର୍ଣ୍ଣ କଳସରେ ଯଜ୍ଞ ବେଦୀରେ ସଂସ୍ଥାପନ ହେବ। ଜଳ ଯାତ୍ରାରେ ପ୍ରାୟ ଏକହଜାର ଆଠ ଜଣ ମହିଳା ଅଂଶଗ୍ରହଣ କରିବେ ବୋଲି କୁହାଯାଇଛି। ଜଳସଂସ୍ଥପାନ ପରେ ଯଜ୍ଞାନୁଷ୍ଠାନ ଆରମ୍ଭ ହେବ। ଏହି ସବୁ ଦାୟିତ୍ୱ ନିର୍ବାହ କାର୍ଯ୍ୟରେ ମା'ରାମଚଣ୍ଡୀ ପୂଜା କମିଟୀ ସଭାପତି ସି.ଏଚ. ଦୟାନନ୍ଦ ରେଡ୍ଡୀ ଏବଂ ସଂଯୋଜକ କମଳ କୁମାର ପଣ୍ଡା, ତ୍ରଷ୍ଟି ଲକ୍ଷ୍ମୀ ନୃସିଂହ ପଣ୍ଡା, ସହ-ସଂଯୋଜକ ଶ୍ରୀ ତୁଷାର କାନ୍ତ ଶତପଥି, ଜ୍ୟୋତିଷୀ ଦୀପକ କୁମାର ଦାଶ ଦାୟିତ୍ୱ ଗ୍ରହଣ କରିବା ପାଇଁ ପ୍ରସ୍ତୁତ ଅଛନ୍ତି। ଏହି ଭବ୍ୟ କାର୍ଯ୍ୟକ୍ରମ କୁ କରପଡ଼ା ଗ୍ରାମ



ପଂଚାୟତ ର ସମସ୍ତ ଗ୍ରାମର ଗ୍ରାମବାସୀ ଓ ସରପଞ୍ଚ ଅଜୟ ନାୟକଙ୍କ ଉପସ୍ଥିତିରେ ଚଳିତ ୨୨ ତାରିଖ ଠାରୁ ତା ୨୬ ତାରିଖ ପର୍ଯ୍ୟନ୍ତ ଅନୁଷ୍ଠିତ ହେବ। ଏହି ଯଜ୍ଞରେ ଭକ୍ତଙ୍କ ଭିଡ଼ ଜମିବ ବୋଲି ଆଶା କରାଯାଉଛି। ଏହି ମନ୍ଦିରର ପ୍ରତିଷ୍ଠା ଉତ୍ସବ ନିମନ୍ତେ ବ୍ୟାପକ ପ୍ରସ୍ତୁତି କରାଯାଇଛି। ମହାଯଜ୍ଞ ବହୁ ଆଡମ୍ବରପୂର୍ଣ୍ଣ ସହ ବୈଦିକ ରୀତିନୀତିରେ ଆରମ୍ଭ ହେବାକୁ ଯାଉଛି। ଏହି ପ୍ରତିଷ୍ଠାରେ, ଘୃତଯଜ୍ଞ, ନାମଯଜ୍ଞ, ଜ୍ଞାନଯଜ୍ଞ, ଗୋ-ପୂଜନ, କନ୍ୟା-ପୂଜନ, ଏବଂ ଅନ୍ନଯଜ୍ଞ ବୈଦିକ ରୀତିନୀତିରେ ଆଡମ୍ବର ସହକାରେ ପାଳିତ କରାଯିବ ବୋଲି କରପଡା ଗ୍ରାମବାସୀ ଙ୍କ ତରଫରୁ ଉତ୍କଣ୍ଠା ପ୍ରକାଶ ପାଇଛି। କାର୍ଯ୍ୟର ମୁଖ୍ୟକର୍ତ୍ତା ଭାବେ କୃଷ୍ଣ ଚନ୍ଦ୍ର ନାୟକ (ମହାରାଜ)ଙ୍କ ମାଧମରେ ଜଣେଇଛନ୍ତି। ଏହି ପ୍ରତିଷ୍ଠା ରେ କମିଟି ପରିଚାଳନା ସଭାପତି ଲୋକନାଥ ନାୟକ, ସମ୍ପାଦକ ଉତ୍ତମ ନାୟକ, କୋଷାଧକ୍ଷ କୁଞ୍ଜ ବିହାରୀ ନାୟକ, ପ୍ରତିଷ୍ଠା କମିଟିର ସଭାପତି ପ୍ରଶାନ୍ତ ନାୟକ, ସମ୍ପାଦକ ଭାସ୍କର ନାୟକ, କୋଷାଧକ୍ଷ ଜଗନ୍ନାଥ ନାୟକ, ଏବଂ ଉଭୟ କମିଟିର ସଂଯୋଜକ ରାମଚନ୍ଦ୍ର ନାୟକ କାର୍ଯ୍ୟ ନିର୍ବାହ କରୁଛନ୍ତି ବୋଲି ଜଣାଯାଇଛି। ଏତଦ ବ୍ୟତୀତ ଉଭୟ କମିଟିର ମୁଖ୍ୟ ଉପଦେଷ୍ଟା ବଳରାମ ନାୟକ, ଆଇନଜୀବୀ ବିପିନ ବିହାରୀ ନାୟକ, ପିତାମ୍ବର ଚର୍ଡ଼ୀ, ପୁରୁଷୋତ୍ତମ ଚର୍ଡ଼ୀ, ଗୋବର୍ଦ୍ଧନ ନାୟକ ପ୍ରମୁଖ ସକ୍ରୀୟ ଅଂଶଗ୍ରହଣ କରିଛନ୍ତି। ଏହି ପ୍ରତିଷ୍ଠାରେ ମୁଖ୍ୟ ପ୍ରଚାରକ ଭାବେ ପଣ୍ଡିତ ସିମାଞ୍ଚଳ ତ୍ରିପାଠୀ, ଆଚାର୍ଯ୍ୟ ପଣ୍ଡିତ ମନୋରଞ୍ଜନ ତ୍ରିପାଠୀ, ପୁରୋହିତ ପଣ୍ଡିତ ବାବୁଲା ତ୍ରିପାଠୀ ଙ୍କ ତତ୍ତ୍ୱାବଧାନରେ ରବିବାର ସକାଳ ଠାରୁ ଭବ୍ୟପ୍ରତିଷ୍ଠା ଆରମ୍ଭ ହେବାକୁ ଯାଉଛି ବୋଲି ମୁଖ୍ୟଉଦ୍ୟକ୍ତା କୃଷ୍ଣ ଚନ୍ଦ୍ର ନାୟକଙ୍କ ଜଣାଇଛନ୍ତି।

# ଦଣ୍ଡକାଳୀ ମନ୍ଦିର ପ୍ରତିଷ୍ଠା ଉତ୍ସବ ଆରମ୍ଭ

ଧରାକୋଟ, ୨୧।୩ (ବିଷ୍ଣୁ କେଶରୀ ଆଚାର୍ଯ୍ୟ )

ଗଞ୍ଜାମ ଜିଲା ଧରାକୋଟ ବ୍ଲକର ରୁଗୁମୁ ପଞ୍ଚାୟତ ଅନ୍ତର୍ଗତ କାନଗିରିଡି ଗ୍ରାମରେ ନବ ନିର୍ମିତ ମା' ଦଣ୍ଡକାଳୀ ମହାଦେବୀଙ୍କ ମନ୍ଦିର ପ୍ରତିଷ୍ଠା ଉତ୍ସବ ଆରମ୍ଭ ହୋଇଛି। ପ୍ରଥମ ଦିନରେ ଦୀକ୍ଷା ଗ୍ରହଣ, ଜଳଯାତ୍ରା, ଅଙ୍କୁରାରୋପଣ ପରେ ଶନିବାର ନାମ କର୍ମ ଆରମ୍ଭ, ଶାଳା ସଂସ୍କାର, ବ୍ରାହ୍ମଣ ବରଣ ନମଯଜ୍ଞ ସମ୍ପନ୍ନ ହୋଇଛି। ଏହା ଦୀର୍ଘ ପାଞ୍ଚ ଦିନ ଧରି ଚାଲିବ। ଆସନ୍ତା ୨୫ ତାରିଖରେ ମହାଦେବୀଙ୍କ ସିଂହାସନ ଆରୋହଣ ପରେ ପୂର୍ଣ୍ଣାହୂତି ହୋଇ ଜ୍ଞାନଯଜ୍ଞର ସମାପନ ହେବ। ଏଥିରେ କର୍ତ୍ତା ଭାବରେ ଅଶୋକ ପଣ୍ଡା, ଦୟାନିଧି ପ୍ରଧାନ, ସୀମାଞ୍ଚଳ ପଣ୍ଡା, ସୁବାସ ଚନ୍ଦ୍ର ପଣ୍ଡା, ରମେଶ ଚନ୍ଦ୍ର ପଣ୍ଡା, ସୁଧାଂଶୁ ଶେଖର ମହାରଣା ଓ କଂଗ୍ରେସ ଗୌଡ଼ ଦାୟିତ୍ୱ ତୁଲାଉଛନ୍ତି। ପ୍ରତିଷ୍ଠା ଉତ୍ସବରେ ପଣ୍ଡିତ କୈଳାସ ଚନ୍ଦ୍ର ମିଶ୍ର, ମୁନା ମିଶ୍ର, ପବିତ୍ର ମିଶ୍ର, ଜଗଦୀଶ ମିଶ୍ର, ଅଶିନୀ ଷଡ଼ଙ୍ଗୀ, ଚନ୍ଦ୍ରପାଣି ମିଶ୍ର, କାଳୁଚରଣ ମିଶ୍ର, ମନୋରଞ୍ଜନ ମିଶ୍ର, ଅବନୀ ମିଶ୍ର, ପ୍ରଦୀପ ମିଶ୍ର, ମନୋଜ ମିଶ୍ର, ରଶ୍ମି ମହାପାତ୍ର ଓ ଭଗବତୀ ମିଶ୍ର ଯଜ୍ଞ କାର୍ଯ୍ୟରେ ନିୟୋଜିତ ରହିଛନ୍ତି। କାନଗିରିଡି ଗ୍ରାମବାସୀ ସହଯୋଗ କରୁଛନ୍ତି।

# ବ୍ଲକ୍ କଲୋନୀ ବିଦ୍ୟାଳୟର ବାର୍ଷିକୋତ୍ସବ



କାର୍ଯ୍ୟକ୍ରମରେ ଉପସ୍ଥିତ ଅତିଥି।

ବାଲିଗୁଡା, ୨୧।୩(ସଞ୍ଜୟ କୁମାର ପାଣିଗ୍ରାହୀ)

କନ୍ଧମାଳ ଜିଲା ବାଲିଗୁଡ଼ା ସ୍ଥିତ ବ୍ଲକ୍ କଲୋନୀ ସରକାରୀ ଉଚ୍ଚ ପ୍ରାଥମିକ ବିଦ୍ୟାଳୟର ୫୩ତମ ବାର୍ଷିକୋ ଉତ୍ସବ ପାଳିତ ହୋଇଛି। ଏଥିରେ ବିଦ୍ୟାଳୟ ପ୍ରଧାନ ଶିକ୍ଷକ ଗୌରୀ ଶଙ୍କର ପାଢ଼ୀ ଅଧ୍ୟକ୍ଷତା କରିଥିଲେ। ଏହି କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ଅତିରିକ୍ତ ଗୋଷ୍ଠୀ ଉନ୍ନୟନ ଅଧିକାରୀ ପ୍ରଦୀପ ବାଘ ଯୋଗ ଦେଇଥିବା ବେଳେ ମୁଖ୍ୟବକ୍ତା ଭାବେ ଅବସର ପ୍ରାପ୍ତ ଅଧକ୍ଷ ଡ.ମଧୁସୂଦନ ମହାପାତ୍ର, ସମ୍ମାନୀତ ଅତିଥି ଭାବେ ସମନ୍ୱିତ ଶିଶୁ ବିକାଶ ଯୋଜନା ଅଧିକାରିଣୀ ଇନ୍ଦିରା ପଣ୍ଡା, ସୁପରଭାଇଜର ମଧୁସ୍ମିତା କହଁର, ପବିତ୍ର ମୋହନ ପାଢ଼ୀ, ବିଦ୍ୟାଳୟ ପରିଚାଳନା କମିଟି ସଭାପତି ମାଧବ ସାହୁ, ତଥା ପରିଚାଳନା କମିଟି ସଦସ୍ୟ ଗଣ ଉପସ୍ଥିତ ଥିଲେ। ଏହି ଅବସରରେ ପ୍ରଥମେ ବିଦ୍ୟାଳୟର ଛାତ୍ରଛାତ୍ରୀ ମାନେ ଅତିଥି ମାନଙ୍କୁ ସ୍ୱାଗତ ସମ୍ବର୍ଦ୍ଧନା ଦେଇଥିଲେ। ବିଦ୍ୟାଳୟର ପ୍ରଧାନ ଶିକ୍ଷକ ବାର୍ଷିକ ବିବରଣୀ ପାଠ କରିଥିଲେ। ଅତିଥି ଗଣ ଉପସ୍ଥିତ ଛାତ୍ରୀଛାତ୍ରଙ୍କୁ ବିଭିନ୍ନ ଶିକ୍ଷଣୀୟ ଉପଦେଶ ପ୍ରଦାନ କରିଥିଲେ। ପରେପରେ ବିଭିନ୍ନ ପ୍ରତିଯୋଗିତାର କୃତକାର୍ଯ୍ୟ ହୋଇଥିବା ଛାତ୍ରୀଛାତ୍ରମାନଙ୍କୁ ଅତିଥି ମାନଙ୍କ ଦ୍ୱାରା ପୁରସ୍କୃତ କରାଯାଇଥିଲା। ଶେଷରେ ଛାତ୍ରୀଛାତ୍ର ମାନଙ୍କ ଦ୍ୱାରା ବିଭିନ୍ନ ପ୍ରକାର ସାଂସ୍କୃତିକ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା।

# ସ୍ୱାକ୍ ତରଫରୁ ବିଶ୍ୱ ବନ ଦିବସ, ବିଶ୍ୱ ଜଳ ଦିବସ ସପ୍ତାହ ପାଳିତ

ଜି.ଉଦୟଗିରି, ୨୧।୩
(ଶିଶିର ପଟ୍ଟନାୟକ /ଚିନ୍ମୟ କୁମାର ସେଠୀ)

ଗ୍ରେସିଙ୍ଗିଆ ପଞ୍ଚାୟତ ଶାଳବଣଠାରେ ସ୍ୱାକ ସଂଗଠନ ତରଫରୁ ୟୁଥ୍‌ଫର୍ ୱାଟର ପ୍ଲସ ଓ ଅନ୍ତରଙ୍ଗ ସହଯୋଗରେ ବିଶ୍ୱ ବନଦିବସ ଓ ବିଶ୍ୱ ଜଳ ଦିବସ ସପ୍ତାହ ପାଳିତ ହୋଇଛି। ଏଥିରେ ମୁଖ୍ୟ ଅତିଥି ଭାବେ ସ୍ଥାନୀୟ ସରପଞ୍ଚ ତ୍ରିଶିଳା ପ୍ରଧାନ ଯୋଗ ଦେଇଥିବା ବେଳେ ବନାଞ୍ଚଳ ଅଧିକାରୀ ମାଣିକେଶ୍ୱରୀ ପଟ୍ଟନାୟକ, ଖବରଦାତା ତଥା ସ୍ୱାକର ପରାମର୍ଶଦାତା ସମିର କୁମାର ପାଢ଼ୀ, ବନରକ୍ଷକ ପ୍ରଶାନ୍ତ ସାହୁ, ସଭାପତି ଅମନ ଚନ୍ଦ୍ର ନାୟକ, ଏମବିକେ ତପସ୍ୱିନୀ ପ୍ରଧାନ ଯୋଗ ଦେଇଥିଲେ। ବର୍ତ୍ତମାନ ଜଳବାୟୁ ପରିବର୍ତ୍ତନକୁ ଦୃଷ୍ଟିରେ ରଖି ଜଙ୍ଗଲ ସୁରକ୍ଷା, ବହୁ ମାତ୍ରାରେ ବୃକ୍ଷରୋପଣ, ବାନାଗ୍ନୀ ନିରାକରଣ, ଜଳ ସଙ୍କଟ ଦୂର କରିବା ପାଇଁ ବର୍ଷା ଜଳ ସଂରକ୍ଷଣ, ଜଳ ଓ ଲିଙ୍ଗ ସମାନତା ସହିତ ଜଳବାୟୁ ପରିବର୍ତ୍ତନ ନିୟନ୍ତ୍ରଣ ପାଇଁ ଯୁବପିଢ଼ିଙ୍କୁ ସ୍ୱରୋତ୍ତଳନ ପାଇଁ ଗୁରୁତ୍ୱ ଦିଆଯାଇଛି। ତୃଣମୂଳ ସ୍ତରରୁ ଏହି ସାମାଜିକ ସଚେତନ କାର୍ଯ୍ୟକ୍ରମ ବ୍ୟାପକ କରିବା ପାଇଁ ସ୍ୱାକ ସଂଗଠନ ପକ୍ଷରୁ ପଦକ୍ଷେପ ଗ୍ରହଣ କରାଯାଇଛି। ଏହି କାର୍ଯ୍ୟକ୍ରମରେ ଅଞ୍ଚଳର ମହିଳା, ସିଆର୍‌ପି, ୱାର୍ଡ ମେମ୍ବର, ଯୋଗାଣ ସହାୟକଙ୍କ ସମେତ ଯୁବ ପିଢ଼ି ସାମିଲ ହୋଇଥିଲେ। ସମ୍ପାଦକ ହୃଷିକେଶ ପ୍ରଧାନ ଏହି ଦିବସ ପାଳନର ମୁଖ୍ୟ ଉଦ୍ଦେଶ୍ୟ ବିଷୟରେ ଅବଗତ କରିଥିଲେ। କାର୍ଯ୍ୟକ୍ରମକୁ ସଂଗଠନର ସହ ସମ୍ପାଦକ ସଞ୍ଜୀବ ଦିଗାଲ ପରିଚାଳନା କରିଥିଲେ। ଉପ ସଭାନେତ୍ରୀ ସସ୍ମିତା ମଲ୍ଲିକ ଧନ୍ୟବାଦ ଦେଇଥିବା ବେଳେ ମିନାକ୍ଷୀ ପ୍ରଧାନ ସହଯୋଗ କରିଥିଲେ।

### ପ୍ରବେଶ ଉତ୍ସବ, ଖଡ଼ିଛୁଆଁ ନେଇ ନିମନ୍ତ୍ରଣ

**ନବରଙ୍ଗପୁର, ୨୧।୩(ସଦାଶିବ ପ୍ରହରାଜ)**

ଶିଶୁ ବାଟିକା ଓ ପ୍ରଥମ ଶ୍ରେଣୀରେ ନାମଲେଖାଇବାକୁ ଥିବା ଛାତ୍ରୀଛାତ୍ରମାନେ ଏପ୍ରିଲ ୨ରେ ହେବାକୁ ଥିବା ପ୍ରବେଶ ଉତ୍ସବ ଓ ଖଡ଼ିଛୁଆଁରେ ଯୋଗ ଦେବାକୁ ନିମନ୍ତ୍ରଣ ଦିଆଯାଇଛି। ଶନିବାର ଡିଇଓ ଛତ୍ରପତି ସାହୁ ନବରଙ୍ଗପୁର ବ୍ଲକ ପାତ୍ରମୁଣ୍ଡା ଗାଁରେ ଯୋଗ୍ୟ ଛାତ୍ରୀଛାତ୍ରଙ୍କ ଅଭିଭାବକଙ୍କୁ ମୁଖ୍ୟମନ୍ତ୍ରୀଙ୍କ ସ୍ୱାକ୍ଷରିତ ନିମନ୍ତ୍ରଣ ପତ୍ର ପ୍ରଦାନ କରିଥିଲେ। ଏହି ସମୟରେ ଏଡିଇଓ, ଏବିଇଓ, ସିଆର୍‌ସିସି ଓ ସ୍ଥାନୀୟ ଶିକ୍ଷୟିତ୍ରୀ ଶିକ୍ଷକ ମାନେ ଉପସ୍ଥିତ ଥିଲେ।

# ଛତ୍ରପୁର: ୩ ଚିକିତ୍ସାଳୟ କୟାକଳ୍ପ ପାଇଁ ମନୋନୀତ

ଛତ୍ରପୁର, ୨୧।୩(ଦିଲୀପ ସାମଲ)

ଉତ୍ତମ ରୋଗୀ ଚିକିତ୍ସା ଓ ପରିବେଶ ସ୍ୱଚ୍ଛତାକୁ ଦୃଷ୍ଟିରେ ରଖି ରାଜ୍ୟ ସ୍ୱାସ୍ଥ୍ୟ କଲ୍ୟାଣ ବିଭାଗ ପକ୍ଷରୁ କାୟାକଳ୍ପ ପୁରସ୍କାର ପ୍ରଦାନ ପାଇଁ ମନୋନୀତ କରାଯାଇଥାଏ। ଏହି ତାଲିକାରେ ଗଂଜାମ ଜିଲାର ଏକ ନଂ. ଡାକ୍ତରଖାନା ରୂପେ ଛତ୍ରପୁର ଉପଖଣ୍ଡ ଚିକିତ୍ସାଳୟ ମାନ୍ୟତା ପାଇଛି। ସେହିପରି ଛତ୍ରପୁର ବ୍ଲକ ମୁନିସିପେଣ୍ଠ ଏବଂ ଗଞ୍ଜାମ ବ୍ଲକ ଖଣ୍ଡାଦେଉଳି ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ମଧ ମାନଦଣ୍ଡ ଗୁଡିକରେ ଶତ ପ୍ରତିଶତ ରହିଥିବା ଯୋଗୁ କୟାକଳ୍ପ ପୁରସ୍କାର ପାଇଁ ଯୋଗ୍ୟ ବିବେଚିତ ହୋଇଛନ୍ତି। ଏଥିସହ ପ୍ରଥମ କରି ଛତ୍ରପୁର ନିର୍ବାଚନ ମଣ୍ଡଳୀ ମଧ୍ୟରେ ଥିବା ଗୋଟିଏ ଛତ୍ରପୁର ଉପଖଣ୍ଡ ଡାକ୍ତରଖାନା ସହ ଛତ୍ରପୁର ବ୍ଲକର ମୁନିସିପେଣ୍ଠ ଓ ଗଞ୍ଜାମ ବ୍ଲକର ଖଣ୍ଡଦେଉଳି ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ଏବଂ ଏହା ଅଧୀନରେ ଥିବା ସମସ୍ତ ସବ ସେଣ୍ଟର ଓ ପ୍ରାଥମିକ ଚିକିତ୍ସା କେନ୍ଦ୍ରସଗୁଡିକ ମଧ କୟାକଳ୍ପ ପାଇଁ ଥିବା ମାନଦଣ୍ଡଗୁଡିକ ଶତପ୍ରତିଶତ ପୂରଣ କରିବା ସହିତ ପୁରସ୍କାର ପାଇବା ପାଇଁ ମନୋନୀତ ହୋଇଛନ୍ତି। ଏଥି ସକାଶେ ଛତ୍ରପୁର ଉପଖଣ୍ଡ ଡାକ୍ତରଖାନାର ଅଧୀକ୍ଷକ ଡାକ୍ତର ଅଲେଖ ପ୍ରଧାନ, ଛତ୍ରପୁର ବ୍ଲକ ମେଡିକାଲ ଅଫିସର ତଥା ମୁନିସିପେଣ୍ଠ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ଅଧୀକ୍ଷକ ଡାକ୍ତର ସ୍ୱାଧୀନ ରଥ ଓ ଗଞ୍ଜାମ ବ୍ଲକ ଭାରପ୍ରାପ୍ତ ମେଡିକାଲ ଅଫିସର ତଥା ଖଣ୍ଡଦେଉଳି ଗୋଷ୍ଠୀ ସ୍ୱାସ୍ଥ୍ୟ କନ୍ଦ୍ର ଅଧୀକ୍ଷକ ଡାକ୍ତର ସୌମ୍ୟକାନ୍ତ ମହାପାତ୍ରଙ୍କୁ ବିଭିନ୍ନ ମହଲରୁ ଶୁଭେଚ୍ଛା ମିଳିଛି। କୟାକଳ୍ପ ମାନ୍ୟତା ନେଇ ରାଜ୍ୟସ୍ତରୀୟ ଓ ଜିଲାସ୍ତରୀୟ ପ୍ରତିନିଧି ଦଳ ଡାକ୍ତରଖାନାଗୁଡିକରେ ପରିମଳ, ସ୍ୱାସ୍ଥ୍ୟସେବା, ବିଭିନ୍ନ ଭିତିଭୂମି, ଔଷଧ ବିତରଣ କେନ୍ଦ୍ର, ଲ୍ୟାବ, ରକ୍ତ ପରୀକ୍ଷା, ଓପିଡି, କ୍ୱାଲିଟି, ହେଲ୍ପ ଡେସ୍କ, ନିରାମୟ ଯୋଜନାର କାର୍ଯ୍ୟକାରିତା ଆଦି ବୁଲି ପରଖିଥିଲେ।

# ରକ୍ତ ଦେଲେ, ବାଛୁରୀର ଚିକିତ୍ସା କଲେ

ଭଞ୍ଜନଗର, ୨୧।୩(ବାବୁଲା ପ୍ରଧାନ)


ବିପଦର ବନ୍ଧୁ ଓଡ଼ିଶା ଭଞ୍ଜନଗର ଶାଖା କର୍ମକର୍ତ୍ତାମାନେ ପୁଣି ଜଣେ ମହିଳାଙ୍କ ଜୀବନ ବଞ୍ଚାଇଛନ୍ତି। ରକ୍ତ ପାଇଁ ଚିକିତ୍ସାଧୀନ ମହିଳାଙ୍କ ପରିବାର ଯେତେବେଳେ ନିରାଶରେ ଭାଙ୍ଗି ପଡିଥିଲେ ତାଙ୍କୁ ବିପଦର ବନ୍ଧୁ କର୍ମକର୍ତ୍ତାମାନେ ରକ୍ତ ଦେଇ ତାଙ୍କ ଜୀବନ ବଞ୍ଚାଇଛନ୍ତି। ଖବରରୁ ଜଣାପଡିଛି, ଦୁଇଦିନ ତଳେ ବାଉଁଶଲୁଣ୍ଡି ଗ୍ରାମର ଜଣେ ମହିଳା ରକ୍ତହୀନତା ରୋଗରେ ପୀଡ଼ିତ ଥାଇ ଭଞ୍ଜନଗର ମେଡିକାଲରେ ଚିକିତ୍ସିତ ହେଉଥିଲେ। ପରିବାର ଲୋକେ ରକ୍ତ ଯୋଗାଡ ପାଇଁ ଚେଷ୍ଟା କରି ନିରାଶ ହୋଇଥିଲେ। ଏହି ସମୟରେ ବିପଦର ବନ୍ଧୁର ବରିଷ୍ଠ କର୍ମକର୍ତ୍ତା ଅରକ୍ଷିତ ପରିଚ୍ଛା ଏବଂ ପ୍ରଦୀପ ଜେନାଙ୍କ ସମ୍ପର୍କରେ ସୂଚନା ପାଇ ପରିବାର ଲୋକେ ତାଙ୍କ ସହ ଯୋଗାଯୋଗ କରିଥିଲେ। କିଛି ସମୟ ପରେ କୁଲାଡର ପ୍ରଶାନ୍ତ ସାହୁ ଆସି ରକ୍ତଦାନ କରିଥିଲେ। ଫଳରେ ଚିକିତ୍ସାଧୀନ ମହିଳା ସୁସ୍ଥ ହେବାରେ ବିପଦର ବନ୍ଧୁ କର୍ମକର୍ତ୍ତା ସହାୟ ହୋଇଥିଲେ। ନିରାଶ ହୋଇପଡିଥିବା ପରିବାର ଲୋକଙ୍କ ମୁହଁରେ ହସ ଫୁଟିଥିଲା। ଏଥିସହ ବିପଦର ବନ୍ଧୁ କର୍ମକର୍ତ୍ତାମାନେ ଶନିବାର ଭଞ୍ଜନଗର ମୁଖ୍ୟ ସଡ଼କରେ ଏକ ବାଛୁରୀ ଗୁରୁତର ଭାବେ ଆହତ ହୋଇ ଛଟପଟ ହେଉଥିଲା। ବିପଦର ବନ୍ଧୁ କର୍ମକର୍ତ୍ତାମାନେ ବାଛୁରୀକୁ ଉଦ୍ଧାର କରି ଚିକିତ୍ସା ବ୍ୟବସ୍ଥା କରାଇଥିଲେ। ବିପଦର ବନ୍ଧୁ କର୍ମକର୍ତ୍ତା ଅନ୍ୟର ସେବା ପାଇଁ ନିଜକୁ ସମର୍ପିତ କରିଛନ୍ତି। କର୍ମକର୍ତ୍ତାମାନେ କେତେବେଳେ ମୃତଦେହ ସତ୍କାର କରନ୍ତି ତ' ଆଉ କେତେବେଳେ ରକ୍ତଦାନ କରନ୍ତି। ଆଉ କେତେବେଳେ ଅସହାୟ ଲୋକଙ୍କୁ ଆର୍ଥିକ ସହାୟତା ଯୋଗାଇ ଦେଇ ସାହାଯ୍ୟ କରନ୍ତି।

# ୨୬ରେ ପୋଲସରା ଆସିବେ ପ୍ରବୀଣ ତୋଗାଡ଼ିଆ



ପୋଲସରା, ୨୧।୩(ସୁଶାନ୍ତ ମହାରଣା)

ହିନ୍ଦୁ ନବବର୍ଷ ଅବସରରେ ଅନ୍ତରାଷ୍ଟ୍ରୀୟ ହିନ୍ଦୁ ପରିଷଦ ରାଷ୍ଟ୍ରୀୟ ବଜରଙ୍ଗ ଦଳର ସଂସ୍ଥାପକ ଡ଼. ପ୍ରବୀଣ ଭାଇ ତୋଗାଡିଆ ପ୍ରଥମ କରି ଗଞ୍ଜାମ ଜିଲା ପୋଲସରା ଗସ୍ତରେ ଆସିବା ସୁନିଶ୍ଚିତ ହୋଇଛି। ଯାହାକୁ ନେଇ ପୋଲସରା ସହରରେ ହିନ୍ଦୁତ୍ୱର ଏକ ସ୍ୱଚ୍ଛ ବାତାବରଣର ଲହରି ଦେଖିବାକୁ ମିଳୁଛି। ଏହି ଅବସରରେ ଶୁକ୍ରବାର ପୋଲସରାର ତ୍ରିସ୍ତାବି ହୋଟେଲରେ ଏକ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଥିଲା। ଏହି ବୈଠକ ଅନ୍ତର୍ଜାତୀୟ ହିନ୍ଦୁ ପରିଷଦର ଜିଲା ସଭାପତି ପୀତବାସ ସାହୁ ଓ ରାଷ୍ଟ୍ରୀୟ ବଜରଙ୍ଗ ଦଳ ଜିଲା ଅଧକ୍ଷ ସନ୍ତୋଷ କୁମାର ଖଟେଇଙ୍କ ମିଳିତ ଅଧକ୍ଷତାରେ ଅନୁଷ୍ଠିତ ହୋଇଥିବା ବେଳେ ମୁଖ୍ୟ ଅତିଥି ରୂପେ ରାଷ୍ଟ୍ରୀୟ ବଜରଙ୍ଗ ଦଳ ଓଡ଼ିଶା ପ୍ରଦେଶ ଅଧକ୍ଷ ବିଶ୍ୱନାଥ ପାତ୍ର ଯୋଗଦାନ କରିଥିଲେ। ଆଗାମୀ ୨୬ ତାରିଖରେ ଶ୍ରୀରାମ ନବମୀ ଉପଲକ୍ଷେ ଏକ ବିଶାଳ ସମାବେଶ ଆୟୋଜନ କରାଯିବ ବୋଲି ନିଷ୍ପତ୍ତି ନିଆଯାଇଛି। ଯାହା ରାଷ୍ଟ୍ରୀୟ ବଜରଙ୍ଗ ଦଳ ପକ୍ଷରୁ ହିନ୍ଦୁତ୍ୱକୁ ନେଇ ପ୍ରତ୍ୟେକ ସନାତନୀ ହିନ୍ଦୁଙ୍କ ହୃଦୟରେ ହିନ୍ଦୁଙ୍କ ପ୍ରତି ସେବା, ସୁରକ୍ଷା, ସମ୍ମାନର ଭକ୍ତି ଭାବ ଜାଗ୍ରତ ହେବାର ଆବଶ୍ୟକତା ରହିଛି। ସଂଗଠନର ମୂଳ ଉଦ୍ଦେଶ୍ୟରେ ଯୁବପିଢିଙ୍କ ମଧ୍ୟରେ ସନାତନ ସଂସ୍କୃତି ପ୍ରତି ଗର୍ବ ଓ ଆତ୍ମସମ୍ମାନ ଜଗାଇବା। ସମାଜରେ ନୈତିକତା, ଶୃଙ୍ଖଳା ଓ ଦେଶଭକ୍ତିର ମୂଲ୍ୟବୋଧକୁ ଶକ୍ତିଶାଳୀ କରିବା। ଯାହା ଯୁବସମାଜ ଏବଂ ପ୍ରତ୍ୟେକ ସନାତନୀ ହିନ୍ଦୁ ସୁରକ୍ଷା ସମୃଦ୍ଧିକୁ ଦୃଷ୍ଟିରେ ରଖି ମାଦକଦ୍ରବ୍ୟ, ଅସାମାଜିକ କାର୍ଯ୍ୟକଳାପ ଓ ପଥଭ୍ରଷ୍ଟ ଠାରୁ ଦୂରେଇ ରଖିବା ଉଚିତ। ସମାଜରେ, ସେବା ଓ ସଂସ୍କୃତି ଏକତାକୁ ବୃଦ୍ଧି କରିବା। ଭାରତୀୟ ସଂସ୍କୃତି ଓ ପରମ୍ପରା ରକ୍ଷା ପାଇଁ ଦେଶର ଏକତା ଓ ସାମାଜିକ ସମ୍ବନ୍ଧକୁ ମଜବୁତ କରିବା ଉପରେ ଜୋର ଦିଆଯିବ ବୋଲି ରାଷ୍ଟ୍ରୀୟ ସଦସ୍ୟମାନେ ନିଜେ ନିଜର ମତ ପ୍ରକାଶ କରିଛନ୍ତି।



## ସଂକ୍ଷେପରେ

### ଗଳିତ ମୃତଦେହ ଜବତ

ପାରଳାଖେମୁଣ୍ଡି, ୨୧।୩(ଗିରିଧାରୀ ପରିଚ୍ଛା) ଗଜପତି ଜିଲା ଗୋଷାଣି ବ୍ଲକ ସୀତାପାହାଡର କୁଜଣି ନିକଟସ୍ଥ କାଜୁବାଡରୁ ଏକ ଗଳିତ ମୃତଦେହ ଜବତ ହୋଇଛି । ମୃତକ ହେଲେ ଗୁରାଣ୍ଡି ଥାନା ଅନ୍ତର୍ଗତ ଘୋରଣି ଗ୍ରାମର କୃଷ୍ଣଚନ୍ଦ୍ର ବେହେରା (୮୧)। ସେ ଦୀର୍ଘ ଦୁଇ ମାସ ହେଲା ନିଜ ଘରକୁ ଫେରି ନ ଥିଲେ। ବହୁ ଖୋଜାଖୋଜି ପରେ କୃଷ୍ଣଙ୍କୁ ନପାଇ ପରିବାର ଲୋକେ ଗୁରାଣ୍ଡି ଥାନାରେ ୧୭।୨।୨୦୨୬ରେ ଅଭିଯୋଗ କରିଥିଲେ। ଏହାକୁ ଭିତ୍ତି କରି ପୋଲିସ ଏକ ନିଖୋଜ ମାମଲା ରୁଜୁ କରିଥିଲା। ଶନିବାର ସକାଳୁ କାଜୁ ଜଙ୍ଗଲକୁ କୁଜଣି ଗ୍ରାମର କେତେ ଜଣ ଲୋକ ଯାଇଥିବା ବେଳେ କୃଷ୍ଣଙ୍କ ଗଳିତ ମୃତଦେହ ପଡିଥିବା ଦେଖିବାକୁ ପାଇଥିଲେ। ଖବରପାଇ କୃଷ୍ଣଚନ୍ଦ୍ରଙ୍କ ପରିବାର ଲୋକେ ପହଞ୍ଚିଥିଲେ। କୃଷ୍ଣଚନ୍ଦ୍ରଙ୍କ ପୁଅ ବାସୁଦେବ ଏବଂ ଗ୍ରାମବାସୀ ମୃତ ଦେହ ଚିହ୍ନଟ କରିଥିଲେ। ତେବେ ଘଟଣା ଘଟିଥିବା ସ୍ଥଳଟି ଗୁରାଣ୍ଡି ନା ଗାରାବନ୍ଧ ଥାନା ଅଧୀନରେ ହୋଇଛି ତାକୁ ନେଇ ଦୀର୍ଘ ସମୟ ଧରି ଉଭୟ ଥାନା ପୋଲିସ ମଧ୍ୟରେ ଦ୍ୱନ୍ଦ୍ୱ ରହିଥିଲା। ଶେଷରେ ଗାରାବନ୍ଧ ଥାନା ଅଧିକାରୀ ପ୍ରଶାନ୍ତ ନିସିଙ୍କାଙ୍କ ନେତୃତ୍ୱରେ ପୋଲିସ ଟିମ ଘଟଣାସ୍ଥଳରେ ପହଞ୍ଚି ଗଳିତ ମୃତଦେହ ଜବତ କରି ତଦନ୍ତ ଆରମ୍ଭ କରିଥିଲା। କୃଷ୍ଣଚନ୍ଦ୍ର ମାନସିକ ବିକାରଗ୍ରସ୍ତ ହୋଇଥିବାରୁ କେତେବେଳେ କେଉଁଠି ରହୁଥିଲେ ପରିବାର ଲୋକେ ଜାଣିପାରୁ ନ ଥିଲେ।

### ରାମାୟଣ ଥିଏଟର ମଞ୍ଚସ୍ଥ ପାଇଁ ଚାଲିଥିଲା ପ୍ରସ୍ତୁତି ବିଦ୍ୟୁତ୍ ତାର ସଂସ୍ପର୍ଶରେ ଆସି ଯୁବକ ମୃତ

ଦିଗପହଣ୍ଡି, ୨୧।୩(ଅଶେଷ ନାଥ ମିଶ୍ର) ଗଞ୍ଜାମ ଜିଲା ଦିଗପହଣ୍ଡି ବ୍ଲକ ଫାସିଗୁଡ଼ା ଗ୍ରାମ ଢେପସାହିରେ ଥିବା ମା ’ ମଙ୍ଗଳା ମନ୍ଦିର ପ୍ରତିଷ୍ଠା ଉତ୍ସବ ପାଇଁ ଗଜପତି ଜିଲା ଚାନ୍ଦିପୁଟ ଏବଂ ଗଞ୍ଜାମ ଜିଲା କେ. ଖରିଡ଼ା ଗ୍ରାମର ପୌରାଣିକ ରାମାୟଣ ଥିଏଟର ମଞ୍ଚସ୍ଥ ପାଇଁ ସାଜସଜା ଚାଲିଥିଲା। ଏହି ସମୟରେ ବିଦ୍ୟୁତ୍ ସଂସ୍ପର୍ଶରେ ଆସି ଜଣେ ଯୁବକଙ୍କ ମୃତ୍ୟୁ ଘଟିଛି। ସେ ହେଲେ ସାନଖେମୁଣ୍ଡି ବ୍ଲକ ସିନ୍ଧୁରପୁର ଗ୍ରାମର ଗଣେଶ ବିଶୋୟୀ (୨୬)। ମଙ୍ଗଳା ମନ୍ଦିର ପ୍ରତିଷ୍ଠା ଉତ୍ସବ ପାଇଁ ଶନିବାର ମଧ୍ୟାହ୍ନ ୧ଟାରେ ନାଟକ ମଞ୍ଚ (ଭାଡ଼ି)ରେ ବିଦ୍ୟୁତ ସରଞ୍ଜାମ ଲଗାଯାଉଥିଲା। ଏହି ସମୟରେ ଗାଁରେ ବିଦ୍ୟୁତ ସରବରାହ ବିଚ୍ଛିନ୍ନ ରହିଥିଲା। ମଞ୍ଚ ନିକଟରେ ଥିବା ଉଚ୍ଚଶକ୍ତି ସମ୍ପନ୍ନ ୧୧ କେ.ଭି ବିଦ୍ୟୁତ ଟ୍ରାନ୍ସଫର୍ମରରୁ ବିଦ୍ୟୁତ୍ ସଂଯୋଗ ନେବା ପାଇଁ ତାର ସଂଯୋଗ କରାଯାଉଥିବା ବେଳେ ବିଦ୍ୟୁତ୍ ଚାଲିଆସିଥିଲା। ଫଳରେ ବିଦ୍ୟୁତ ତାର ସଂସ୍ପର୍ଶରେ ଆସି ଗଣେଶ ଗୁରୁତର ହୋଇଥିଲେ। ତାଙ୍କୁ ଅଚେତ ଅବସ୍ଥାରେ ଦିଗପହଣ୍ଡି ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ନିଆଯାଇଥିଲା। ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ଦିଗପହଣ୍ଡି ପୋଲିସ ସ୍ୱାସ୍ଥ୍ୟକେନ୍ଦ୍ରସ୍‌ରେ ପହଞ୍ଚି ମୃତଦେହ ଜବତ କରି ମୃତଦେହ ବ୍ୟବଚ୍ଛେଦ ପାଇଁ ବ୍ରହ୍ମପୁର ବଡ଼ ଡାକ୍ତରଖାନା ପଠାଇଥିଲା। ବ୍ୟବଚ୍ଛେଦ ପରେ ମୃତଦେହ ପରିବାର ଲୋକଙ୍କୁ ହସ୍ତାନ୍ତର କରାଯାଇଛି। ଗଣେଶ ପରିବାରର ଏକମାତ୍ର ପୁଅ ଥିଲେ। ତାଙ୍କର ୩ ବର୍ଷ ବୟସର ପୁଅଟିଏ ରହିଛି।

### ୨ ଦିନିଆ କୃଷକ ତାଲିମ ଶିବିର

ଜି.ଉଦୟଗିରି, ୨୧।୩(ଶିଶିର ପଟ୍ଟନାୟକ /ଚିନ୍ମୟ କୁମାର ସେଠୀ) ଜି. ଉଦୟଗିରି କୃଷି ବିଜ୍ଞାନ କେନ୍ଦ୍ର, କନ୍ଧମାଳ ସଭା ଗୃହ ଠାରେ ୨ ଦିନିଆ କୃଷକ ତାଲିମ ଶିବିର ଅନୁଷ୍ଠିତ ହୋଇଛି। ବରିଷ୍ଠ କ୍ଷେତ୍ର ବୈଜ୍ଞାନିକ ଡ.ସଂଯୁକ୍ତା ମହାପାତ୍ରଙ୍କ ତତ୍ତ୍ୱାବଧାନରେ ଆଞ୍ଚଳିକ ଗବେଷଣା ଓ ପ୍ରଯୁକ୍ତିବିଦ୍ୟା ସଂପ୍ରସାରଣ କେନ୍ଦ୍ର, ଓୟୁଏଟି, ଚିପିଲିମା, ସମ୍ବଲପୁର ଅଧୀନରେ ଥିବା ସର୍ବଭାରତୀୟ ସମନ୍ୱିତ ଅନୁସନ୍ଧାନ ପ୍ରକଳ୍ପ ଦ୍ୱାରା ପାଇଲଟ ପ୍ରକଳ୍ପର ଫସଲ ବିବିଧି କରଣ ଯୋଜନା ନିମନ୍ତେ ଏହା ଅନୁଷ୍ଠିତ ହୋଇଛି। ଏହି ତାଲିମ୍ ଅବସରରେ କୃଷି ବିଜ୍ଞାନ କେନ୍ଦ୍ରର ବରିଷ୍ଠ ବୈଜ୍ଞାନିକ ତଥା ମୁଖ୍ୟ ଡ଼. ନାରାୟଣ ବାର ସ୍ୱାଗତ ସମ୍ବୋଧନ ଦେଇ ଆରମ୍ଭ କରିଥିଲେ। ଏହି ତାଲିମ୍ ଶିବିରରେ ସ୍ୱୟଂ ସହାୟକ ଗୋଷ୍ଠୀର ୩୦ ଜଣ ମହିଳା ଚାଷୀ ଯୋଗ ଦେଇ ତାଙ୍କର ବିଭିନ୍ନ ଚାଷ ଭିତ୍ତିକ ସମସ୍ୟା ଜଣାଇଥିଲେ। ଆଞ୍ଚଳିକ ଗବେଷଣା ଓ ପ୍ରଯୁକ୍ତିବିଦ୍ୟା ସଂପ୍ରସାରଣ କେନ୍ଦ୍ରର କୀଟ ବିଜ୍ଞାନୀ ଡ଼. ଅତନୁ ସେନୀ, ପାଣିପାଗ ବିଜ୍ଞାନୀ ଶ୍ରୀମତୀ ଜୁବୁଲି ସାହୁ, କୃଷି ବିଜ୍ଞାନ କେନ୍ଦ୍ରର କୀଟ ବିଜ୍ଞାନୀ ପ୍ରଶାନ୍ତ କୁମାର ନନ୍ଦ, ଉଦ୍ଭିଦ ବିଜ୍ଞାନୀ ସନତ ମେହେର, ମୃତ୍ତିକା ବିଜ୍ଞାନୀ ଡ଼ . ସୁଜିତ୍ ମୁଖୀ ପ୍ରମୁଖ ଆଲୋଚନା କରିଥିଲେ। କରିଷ୍ମା ପ୍ରିୟଦର୍ଶିନୀ ଧନ୍ୟବାଦ ଦେଇଥିଲେ।

# ହଜିଯାଉଛି ପାରଳା ବୃନ୍ଦାବନ ପ୍ୟାଲେସର ପରିଚୟ


ଜରାଜୀର୍ଣ୍ଣ ଅବସ୍ଥାରେ ଥିବା ବୃନ୍ଦାବନ ପ୍ୟାଲେସ।

- କାର୍ଯ୍ୟ ବେଳେ ମାଟିରେ ମିଶିଯାଇଛି କଳାକୃତି ସମ୍ପନ୍ନ ମୂର୍ତ୍ତି, ରାଣୀ କୁଣ୍ଡ
- ଦବୁଛି ତୃତୀୟ ମହଲାର ଛାତ, ନାହାନ୍ତି ସ୍ଥାୟୀ କର୍ମଚାରୀ

ପାରଳାଖେମୁଣ୍ଡି, ୨୧।୩(ଗିରିଧାରୀ ପରିଚ୍ଛା) ଗଜପତି ଜିଲାରେ ରହିଛି ଅନେକ ପର୍ଯ୍ୟଟନ ଓ ଐତିହ୍ୟସ୍ଥଳି। ରକ୍ଷଣାବେକ୍ଷଣ ଅଭାବରୁ ବହୁ ପର୍ଯ୍ୟଟନ ସ୍ଥଳି ସତ୍ତା ହରାଇବାକୁ ବସିଲାଣି। ଏଥିମଧ୍ୟରେ ପାରଳା ରାଜବଂଶର କୀର୍ତ୍ତି ବହନ କରୁଥିବା ବୃନ୍ଦାବନ ପ୍ୟାଲେସ ବା ବସନ୍ତ ନିବାସ ଅନ୍ୟତମ। ପ୍ୟାଲେସରେ ମହାରାଜା ନିଜ ପରିବାର ସହ ଗ୍ରୀଷ୍ମ ଅବକାଶ କଟାଉଥିବାରୁ ଏହାକୁ ବସନ୍ତ ନିବାସ ରୂପେ ନାମକରଣ କରାଯାଇଛି। ମହେନ୍ଦ୍ରତନୟା ନଦୀ କୂଳରେ ୧୭ ଏକର ଜମିରେ ଗଢି ଉଠିଥିବା ଏହି ପ୍ୟାଲେସ (ପ୍ରାସାଦ) ଏବେ ଜରାଜୀର୍ଣ୍ଣ ଅବସ୍ଥାରେ। ଜିଲା ସଦର ପାରଳାଖେମୁଣ୍ଡିରେ ମହାରାଜା ଗୌରଚନ୍ଦ୍ର ଗଜପତି ଓ ତାଙ୍କ ପୁତ୍ର କୃଷ୍ଣଚନ୍ଦ୍ର ଗଜପତିଙ୍କ ଅମ୍ଳାନ କୀର୍ତ୍ତି ବହନ କରୁଥିବା ଏହି ‘ବୃନ୍ଦାବନ ପ୍ୟାଲେସ’ ୧୮୯୦ରୁ ୧୯୦୫ ମଧ୍ୟରେ ଇଟାଲିୟନ ଇଞ୍ଜିନିୟରମାନଙ୍କ ଦ୍ୱାରା ୧୦ ଲକ୍ଷ ଟଙ୍କା ବ୍ୟୟରେ ନିର୍ମିତ ହୋଇଥିବା ଗବେଷକମାନେ ମତ ଦିଅନ୍ତି। ପ୍ୟାଲେସ ତଟ ଦେଶରେ ବୋହି ଯାଉଛି ମହେନ୍ଦ୍ରତନୟା। ସବୁଜିମା ପରିବେଶରେ ପର୍ଯ୍ୟଟକମାନଙ୍କ ମନ କିଣୁଛି ଏହି ପ୍ୟାଲେସ। ତେବେ ଐତିହାସିକ ସ୍ମାରକୀ ବହନ କରୁଥିବା ଏହି ପ୍ୟାଲେସର ରକ୍ଷଣାବେକ୍ଷଣ ପ୍ରତି କାହାର ନଜର ନାହିଁ। କିଛି ବର୍ଷ ତଳେ ଏହାର ବିକାଶ ପାଇଁ ଅର୍ଥ ବ୍ୟୟବରାଦ ହୋଇଥିଲେ ମଧ୍ୟ ନିମ୍ନମାନର କାର୍ଯ୍ୟ ଯୋଗୁ ଏସବୁ ଏବେ ନଷ୍ଟ ହୋଇଗଲାଣି। କାର୍ଯ୍ୟ କରିବା ଆଳରେ ବୃନ୍ଦାବନ ପ୍ୟାଲେସର ପୁରାତନ କଳାକୃତିସମ୍ପନ୍ନ ମୂର୍ତ୍ତିଗୁଡିକୁ କେହି ନେଇଯାଇଥିବା ବେଳେ ରାଣୀ କୁଣ୍ଡ ସମ୍ପୂର୍ଣ୍ଣ ଭାଙ୍ଗି ମାଟିରେ ମିଶାଯାଇଛି। ପର୍ଯ୍ୟଟକଙ୍କ ଲାଗି ଫେବର ବ୍ଲକରେ ନିର୍ମିତ ଚଲାପଥ, ବସିବା ସ୍ଥଳ, ପିକନିକ ସ୍ଥଳ ଆଦିର ନିର୍ମାଣ କାର୍ଯ୍ୟ ନଷ୍ଟ ହେବାରେ ଲାଗିଛି । ଏହାର ସୁରକ୍ଷା ଓ ସଂରକ୍ଷଣ ଦିଗରେ ଜିଲା ପର୍ଯ୍ୟଟନ ବିଭାଗ ଗୁରୁତ୍ୱ ଦେଉ ନ ଥିବା ବୁଦ୍ଧିଜୀବୀମାନେ ଅଭିଯୋଗ କରିଛନ୍ତି।

ପ୍ୟାଲେସର ବିଭିନ୍ନ ସ୍ଥାନରେ ଫାଟ ସୃଷ୍ଟି ହୋଇଛି। ଅନାବନା ବୃକ୍ଷଲତା ଉଠି ପ୍ୟାଲେସର ବହୁ ଅଂଶ ଭଗ୍ନ ଅବସ୍ଥାରେ ରହିଛି। ତୃତୀୟ ମହଲାର ଗୋଟିଏ ପାର୍ଶ୍ୱରେ ଛାତ ଦବିବାରେ ଲାଗିଛି। ଏହାର ବିରାଟକାୟ ପାଚେରିରେ ଫାଟ ଦେଖାଦେବା ସହ ଛାତଗୁଡିକର ତଳପଟ ପଲସ୍ତରା ବାହାରି ପଡିଲାଣି। ପ୍ୟାଲେସର ସୁରକ୍ଷା ଓ ଦେଖାରଖା କରିବାକୁ ସ୍ଥାୟୀ ଜଗୁଆଳି କିମ୍ବା କର୍ମଚାରୀ ନାହାନ୍ତି। ରହିଥିବା ଜଣେ ଅସ୍ଥାୟୀ ଜଗୁଆଳିଙ୍କୁ ବିଭାଗ କୌଣସି ମାସିକ ଭତ୍ତା କିମ୍ବା ଦୈନିକ ମଜୁରି ମଧ୍ୟ ଦେଉ ନାହିଁ । ପର୍ଯ୍ୟଟକମାନେ ଯାହା କିଛି ଅର୍ଥ ଦେଉଛନ୍ତି ତାକୁ ହିଁ ନେଇ ସେ ରହିଥିବା ଜଣାପଡିଛି । ଏ ସମ୍ପର୍କରେ ଜିଲା ପର୍ଯ୍ୟଟନ ଅଧିକାରୀ ଏଚ୍ ସଂଗ୍ରାମଙ୍କୁ ପଚାରିବାରୁ ସେ କହିଲେ, ବୃନ୍ଦାବନ ପ୍ୟାଲେସର ରଙ୍ଗ କାମ ଓ ଏହା ଚାରିପାଖେ ଉଠି ରହିଥିବା ଗଛଲତା ସଫା କରିବାକୁ ୩୫ ଲକ୍ଷ ଟଙ୍କା ଆସିଛି। ଆଉ କିଛି ଅନୁଦାନ ଆସିଲେ ମାର୍ଚ୍ଚମାସ ପରେ ଏହାର ରକ୍ଷଣାବେକ୍ଷଣ ଦିଗରେ ସ୍ଥାୟୀ ଭାବେ କିଛି କାର୍ଯ୍ୟ ହେବ ବୋଲି ସେ କହିଥିଲେ।

# ଜାତୀୟ କନ୍ୟା ଶିଶୁ ଦିବସ ଅବସରରେ ଜିଲାସ୍ତରୀୟ ସମାରୋହ


କନ୍ୟାଦିବସ ପାଳନ ଅବସରରେ ଉପସ୍ଥିତ ଅତିଥି ଓ କନ୍ୟାରତ୍ନମାନେ।

ଛତ୍ରପୁର, ୨୧।୩ (ଦିଲୀପ ସାମଲ)

ସ୍ଥାନୀୟ ରିକାପଲ୍ଲୀ ସ୍ଥିତ କସ୍ତୁରବା ଗାନ୍ଧୀ ବାଳିକା ବିଦ୍ୟାଳୟରେ ଜିଲା ସମାଜ କଲ୍ୟାଣ ଅଧିକାରୀ ଗୀତାଞ୍ଜଳି ବେହେରାଙ୍କ ଅଧ୍ୟକ୍ଷତାରେ ଜାତୀୟ କନ୍ୟା ଶିଶୁ ଦିବସ ଅନୁଷ୍ଠିତ ହୋଇଛି। ଏଥିରେ ସମାଜ କଲ୍ୟାଣ ଅଧିକାରୀ ପାର୍ବତୀ ସୋରେନ, ମୁନିଶିପେଣ୍ଟ ଚିକିତ୍ସା ଅଧିକାରୀ ସ୍ୱାଧୀନ ରଥ, ଅତିରିକ୍ତ ଜିଲା ଶିକ୍ଷା ଅଧିକାରୀ ଡ. ପ୍ରଭାତୀ କୁମାରୀ ମହାପାତ୍ର, ସାଇବର ସେଲ, ଏସ୍‌ପି ଅଫିସ ସହକାରୀ ଉପ ନିରୀକ୍ଷକ କିରଣ ଚନ୍ଦ୍ର ପାତ୍ର, ଶିଶୁ ସୁରକ୍ଷା ୟୁନିଟର ଶରତ ମହାରଣା, ଡି.ନାଗରତ୍ନମ, ପଦ୍ମା ମୁର୍ମୁ, ସିଡିପିଓ ପ୍ରଣମିତା ପଣ୍ଡା, ୟୁନିସେଫ ଜିଲା ସଂଯୋଜକ ଦେବବ୍ରତ ମହନ୍ତ, ସେବା ଏନ୍‌ଜିଓର ସମ୍ପାଦିକା ଅଳକା ସାହୁ ଏବଂ କେଜିବିଭି, ରିକାପଲ୍ଲିର ପ୍ରଧାନ ଶିକ୍ଷୟିତ୍ରୀ ରିତା ରଥଙ୍କ ସହ ଶିକ୍ଷକମାନେ ଯୋଗ ଦେଇଥିଲେ। ଏହି କାର୍ଯ୍ୟକ୍ରମକୁ ଜିଲା ସାଯୋଜିକା ଗୀତାଞ୍ଜଳୀ ମହାରଣା ପରିଚାଳନା କରିଥିଲେ। କେଜିବିଭିରେ ଅବସ୍ଥାନ କରୁଥିବା ବିଭିନ୍ନ ବ୍ଲକ୍‌ର ପ୍ରାୟ ୧୫୦ ଜଣ ଛାତ୍ରୀ ତଥା କନ୍ୟାରତ୍ନ ଏହି କାର୍ଯ୍ୟକ୍ରମରେ ଅଂଶଗ୍ରହଣ କରିଥିଲେ। କାର୍ଯ୍ୟକ୍ରମର ଉଦ୍ଦେଶ୍ୟାନୁସାରେ କନ୍ୟା ଶିଶୁଙ୍କ ସୁରକ୍ଷା, ନିରାପତ୍ତା, ଜୀବନ କୌଶଳ ବିକାଶ ଓ ଆତ୍ମରକ୍ଷା ସମ୍ବନ୍ଧୀୟ ପ୍ରମୁଖ ବିଷୟରେ ଆଲୋଚନା କରାଯାଇଛି। ଏହା ସହିତ ବାଲ୍ୟ ବିବାହ ବିରୋଧରେ ଦସ୍ତଖତ ମାଧ୍ୟମରେ ସଂକଳ୍ପ ଅଭିଯାନ ମଧ୍ୟ କରାଯାଇଥିଲା। ଏହି ଅବସରରେ ବେଟି ବଚାଓ ବେଟି ପଢ଼ାଓ ଯୋଜନା ଅଧିନରେ ଜିଲା ପ୍ରଶାସନ ୪ଜଣ ଜିଲାସ୍ତରୀୟ ଚ୍ୟାମ୍ପିୟନଙ୍କୁ ସମ୍ମାନିତ କରିଥିଲେ। ରୁକୁନି ବିଶୋୟୀ ଆଥଲେଟିକ୍ସରେ ରାଜ୍ୟସ୍ତରରେ ପ୍ରଥମ ସ୍ଥାନ ଅଧିକାର କରି ଜାତୀୟସ୍ତରରେ ରାଜ୍ୟ ପ୍ରତିନିଧିତ୍ୱ କରିଥିବା ପାଇଁ ସମ୍ମାନିତ ହୋଇଥିଲେ। ସ୍ନେହାରାଣୀ ଗୌଡ଼ା ସୁରଭି କାର୍ଯ୍ୟକ୍ରମ ଅନ୍ତର୍ଗତ ରାଜ୍ୟସ୍ତରୀୟ କୁଇଜ ପ୍ରତିଯୋଗିତାରେ ପ୍ରଥମ ସ୍ଥାନ ଅଧିକାର କରିଥିବା ପାଇଁ ସମ୍ମାନିତ ହୋଇଥିଲେ। ବୃନ୍ଦା ରାଣୀ ପଣ୍ଡା ବୀର ଗାଥା ଚିତ୍ରକଳା ପ୍ରତିଯୋଗିତାରେ ରାଜ୍ୟସ୍ତରରେ ପ୍ରଥମ ସ୍ଥାନ ଅଧିକାର କରି ସମଗ୍ର ଭାରତରୁ ଶ୍ରେଷ୍ଠ ୧୪ ଜଣ ମଧ୍ୟରେ ଚୟନିତ ହୋଇ ଜାତୀୟସ୍ତରରେ ସଫଳତା ହାସଲ କରିଥିବାରୁ ସମ୍ମାନିତ ହୋଇଥିଲେ। କନ୍ଦିଗାଁ ଅଙ୍ଗୱାଡ଼ି କେନ୍ଦ୍ର ୨, ଖଲ୍ଲିକୋଟ ଶିଶୁ ପ୍ରକଳ୍ପ ବିକାଶ ପ୍ରୋଜେକ୍ଟର ଆଲିଶା ପାଳଙ୍କୁ ସମ୍ମାନିତ କରାଯାଇଥିଲା। ଏହା ବ୍ୟତୀତ, ବାଲ ବିବାହ ମୁକ୍ତ ଭାରତବାଲ୍ୟ ବିବାହ ନିବାରଣ ୧୦୦ ଦିନିଆ ଅଭିଯାନ ଅଧୀନରେ ପ୍ରବନ୍ଧ ଲେଖନ, ଚିତ୍ରକଳା, ବିତର୍କ, ସ୍ଲୋଗାନ ଲେଖନ ଓ ନାଟକ ପ୍ରତିଯୋଗିତାରେ ଉଲେଖନୀୟ ସଫଳତା ପାଇଁ ୭ ଜଣଙ୍କୁ ମଧ୍ୟ ସମ୍ମାନିତ କରାଯାଇଥିଲା। କାର୍ଯ୍ୟକ୍ରମରେ ଏକାଙ୍କିକା, ଗୀତ ଓ ନୃତ୍ୟ ଭଳି ସାଂସ୍କୃତିକ ପ୍ରଦର୍ଶନ ହୋଇଥିଲା ।

### ମନ୍ଦିର ପ୍ରତିଷ୍ଠା, ନାମଯଜ୍ଞ ପ୍ରସ୍ତୁତି

ଗଞ୍ଜାମ, ୨୧।୩(ବିଦ୍ୟାଧର ସାହୁ) ଗଞ୍ଜାମ ବ୍ଲକ କରପଡା ଗ୍ରାମରେ ଆସନ୍ତା ୨୨ ରୁ ୨୬ ପର୍ଯ୍ୟନ୍ତ ୫ଦିନ ବ୍ୟାପୀ ମା’ବୁଢ଼ୀ ଠାକୁରାଣୀ ଏବଂ ତ୍ରିନାଥ ଦେବଙ୍କ ନୂତନ ମନ୍ଦିରର ପ୍ରତିଷ୍ଠା ଉତ୍ସବ ପାଳନ ହେବ। ଏଥିପାଇଁ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଛି। ମନ୍ଦିର ପ୍ରତିଷ୍ଠା କମିଟିର ସଭାପତି ଡ଼.ପ୍ରଶାନ୍ତ ନାୟକ, ସମ୍ପାଦକ, କୋଷାଧ୍ୟକ୍ଷ ଏବଂ ଉପଦେଷ୍ଟାଙ୍କ ତତ୍ତ୍ୱାବଧାନରେ ପରିଚାଳନା କମିଟିର ସମସ୍ତ ପଦାଧିକାରୀ ଓ ଗ୍ରାମବାସୀ ମାନେ ଉପସ୍ଥିତ ଥିଲେ। ଏହି ଉପଲକ୍ଷେ ଘୃତ ଯଜ୍ଞ, ଅନ୍ନ ଯଜ୍ଞ, ଗୋ ଯଜ୍ଞର ଆୟୋଜନ କରାଯାଇଛି। ଏକ ହଜାରରୁ ଊର୍ଦ୍ଧ୍ୱ ମା’ ଓ ଭଉଣୀ ମାନେ କଳସ ଯାତ୍ରା ପୁଣ୍ୟତୋୟା ଋଷିକୂଲ୍ୟା ନଦୀରୁ ଜଳ ଉଠାଇ ଠାକୁରାଣୀଙ୍କ ପାଖକୁ ଆସିବେ ବୋଲି ନିଷ୍ପତ୍ତି ନିଆଯାଇଛି।

### ଗଛରେ ପିଟି ହେଲା ବାଇକ୍, ଜଣେ ମୃତ

ପାରଳାଖେମୁଣ୍ଡି, ୨୧।୩ (ଗିରିଧାରୀ ପରିଚ୍ଛା)

ଗଜପତି ଜିଲା ଗୋଷାଣି ବ୍ଲକ ଅନ୍ତର୍ଗତ ପାଟିକୋଟା ଗ୍ରାମ ନିକଟସ୍ଥ ଜାତୀୟ ରାଜପଥ ୩୨୬-ଏରେ ଜଣେ ବାଇକ୍ ଚାଳକ ଭାରସାମ୍ୟ ହରାଇ ଗଛକୁ ଧକ୍କା ଦେଇଥିଲେ। ଫଳରେ ଘଟଣାସ୍ଥଳରେ ବାଇକ ଚାଳକଙ୍କ ମୃତ୍ୟ ଘଟିଛି । ସେ ହେଲେ ଆର. ଉଦୟଗିରି ଥାନା ଅନଘା ପଞ୍ଚାୟତ ଅନ୍ତର୍ଗତ ବଡଗାଁ ଗ୍ରାମର ବିଜୟ ବଡମୁଣ୍ଡି। ବିଜୟ (ଓଡି ୩୨ ଜେ-୯୦୦୭)ରେ ନିଜ ଗ୍ରାମରୁ ପାରଳାଖେମୁଣ୍ଡିକୁ ଯାଉଥିବା ବେଳେ ପାଟିକୋଟା ଗ୍ରାମ ନିକଟସ୍ଥ ଏକ ବୁଲାଣିଆ ରାସ୍ତା ତଟରେ ଥିବା ଆମ୍ବଗଛକୁ ଭାରସାମ୍ୟ ହରାଇ ଧକ୍କା ଦେଇଥିଲେ । ଫଳରେ ଘଟଣାସ୍ଥଳରେ ତାଙ୍କର ମୃତ୍ୟୁ ଘଟିଥିଲା। ଏନେଇ ଗୁରାଣ୍ଡି ଥାନାରେ ୪୨/୨୬ରେ ଏକ ମାମଲା ରୁଜୁ ହୋଇଛି। ମୃତଦେହ ବ୍ୟବଚ୍ଛେଦ ଲାଗି ପାରଳାଖେମୁଣ୍ଡି ପଠାଯାଇଛି।

# ତାଲୁକ ଶିବ ସେବକ ମୁନି ସଂଘର ବାର୍ଷିକ ସମ୍ମିଳନୀ

ଧରାକୋଟ, ୨୧।୩(ବିଷ୍ଣୁ କେଶରୀ ଅଚାର୍ଯ୍ୟ) ଧରାକୋଟ ତାଲୁକ ଶିବ ସେବକ ମୁନି ସଂଘର ୧୮ତମ ବାର୍ଷିକ ସମ୍ମିଳନୀ ଗଙ୍ଗାପୁର ଶାସନସ୍ଥିତ ଶ୍ରୀଚନ୍ଦ୍ରକଲ୍ଲେଶର ପୀଠରେ ଅନୁଷ୍ଠିତ ହୋଇଛି। ଏହି ଅବସରରେ ଋଷିକୁଲ୍ୟାରୁ ଜଳ ସଂଗ୍ରହ କରି ଏକ କଳସ ଶୋଭାଯାତ୍ରା ଗ୍ରାମ ପ୍ରରିକ୍ରମା କରି ଚନ୍ଦ୍ରକଲ୍ଲେଶ୍ୱର ପୀଠରେ ସ୍ଥାପନ କରାଯାଇଥିଲା। ଏହି ଦୁଇଦିନିଆ ସମ୍ମିଳନୀରେ କୁଳ ସମାଜର ବିଭିନ୍ନ ସମସ୍ୟା ଉପରେ ଆଲୋଚନା କରି ସମାଧାନର ପନ୍ଥା ବାହାର କରାଯାଇଥିଲା। କୁଳରେ ରହିଥିବା ଭିନ୍ନକ୍ଷମ, ଆର୍ଥିକ ଅନଗ୍ରସର, କୃତୀଛାତ୍ର, ବିବାହ ପାଇଁ ସହାୟତା, ମୃତଦେହ ସତ୍କାର, ଶିକ୍ଷା ପାଇଁ ଆର୍ଥିକ ପ୍ରୋତ୍ସାହନ, ଜରୁରୀ ଚିକିତ୍ସା ସହାୟତା ଓ ଭିନ୍ନକ୍ଷମଙ୍କୁ ଆର୍ଥିକ ଅନୁଦାନ ପ୍ରଦାନ କରାଯାଇଥିଲା। କୁଳ ସମାଜରୁ ଦଣ୍ଡ ବିଧାନ ଉଚ୍ଛେଦ ଓ ବାଲ୍ୟ ବିବାହ ବନ୍ଦ ପାଇଁ ନିଷ୍ପତି ନିଆଯାଇଥିଲା । କୁଳାଧିସ ପ୍ରକାଶ ମୁନି ଅଧକ୍ଷତାରେ ହୋଇଥିବା ଏହି ସମ୍ମିଳନୀରେ ୩୨ ଖଣ୍ଡ ଗ୍ରାମର ମୁନି ଶିବ ସେବକ ମାନେ ଉପସ୍ଥିତ ଥିଲେ । ଏହି ଅବସରରେ ମଧ୍ୟ ଆଗାମୀ ବର୍ଷ ପାଇଁ ପରିଚାଳନା କମିଟି ଗଠନ ହୋଇଥିଲା। ସଭାପତି ଭାବେ ପ୍ରକାଶ ଚନ୍ଦ୍ର ମୁନୀ, ଉପସଭାପତି ତଥା କୁଳବେହେରା କାଳୀ ଚରଣ ମୁନୀ, ଭାସ୍କର ମୁନୀ, ସାଧାରଣ ସମ୍ପାଦକ ଭାବେ ଜିତେନ୍ଦ୍ର ମୁନୀ, ଯୁଗ୍ମ ସମ୍ପାଦକ ଭାବେ ଉମାକାନ୍ତ ମୁନୀ ଓ କୋଷାଧ୍ୟକ୍ଷ ରୂପେ ମହେନ୍ଦ୍ର ମୁନୀ ମନୋନୀତ ହୋଇଥିଲେ। କାଳୁ ଚରଣ ମୁନୀ, ଶରତ ଚନ୍ଦ୍ର ମୁନୀ, ଡାକ୍ତର ମୁନୀ, ଗଙ୍ଗାଧର ମୁନୀ ଓ ବିଜୟ ମୁନୀ ଉପଦେଷ୍ଟା ମଣ୍ଡଳୀରେ ସାମିଲ ହୋଇଥିଲେ। ସମ୍ମିଳନୀ ପାଇଁ ଗଙ୍ଗାପୁର ଶାସନର ଗ୍ରାମ ସଭାପତି ଶରତ ମୁନୀ, ସମ୍ପାଦକ ଶଙ୍କର୍ଷଣ ମୁନୀ, କୋଷାଧ୍ୟକ୍ଷ ପ୍ରଶାନ୍ତ ମୁନୀ, ସଭ୍ୟ ନଟବର ମୁନୀ, ରଘୁନାଥ ମୁନୀ ଓ ଗ୍ରାମବାସୀ ସହଯୋଗ କରିଥିଲେ ।

### ଇଦ୍-ଉଲ୍-ଫିତର ପାଳିତ


ବିଧାୟକଙ୍କ ସହ ମୁସଲମାନ ଭାଇମାନେ ।

ଆସିକା, ୨୧।୩ (ସୁରେନ୍ଦ୍ର ନାଥ ସାହୁ)

ଆସିକା ହାଟପଦାସ୍ଥିତ ଜାମିଆ ମସଜିଦରେ ଶନିବାର ମୁସଲମାନ ସମ୍ପ୍ରଦାୟ ପକ୍ଷରୁ ପବିତ୍ର ଇଦ୍-ଉଲ୍-ଫିତର୍ ପାଳିତ ହୋଇଛି। ମସଜିଦର ଇମାମ୍ ସାହାନୱାଜ୍ ହୁସେନ୍ କୋରାନ ପାଠ କରିବା ସହ ଇସଲାମ ଧର୍ମ ସମ୍ପର୍କରେ ଆଲୋଚନା କରିଥିଲେ। ଏତଦ୍ ଅବସରରେ ମୁସଲମାନ ସମ୍ପ୍ରଦାୟର ଭାଇମାନେ ପରସ୍ପରକୁ ଆଲିଙ୍ଗନ ପୂର୍ବକ ଇଦ୍ ଅଭିନନ୍ଦନ ଜଣାଇଥିଲେ। ପରେ ଏହି ସମ୍ପ୍ରଦାୟର ବହୁ ସଦସ୍ୟ ଆସିକା ବିଧାୟକ ସରୋଜ ପାଢୀଙ୍କୁ ବାସଭବନରେ ସାକ୍ଷାତ କରି ଅଭିନନ୍ଦନ ଜଣାଇଥିଲେ। କାର୍ଯ୍ୟକ୍ରମରେ ଆସିକା, ଝଗଡାଇ, କୋଟିନଡା, ପାଣ୍ଡିଆପଥର ଆଦି ଅଞ୍ଚଳରେ ବସବାସ କରୁଥିବା ମୁସଲମାନ ସମ୍ପ୍ରଦାୟର ସଦସ୍ୟ ସାମିଲ୍ ଥିଲେ।

### ଇଦ୍ ଉଲ୍ ଫିତର ପାଳିତ




ଜି.ଉଦୟଗିରି, ୨୧।୩(ଶିଶିର ପଟ୍ଟନାୟକ /ଚିନ୍ମୟ ସେଠୀ) ଜି. ଉଦୟଗିରିରେ ମୁସଲମାନ ସମ୍ପ୍ରଦାୟର ପ୍ରମୁଖ ପର୍ବ ଇଦ ଉଲ ଫିତର ପାଳତ ହୋଇଛି। ପବିତ୍ର ରମଜାନ ମାସରେ ଏକ ମାସ ଧରି ଉପବାସ ବା ରୋଜା ରଖି ନମାଜ ପାଠ କରିବା ସହ ଚନ୍ଦ୍ରଙ୍କୁ ଦେଖିବା ପରେ ଇଦ୍ ପର୍ବ ପାଳନ ନିମନ୍ତେ ପ୍ରସ୍ତୁତି ହୋଇଥିଲା। ଶନିବାର ମୁସଲମାନ ସଂପ୍ରଦାୟର ମହିଳା ପୁରୁଷ ଛୁଆ ଠାରୁ ବୃଦ୍ଧ ପର୍ଯ୍ୟନ୍ତ ସମସ୍ତେ ନୂଆ ପୋଷାକ ପିନ୍ଧିବା ସହ ସ୍ଥାନୀୟ ମସଜିଦର ସ୍ଥାୟୀ ଇମାମଙ୍କ ତତ୍ତ୍ୱାବଧାନରେ ସମୂହ ନମାଜ ପାଠ କରିଥିଲେ। ବିଶ୍ୱରେ ଶାନ୍ତି ଓ ସମୃଦ୍ଧି ପାଇଁ ଆଲ୍ଲାଙ୍କ ଠାରେ ପ୍ରାର୍ଥନା କରିଥିଲେ। ନମାଜ ପାଠ ଶେଷ ହେବା ପରେ ସମସ୍ତେ ମିଠା ଖୁଆଇ ଇଦ୍ ମୁବାରକ ବା ଇଦ୍‌ର ଶୁଭେଚ୍ଛା ଓ ଅଭିନନ୍ଦନ ଜଣାଇଥିଲେ। ପବିତ୍ର ରମଜାନ ମାସ ନିମନ୍ତେ ସ୍ଥାନୀୟ ମସଜିଦ ସୁସଜିତ ହୋଇଥିବା ବେଳେ ପ୍ରତିଦିନ ଏଠାରେ ପବିତ୍ର କୁରାନ ପାଠ କରି ସମସ୍ତଙ୍କୁ ଶାସ୍ତ୍ର ଗତ ଜ୍ଞାନ ପ୍ରଦାନ କରାଯାଇଥିଲା। ଇଦ୍ ଉଲ୍ ଫିତର ପାଇଁ ଅଞ୍ଚଳରେ ଥିବା ସମସ୍ତ ମୁସଲମାନ ପରିବାର ଘର ଗୁଡ଼ିକ ଆଲୋକ ମାଳାରେ ସଜା ହୋଇଥିବା ଦେଖିବାକୁ ମିଳିଛି।

# ସାମାଜିକ ସଦ୍‌ଭାବନା ନେତୃତ୍ୱ ସମୂହ ବୈଠକ


ବୈଠକରେ ଉପସ୍ଥିତ ଅତିଥି ଓ ଅନ୍ୟମାନେ।

ବାଲିଗୁଡା, ୨୧।୩ (ସଞ୍ଜୟ କୁମାର ପାଣିଗ୍ରାହୀ)

ବାଲିଗୁଡା ଉପଖଣ୍ଡ ଅନ୍ତର୍ଗତ କୋଟଗଡ଼ ସ୍ଥିତ ଶ୍ରୀ ଜଗନ୍ନାଥ ମନ୍ଦିରରେ ସାମାଜିକ ସଦ୍ ଭାବନା ନେତୃତ୍ୱ ସମୂହ ବୈଠକ ଅନୁଷ୍ଠିତ ହୋଇଛି। ବ୍ୟବସ୍ଥା ପ୍ରମୁଖ ପିଣ୍ଟୁ ପ୍ରଧାନୀ ଅତିଥି ମାନଙ୍କୁ ସ୍ୱାଗତ ସମ୍ବର୍ଦ୍ଧନା କରିଥିଲା। ଖଣ୍ଡ ଶାରୀରିକ ପ୍ରମୁଖ ବିବେକାନନ୍ଦ ବାଡତ୍ୟା ଅତିଥିଙ୍କର ପରିଚୟ ପ୍ରଦାନ କରିଥିବା ବେଳେ ଜିଲା ଯୋଗ ଶିକ୍ଷକ ଗୌରଚନ୍ଦ୍ର ନାୟକ ବ୍ୟକ୍ତିଗତ ଗୀତ ଗାନ କରିଥିଲେ ଏବଂ ଖଣ୍ଡ କାର୍ଯ୍ୟବାହକ ବୁଲୁ ମଲିକ ଉପସ୍ଥିତ ସମସ୍ତ ଜାତି ମୁଖ୍ୟଙ୍କୁ ପରିଚୟ ପ୍ରଦାନ କରିବା ପାଇଁ କହିଥିଲେ। ଜିଲା ପରିଯୋଜନା ସଂଯୋଜକ ଜୟସେନ ପ୍ରଧାନ ପୁଣ୍ୟ ଭୂମି ଭାରତ ଉପରେ ନିଜର ବୌଦ୍ଧିକ ରଖିଥିଲେ। ଜିଲା ଧର୍ମ ଜାଗରଣ ସଂଯୋଜକ ଗୁରୁରାମ ପାତ୍ର କୁଟୁମ୍ବ ପ୍ରବୋଧ, ପର୍ଯ୍ୟାବରଣ, ନାଗରିକ କର୍ତ୍ତବ୍ୟ, ଉପରେ ନିଜର ବକ୍ତବ୍ୟ ପ୍ରଦାନ କରିଥିଲେ। ଆମ ନାଗରିକ ମାନଙ୍କର କର୍ତ୍ତବ୍ୟ କଣ ଓ ପଞ୍ଚ ପରିବର୍ତ୍ତନ ଉପରେ ଆଲୋଚନା କରିଥିଲେ। ଶେଷରେ ଖଣ୍ଡ ସାମାଜିକ ସଦ୍ ଭାବନା ସଂଯୋଜକ ନକୁଳ ମଲିକ ଉପସ୍ଥିତ ଥିଲେ।

# ପ୍ଲାଷ୍ଟିକ୍ ବ୍ୟବହାରକୁ ନା ପାଇଁ ସଚେତନ ଶୋଭାଯାତ୍ରା



ଦାରିଙ୍ଗବାଡ଼ି ୨୧।୩ ( ଅରୁଣ ସାହୁ ) ଦାରିଙ୍ଗବାଡ଼ି ବ୍ଲକ୍ ପ୍ରଶାସନ ପକ୍ଷରୁ ପ୍ଲାଷ୍ଟିକ୍ ବ୍ୟବହାରକୁ ନା କହିବା ଓ ହୋଟେଲରେ ଖଲିପତ୍ର ବ୍ୟବହାର କରି ଡମ୍ପିୟାର୍ଡ଼କୁ ଠିକ ବ୍ୟବହାର କରିବାକୁ ଶନିବାର ଏକ ସଚେତନ ଶୋଭାଯାତ୍ରା ଅନୁଷ୍ଠିତ ହୋଇଛି। ଏହି ଶୋଭାଯାତ୍ରା ବ୍ଲକ୍ କାର୍ଯ୍ୟାଳୟରୁ ବାହାରିଥିବା ବେଳେ ବିଡିଓ ପ୍ରୀତିରଞ୍ଜନ ରଥଙ୍କ ଆହ୍ୱାନକ୍ରମେ ବ୍ଲକ୍ ଅଧ୍ୟକ୍ଷ ସୁଶାନ୍ତ ପ୍ରଧାନ, ତହସିଲଦାର ଧୀରଜ ପାତ୍ର, ବ୍ଲକ ମଙ୍ଗଳ ସମ୍ପ୍ରସାରଣ ଅଧିକାରୀ ବିଶ୍ୱଜିତ ଜାଲିଙ୍କ ସମେତ ବିଭିନ୍ନ ସଂଗଠନ, ସଙ୍ଘ, କଲେଜ ଛାତ୍ରୀଛାତ୍ର, ସ୍ଥାନୀୟ ଜନସାଧାରଣ ସାମିଲ ହୋଇଥିଲେ। ଦାରିଙ୍ଗବାଡ଼ିକୁ ପ୍ଲାଷ୍ଟିକ ମୁକ୍ତ କରିବା ସହ ଏହାର ପରିବେଶକୁ ସ୍ୱଚ୍ଛତା ରଖିବା ସମସ୍ତଙ୍କ ଦାୟିତ୍ୱ ବୋଲି ବିଡ଼ିଓ କହିଥିଲେ। ବଜାରର ସମେତ ସମସ୍ତ ପର୍ଯ୍ୟଟନକ୍ଷେତ୍ରକୁ ସଫା ରଖି ପ୍ଲାଷ୍ଟିକ୍ ବ୍ୟବହାରକୁ ରୋକି ଦୋକାନରେ ଡଷ୍ଟବିନ୍ ବ୍ୟବହାରକୁ ବାଧ୍ୟତା କରିବାକୁ ପରାମର୍ଶ ଦିଆଯାଇଥିଲା। ସେହିପରି ପ୍ଲାଷ୍ଟିକର ବିକଳ୍ପ ଶିଆଳି ପତ୍ରରେ ପ୍ରସ୍ତୁତ ଖଲିପତ୍ର, ଠୁଙ୍ଗାକୁ ବ୍ୟବହାର କରିବାକୁ ସମସ୍ତ ହୋଟେଲ, ରେଷ୍ଟୁରାଣ୍ଟ ମାଲିକ ମାନଙ୍କୁ ପରାମର୍ଶ ଦିଆଯାଇଥିଲା। ଶୋଭାଯାତ୍ରାରେ ପ୍ଲାଷ୍ଟିକ ହଟାଅ ଜୀବନ ବଞ୍ଚାଅ ସ୍ଲୋଗାନ ଦିଆଯାଇଥିଲା।

### ବୈଠକ ପରେ ପଦକ୍ଷେପ

ପ୍ରକାଶ ଯେ, ସରକାର ଏବେ ଦାରିଙ୍ଗବାଡ଼ିକୁ ବିଶ୍ୱସ୍ତରୀୟ ପର୍ଯ୍ୟଟନକ୍ଷେତ୍ର କରିବା ପାଇଁ ପଦକ୍ଷେପ ନେଇଛନ୍ତି। ଚଳିତ ବର୍ଷ ଫେବୃୟାରୀ ୧୦ରେ ଉପମୁଖ୍ୟମନ୍ତ୍ରୀ ପ୍ରଭାତୀ ପରିଡ଼ା ଦାରିଙ୍ଗବାଡ଼ି ଆସି ବିଭିନ୍ନ ପର୍ଯ୍ୟଟନକ୍ଷେତ୍ର ବୁଲି ଦେଖିବା ସହ ଏହାକୁ ବିଶ୍ୱସ୍ତରୀୟ କରିବାକୁ କହିଥିଲେ। ଏଥିସହ ଚଳିତ ମାସ ୭ରେ ପର୍ଯ୍ୟଟନ ବିଭାଗର ପ୍ରମୁଖ ଶାସନ ସଚିବ ବଳବନ୍ତ ସିଂ ମଧ୍ୟ ଦାରିଙ୍ଗବାଡ଼ି ଆସି ପର୍ଯ୍ୟଟନକ୍ଷେତ୍ରର ବିକାଶ ସହ ପ୍ରଥମ ପର୍ଯ୍ୟାୟରେ ଦାରିଙ୍ଗବାଡ଼ି ସମେତ ସିଆଙ୍ଗବାଲି, ପ୍ଲିହେରୀ, ଶ୍ରାନିକେତା, ଗ୍ରୀନବାଡି ପଞ୍ଚାୟତରେ ହୋମ୍‌ଷ୍ଟେ କରିବା ପାଇଁ ସରକାରଙ୍କ ପକ୍ଷରୁ ରିହାତି ସମ୍ପର୍କରେ ଏକ ବୈଠକରେ ଜଣାଇଛନ୍ତି। ଦାରିଙ୍ଗବାଡିକୁ ସରକାର ଅଧିକା ଗୁରୁତ୍ୱ ଦେଉଥିବା ବେଳେ ଅଞ୍ଚଳର ବିକାଶ ହେଲେ ଅଧିକା ପର୍ଯ୍ୟଟକ ଆସିବା ସହ ସ୍ଥାନୀୟ ଲୋକଙ୍କ ରୋଜଗାର ବଢ଼ିବା ନେଇ କହିଥିଲେ। ସେହିପରି ଶୁକ୍ରବାର ସାଞ୍ଚାସରୁ ଉନ୍ନୟନ ଟ୍ରଷ୍ଟର ବୈଠକରେ ବାଲିଗୁଡ଼ା ଉପଜିଲାପାଳ ପ୍ରଣୀତା ଦାସ ଦାରିଙ୍ଗବାଡ଼ିକୁ ସବୁଜ ସୁନ୍ଦର କରିବା ପାଇଁ ଆହ୍ୱାନ ଦେଇଥିଲେ। କ୍ଲିନ୍ ଦାରିଙ୍ଗବାଡ଼ି ଗ୍ରୀନ ଦାରିଙ୍ଗବାଡି ଅଭିଯାନକୁ ଆରମ୍ଭ କରିବାକୁ ବିଡ଼ିଓ ଏବଂ ତହସିଲଦାରଙ୍କୁ ନିର୍ଦ୍ଦେଶ ଦେଇଥିଲେ।

# ପାନଦୋକାନରୁ ଦେଶୀ, ବିଦେଶୀ ମଦ ଜବତ

**ଜୟପୁର,୨୧।୩(ପବନ ପାଣିଗ୍ରାହୀ)**

ଦେଶୀ ଓ ବିଦେଶୀ ମଦ ବିକ୍ରି କରୁଥିବା ଅଭିଯୋଗରେ ପାନ ଦୋକାନରେ କୋରାପୁଟ ଜିଲା ଜୟପୁର ସଦର ପୋଲିସ ଚଢ଼ାଉ କରି ବିଭିନ୍ନ ବ୍ରାଣ୍ଡର ୧୪.୦୭୫ ଲିଟର ବିଦେଶୀ, ୪.୪ ଦେଶୀ ମଦ ସହ ୪୦ ପ୍ଲାଷ୍ଟିକ୍ ଗ୍ଲାସ୍ ଜବତ କରିଛି। ଏ ନେଇ ସଦର ପୋଲିସ ଏସ୍ଆଇ ବୁଲୁ ତାଣ୍ଡି ଲିଖିତ ଅଭିଯୋଗ କରିଥିଲେ। ପୋଲିସ ପାଟ୍ରୋଲିଂ କରି ଚଢ଼ାଉ କରିଥିଲା। ଏଥିରେ ଫାମ୍ପୁଣି ଗ୍ରାମର ଜଣେ ନାବାଳକଙ୍କୁ ପୋଲିସ କାବୁ କରିଛି। ବେଆଇନ ଭାବେ ପାନ ଦୋକାନରେ ବିଦେଶୀ ମଦ ବିକ୍ରି କରୁଥିବା ଜଣାପଡ଼ିଥିଲା। ନାବାଳକଙ୍କ ବାପା କେଶବ ନାୟକ ମେଡିକାଲରେ ଥିବାରୁ ପୁଅ ବିକ୍ରି କରୁଥିଲେ। ପୋଲିସ ଅଭିଯୁକ୍ତ କେଶବଙ୍କ ନାମରେ ମାମଲା ରୁଜୁ କରି ତଦନ୍ତ ଆରମ୍ଭ କରିଥିବା ପୋଲିସ ପକ୍ଷରୁ ସୂଚନା ଦିଆଯାଇଛି।

# ‘ଜଙ୍ଗଲ ସୁରକ୍ଷା, ନୂତନ ସୃଷ୍ଟି କରିବା ବ୍ରତ ହେବା ଦରକାର’



କାର୍ଯ୍ୟକ୍ରମରେ ଉପସ୍ଥିତ ଅତିରିକ୍ତ ଜିଲାପାଳ, ବନଖଣ୍ଡ ଅଧିକାରୀ ଓ ଅନ୍ୟମାନେ।

**କୋରାପୁଟ, ୨୧।୩(ଅମିତାଭ ବେହେରା)**

## ବିଶ୍ୱ ବନ ଦିବସ

କୋରାପୁଟସ୍ଥିତ ଡିଏଫଓ କାର୍ଯ୍ୟାଳୟ ସଭାଗୃହରେ ବିଶ୍ୱ ବନ ଦିବସ ଶନିବାର ପାଳିତ ହୋଇଯାଇଛି। ଏଥିରେ କୋରାପୁଟ ବନଖଣ୍ଡ ଅଧିକାରୀ କେ.ଭାସ୍କର ରାଓଙ୍କ ଅଧ୍ୟକ୍ଷତାରେ ଅତିରିକ୍ତ ଜିଲାପାଳ ନରେନ୍ଦ୍ର ଶବର ଯୋଗଦେଇଛନ୍ତି। ବନ ଦିବସ କେବଳ ଭାଷଣବାଜିରେ ସୀମିତ ନ ରହୁ, ଗଛ ଲଗାଇବା ଓ ଏହାର ସୁରକ୍ଷା କରିବା ପ୍ରତି ବ୍ୟକ୍ତିଙ୍କ ଜୀବନର ବ୍ରତ ହେବା ଦରକାର ବୋଲି ଅତିରିକ୍ତ ଜିଲାପାଳ କହିଛନ୍ତି। ଜଙ୍ଗଲ ସୁରକ୍ଷା ଓ ନୂତନ ସୃଷ୍ଟି ଦିଗରେ ଗୁରୁତ୍ୱ ଦେବା ଆବଶ୍ୟକ ବୋଲି ସେ କହିଥିଲେ। ଏହି ଦିବସର ଉଦ୍ଦେଶ୍ୟକୁ ବାସ୍ତବରେ କାର୍ଯ୍ୟକାରୀ କରାଗଲେ ମଣିଷ ସମାଜ ବିନାଶ ପଥରୁ ରକ୍ଷା ପାଇପାରିବ ବୋଲି କହିଥିଲେ। କାର୍ଯକ୍ରମରେ କୋରାପୁଟ ଡିଭିଜନ ଏସିଏଫ୍ ଜଗନ୍ନାଥ ପ୍ରସାଦ ବିଷୋୟୀ, ଜୟପୁର ଡିଭିଜନ ଏସିଏଫ୍ ଚନ୍ଦ୍ରସେନ ପୁଜାରୀ, ଖବରଦାତା ସି.ଏଚ. ସନ୍ତାକର, ବନ୍ୟପ୍ରାଣୀ ରକ୍ଷକ ରାମନାଥ ସାହୁ ପ୍ରମୁଖ ଯୋଗଦେଇଥିଲେ। ବନ ସୁରକ୍ଷା, ପରିବେଶ ସନ୍ତୁଳନ ଓ ସମୁଦାୟ ଭାଗୀଦାରିର ଗୁରୁତ୍ୱ ନେଇ ଆଲୋଚନା କରିଥିଲେ। କାର୍ଯ୍ୟକ୍ରମରେ ବନ ସୁରକ୍ଷା ସମିତି(ଭିଏସଏସ) ସଦସ୍ୟମାନଙ୍କ ସହ କୋରାପୁଟ ଓ ଜୟପୁର ବନ ବିଭାଗର କର୍ମଚାରୀମାନେ ଯୋଗଦେଇଥିଲେ। ଜଙ୍ଗଲ ସୁରକ୍ଷା ଓ ସୃଷ୍ଟି ନେଇ ଉଲ୍ଲେଖନୀୟ କାର୍ଯ୍ୟ କରିଥିବା ଶିକ୍ଷାନୁଷ୍ଠାନ, ବନ ବିଭାଗ କର୍ମଚାରୀ ଓ ଜନପ୍ରତିନିଧିଙ୍କୁ ପୁରସ୍କୃତ କରାଯାଇଥିଲା। କୋରାପୁଟ ରେଞ୍ଜ ଅଧିକାରୀ ଏସ୍.କେ ପାହାଡ଼ ସିଂ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।

# ଅନ୍ତେବାସୀଙ୍କୁ ମାଟ୍ରନ ଘରୋଇ କାମରେ ଲଗାଉଥିବା ଅଭିଯୋଗ

## ପ୍ରଧାନଶିକ୍ଷକଙ୍କ କୈଫିୟତ ତଲବ, ମାଟ୍ରନଙ୍କ ଅସ୍ୱୀକାର

**ଚକାପାଦ, ୨୧।୩ (ପ୍ରତାପ କିଶୋର ବେହେରା)**

କନ୍ଧମାଳ ଜିଲା ଚକାପାଦ ବ୍ଲକର ବପଲମେଣ୍ଡି (ଲା) ପଞ୍ଚାୟତର ଉନ୍ନୀତ ଉଚ୍ଚ ପ୍ରାଥମିକ ବିଦ୍ୟାଳୟରେ ୧୦୦ ଶଯ୍ୟା ବିଶିଷ୍ଟ ଛାତ୍ରୀନିବାସ ରହିଛି। ଏଠାରେ ଛାତ୍ରୀମାନଙ୍କ ଦାୟିତ୍ୱରେ ମାଟ୍ରନ ରୂପେ ସୁଜାତା ସାହୁ ଅଛନ୍ତି। ତେବେ ସେ ଅନ୍ତେବାସୀଙ୍କୁ ନିଜ ଘର କାମରେ ଲଗାଉଥିବା ଅଭିଯୋଗ ହେଉଛି। ମାଟ୍ରନ ସୁଜାତା ମାର୍ଚ୍ଚ ମାସ ୧ରେ ମଧ୍ୟାହ୍ନ ଭୋଜନ ପରେ ଅଷ୍ଟମ ଶ୍ରେଣୀର ୩ ଜଣ ଓ ନବମ ଶ୍ରେଣୀର ୩ ଜଣ ଛାତ୍ରୀଙ୍କୁ ନିଜ ଘର ତିଆରି କାମରେ ଲଗାଇଥିବା ଅଭିଯୋଗ ଉଠୁଥିବା ବେଳେ ଏହାର ଭିଡିଓ ମଧ୍ୟ ଭାଇରାଲ ହୋଇଛି। ତେବେ ମାଟ୍ରନ ଜଣକ ଏହାକୁ ଅସ୍ୱୀମାର କରିଛନ୍ତି।

ଖବରରୁ ପ୍ରକାଶ, ଏହି ବିଦ୍ୟାଳୟରେ ବିଭିନ୍ନ ଅଞ୍ଚଳରୁ ଆସି ଛାତ୍ରୀଛାତ୍ରମାନେ ଅଧ୍ୟୟନ କରନ୍ତି। ସେମାନଙ୍କ ରହିବା ପାଇଁ ଛାତ୍ରୀ ନିବାସ ସୁବିଧା ସରକାର କରିଛନ୍ତି। ଏହି ଛାତ୍ରୀ ନିବାସରେ ଶତାଧିକ ଛାତ୍ରୀ ରହନ୍ତି। ସେମାନଙ୍କ ସୁରକ୍ଷା ଦାୟିତ୍ୱରେ ମାଟ୍ରନ ସୁଜାତା ନିଯୁକ୍ତ ହୋଇଛନ୍ତି। ଗତ ମାର୍ଚ୍ଚ ୧ରେ ସୁଜାତା ଛାତ୍ରୀ ନିବାସରୁ ଅଷ୍ଟମ ଶ୍ରେଣୀର ୩ ଜଣ ଓ ନବମ ଶ୍ରେଣୀର ୩ ଜଣ ଛାତ୍ରୀଙ୍କୁ ମଧ୍ୟାହ୍ନ ଭୋଜନ ପରେ ବାହାରକୁ ନେଇଥିଲେ। ତେବେ ତାଙ୍କର ଚାଲିଥିବା ଘରକାମରେ ଛାତ୍ରୀମାନଙ୍କୁ ନିୟୋଜିତ କରିବାକୁ ସେ ସେମାନଙ୍କୁ ନେଇଥିଲେ ବୋଲି ବିଭିନ୍ନ ମହଲରୁ ଅଭିଯୋଗ ହୋଇଛି। ଏହି ଘଟଣା ଜଣାପଡିବା ପରେ ପ୍ରଧାନ ଶିକ୍ଷକ ସନ୍ତୋଷ କୁମାର ଦାସ ମାଟ୍ରନ ସୁଜାତାଙ୍କୁ ଛାତ୍ରୀମାନଙ୍କୁ କାହିଁକି ହଷ୍ଟେଲ ପରିସର ବାହାରକୁ ନେଇଥିଲ ଏନେଇ ଏକ ଚିଠିରେ କୈଫିୟତ ତଲବ କରିଥିଲେ। ଏହାର ଉତ୍ତରରେ ମାଟ୍ରନ ପିଲାମାନଙ୍କୁ ନେବା କଥା ସ୍ୱୀକାର କରି ସେ ସେମାନଙ୍କୁ କୌଣସି କାମରେ ଲଗାଇ ନ ଥିବା ଜଣାଇଥିଲେ। ତେବେ ଭିଡିଓ ଉତ୍ତୋଳନ କରିଥିବା ବ୍ୟକ୍ତିଙ୍କ ବିରୋଧରେ ମାଟ୍ରନ ସୁଜାତା ଟିକାବାଲି ଥାନାରେ ଅଭିଯୋଗ କରିଥିଲେ। ଏହାକୁ ଗୁରୁତର ସହ ନେଇ ପୋଲିସ ଉଭୟପକ୍ଷଙ୍କୁ ଥାନାକୁ ଡାକି ଆପୋଷ ସମାଧାନ କରିଥିଲେ। ତେବେ ଭିଡିଓ ଉତ୍ତୋଳନାରୀ ଗ୍ରାମର ବଲ୍ଲବ ନାୟକ ଆପୋଷ ସମାଧାନରେ ସନ୍ତୁଷ୍ଟ ନ ହୋଇ ମାଟ୍ରନ ସୁଜାତାଙ୍କ ନାମରେ ଜିଲାପାଳ ବେଦଭୂଷଣଙ୍କ ନିକଟରେ ଲିଖିତ ଅଭିଯୋଗ କରିଥିଲେ। ଜିଲାପାଳଙ୍କ ନିର୍ଦ୍ଦେଶରେ ଜିଲା ଶିକ୍ଷା ଅଧିକାରୀ ରାଜେଶ ସ୍ୱାଇଁ ବିଦ୍ୟାଳୟକୁ ଆସି ଶିକ୍ଷୟିତ୍ରୀ ଶିକ୍ଷକ ଓ ଛାତ୍ରୀଛାତ୍ର, ବିଦ୍ୟାଳୟର କମିଟି ସଦସ୍ୟାସଦସ୍ୟଙ୍କ ସହ ଆଲୋଚନା କରି ଅଭିଯୋଗର ତଦନ୍ତ କରି ଫେରିଥିଲେ। ତେବେ ଏହା ପୂର୍ବରୁ ଘଟଣାର ସତ୍ୟାସତ୍ୟ ଜାଣିବା ପାଇଁ ଜିଲା ମଙ୍ଗଳ ସମ୍ପ୍ରସାରଣ ଅଧିକାରୀ ରବି ନାରାୟଣ ମିଶ୍ରଙ୍କ ନିର୍ଦ୍ଦେଶରେ ବ୍ଲକ ମଙ୍ଗଳ ସମ୍ପ୍ରସାରଣ ଅଧିକାରୀ ସୁଶ୍ରୀ ଆୟୁଷୀ ପ୍ରଧାନ ବିଦ୍ୟାଳୟକୁ ଆସି ଏହାର ତଦନ୍ତ କରି ଫେରିଥିଲେ। ସେ କାମ କରିଥିବା ଛାତ୍ରୀମାନଙ୍କୁ ବ୍ୟକ୍ତିଗତ ଭାବରେ ପଚାରି ବୁଝିବା ସହ କାର୍ଯ୍ୟ କରୁଥିବା ଘରକୁ ଯାଇ ଘରର ମିସ୍ତ୍ରୀ ଏବଂ ମୂଲିଆମାନଙ୍କୁ ପଚାରି ବୁଝିଥିଲେ। ତଦନ୍ତର ଏକ ଲିଖିତ ରିପୋର୍ଟ ଜିଲା ମଙ୍ଗଳ ସମ୍ପ୍ରସାରଣ ଅଧିକାରୀଙ୍କ ନିକଟକୁ ପଠାଇଛନ୍ତି। ଏସମ୍ପର୍କରେ ମାଟ୍ରନ ସୁଜାତାଙ୍କୁ ପଚାରିବାରୁ ସେ ଛାତ୍ରୀମାନଙ୍କୁ ଛାତ୍ରୀନିବାସ ବାହାରକୁ ନେବା ସ୍ୱୀକାର କରିଛନ୍ତି। ମାତ୍ର ସେମାନଙ୍କୁ କୌଣସି କାର୍ଯ୍ୟରେ ଲଗାଇ ନାହାନ୍ତି ବୋଲି କହିଛନ୍ତି। ତେବେ ମାଟ୍ରନ ସୁଜାତା ଛାତ୍ରୀମାନଙ୍କୁ ପ୍ରଧାନଶିକ୍ଷକଙ୍କ ବିନା ଅନୁମତିରେ କାହିଁକି ଛାତ୍ରୀନିବାସ ବାହାରକୁ ନେଇଥିଲେ ସେ ନେଇ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି।

# ସଦାଶିବ ନିଖିଳ ଉତ୍କଳ ପ୍ରାଥମିକ ଶିକ୍ଷକ ସଂଘ ସାଧାରଣ ସମ୍ପାଦକ

**ଦଶମନ୍ତପୁର,୨୧।୩(ଅରବିନ୍ଦ ନାୟକ)**

କୋରାପୁଟ ଜିଲା ଦଶମନ୍ତପୁର ବ୍ଲକ ଜୋନ-୧ର ନିଖିଳ ଉତ୍କଳ ପ୍ରାଥମିକ ଶିକ୍ଷକ ସଂଘ ସାଧାରଣ ସମ୍ପାଦକ ଭାବେ ଶିକ୍ଷକ ସଦାଶିବ ପ୍ରଧାନୀ ନିର୍ଦ୍ୱନ୍ଦ୍ୱରେ ମନୋନୀତ ହୋଇଛନ୍ତି। ଶିକ୍ଷକ ସଂଘ ଜିଲା ସଭାପତି ଦାମ କନ୍ଧପାନଙ୍କ ଅଧ୍ୟକ୍ଷତା ଓ ଦଶମନ୍ତପୁର ବ୍ଲକ ଜୋନ-୧ ଶିକ୍ଷକ ସଂଘ ବ୍ଲକ ସଭାପତି ବାସ ପ୍ରଧାନୀଙ୍କ ସଭାପତିତ୍ୱରେ ସ୍ଥାନୀୟ ଅତିରିକ୍ତ ଗୋଷ୍ଠୀ ଶିକ୍ଷାଧିକାରୀ ମନ୍ମଥ ମାଣ୍ଡାଙ୍ଗି କାର୍ଯ୍ୟକ୍ରମ ଉଦ୍‌ଘାଟନ କରିଥିଲେ। ପଦବୀ ପୂରଣ ପାଇଁ ଶିକ୍ଷକ ବାଞ୍ଛାନିଧି ଟାକ୍ରୀ ଶିକ୍ଷକ ପ୍ରଧାନୀଙ୍କୁ ସାଧାରଣ ସମ୍ପାଦକ ଭାବେ ପ୍ରସ୍ତାବ ଆଗତ କରିଥିଲେ। ଏହାକୁ ସମସ୍ତେ ସମର୍ଥନ କରିଥିଲେ। ଶିକ୍ଷକ ପ୍ରଧାନୀ ସଂଘ ପାଇଁ ନିସ୍ୱାର୍ଥ ଭାବେ କାର୍ଯ୍ୟ କରିବାକୁ ଶପଥ ପାଠ କରିଥିଲେ। ସଂଘକୁ ସୁଦୃଢ଼ କରିବା ସହ ସଂଘ ସଦସ୍ୟଙ୍କ ପ୍ରତିଟି ସମସ୍ୟାର ସମାଧାନ କରିବାକୁ ଜିଲା ସଭାପତି କନ୍ଧପାନ ଗୁରୁମନ୍ତ୍ର ଦେଇଥିଲେ। ସଂଘ ସଙ୍ଗଠନ ସମ୍ପାଦକ ରାମକୃଷ୍ଣ ପଟ୍ଟନାୟକ କାର୍ଯ୍ୟକ୍ରମକୁ ପରିଚାଳନା କରିଥିଲେ।


ନବନିର୍ବାଚିତ ସାଧାରଣ ସମ୍ପାଦକଙ୍କୁ ସମ୍ବର୍ଦ୍ଧିତ କରାଯାଉଛି।

# ପୁରୁଣା ଜଙ୍ଗଲ ସୁରକ୍ଷିତ ରଖିବାକୁ ଗୁରୁତ୍ୱ



ବନାଞ୍ଚଳ, ବନଖଣ୍ଡ ପକ୍ଷରୁ ରାଲି କରାଯାଉଛି।

**ଜୟପୁର,୨୧।୩(ପବନ ପାଣିଗ୍ରାହୀ)**

## ବିଶ୍ୱ ବନ ଦିବସ ଉପଲକ୍ଷେ ଶୋଭାଯାତ୍ରା

ବିଶ୍ୱ ବନ ଦିବସ ଉପଲକ୍ଷେ କୋରାପୁଟ ଜିଲା ଜୟପୁରରେ ବନାଞ୍ଚଳ, ବନଖଣ୍ଡ ଦ୍ୱାରା ଏକ ସଚେତନତା ଶୋଭାଯାତ୍ରା ଶନିବାର ଅନୁଷ୍ଠିତ ହୋଇଯାଇଛି। ଜୟପୁର ଜଗତଜନନୀ ଛକଠାରୁ ଏକ ସଚେତନତା ଶୋଭାଯାତ୍ରା ବାହାରି ବିକ୍ରମଦେବ ବିଶ୍ୱବିଦ୍ୟାଳୟ ପରିସରରେ ପହଞ୍ଚିଥିଲା। ଏଥିରେ ଏସ୍‌ଡିପିଓ ଅର୍ଚ୍ଚିତା ମିତଲ, ଡିଏଫଓ ପ୍ରତାପ କୁମାର ବେହେରା ଉପସ୍ଥିତ ଥିଲେ। ଶୋଭାଯାତ୍ରାରେ ଲୋକଙ୍କୁ ସଚେତନ କରିବା ସହ ବିକ୍ରମଦେବ ବିଶ୍ୱବିଦ୍ୟାଳୟ ପରିସରରେ ଚାରାରୋପଣ କରି ଚାରା ବଣ୍ଟନ କରାଯାଇଛି। ପୁରୁଣା ଜଙ୍ଗଲର ସୁରକ୍ଷା କରିବା ସହ ନୂତନ ଜଙ୍ଗଲ ସୃଷ୍ଟି କରିବା, ପରିବେଶକୁ ସୁସ୍ଥ ରଖିବା ପାଇଁ ପଲିଥିନ ବ୍ୟବହାର କମ୍ କରିବା, ଜଙ୍ଗଲ ନଷ୍ଟ ନ ହେବା ପ୍ରତି ଗୁରୁତ୍ୱ ଦିଆଯାଇଛି। ଜଙ୍ଗଲ ଜାତ ଦ୍ରବ୍ୟ ସଂଗ୍ରହ କରିବା ଉପରେ ସଚେତନା କରିବା ସହ ଯଦି ଗଛ ରହିଁବ ସୁରକ୍ଷିତ, ସୁରକ୍ଷିତ ହେବ ଆମ ଭବିଷ୍ୟତ ସ୍ଲୋଗାନ୍ ଦେଇ ସଚେତନ କରିଥିଲେ। କାର୍ଯ୍ୟକ୍ରମରେ ବନ୍ୟ ଜୀବ ସଂରକ୍ଷକ ରାମନାଥ ସାହୁ, ବନାଞ୍ଚଳ ଅଧିକାରୀ ଦେବେନ୍ଦ୍ର ମାଝୀ, ବନପାଳ ପି.ଶ୍ରୀନିବାସ ରାଓ, ଶଶାଙ୍କ ଶେଖର ମହାରଣା ଓ ଗୌତମ ସ୍ୱାଇଁ ପ୍ରମୁଖ ଉପସ୍ଥିତ ଥିଲେ।

# ନାଟକ ମାଧ୍ୟମରେ ସଚେତନ କଲେ ଛାତ୍ରୀଛାତ୍ର


ଅତିଥିମାନେ କୃତୀ ଛାତ୍ରୀଛାତ୍ର ଓ ଅନ୍ୟମାନଙ୍କୁ ପୁରସ୍କୃତ କରୁଛନ୍ତି।

**ଭଞ୍ଜନଗର,୨୧।୩(ବାବୁଲା ପ୍ରଧାନ)**

## ବିଶ୍ୱ ବନ ଦିସ ପାଳିତ

ଗଞ୍ଜାମ ଜିଲା ଭଞ୍ଜନଗର ଘୁମୁସର ଉତ୍ତର ବନଖଣ୍ଡ, ଟାଟା ପାୱାର, ସ୍ନେହା ଅନୁଷ୍ଠାନ ଓ ବିଡିପୁରସ୍ଥିତ ଟିଏସ୍‌ଡି କଲେଜ ଏନସିସି ପକ୍ଷରୁ ମିଳିତ ଭାବେ ଶନିବାର ବିଶ୍ୱ ବନ ଦିସ ପାଳିତ ହୋଇଛି। ଏହି ଅବସରରେ ବିଡିପୁରସ୍ଥିତ ଶ୍ରୀଅରବିନ୍ଦ ପୂର୍ଣ୍ଣାଙ୍ଗ ଶିକ୍ଷାକେନ୍ଦ୍ର ଛାତ୍ରୀ ଛାତ୍ରମାନେ ନାଟକ ଏବଂ ସାଂସ୍କୃତିକ କାର୍ଯ୍ୟକ୍ରମ ମାଧ୍ୟମରେ ଜଙ୍ଗଲ ଓ ବନ୍ୟପ୍ରାଣୀ ସୁରକ୍ଷା ନେଇ ଉପସ୍ଥିତ ଲୋକଙ୍କୁ ସଚେତନ କରିଥିଲେ। ଏହି କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ଏସିଏଫ ବିମଳ ପ୍ରସାଦ ପ୍ରଧାନ ଯୋଗଦେଇ ପ୍ରକୃତିର ସୁରକ୍ଷା କିଭଳି ହୋଇପାରିବ ସେନେଇ ବିଭିନ୍ନ ପରାମର୍ଶ ଦେଇଥିଲେ। ସମ୍ମାନିତ ଅତିଥି ଭାବେ ମୁଜାଗଡ଼ ରେଞ୍ଜର ବିମ୍ବାଧର ସାହୁ, ତାରସିଂ ରେଞ୍ଜର ପ୍ରଶାନ୍ତ ବେହେରା, ଜଗନ୍ନାଥପ୍ରସାଦ ରେଞ୍ଜର ସୁଜାତା ରାଣୀ ପଣ୍ଡା, ବେଲଗୁଣ୍ଠା ଟାଟା ପାୱାରର ଏସଡିଓ ସୁରଜ ପଟ୍ଟନାୟକ ଯୋଗ ଦେଇଥିଲେ। ଭାରପ୍ରାପ୍ତ ଅଧ୍ୟକ୍ଷ ମାଧବ ଦଳାଇ ଅଧ୍ୟକ୍ଷତା କରିଥିଲେ। ଏନସିସି ଆର୍ମି ୱିଂଙ୍ଗ ଅଫିସର ଦିପକ ନାୟକ, ଅଧ୍ୟାପିକା ମାମୁନି ଆଚାର୍ଯ୍ୟ ଓ ଟିକି ଚନ୍ଦ୍ରିକା ସାଇଁ କାର୍ଯ୍ୟକ୍ରମ ପରିଚାଳନା ରେ ସହଯୋଗ କରିଥିଲେ। ସ୍ନେହା କର୍ମଚାରୀ ପ୍ରଶାନ୍ତ ରାଉତ ଧନ୍ୟବାଦ ଦେଇଥିଲେ।

# ସ୍ୱାସ୍ଥ୍ୟ, ପୋଷଣ ସମ୍ପର୍କିତ ଦକ୍ଷତା ବୃଦ୍ଧି ତାଲିମ

**ନନ୍ଦପୁର/ପାଡୁଆ,୨୧।୩**
**(ତୁଷାର କାନ୍ତ ମହାନ୍ତି/ଶଙ୍କର ପୂଜାରୀ)**

କୋରାପୁଟ ଜିଲା ନନ୍ଦପୁର ବ୍ଲକରେ କାର୍ଯ୍ୟରତ ସ୍ୱେଚ୍ଛାସେବୀ ଅନୁଷ୍ଠାନ ହର୍ଷା ଟ୍ରଷ୍ଟ ଆନୁକୂଲ୍ୟରେ ମହିଳା ଓ ଶିଶୁଙ୍କ ସ୍ୱାସ୍ଥ୍ୟ ଓ ପୋଷଣ ସମ୍ପର୍କିତ ଦକ୍ଷତା ବୃଦ୍ଧି ତାଲିମ ଶିବିର ଶନିବାର ଅନୁଷ୍ଠିତ ହୋଇଛି। ୫ ପଞ୍ଚାୟତର ୭୦ରୁ ଊର୍ଦ୍ଧ୍ୱ ଆଶା, ଅଙ୍ଗନୱାଡି କର୍ମୀ, ସ୍ୱାସ୍ଥ୍ୟକର୍ମୀ ଯୋଗଦେଇଥିଲେ। ଶିବିରରେ ପାଡୁଆ ପ୍ରାଥମିକ ସ୍ୱାସ୍ଥ୍ୟକେନ୍ଦ୍ର ଡା. ଅଜିତ୍ ସୀସା, ବର୍ଷା ଟ୍ରଷ୍ଟ କର୍ମକର୍ତ୍ତା ସତ୍ୟବ୍ରତ ସାହୁ ଓ ଚକ୍ରଧର ମାଝୀ ପ୍ରମୁଖ ଉପସ୍ଥିତ ଥିଲେ। ପାଡୁଆ, ବାଲଡ଼ା, ଚାଟୁଆ, ହାତୀବାରି, କୁଲାବିର ପଞ୍ଚାୟତର ୬ ଏଏନ୍‌ଏମ୍ ୮ ଅଙ୍ଗନୱାଡି କର୍ମୀ ଓ ୫୦ ଆଶାକର୍ମୀଙ୍କୁ ରଙ୍ଗଚକ୍ର ଅନୁସାରେ ଖାଦ୍ୟର ପୋଷଣତତ୍ତ୍ୱ, ରୋଗ ପ୍ରତିରୋଧକ ଶକ୍ତି ଓ ସ୍ୱାସ୍ଥ୍ୟର ସୁରକ୍ଷା ଆଦି ସମ୍ପର୍କରେ ତାଲିମ ପ୍ରଦାନ କରିଥିଲେ। ପ୍ରୋଜେକ୍ଟର ସହାୟତାରେ ବିଭିନ୍ନ ରଙ୍ଗ ସହ ଖାଦ୍ୟ ପୋଷଣତତ୍ତ୍ୱ ପ୍ରଦର୍ଶନ କରି ନିଜ ଅଞ୍ଚଳର ମହିଳା, କିଶୋରୀ ଓ ଶିଶୁଙ୍କ କୁପୋଷଣ ଦୂର, ଉପଲବ୍ଧ ପନିପରିବା ଓ ଖାଦ୍ୟ ପ୍ରସ୍ତୁତ ପ୍ରଣାଳୀ ନେଇ ବୁଝାଇଥିଲେ। ମିଳିଥିବା ତଥ୍ୟ ଓ ସୂଚନାକୁ ନିଜ କାର୍ଯ୍ୟକ୍ଷେତ୍ରରେ ଉପଯୋଗ କରିବେ ବୋଲି ସ୍ୱାସ୍ଥ୍ୟକର୍ମୀମାନେ କହିଥିଲେ।



ଶିବିରରେ ଉପସ୍ଥିତ ଆଶା, ଅଙ୍ଗନୱାଡି ଓ ସ୍ୱାସ୍ଥ୍ୟକର୍ମୀମାନେ ।

# ଏସ୍‌ଆଇଆର୍ ସର୍ଭେ ପାଇଁ ସରିଲା ପ୍ରଥମ ପର୍ଯ୍ୟାୟ ତାଲିମ


କାର୍ଯ୍ୟକ୍ରମରେ ଉପସ୍ଥିତ ଅତିଥି, ତାଲିମଦାତା ଓ ତାଲିମାର୍ଥୀମାନେ।

**ପଟ୍ଟାଙ୍ଗି,୨୧।୩(ଶରତ କୁମାର ଧଳ)**

କୋରାପୁଟ ଜିଲା ପଟ୍ଟାଙ୍ଗି ବ୍ଲକ ସଦର ମହକୁମାସ୍ଥିତ ପିଏମ୍‌ଶ୍ରୀ ନୋଡାଲ ହାଇସ୍କୁଲରେ ଚାଲିଥିବା ତିନିଦିନିଆ ଏସ୍‌ଆଇଆର୍ ସର୍ଭେର ପ୍ରଥମ ପର୍ଯ୍ୟାୟ ତାଲିମ ଶନିବାର ଶେଷ ହୋଇଛି। ଏଥିରେ ସ୍ଥାନୀୟ ତହସିଲଦାର ଦେବେନ୍ଦ୍ର ବାହାଦୂର ସିଂ ଧାରୁଆ ଶିବିରାର୍ଥୀଙ୍କୁ ସର୍ଭେର ପ୍ରକ୍ରିୟା ସମ୍ପର୍କରେ ତାଲିମ ଦେଇଥିଲେ। ସର୍ଭେ ସମୟରେ ଆଦିବାସୀ ବହୁଳ ଅଞ୍ଚଳରେ ଠିକ ଡିଜିଟାଲ ତଥ୍ୟ ସଂଗ୍ରହ ପାଇଁ ଆବଶ୍ୟକୀୟ ଦକ୍ଷତା ବୃଦ୍ଧି ନେଇ ତାଲିମ ପ୍ରଦାନ କରାଯାଇଥିବା କହିଥିଲେ। ଶିବିରରେ କ୍ଷେତ୍ର ପ୍ରଶିକ୍ଷକ ଆଶିଷ କୁମାର ଦାସ, ସତ୍ୟନାରାୟଣ ଖରା ଅଧିବେଶନଗୁଡ଼ିକର ତାଲିମ ପ୍ରଦାନ କରିଥିଲେ। ଜନଗଣନା ପ୍ରୋଟୋକଲ, ମୋବାଇଲ ଆପ ବ୍ୟବହାର ସମ୍ପର୍କରେ ବୁଝାଯାଇଥିଲା। ଅତିରିକ୍ତ ତହସିଲଦାର ସାଗଡିକା ରାଉତ ଓ ଡିଲିଂ ଆସିଷ୍ଟାଣ୍ଟ କ୍ଲର୍କ ଜି.ସୁଜିତ ପରିଚାଳନାରେ ସହଯୋଗ କରିଥିଲେ। ଶିବିରରେ ୫୦ଜଣ ତାଲିମ ନେଇଥିଲେ। ସୁପ୍ରଭାଇଜର ୬ ଓ ୪୪ ଏନୁମେଟର୍ ଭାବେ ତାଲିମ ନେଇଥିଲେ।

# ଜୟପୁରରେ ଇଦ୍ ପାଳିତ

**ଜୟପୁର,୨୧।୩(ପବନ ପାଣିଗ୍ରାହୀ)**

କୋରାପୁଟ ଜିଲା ଜୟପୁରରେ ଇଦ-ଉଦଲ- ଫିତର ଅବସରରେ ମୁସଲମାନମାନେ ଶନିବାର ଇଦ୍ ପାଳନ କରିଛନ୍ତି। ଗୋଟିଏ ମାସ ରୋଜା ରଖି ରାମଜାନ ପାଳୁଥିବା ସ୍ଥାନୀୟ ଖ୍ରୀଷ୍ଟିୟାନପେଟା ଇଦ୍ ଗାହାକୁ ସମସ୍ତ ସୁନି ମୁସଲିମ ସମାଜ ଇଦୁଲଫିତର ନମାଜ ପାଠ କରିଥିଲେ। ମେଘୁଆ ପାଗ ଯୋଗୁ ଚାନ୍ଦ ଦେଖାଯାଇ ନ ଥିବାରୁ ଶନିବାର ଏହାକୁ ପାଳନ କରାଯାଇଛି। ପୂର୍ବାହ୍ନ ୧୧ଟାରେ କାର୍ଯ୍ୟ ଆରମ୍ଭ ହୋଇ କବର ସ୍ଥାନକୁ ଯାଇ ପିତୃପୁରୁଷଙ୍କ ଆତ୍ମଶାନ୍ତି ପାଇଁ ପ୍ରାର୍ଥନା କରିଥିଲେ। ଦେଶରେ ଶାନ୍ତିବଜାୟ ରହିବା ସହ ଭାଇଚାରା ବଜାୟ ରଖିବାକୁ ପ୍ରାର୍ଥନା କରାଯାଇଥିଲା। ପବିତ୍ର ଇଦ-ଉଦଲ-ଫିତର ଅବସରରେ ଜୟପୁର ବିଧାୟକ ତାରା ପ୍ରସାଦ ବାହିନୀପତି ଓ ପୌରାଧ୍ୟକ୍ଷ ନରେନ୍ଦ୍ର କୁମାର ମହାନ୍ତି ଶୁଭେଚ୍ଛା ଜଣାଇଥିଲେ।


ଇଦ୍ ପାଳନ ଅବସରରେ ଜୟପୁରର ମୁସଲିମ୍ମାନେ ।

# ପରସ୍ପରକୁ ଶୁଭେଚ୍ଛା ଜଣାଇ ଇଦ୍ ପାଳିଲେ ମୁସଲମାନ ସମ୍ପ୍ରଦାୟ

**କୋରାପୁଟ,୨୧।୩(ଅମିତାଭ ବେହେରା)**

କୋରାପୁଟରେ ମୁସଲମାନ ସମ୍ପ୍ରଦାୟମାନେ ଇଦ-ଉଲ-ଫିତର ପାଳନ କରିଛନ୍ତି। ୧ ମାସ ରୋଜା ପାଳନ ପରେ ସହରରେ ମୁସଲିମ ସମ୍ପ୍ରଦାୟର ଭାଇଭଉଣୀ ଶନିବାର ଇଦ-ଉଲ-ଫିତର ପାଳନ କରିଛନ୍ତି। ପୂର୍ବାହ୍ନରେ ମୁସଲମାନ ଧର୍ମାଲମ୍ବୀମାନେ ନୂଆ ପୋଷାକ ପରିଧାନ କରି ସ୍ଥାନୀୟ ମସଜିଦରେ ଏକତ୍ର ହୋଇ ପରସ୍ପରକୁ ଇଦ୍‌ର ଶୁଭେଚ୍ଛା ଜଣାଇ ମିଷ୍ଟାନ୍ନ ବଣ୍ଟନ କରିଥିଲେ। ମସ୍‌ଜିଦରୁ ଏକ ଶୋଭାଯାତ୍ରାରେ ବାହାରି ସହରର ଢେପ ସାହିସ୍ଥିତ ଇଦଘାରେ ପହଞ୍ଚିବା ପରେ ଇମାମ ମୁଜାମିଲ ହୁସେନ କୋରାନ ପାଠ କରି ଆଲ୍ଲାଙ୍କ ନୀତିବାଣୀ ଶୁଣାଇଥିଲେ। କୋରାପୁଟ ମସଜିଦ କମିଟି ସଭାପତି ଏ.ଏ. ଖାନ, ଉପସଭାପତି ଏମ୍‌ଡି.ହୁସେନ, ସମ୍ପାଦକ କୁଦରତ୍ ନୁର୍ ଖାନ ଓ ଅନ୍ୟମାନେ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।


ମସ୍‌ଜିଦ୍‌ରେ ଏକତ୍ର ହୋଇଥିବା ମୁସଲମାନମାନେ।

**ସଂକ୍ଷେପରେ**

## ବିପୁଳ ପରିମାଣର ବିଦେଶୀ ମଦ ଜବତ, ଜଣେ ଗିରଫ

ବ୍ରହ୍ମପୁର, ୨୧।୩(ସୁବାସ ଚନ୍ଦ୍ର ପାଢ଼ୀ) ସଦର ପୋଲିସ ଅବୈଧ ବିଦେଶୀ ମଦ ବିକ୍ରି ଅଭିଯୋଗରେ ନଳିହାଡ଼ ଗ୍ରାମର ପିଣ୍ଟୁ ସ୍ୱାଇଁ(୩୮)ଙ୍କୁ ଗିରଫ କରିଛି। ଅଭିଯୁକ୍ତ ନାମରେ ବିଭିନ୍ନ ଥାନାରେ ୭ ମାମଲା ଥିବା ତଦନ୍ତ ବେଳେ ପୋଲିସ ଜାଣିବାକୁ ପାଇଛି। ୧୦ ବୋତଲ କିଙ୍ଗଫିସର ବିୟର, ୫ ଟିନ ବଡୱାଇଜର ବିୟର , ୧୦ ବୋତଲ ମ୍ୟାକ୍ଡୱେଲ୍ସ ନଂ.୧ ହୁଇସ୍କି ଏପରି ମୋଟ ୧୦.୮୦୦ ଲିଟର ବିଦେଶୀ ମଦ ଜବତ କରାଯାଇଛି। ମାମଲା ନଂ ୧୪୭/୨୬ ରେ ଅଭିଯୁକ୍ତଙ୍କୁ ଶନିବାର କୋର୍ଟ ଚାଲାଣ କରାଯାଇଛି। ୨୦ ତାରିଖ ରାତିରେ ବିଶ୍ୱସ୍ତ ସୂତ୍ରରୁ ଖବର ମିଳିବା ପରେ ଜଣାପଡ଼ିଲା ଯେ ପିଣ୍ଟୁ ନଳିହଡ଼ାର ବାଲିଆପଟା ଅଞ୍ଚଳରେ ବିନା ଅନୁମତିରେ ସାଧାରଣ ଲୋକଙ୍କୁ ମଦ ବିକ୍ରି କରୁଛନ୍ତି। ପୋଲିସ ଟିମ ଉକ୍ତ ସ୍ଥାନରେ ଚଢ଼ାଉ କରି ତାଙ୍କୁ କାବୁ କରିବା ସହ ସେଠାରୁ ଉପରୋକ୍ତ ପରିମାଣର ମଦ ଜବତ କରିଥିଲା। ପୋଲିସ ଘଟଣାର ତଦନ୍ତ ଜାରି ରଖିଛି।

# ଅଦିନିଆ ବର୍ଷାରେ ଅସ୍ଥାୟୀ ବସ୍‌ଷ୍ଟାଣ୍ଡ ସ୍ଥିତି ଦୟନୀୟ

ବ୍ରହ୍ମପୁର,୨୧।୩(ଅଶୋକ କୁମାର ସାହୁ) ବ୍ରହ୍ମପୁରର ଟ୍ରାଫିକ ସମସ୍ୟା ଦୂର ପାଇଁ ଗତ ମାସ ୧୧ ତାରିଖରେ ହଳଦିଆପଦର ଓ ଡୁଡୁମା କଲୋନୀଠାରେ ଦୁଇଟି ଅସ୍ଥାୟୀ ବସଷ୍ଟାଣ୍ଡ ନିର୍ମାଣ ହୋଇଛି। ନୂଆ ବସଷ୍ଟାଣ୍ଡକୁ ବନ୍ଦ କରି ଦିଆଯାଇଛି। କିନ୍ତୁ ଏହି ଦୁଇ ବସଷ୍ଟାଣ୍ଡର ଭିତ୍ତିଭୂମିକୁ ନ ପରଖି କେବଳ ନାମକୁ ମାତ୍ର ଆରମ୍ଭ କରି ଦିଆଯାଇଥିବା ଶୁକ୍ରବାର ସ୍ପଷ୍ଟ ହୋଇଯାଇଛି। ଦୁଇଟି ଯାକ ବସଷ୍ଟାଣ୍ଡରେ ଯାତ୍ରୀଙ୍କ ଅବସ୍ଥା ଦୟନୀୟ ହୋଇପଡ଼ିଥିବା ଦେଖିବାକୁ ମିଳୁଛି। ହଳଦିଆପଦରଠାରେ କେବଳ ବିଶ୍ରାମ ସ୍ଥଳ ଥିବାବେଳେ ସେଠାରେ ଏକ ସବରେଜିଷ୍ଟ୍ରାର ଅଫିସ ଓ ତହସିଲଦାର ଅଫିସ ରହିଛି। ଯାତ୍ରୀ ସେଠାରେ ଓହ୍ଲାଇଲେ ବି ସହରକୁ ଆସିବାକୁ ଅଟୋରେ ୧୦୦ରୁ ୨୦୦ ଟଙ୍କା ଭଡା ନିଆଯାଉଛି। ପର୍ଯ୍ୟାପ୍ତ ଟାଉନ ବସ ନଥିବା ଏହାର କାରଣ ହୋଇଛି। ସେହିପରି ଡୁଡୁମା କଲୋନୀ ବସଷ୍ଟାଣ୍ଡର ଅବସ୍ଥା ବି ସେୟା। ସହରର ଦୁଇ ଶେଷ ମୁଣ୍ଡରେ ଏହି ଦୁଇ ବସଷ୍ଟାଣ୍ଡ ଥିବାରୁ ଯାତ୍ରୀମାନେ ସହରକୁ ଆସିବାକୁ ନାହିଁନଥିବା ଅସୁବିଧା ଭୋଗୁଛନ୍ତି। ଶୁକ୍ରବାର ସନ୍ଧ୍ୟାରେ ପ୍ରାୟ ୩ ଘଣ୍ଟା ଅଦିନରେ ନିର୍ଘୁମ ବର୍ଷିଥିଲା। ଫାଷ୍ଟଗେଟ ନିକଟ ଡୁଡୁମା କଲୋନୀ ବସଷ୍ଟାଣ୍ଡରେ ପାଣିର ସୁଅ ଦେଖିବାକୁ ମିଳିଥିଲା। ଯାତ୍ରୀମାନେ ନାହିଁନଥିବା ଅସୁବିଧା ଭୋଗିଥିଲେ। ୨.୫୭ କୋଟି ଟଙ୍କା ବ୍ୟୟରେ ନିର୍ମିତ ଏହି ବସଷ୍ଟାଣ୍ଡ ଫେବୃଆରୀ ୧୧ ତାରିଖରେ ଉଦଘାଟିତ ହୋଇଥିଲା । ତେବେ ସମସ୍ତ ଅବ୍ୟବସ୍ଥା ଲାଗି ରହିଥିବା ପୁରୁଷୋତ୍ତମ ଘରୋଇ ବସ ମାଲିକ ସଂଘର ସଭାପତି ସନ୍ତୋଷ ପତି କହିଥିଲେ। ଏ ସଂକ୍ରାନ୍ତରେ ପ୍ରଶାସନକୁ ଅବଗତ କରାଯାଇଥିବା ସେ କହିଥିଲେ। କିନ୍ତୁ ଏଯାଏଁ ପ୍ରଶାସନ କିମ୍ବା ବିଡିଏ କିମ୍ବା ବିଏମସି ପକ୍ଷରୁ ତାହାର ତର୍ଜମା କରାନଯିବାରୁ ଶୁକ୍ରବାର ଏଭଳି ପରିସ୍ଥିତି ଦେଖାଦେଇଥିବା ସେ କହିଛନ୍ତି। ପାଞ୍ଚ ଏକର ବିଶିଷ୍ଟ ନିର୍ମାଣ ଜମିରୁ ଦୁଇ ଏକର ଜମିରେ ବସ ରହଣି, ଶୌଚାଳୟ,ଜଳ ଯୋଗାଣ,ଆଲୋକ ବ୍ୟବସ୍ଥା, ଟିକେଟ କାଉଣ୍ଟର ଯାତ୍ରୀଙ୍କ ପାଇଁ ସମସ୍ତ ସୁବିଧା ଥିବା ଉଦଘାଟନ ବେଳେ ପରିବହନ ମନ୍ତ୍ରୀ ବିଭୂତି ଜେନା କହିଥିଲେ। କିନ୍ତୁ ଏଭଳି ଅବ୍ୟବସ୍ଥା ଯୋଗୁ ବସ ସଂଘ ଅନିଚ୍ଛା ପ୍ରକାଶ କରିବା ସତ୍ତ୍ୱେ ବସଷ୍ଟାଣ୍ଡ ସ୍ଥାନାନ୍ତର ହୋଇଥିଲା। କିନ୍ତୁ ମାର୍ଚ୍ଚ ମାସର ପ୍ରଥମ କିଛି ଦିନରେ ହିଁ ଅଦିନିଆ ବର୍ଷା ଏହି ସମସ୍ତ ଆଶାକୁ ଜଳମଗ୍ନ କରି ଦେଇଛି। ବସଷ୍ଟାଣ୍ଡ ଭିତରେ ପାଣିର ସୁଅରେ ସବୁ ଆଶା ମିଳାଇ ଯାଉଛି। ବସ ରହଣୀ ସ୍ଥାନରେ ପେଭର ବ୍ଲକ ବିଛା ଯିବାର କାର୍ଯ୍ୟକ୍ରମ ରହିଥିବା ସହ ଡ୍ରେନେଜ ବ୍ୟବସ୍ଥାର ଆବଶ୍ୟକ ରହିଥିଲା । ପାଣି ନିଷ୍କାସନ ବ୍ୟବସ୍ଥାକୁ ଗୁରୁତ୍ୱ ଦେବା ଦରକାର ଥିଲା । ପାଣି ଭର୍ତ୍ତି ହେବା ପରେ ଶନିବାର ବିଏମସି ପକ୍ଷରୁ ପମ୍ପ ବ୍ୟବହାର କରି ପାଣି ନିଷ୍କାସନ କରାଯାଉଥିବା ଦେଖିବାକୁ ମିଳିଛି। ସ୍ଥାୟୀ ସମାଧାନ କରିବାକୁ ଯାତ୍ରୀମାନେ ଦାବି କରିଛନ୍ତି। ବିଡିଏ ଅଧୀନରେ ଏହି ବସଷ୍ଟାଣ୍ଡ ରହିଛି। କାଳେ କ୍ଷତି ହେବ ଭାବି ଏବେ ତୃତୀୟ ପକ୍ଷକୁ ଲିଜ ଦିଆଯାଇଛି। କିଛି ଆନୁସଙ୍ଗିକ କାର୍ଯ୍ୟ ବାକିଥିବାବେଳେ ତାହା ଆଗାମୀ ଦିନରେ କରାଗଲେ ସ୍ଥିତି ସୁଧୁରିଯିବ ବୋଲି ବିଡିଏ ସେକ୍ରେଟାରୀ ରମେଶ ହାଁସଦା ପ୍ରକାଶ କରିଛନ୍ତି।


ବସଷ୍ଟାଣ୍ଡରେ ଜମିଥିବା ପାଣିକୁ ବିଏମସି ପକ୍ଷରୁ ବାହାର କରାଯାଉଛି।

## ଜମି ଦେବା ନାଁରେ ୨୧ ଲକ୍ଷ ଠକେଇ, ପୂଜକ ଗିରଫ


ପୋଲିସ ହେପାଜତରେ ଗିରଫ ଅଭିଯୁକ୍ତ।

ବ୍ରହ୍ମପୁର, ୨୧।୩(ସୁବାସ ଚନ୍ଦ୍ର ପାଢ଼ୀ) ବ୍ରହ୍ମପୁରର ଜଣେ ମହିଳାଙ୍କୁ ଜମି ବିକ୍ରି କରିବା କହି ତାଙ୍କ ଠାରୁ ୨୧ ଲକ୍ଷ ଟଙ୍କା ଠକେଇ କରିଥିବା ଅଭିଯୋଗରେ ପୋଲିସ ଜଣେ ଅଭିଯୁକ୍ତଙ୍କୁ ବାନ୍ଧିଛି। ସେ ହେଲେ ଗୋସାଇଁନୂଆଗାଁ ଚାର୍ଚ୍ଚିଂ ସାହିର ସଦାଶିବ ଆଚାର୍ଯ୍ୟ (୪୮)। ପୋଲିସ ଅଭିଯୁକ୍ତ ନିକଟରୁ ଜମି ବିକ୍ରି ସମ୍ବନ୍ଧୀୟ ୧୦ଟି ଚୁକ୍ତିପତ୍ର ଜବତ କରିଛି। ମାମଲା ନଂ୧୦୦/୨୬ ରେ ପୋଲିସ ତାଙ୍କୁ ଶନିବାର କୋର୍ଟ ଚାଲାଣ କରିଛି। ସଦାଶିବ ପେଷାରେ ପୂଜକ। ଲୋକଙ୍କ ସହିତ ସମ୍ପର୍କ ଗଢ଼ି ଜମି ବିକ୍ରି କରିବା ଯୋଜନା କରନ୍ତି। ଏହି ମାମଲାରେ ଗତ କିଛି ବର୍ଷ ଧରି ସେ ଅଭିଯୋଗକାରିଣୀ ଙ୍କ ସହିତ ଘନିଷ୍ଠତା ଗଢ଼ିବାକୁ ଚେଷ୍ଟା କରିଥିଲେ। ଜମି ବିକ୍ରିର ବିଜ୍ଞାପନ ଦେଇ ଅଭିଯୋଗକାରିଣୀ ଙ୍କୁ ରାଜି କରାଇଥିଲେ। ତା'ପରେ ସେ ନକଲି ଓ ମିଛ ଦସ୍ତାବିଜ ପ୍ରସ୍ତୁତ କରିଥିଲେ, ଯେଉଁଥିରେ ନୋଟାରୀ ଏଫିଡେଭିଟ (ଷ୍ଟାମ୍ପ ପେପର) ଆକାରରେ ବିଜିପୁରର ଶରତ ଚନ୍ଦ୍ର ଦାସ ଏବଂ ଆଉ ୮ ଜଣଙ୍କୁ ବିକ୍ରେତା ଭାବେ ଦର୍ଶାଇଥିଲେ। କିନ୍ତୁ ଅଭିଯୋଗକାରୀ ଶରତ ଚନ୍ଦ୍ର ଦାସ ଓ ଅନ୍ୟ ବ୍ୟକ୍ତିମାନଙ୍କୁ ଦେଖିନଥିଲେ। ଅଭିଯୋଗକାରିଣୀ ଲିଙ୍ଗରାଜ ନଗରର ସୁନିତା ପ୍ରଧାନ ବିଭିନ୍ନ କିସ୍ତିରେ ମୋଟ ୨୧ ଲକ୍ଷ ଟଙ୍କା ସଦାଶିବଙ୍କୁ ଦେଇଥିଲେ। ଅନ୍ୟପଟେ ଅଭିଯୁକ୍ତ ଜମିର କବଜା ଦେବାକୁ ବାରମ୍ବାର ବିଳମ୍ବ କରିବାରୁ ଅଭିଯୋଗକାରିଣୀ ତାଙ୍କୁ ଟଙ୍କା ଫେରସ୍ତ କରିବାକୁ କହିଥିଲେ। ପରେ ସେ ଅଭିଯୁକ୍ତଙ୍କ ଯୋଜନା ବିଷୟରେ ଜାଣିବାକୁ ପାଇଥିଲେ। ସେ ଲୋକଙ୍କୁ ନକଲି ଦସ୍ତାବିଜ ଦେଖାଇ ଠକିବାର କାର୍ଯ୍ୟ କରୁଥିଲେ। ତା'ପରେ ଅଭିଯୁକ୍ତ ତାଙ୍କୁ ମାଡ଼ ମାରିଥିଲେ ଏବଂ ଭୟଭୀତ କରି ଧମକ ଦେଇଥିଲେ।

## ଯୁବତୀଙ୍କୁ ମରଣାନ୍ତକ ଆକ୍ରମଣ

### ବ୍ରହ୍ମପୁର ମେଡିକାଲରେ ପୋଲିସ ନେଲା ମୃତ୍ୟୁକାଳୀନ ଜମାନବନ୍ଦୀ

ବ୍ରହ୍ମପୁର/ପାତ୍ରପୁର, ୨୧।୩( ସୁବାସ ଚନ୍ଦ୍ର ପାଢ଼ୀ/ଉମା ଚରଣ ନେପାକ) ଗଞ୍ଜାମ ଜିଲା ଜରଡା ଥାନା ଅନ୍ତର୍ଗତ ଶୋଳାଭାଗପେଣ୍ଟ ଗ୍ରାମର ଜଣେ ଯୁବତୀଙ୍କୁ ଶନିବାର ସନ୍ଧ୍ୟାରେ ମରଣାନ୍ତକ ଆକ୍ରମଣ ହୋଇଛି। ଯୁବତୀ ଜଣକ ହେଲେ ଉକ୍ତ ଗ୍ରାମର କେ. ଡମ୍ବୁରୁଙ୍କ ସାନ ଝିଅ କେ.ସୁଇଟି କନିୟାରୀ(୨୦)। ଡମ୍ବୁରୁ ଛେଳି ଚରାଇବା ପାଇଁ ବାହାରକୁ ଯାଇଥିବା ବେଳେ ମାଆ କୌଣସି କାମରେ ଚିକିଟି ଯାଇଥିଲେ। ସୁଇଟି ମହାମାୟୀ ପୂଜା କରୁଥିବା ହେତୁ ଶନିବାର ଗ୍ରାମର ଗୋଲାସାହିର ଏକ ପରିବାରଙ୍କ ଘରେ ପୂଜାସାରି ଘରକୁ ଫେରିଥିଲେ। ସେ ଘରେ ଏକା ଥିବା ସୁଯୋଗ ନେଇ ସନ୍ଧ୍ୟାରେ ଜଣେ ଦୁର୍ବୃତ୍ତ ମୁହଁରେ କନାବାନ୍ଧି ଘର ଭିତରକୁ ପଶିଆସି ସୁଇଟିଙ୍କୁ ଧାରୁଆ ଅସ୍ତ୍ରରେ ମରଣାନ୍ତକ ଆକ୍ରମଣ କରିଥିଲେ। ତାଙ୍କ ଶରୀରରେ ୨୦ରୁ ଅଧିକ ଗଭୀର କ୍ଷତ ହୋଇଛି। ଦେହରୁ ପ୍ରଚୁର ରକ୍ତସ୍ରାବ ହୋଇଛି। ସୁଇଟିଙ୍କ ବେକ ଓ ଶରୀରର ବିଭିନ୍ନ ସ୍ଥାନରେ ଆଘାତ ଲାଗିଛି। ଗୁରୁତର ଅବସ୍ଥାରେ ତାଙ୍କୁ ସାଇ ପଡୋଶୀ ପ୍ରଥମେ ପାତ୍ରପୁର ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ନେଇଥିଲେ। ସେଠାରେ ପ୍ରାଥମିକ ଚିକିତ୍ସା ପରେ ଅବସ୍ଥା ସଙ୍କଟାପନ୍ନ ଥିବାରୁ ବ୍ରହ୍ମପୁର ସ୍ଥାନାନ୍ତର କରାଯାଇଥିଲା। ସେଠାରେ ପୋଲିସ ତାଙ୍କର ମୃତ୍ୟୁକାଳୀନ ଜମାନବନ୍ଦୀ ନେଇଛି। ଏନେଇ ଜରଡା ଥାନା ଅଧିକାରୀ ମିନାକ୍ଷୀ ଦଳବେହେରା ଘଟଣାର ଛାନ୍‌ଭିନ୍ କରୁଛନ୍ତି। ଏ ସମ୍ପର୍କରେ ତାଙ୍କୁ ପଚାରିବାରୁ ତଦନ୍ତ ଚାଲିଛି, ତଦନ୍ତ ପରେ ପ୍ରକୃତ ତଥ୍ୟ ଜଣାପଡିବ ବୋଲି କାହିଛନ୍ତି ।

## ଜଟିଳ ହୃଦରୋଗ ଅସ୍ତ୍ରୋପଚାର, ୧୦ ବର୍ଷରେ ୮୧୫ ଚିକିତ୍ସିତ


ଶିଶୁଙ୍କ ସହ କର୍ମଚାରୀ ଚେନ୍ନାଇ ଯାତ୍ରା କରୁଛନ୍ତି।

ବ୍ରହ୍ମପୁର, ୨୧।୩(ସୁବାସ ଚନ୍ଦ୍ର ପାଢ଼ୀ) ରାଷ୍ଟ୍ରୀୟ ବାଲ ସ୍ୱାସ୍ଥ୍ୟ କାର୍ଯ୍ୟକ୍ରମ (ଆରବିଏସକେ) ଅଧୀନରେ ଶିଶୁଙ୍କୁ ମିଳିଛି ନୂତନ ଜୀବନ। ୨୦୧୫ରୁ ଆରମ୍ଭ ହୋଇଥିବା ଏହି ଯୋଜନାରେ ଆଜି ପର୍ଯ୍ୟନ୍ତ ୧୦ ବର୍ଷ ଭିତରେ ୮୧୫ ଶିଶୁଙ୍କୁ ସଫଳ ଚିକିତ୍ସା ସେବା ମିଳିଛି। ଜଟିଳ ହୃଦ୍‌ରୋଗ ଅସ୍ତ୍ରୋପଚାର ପାଇଁ ଜିଲାର ୧୯ ଶିଶୁ ଚେନ୍ନାଇ ଯାତ୍ରା କରିଥିବା ନେଇ ସ୍ୱାସ୍ଥ୍ୟ ବିଭାଗ ପକ୍ଷରୁ ସୂଚନା ମିଳିଛି। ଜିଲାର ବିଭିନ୍ନ ବ୍ଲକ ତଥା ମହାନଗରରୁ ହୃଦରୋଗଜନିତ ସମସ୍ୟାରେ ଆକ୍ରାନ୍ତ ଥିବା ଶିଶୁଙ୍କୁ ଚେନ୍ନାଇ ସ୍ଥିତ ଏକ ବେସରକାରୀ ଶିଶୁ ଡାକ୍ତରଖାନାରେ ଚିକିତ୍ସା କରାଯିବ। ଏହି ଶିଶୁମାନେ ଚେନ୍ନାଇ ଅଭିମୁଖେ ଯାତ୍ରା ଆରମ୍ଭ କରିଛନ୍ତି। ଦୁଇମାସର ଶିଶୁଙ୍କ ଠାରୁ ଆରମ୍ଭ କରି ୧୫ବର୍ଷ ପର୍ଯ୍ୟନ୍ତ ପିଲାଙ୍କୁ ଏହି କାର୍ଯ୍ୟକ୍ରମ ଅନୁଯାୟୀ ମାଗଣା ସାସ୍ଥ୍ୟ ସେବା ଯୋଗାଇ ଦିଆଯାଉଛି। ଆରବିଏସକେ କାର୍ଯ୍ୟକ୍ରମ ଜରିଆରେ (୦-୧୮ବର୍ଷ) ଶିଶୁମାନଙ୍କର ଜନ୍ମଗତ ତ୍ରୁଟି ଓ ବିଳମ୍ବିତ ବିକାଶଜନିତ ସମସ୍ୟାର ଉପଚାର ସହ ନିୟମିତ ବ୍ୟବଧାନରେ ସ୍ୱାସ୍ଥ୍ୟପରୀକ୍ଷା କରାଯାଇ ସାସ୍ଥ୍ୟ ସମସ୍ୟା, ଅକ୍ଷମତାର ସହଜ ଚିହ୍ନଟ ଓ ଆବଶ୍ୟକ ପଦକ୍ଷେପ ଗ୍ରହଣ କରାଯାଉଛି। ଶିଶୁମାନଙ୍କ ସହ ସେମାନଙ୍କ ଅଭିଭାବକ ଓ ଦୁଇଜଣ ଡାକ୍ତର ଏହି ଦଳରେ ଯାତ୍ରା କରିଛନ୍ତି। କାର୍ଯ୍ୟକ୍ରମକୁ ଆରବିଏସକେ ମ୍ୟାନେଜର ଲୋପାମୁଦ୍ରା ମିଶ୍ର ସଂଯୋଜନା କରିଥିବା ବେଳେ ସିଡିଏମଓ ଡା.ଭବାନୀ ଶଙ୍କର ମିଶ୍ର, ଜିଲା ମୁଖ୍ୟ ଚିକିତ୍ସାଳୟର ଅଧୀକ୍ଷକ ଡା.ବିଶମ୍ଭର ବେହେରା, ଏଡିପିଏଚଓ ଡା.ଏସ. କାମେଶ୍ୱର ରାଓ, ଶିଶୁ ରୋଗ ବିଶେଷଜ୍ଞ ଡା. ବିଜୟ କୁମାର ପାଣିଗ୍ରାହୀ ଓ ଡା. ଜଗଦୀଶ ପଟ୍ଟନାୟକଙ୍କ ସହ ବହୁ ସ୍ୱାସ୍ଥ୍ୟବିଭାଗର କର୍ମଚାରୀ ଉପସ୍ଥିତ ଥିଲେ।

## ଜିଲାସ୍ତରୀୟ ବିଶ୍ୱ ବନ ଦିବସ



ପରିବେଶ ସୁରକ୍ଷା ପାଇଁ ଜଣେ ପରିବେଶବିତଙ୍କୁ ପୁରସ୍କୃତ କରାଯାଉଛି।

ବ୍ରହ୍ମପୁର,୨୧।୩(ସୁବାସ ଚନ୍ଦ୍ର ପାଢ଼ୀ)

ବନ ବିଭାଗ ପକ୍ଷରୁ ଆରସିସିଏଫ୍‌ଙ୍କ ବୈଠକ ଗୃହରେ ଜିଲାସ୍ତରୀୟ ବିଶ୍ୱ ବନ ଦିବସ ପାଳିତ ହୋଇଯାଇଛି। । ବ୍ରହ୍ମପୁର ବନଖଣ୍ଡ ଅଧିକାରୀ ସନି ଖୋଖରଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଉତ୍ସବରେ ମୁଖ୍ୟ ଅତିଥି ଭାବେ ବ୍ରହ୍ମପୁର ବନମଣ୍ଡଳ ଆରସିସିଏଫ ବିଶ୍ୱନାଥ ଏନ, ସମ୍ମାନିତ ଅତିଥି ଭାବେ ଉତ୍ତର ଘୁମୁସର ବନଖଣ୍ଡ ଅଧିକାରୀ ହିମାଂଶୁ ଶେଖର ମହାନ୍ତି, ଡିସିଏଫ ଆଦିତ୍ୟ ନାରାୟଣ ସେଠୀ ପ୍ରମୁଖ ଯୋଗ ଦେଇଥିଲେ। ଏହି ଅବସରରେ ପରିବେଶ ସୁରକ୍ଷା ଓ ବୃକ୍ଷ ରୋପଣରେ ଉଲ୍ଲେଖନୀୟ କାର୍ଯ୍ୟ ପାଇଁ ବିଭାଗ ପକ୍ଷରୁ ଶ୍ରେଷ୍ଠ ପଞ୍ଚାୟତ ଭାବେ ବ୍ରହ୍ମପୁର ଉପଖଣ୍ଡରୁ ରଙ୍ଗେଇଲୁଣ୍ଡା ବ୍ଲକର ସାତକୁଟୁଣୀ ପଞ୍ଚାୟତ, ଛତ୍ରପୁର ଉପଖଣ୍ଡରୁ ଖଲ୍ଲିକୋଟର ଡିମିରିଆ ପଞ୍ଚାୟତ, ଭଞ୍ଜନଗର ଉପଖଣ୍ଡରୁ ଉପଖଣ୍ଡ ଶ୍ରେଷ୍ଠ ଅନୁଷ୍ଠାନ ଭାବେ ଦୀନବନ୍ଧୁ ଉଚ୍ଚ ବିଦ୍ୟାଳୟ ନେଟାଙ୍ଗ ଓ ଜିଲାର ଶ୍ରେଷ୍ଠ ଅନୁଷ୍ଠାନ ଭାବେ ପାତ୍ରପୁରର ଏସଏସ ବିଦ୍ୟାପୀଠ ସାମନ୍ତିଆପଲ୍ଲୀ ପୁରସ୍କୃତ ହୋଇଥିଲେ। ଏହି ଅବସରରେ ବିଭିନ୍ନ ସ୍କୁଲ କଲେଜ ଛାତ୍ରୀଛାତ୍ର ଯୋଗ ଦେଇ ପରିବେଶ ସୁରକ୍ଷା ଓ ଜଙ୍ଗଲ ରକ୍ଷା ଉପରେ ନିଜର କବିତା ଓ ଲେଖନୀ ପାଠ କରିଥିଲେ । କାର୍ଯ୍ୟକ୍ରମରେ ଏସିଏଫ ମାଣିକେଶ୍ୱରୀ ହାଁସଦା, ମନୋଜ ପାତ୍ର, ଦିବ୍ୟ ଶଙ୍କର ବେହେରା, ଦିଗପହଣ୍ଡି ବନାଞ୍ଚଳ ଅଧିକାରୀ ଦିବ୍ୟ ରଞ୍ଜନ ସାହୁ ପ୍ରମୁଖ ଉପସ୍ଥିତ ଥିଲେ। ଇକୋ କ୍ଲବ ସଂଯୋଜକ ଶଙ୍କର ନାରାୟଣ ବେଜ ମଞ୍ଚ ପରିଚାଳନା କରିଥିଲେ। ଏସିଏଫ ସସ୍ମିତା ବିଶ୍ୱାଳ ଧନ୍ୟବାଦ ଦେଇଥିଲେ ।

## ଗୁଜରାଟରେ ଓଡ଼ିଆ ଶ୍ରମିକଙ୍କ ମୃତ୍ୟୁ

ଦିଗପହଣ୍ଡି,୨୧।୩(ଅଶେଷ ନାଥ ମିଶ୍ର)

ଗଞ୍ଜାମ ଜିଲା ସାନଖେମୁଣ୍ଡି ବ୍ଲକ ଆଡ଼ପଡ଼ା ଗ୍ରାମର ଯୋଗେନ୍ଦ୍ର ପ୍ରଧାନ (୫୫)ଙ୍କ ଗୁଜରାଟରେ ମୃତ୍ୟୁ ଘଟିଛି। ଶନିବାର ମଧ୍ୟାହ୍ନରେ ତାଙ୍କ ମୃତଦେହ ଏକ ସ୍ୱତନ୍ତ୍ର ଆମ୍ବୁଲାନ୍ସରେ ଗାଁରେ ପହଞ୍ଚିଥିଲା। ଶୋକାକୁଳ ପରିବେଶରେ ଗ୍ରାମ ଶ୍ମଶାନରେ ତାଙ୍କ ଶେଷକୃତ୍ୟ ସମ୍ପନ୍ନ ହୋଇଛି। ଖବରରୁ ଜଣାପଡିଛି, ଯୋଗେନ୍ଦ୍ର ଗୁଜରାଟର ପାଟଣା ସହରରେ ଥିବା ଏକ କମ୍ପାନୀରେ ଶ୍ରମିକ ରୂପେ କାମ କରନ୍ତି। କିଛିକିଛି ମାସ ବ୍ୟବଧାନରେ ସେ ଗାଁକୁ ଆସି କିଛି ଦିନ ରହି ପୁଣି ଗୁଜରାଟ ଫେରିଯାନ୍ତି। ୪ମାସ ତଳେ ଯୋଗେନ୍ଦ୍ର ଗାଁକୁ ଆସି କିଛି ଦିନ ରହି ପାଟଣା ଫେରିଯାଇଥିଲେ। ଗୁରୁବାର ସନ୍ଧ୍ୟାରେ ପାଟଣା ସହରସ୍ଥିତ ଏକ କମ୍ପାନୀରେ କାମସାରି ଯୋଗେନ୍ଦ୍ର ରହୁଥିବା ବସାକୁ ଫେରୁଥିଲେ। ସେ ଆସୁଥିବା ବେଳେ ହଠାତ୍ ଝଡ଼ବର୍ଷା ହୋଇଥିଲା। ବର୍ଷା ଛାଡିଲେ ଯିବାକୁ ସେ ରାସ୍ତାକଡର ଏକ ଗଛମୂଳରେ ଆଶ୍ରୟ ନେଇଥିଲେ। ଏହି ସମୟରେ ଝଡବର୍ଷାରେ ଗଛର ଏକ ବଡ ଡାଳ ଭାଙ୍ଗି ଯୋଗେନ୍ଦ୍ରଙ୍କ ମୁଣ୍ଡ ଉପରେ ପଡ଼ିଥିଲା। ତାଙ୍କୁ ଗୁରୁତର ଅବସ୍ଥାରେ ସେଠାକାର ଏକ ହସ୍ପିଟାଲରେ ଭର୍ତ୍ତି କରାଯାଇଥିଲା। ସେଠାରେ ଚିକିତ୍ସାଧୀନ ଅବସ୍ଥାରେ ଯୋଗେନ୍ଦ୍ରଙ୍କ ମୃତ୍ୟୁ ଘଟିଥିଲା। ସ୍ଥାନୀୟ ପୋଲିସ ମୃତଦେହ ଜବତ କରି ପରିବାର ଲୋକଙ୍କୁ ଖବର ଦେଇଥିଲା। ପରିବାର ଲୋକେ ସେଠାରେ ପହଞ୍ଚିବା ପରେ ମୃତଦେହ ବ୍ୟବଚ୍ଛେଦ କରାଇ ପୋଲିସ ହସ୍ତାନ୍ତର କରିଥିଲା।


ଯୋଗେନ୍ଦ୍ର ପ୍ରଧାନ।

## ବ୍ରହ୍ମପୁର ବିଶ୍ୱବିଦ୍ୟାଳୟରେ ବକ୍ତୃତା କାର୍ଯ୍ୟକ୍ରମ



କାର୍ଯ୍ୟକ୍ରମରେ ଉପସ୍ଥିତ ଥିବା କୁଳପତି ଓ ଅନ୍ୟମାନେ।

ବ୍ରହ୍ମପୁର,୨୧।୩(ସୁବାସ ଚନ୍ଦ୍ର ପାଢ଼ୀ) ବ୍ରହ୍ମପୁର ବିଶ୍ୱ ବିଦ୍ୟାଳୟର ନୂତନ ସମ୍ମିଳନୀ କକ୍ଷରେ ଶନିବାର ରାଜନୀତି ବିଜ୍ଞାନ ଏବଂ ସାଧାରଣ ପ୍ରଶାସନ ପିଜିବିଭାଗ ମିଳିତରେ ପଞ୍ଚମ ସତ୍ୟ ଶାରଦା ସ୍ମାରକୀ ବକ୍ତୃତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ଏଥିରେ ଶୀର୍ଷକ ବିବିଧ ସମାଜରେ ନାଗରିକତ୍ୱ ବିଷୟ ଉପରେ ଆଲୋଚନା ହୋଇଥିଲା। ରାଜନୀତି ବିଜ୍ଞାନ ବିଭାଗର ସଂଯୋଜକ ଡ଼ ଶାରଦା ପ୍ରସନ୍ନ ରାଉତ ସ୍ୱାଗତ ଭାଷଣ ଦେଇଥିଲେ। ସାଧାରଣ ପ୍ରଶାସନ ବିଭାଗର ସଂଯୋଜକ ସଞ୍ଜୟ ମେହେର ଅତିଥି ପରିଚୟ ଦେଇଥିଲେ । ସ୍ମାରକୀ ବକ୍ତୃତା କମିଟିର ଅଧ୍ୟକ୍ଷ ଡ. ସରୋଜ ପଟ୍ଟନାୟକ ବକ୍ତୃତା ମାଳାର ବିବରଣୀ ପାଠ କରିଥିଲେ । ଉତ୍କଳ ବିଶ୍ୱବିଦ୍ୟାଳୟର ପୂର୍ବତନ ପ୍ରଫେସର ସ୍ୱର୍ଣ୍ଣମୟୀ ତ୍ରିପାଠୀ ଶୀର୍ଷକ ଉପରେ ଆଲୋକପାତ କରିଥିଲେ। ବ୍ରହ୍ମପୁର ବିଶ୍ୱବିଦ୍ୟାଳୟର ପିଜି କାଉନସିଲ ଅଧ୍ୟକ୍ଷ ପ୍ରଫେସର ସୁକାନ୍ତ କୁମାର ତ୍ରିପାଠୀ ଯୋଗଦେଇ ବିଶ୍ୱବିଦ୍ୟାଳୟର ସଫଳତା ଉପରେ କହିଥିଲେ । ମୁଖ୍ୟବକ୍ତା ଭାବେ ଦିଲ୍ଲୀ ବିଶ୍ୱବିଦ୍ୟାଳୟର ପ୍ରଫେସର ଅଶୋକ ଆଚାର୍ଯ୍ୟ ଯୋଗ ଦେଇ ନାଗରିକତ୍ୱର ଅର୍ଥ ଏବଂ ଆମେ ନାଗରିକତାର ଧାରଣାକୁ କାହିଁକି ପୁନରାଲୋଚନା କରିବାକୁ ଆବଶ୍ୟକ ଏବଂ ବିଦେଶୀ ଭୟକୁ ଏକ ବଡ଼ ବିପଦ ଭାବରେ ବର୍ଣ୍ଣନା କରିଥିଲେ। ସମ୍ମାନନୀୟ ଅତିଥି ଭାବେ ଆଇଏମଏମଟି ଭୁବନେଶ୍ୱରର ପ୍ରଫେସର ସନ୍ତୋଷ ମିଶ୍ର ଯୋଗ ଦେଇ ସୁଯୋଗର ସମାନତା ଏବଂ ସମତା ଭିତରେ ଥିବା ଦ୍ୱନ୍ଦ ଉପରେ ଆଲୋକପାତ କରିବା ସହ ଏକ ଆବଶ୍ୟକତା ଆଧାରିତ ସକାରାତ୍ମକ ପ୍ରଣାଳୀର ଆବଶ୍ୟକତା ଅଛି ବୋଲି ଗୁରୁତ୍ୱ ଦେଇଥିଲେ । ବ୍ରହ୍ମପୁର ବିଶ୍ୱ ବିଦ୍ୟାଳୟର କୁଳପତି ପ୍ରଫେସର ଗୀତାଞ୍ଜଳି ଦାଶ ଯୋଗ ଦେଇ ଭାରତର ବିବିଧତାର ସଂସ୍କୃତି ପ୍ରାଚୀନ ଭାରତୀୟ ନୀତି ଉପରେ ପରିବେଷିତ। ଏହି ନୀତି ଆଜି ଅନିଶ୍ଚିତତା ଓ ସଂକୀର୍ଣ୍ଣ ଜାତୀୟତାର ବଶବର୍ତ୍ତୀ ବୋଲି କହିଥିଲେ। ସାଧାରଣ ପ୍ରଶାସନ ବିଭାଗର ଅଧ୍ୟାପିକା ଡ. ଭାଗ୍ୟଶ୍ରୀ ରଥ ଧନ୍ୟବାଦ ଦେଇଥିଲେ ।

## ସ୍ୱର୍ଣ୍ଣ କଲେଜ ଅଫ୍ କମ୍ପ୍ୟୁଟର ଆଣ୍ଡ ମ୍ୟାନେଜମେଣ୍ଟରେ ପୁଲ୍ କ୍ୟାମ୍ପସ ଡ୍ରାଇଭ


କ୍ୟାମ୍ପସ ଡ୍ରାଇଭରେ ଭାଗନେଇଥିବା ଛାତ୍ରୀଛାତ୍ର।

ବ୍ରହ୍ମପୁର,୨୧।୩(ଅଶୋକ କୁମାର ସାହୁ)

ସ୍ଥାନୀୟ ଗୀତା ଭବନ ନିକଟ ସ୍ୱର୍ଣ୍ଣ କଲେଜ ଅଫ କମ୍ପ୍ୟୁଟର ଆଣ୍ଡ ମ୍ୟାନେଜମେଣ୍ଟରେ ଇଣ୍ଡିଗ୍ରେନ କମ୍ପାନୀର ଏକ ପୁଲ କ୍ୟାମ୍ପସ ଡ୍ରାଇଭ ଆୟୋଜନ କରାଯାଇଥିଲା। ଏଥିରେ ସ୍ୱର୍ଣ୍ଣ କଲେଜ ସହ ଋଷିକୁଲ୍ୟା ଡିଗ୍ରୀ କଲେଜ, ଗୋପାଳପୁର ଡିଗ୍ରୀ କଲେଜ, ସିଟି ଡିଗ୍ରୀ କଲେଜର ପ୍ରାୟ ୨୦୦ ଛାତ୍ରୀଛାତ୍ର ଯୋଗଦେଇଥବଲେ। ଅନଲାଇନ ପରୀକ୍ଷା ସହ ଗ୍ରୁପ ଡିସକସନ ଓ ପର୍ସନାଲ ଇଣ୍ଟରଭ୍ୟୁ ହୋଇଥିଲା। ୫୨ କୃତକାର୍ଯ୍ୟ ହୋଇଥିଲେ। କଲେଜର ପ୍ଲେସମେଣ୍ଟ ଡାଇରେକ୍ଟର ପ୍ରଦୀପ କୁମାର ପଣ୍ଡା, ଅଧ୍ୟକ୍ଷ ସୁରଜିତ ମିଶ୍ର ଓ ସମସ୍ତ ଅଧ୍ୟାପିକାଅଧ୍ୟାପକ ଉପସ୍ଥିତ ଥିଲେ।


**ବିଜ୍ଞାପିତ ଅଞ୍ଚଳ ପରିଷଦ କାର୍ଯ୍ୟାଳୟ**
ପୁରୁଷୋତ୍ତମପୁର (ଗଞ୍ଜାମ), ପିନ୍-୭୬୧୦୧୮
ଇମେଲ୍ : eo-nacpurushottampur@gov.in / purushottampurnac@gmail.com
ଫୋନ୍ ନଂ - ୦୬୮୧୧-୨୯୫୨୨୨
**ସ୍ୱନକ୍ଷତ୍ର ଦିବସ ପାଳନ ବାର୍ତ୍ତା**
ଦୈନିକ ଧରିତ୍ରୀର ସ୍ୱନକ୍ଷତ୍ର ଦିବସ ଅବସରରେ ହାର୍ଦ୍ଦିକ ଅଭିନନ୍ଦନ ଓ ଶୁଭକାମନା । ଏହି ପରିପ୍ରେକ୍ଷୀରେ ସହରବାସୀଙ୍କୁ ସର୍ବାଧିକ ମୌଳିକ ସୁବିଧା ସୁଯୋଗ ଯୋଗାଇଦେବା ସହିତ ଉନ୍ନୟନମୂଳକ କାର୍ଯ୍ୟକ୍ରମଗୁଡ଼ିକ ସଫଳ ରୂପାୟନ କରାଯାଇ ନଗରବାସୀଙ୍କ ସେବାରେ ଉତ୍ସର୍ଗୀକୃତ କରିବାକୁ ଆମେ ସଦାସର୍ବଦା ଚେଷ୍ଟା ଜାରି ରଖିଅଛୁ । ଏଥିପାଇଁ ସହରବାସୀଙ୍କ ସହଯୋଗ କାମନା କରୁଅଛୁ ।
- ସର୍ବସାଧାରଣ ରାସ୍ତା, ନାଳ ଓ ସରକାରୀ ଜାଗାକୁ ବେଆଇନଭାବେ ଦଖଲ କରି ଗମନାଗମନ ଓ ସହରର ଉନ୍ନତୀକରଣରେ ବାଧା ସୃଷ୍ଟି କରନ୍ତୁ ନାହିଁ ।
- ସମସ୍ତ ଦୋକାନ ଓ ବାଣିଜ୍ୟ ପ୍ରତିଷ୍ଠାନର କର, ଗୃହ ଟିକସ ଠିକ୍ ସମୟରେ ପୈଠ କରନ୍ତୁ ।
- ଗୃହପାଳିତ ଗାଈ, ଗୋରୁ, ମଇଁଷି ଇତ୍ୟାଦି ସର୍ବସାଧାରଣ ରାସ୍ତାକୁ ଛାଡ଼ନ୍ତୁ ନାହିଁ ।
- ସର୍ବଦା ପାଇଖାନା ବ୍ୟବହାର କରନ୍ତୁ ଓ ପାଇଖାନା ସଫା ପାଇଁ ପରିଷଦର ପାଇଖାନା ସଫେଇ ଯାନ ଦ୍ୱାରା ମଳ ସଫା କରନ୍ତୁ ।


ଶ୍ରୀମତୀ ସଙ୍ଗୀତା ସେଠୀ, ଓ.ରା.ସେ
କାର୍ଯ୍ୟନିର୍ବାହୀ ଅଧିକାରୀ, ବିଜ୍ଞାପିତ ଅଞ୍ଚଳ ପରିଷଦ, ପୁରୁଷୋତ୍ତମପୁର


ଶ୍ରୀ କୃଷ୍ଣଚନ୍ଦ୍ର ପଣ୍ଡା
ଅଧ୍ୟକ୍ଷ, ବିଜ୍ଞାପିତ ଅଞ୍ଚଳ ପରିଷଦ, ପୁରୁଷୋତ୍ତମପୁର
ଏବଂ ପରିଷଦର ସମସ୍ତ ସଭ୍ୟ/ସଭ୍ୟା ବୃନ୍ଦ

**ଅଭିନନ୍ଦନ**
ଲୋକପ୍ରିୟ ଖବରକାଗଜ ଧରିତ୍ରୀ ବ୍ରହ୍ମପୁର ସଂସ୍କରଣର ୨୩ତମ ସ୍ୱନକ୍ଷତ୍ର ଅବସରରେ କେଲୁଆପଲୀ ପଞ୍ଚାୟତ ତଥା ଗୋପାଳପୁର ନିର୍ବାଚନମଣ୍ଡଳୀର ସମସ୍ତ ଗୁରୁଜନ, ଛୋଟ, ବଡ ଭାଇ ଭଉଣୀ, ପାଠକ ଓ ପାଠିକାଙ୍କୁ ଆନ୍ତରିକ ଶୁଭେଚ୍ଛା ଓ ଅଭିନନ୍ଦନ । ପ୍ରଭୁ ଜଗନ୍ନାଥ ମଙ୍ଗଳ ରଖନ୍ତୁ ।


ଅରୁଣ କୁମାର ନାୟକ
ସରପଞ୍ଚ, କେଲୁଆପଲୀ


ଅନୁଜ କୁମାର ନାୟକ (ଅଜୁ)
ବରିଷ୍ଠ ନେତା

**ହସ୍ତତନ୍ତ ବୟନ ଓ ହସ୍ତଶିଳ୍ପ ବିଭାଗ, ଓଡ଼ିଶା ସରକାର**
**ହସ୍ତଶିଳ୍ପ ନିର୍ଦ୍ଦେଶାଳୟ, ଓଡ଼ିଶା**
14001/22/2526

୨୦୨୬-୨୭ ଆର୍ଥିକ ବର୍ଷରେ ହସ୍ତଶିଳ୍ପ କାରିଗରମାନଙ୍କର ଉନ୍ନତି ନିମନ୍ତେ ଉପଯୁକ୍ତ କାରିଗରମାନଙ୍କଠାରୁ ନିମ୍ନଲିଖିତ ଯୋଜନାରେ ତା.୨୪.୦୪.୨୦୨୬ ରିଖ ସୁଦ୍ଧା ଅନଲାଇନ୍ ମାଧ୍ୟମରେ ଦରଖାସ୍ତ ଆହ୍ୱାନ କରାଯାଉଅଛି ।

| କ୍ର.ସଂ. | ଯୋଜନାର ନାମ | ଯୋଜନା ସମ୍ବନ୍ଧୀୟ ସଂକ୍ଷିପ୍ତ ସୂଚନା |
|---|---|---|
| ୧ | ସାମର୍ଥ୍ୟ ବୃଦ୍ଧି (Capacity Building) | |
| | (କ) ଗୁରୁଶିଷ୍ୟ ପରମ୍ପରା ତାଲିମ (GSP Training) | ଜାତୀୟ ହସ୍ତଶିଳ୍ପ ପୁରସ୍କାର ପ୍ରାପ୍ତ/ଜାତୀୟ ହସ୍ତଶିଳ୍ପ ମେରିଟ ପୁରସ୍କାରପ୍ରାପ୍ତ/ ରାଜ୍ୟ ହସ୍ତଶିଳ୍ପ ପୁରସ୍କାର ପ୍ରାପ୍ତ/ ରାଜ୍ୟ ହସ୍ତଶିଳ୍ପ ମେରିଟ ପୁରସ୍କାର ପ୍ରାପ୍ତ ଓ ରାଜ୍ୟ ହସ୍ତଶିଳ୍ପ ନମୁନା ପୁରସ୍କାର ପ୍ରାପ୍ତ ବ୍ୟକ୍ତି ବିଶେଷଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ (ଗୁରୁ ଭାବରେ) ୧୫ ଜଣ କାରିଗରଙ୍କୁ ତାଲିମ ପ୍ରଦାନ । ଶିକ୍ଷାର୍ଥୀ ଅନ୍ୟୁନ ଓଡ଼ିଆ ଭାଷାରେ ଲେଖା ଏବଂ ପଢ଼ା ଜାଣିଥିବେ ଓ ୧୮ ରୁ ୫୦ ବର୍ଷ ବୟସ ମଧ୍ୟରେ ହୋଇଥିବେ । ସେମାନେ ୬ ମାସ କିମ୍ବା ଅଧିକ ଅବଧିର ପ୍ରାଥମିକ ତାଲିମ ନେଇଥିବେ କିମ୍ବା ଅନ୍ୟୁନ ୩ ବର୍ଷ କାମ କରିବାର ଅଭିଜ୍ଞତା ଥିବ । ଆବେଦନକାରୀଙ୍କର ନାମ ହସ୍ତଶିଳ୍ପ ସର୍ବେକ୍ଷଣ ତାଲିକାରେ ଥିବା ଆବଶ୍ୟକ । ଗୁରୁଙ୍କ ମାସିକ ପାରିତୋଷିକ ଟ.୩୦,୦୦୦/- (ଜାତୀୟ ସ୍ତରୀୟ ହସ୍ତଶିଳ୍ପ ପୁରସ୍କାର ପ୍ରାପ୍ତ) ଓ ଟ. ୨୫,୦୦୦/- (ରାଜ୍ୟ ସ୍ତରୀୟ ହସ୍ତଶିଳ୍ପ ପୁରସ୍କାର ପ୍ରାପ୍ତ) ଏବଂ ଶିକ୍ଷାର୍ଥୀଙ୍କ ମାସିକ ବୃତ୍ତି ଟ.୫,୦୦୦/- । ତାଲିମ ଅବଧି: ଗ୍ରୁପ A ହସ୍ତଶିଳ୍ପ-୬ ମାସ ଓ ଗ୍ରୁପ୍ B ହସ୍ତଶିଳ୍ପ- ୪ ମାସ । |
| | (ଖ) ନିପୁଣ ଶିଳ୍ପୀଙ୍କ ମାଧ୍ୟମରେ ତାଲିମ (MCP Training) | ହସ୍ତଶିଳ୍ପ ନିର୍ଦ୍ଦେଶାଳୟ ଅଧୀନରେ ସୂଚୀଭୁକ୍ତ ହୋଇଥିବା ନିପୁଣ ଶିଳ୍ପୀ (Empaneled MCP) ମାନଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ୧୫ ଜଣ ନୂତନ କାରିଗରଙ୍କୁ ତାଲିମ ପ୍ରଦାନ । ଶିକ୍ଷାର୍ଥୀ ଅନ୍ୟୁନ ଓଡ଼ିଆ ଭାଷାରେ ଲେଖା ଏବଂ ପଢ଼ା ଜାଣିଥିବେ ଓ ୧୮ ରୁ ୫୦ ବର୍ଷ ବୟସ ମଧ୍ୟରେ ହୋଇଥିବେ । ସେମାନଙ୍କର ହସ୍ତଶିଳ୍ପ ପ୍ରତି ରୁଚି ଏବଂ ଆଗ୍ରହ ଥିବ । ସେମାନେ ହସ୍ତଶିଳ୍ପର ଅନ୍ୟ କୌଣସି ଯୋଜନାରେ ଏହି ପ୍ରକାରର ତାଲିମ ନେଇନଥିବେ । ନିପୁଣ ଶିଳ୍ପୀଙ୍କ ମାସିକ ପାରିତୋଷିକ ଟ.୨୨,୫୦୦/- (ଗ୍ରୁପ୍ A) ଓ ଟ.୨୦,୦୦୦/- (ଗ୍ରୁପ୍ B) ଏବଂ ଶିକ୍ଷାର୍ଥୀଙ୍କ ମାସିକ ବୃତ୍ତି ଟ.୨,୦୦୦/- । ତାଲିମ ଅବଧି ଗ୍ରୁପ୍ A ହସ୍ତଶିଳ୍ପ-୧୨ ମାସ ଓ ଗ୍ରୁପ୍ B ହସ୍ତଶିଳ୍ପ-୬ ମାସ । |
| | (ଗ) ଶିଳ୍ପୀଗ୍ରାମ ଯୋଜନା (CVP Training) | ହସ୍ତଶିଳ୍ପ ପୁଞ୍ଜର କାରିଗରମାନଙ୍କୁ ଆତ୍ମନିଯୁକ୍ତି ସହାୟତା ପ୍ରଦାନ କରିବା ନିମନ୍ତେ ସ୍ୱୟଂ ସହାୟକ ଗୋଷ୍ଠୀ ଗଠନ କରାଯାଇ ସେମାନଙ୍କର ଦକ୍ଷତା ବୃଦ୍ଧି, କାରିଗରୀ କୌଶଳ ଅଭିବୃଦ୍ଧି ତାଲିମ ଓ ଯନ୍ତ୍ରପାତି ଯୋଗାଣ କାର୍ଯ୍ୟକ୍ରମ ପାଇଁ ୨ ଗୋଟି ବା ତତୋଧିକ ସ୍ୱୟଂ ସହାୟକ ଗୋଷ୍ଠୀର ଅନ୍ୟୁନ ୩୦ ଜଣ କାରିଗରଙ୍କୁ ବିଚାରକୁ ନିଆଯିବ । ଶିକ୍ଷାର୍ଥୀ ଅନ୍ୟୁନ ଓଡ଼ିଆ ଭାଷାରେ ଲେଖା ଏବଂ ପଢ଼ା ଜାଣିଥିବେ ଓ ୧୮ ରୁ ୫୦ ବର୍ଷ ବୟସ ମଧ୍ୟରେ ହୋଇଥିବେ । ପ୍ରଶିକ୍ଷକଙ୍କ ମାସିକ ପାରିତୋଷିକ ଟ.୨୨,୫୦୦/- (ଗ୍ରୁପ୍ A) ଓ ଟ.୨୦,୦୦୦/- (ଗ୍ରୁପ୍ B) ଏବଂ ଶିକ୍ଷାର୍ଥୀଙ୍କ ମାସିକ ବୃତ୍ତି ଟ.୨,୦୦୦/- । ତାଲିମ ଅବଧି: ଗ୍ରୁପ୍ A ହସ୍ତଶିଳ୍ପ- ୧୨ ମାସ ଓ ଗ୍ରୁପ୍ B ହସ୍ତଶିଳ୍ପ-୬ ମାସ । |
| ୨. | ହସ୍ତଶିଳ୍ପ କାରିଗରଙ୍କ କର୍ମଶାଳା ନିର୍ମାଣ ଯୋଜନା (Construction of Workshed for Handi-craft Artisans) | ହସ୍ତଶିଳ୍ପ କାରିଗରମାନଙ୍କୁ ୨୪୦ ବର୍ଗଫୁଟର କର୍ମଶାଳା ନିର୍ମାଣ ନିମନ୍ତେ ଟ.୧,୨୦,୦୦୦/- (IAP ଜିଲ୍ଲା ପାଇଁ ଟ.୧,୩୦,୦୦୦/-) ର ଅନୁଦାନ । ଆବେଦନକାରୀଙ୍କର ନାମ ହସ୍ତଶିଳ୍ପ ସର୍ବେକ୍ଷଣ ତାଲିକାରେ ଥିବା ଆବଶ୍ୟକ । କାରିଗରଙ୍କ ପରିବାର କେବଳ ଜଣେ ସଦସ୍ୟ ଏହି ଯୋଜନା ଅଧୀନରେ ଲାଭ ପାଇବାକୁ ଯୋଗ୍ୟ ହେବେ / ପରିବାରର କୌଣସି ସଦସ୍ୟ ସରକାରୀ ଚାକିରୀ କରିନଥିବେ/ କାରିଗରଙ୍କ ବାର୍ଷିକ ଆୟ ୧ ଲକ୍ଷ ଟଙ୍କାରୁ ଉର୍ଦ୍ଧ୍ୱ ହୋଇନଥିବ/କାରିଗରଙ୍କ ବାର୍ଷିକ ରୋଜଗାରର ପ୍ରାୟ ୫୦ ପ୍ରତିଶତ ଟଙ୍କା ତାଙ୍କର ହସ୍ତଶିଳ୍ପ ବୃତ୍ତିରୁ ରୋଜଗାର ହେଉଥିବା ଆବଶ୍ୟକ । |
| ୩. | ଶିଳ୍ପୀ ଉନ୍ନତି ଯୋଜନା (Silpi Unnati Yojana) | ୧୮ ରୁ ୬୦ ବର୍ଷ ବୟସ ସୀମା ମଧ୍ୟରେ ପାରମ୍ପରିକ/ତାଲିମ ପ୍ରାପ୍ତ ହସ୍ତଶିଳ୍ପ କାରିଗରମାନଙ୍କର ଉନ୍ନତି ନିମନ୍ତେ ବ୍ୟାଙ୍କ ମାଧ୍ୟମରେ ସର୍ବାଧିକ ଟ.୫୦,୦୦୦/- ଋଣ ପ୍ରଦାନ । କେବଳ ଚାନ୍ଦୁଆ ଶିଳ୍ପ, ପଟ୍ଟଚିତ୍ର, କଂସା ଓ ପିତ୍ତଳ କାମ, ପଥର ଖୋଦେଇ, କାଠ ଖୋଦେଇ, ଆଦିବାସୀ ଅଳଙ୍କାର ଏବଂ ଢୋକ୍ରା କାମ ପାଇଁ ସର୍ବାଧିକ ଟ.୧,୦୦,୦୦୦/- ଋଣ ପ୍ରଦାନ । ପ୍ରକଳ୍ପ ମୂଲ୍ୟର ୨୦% (ସର୍ବାଧିକ ଟ.୨୦,୦୦୦/- ର) ଆର୍ଥିକ ଅନୁଦାନ ସହାୟତା । ଆବେଦନକାରୀଙ୍କର ନାମ ହସ୍ତଶିଳ୍ପ ସର୍ବେକ୍ଷଣ ତାଲିକାରେ ଥିବା ଆବଶ୍ୟକ । |

ବି.ଦ୍ର.: ଗ୍ରୁପ୍ A ହସ୍ତଶିଳ୍ପ- ପଟ୍ଟଚିତ୍ର, ତାଳପତ୍ର ଖୋଦେଇ, କାଠ ଖୋଦେଇ, ପଥର ଖୋଦେଇ, ରୁପା ତାରକସି କାମ, କଂସା ଓ ପିତ୍ତଳ କାମ, ଢୋକ୍ରା କାମ, କଳା ଢୋକ୍ରା କାମ, ତାମ୍ର କାମ, ନମନୀୟ ପିତ୍ତଳ ମାଛ କାମ ।
ଗ୍ରୁପ୍ B ହସ୍ତଶିଳ୍ପ- ଅନୁମୋଦିତ ଅନ୍ୟାନ୍ୟ ୫୪ ଗୋଟି ହସ୍ତଶିଳ୍ପ ।
ଉପରୋକ୍ତ ସମସ୍ତ ଯୋଜନାଗୁଡିକର ସବିଶେଷ ତଥ୍ୟ ସମ୍ପୃକ୍ତ ଜିଲ୍ଲା ହସ୍ତଶିଳ୍ପ କାର୍ଯ୍ୟାଳୟରେ ଉପଲବ୍ଧ । ଆଗ୍ରହୀ ହସ୍ତଶିଳ୍ପ କାରିଗରମାନଙ୍କୁ ଅନୁରୋଧ ସେମାନେ ଉପରୋକ୍ତ ଯୋଜନା ଗୁଡିକରେ ସହାୟତା ପାଇଁ ଅନଲାଇନ୍ ମାଧ୍ୟମରେ https://crafts.odisha.gov.in/ ୱେବସାଇଟ ପରିଦର୍ଶନ କରି Apply Online ଉପରେ Click କରି https://spdp.odisha.gov.in/ ରେ ପ୍ରବେଶ କରିବା ପରେ ଆବେଦନ କରିବାକୁ ଚାହୁଁଥିବା ଯୋଜନାରେ Apply Now ଉପରେ Click କରି ଆବେଦନ କରିପାରିବେ । ଏହି ୱେବସାଇଟ ତା.୧୯.୦୩.୨୦୨୬ରିଖରୁ ତା.୨୪.୦୪.୨୦୨୬ ରିଖ ପର୍ଯ୍ୟନ୍ତ ଆବେଦନ କରିବା ପାଇଁ ଉନ୍ମୁକ୍ତ ରହିବ । ଏଥିସମ୍ବନ୍ଧୀୟ ବିଶେଷ ତଥ୍ୟ ପାଇଁ ସମ୍ପୃକ୍ତ ଉପ ନିର୍ଦ୍ଦେଶକ (ହସ୍ତଶିଳ୍ପ)/ ସହକାରୀ ନିର୍ଦ୍ଦେଶକ (ହସ୍ତଶିଳ୍ପ) / ହସ୍ତଶିଳ୍ପ ବିକାଶ ଅଧିକାରୀ ତଥା ଏହି ନିର୍ଦ୍ଦେଶାଳୟର ନିଃଶୁଳ୍କ ଟେଲିଫୋନ ସେବା- ୧୮୦୦ ୩୪୫ ୭୮୫୦ ରେ ଯୋଗାଯୋଗ କରିବାକୁ ଅନୁରୋଧ । ଆବଶ୍ୟକ ସ୍ଥଳେ ଓଡ଼ିଶା ସରକାର ଉପରୋକ୍ତ ନିୟମାବଳୀର ପରିବର୍ତ୍ତନ କରିପାରିବେ ।

ସ୍ୱା./- ନିର୍ଦ୍ଦେଶିକା
ହସ୍ତଶିଳ୍ପ ନିର୍ଦ୍ଦେଶାଳୟ, ଓଡ଼ିଶା

OIPR-14001/14008/1/25-26/0001

# ଜଳ ପରିଚାଳନା ଓ ଲିଙ୍ଗଗତ ଅସମାନତା

**ମଧୁର ଜଳର ଗୁରୁତ୍ୱ ଏବଂ ଏହାର ସ୍ଥାୟୀ ପରିଚାଳନାର ଜରୁରୀ ଆବଶ୍ୟକତା ସମ୍ପର୍କରେ ସଚେତନତା ସୃଷ୍ଟି ଲାଗି ୧୯୯୩ରୁ ମାର୍ଚ୍ଚ ୨୨ତାରିଖକୁ 'ବିଶ୍ୱ ଜଳ ଦିବସ' ଭାବେ ପାଳନ କରାଯାଇଆସୁଛି। ଚଳିତ ବର୍ଷ ଏହି ଦିବସ ଲାଗି ବାର୍ତ୍ତା ରହିଛି-'ଜଳ ଏବଂ ଲିଙ୍ଗ'। ଜଳପ୍ରାପ୍ତି ଓ ଲିଙ୍ଗଗତ ସମାନତା ମଧ୍ୟରେ ରହିଥିବା ଅଦୃଶ୍ୟ ଗଭୀର ସମ୍ପର୍କକୁ ଏହି ବାର୍ତ୍ତା ଉପସ୍ଥାପନ କରୁଛି।**

ଜଳ ଆମର ଜୀବନ। ଆମ ଶରୀରର ଓଜନକୁ ଦେଖିଲେ ୭୫% ଜଳ। ପୃଥିବୀପୃଷ୍ଠର ୪ ଭାଗରୁ ୩ ଭାଗ ଅଞ୍ଚଳ ଜଳ ଦ୍ୱାରା ଆଚ୍ଛାଦିତ ହୋଇ ରହିଛି। ଅନ୍ୟ ଗ୍ରହଗୁଡ଼ିକ ସହିତ ତୁଳନା କଲେ ଆମ ପୃଥିବୀ ଗ୍ରହ ଜଳର ଭଣ୍ଡାର। କିନ୍ତୁ ଆମ ବ୍ୟବହାର ଉପଯୋଗୀ ଯଥେଷ୍ଟ ଜଳର ବ୍ୟବସ୍ଥା ନାହିଁ। ସମୁଦ୍ରର ଲୁଣି ଜଳ ଓ ମେରୁ ଅଞ୍ଚଳର ବରଫକୁ ବାଦ୍ ଦେଲେ ଆମ ପାଇଁ କାଣିଚାଏ ମଧୁରଜଳ ରହିଛି। ସମୁଦାୟ ଜଳରାଶିକୁ ଏକ ବାଲ୍‌ଟି ଧରିଲେ ଆମ ପାଇଁ ମାତ୍ର ଏକ ଚାମଚ ମଧୁର ଜଳର ବ୍ୟବସ୍ଥା ଅଛି। ଦୁଃଖର ବିଷୟ, ସେତକ ଜଳ ବି ସଂପୂର୍ଣ୍ଣ ଶୁଦ୍ଧ ଅବସ୍ଥାରେ ନାହିଁ। ଏହି ପ୍ରସଙ୍ଗରେ ମିଳିତ ଜାତିସଙ୍ଘର ଉଦ୍ୟମ ନିଃସନ୍ଦେହ ସ୍ୱାଗତଯୋଗ୍ୟ। ଜଳ ସମ୍ପଦର ସୁପରିଚାଳନା ଦିଗରେ ଜାତିସଂଘର ପ୍ରୟାସ ପୂର୍ବକ ୧୯୯୩ରୁ ମାର୍ଚ୍ଚ ୨୨ ତାରିଖକୁ 'ବିଶ୍ୱ ଜଳ ଦିବସ' ହିସାବରେ ପାଳନ କରାଯାଇ ଆସୁଅଛି। ମଧୁର ଜଳର ଗୁରୁତ୍ୱ ଏବଂ ଏହାର ସ୍ଥାୟୀ ପରିଚାଳନାର ଜରୁରୀ ଆବଶ୍ୟକତା ସମ୍ପର୍କରେ ଏହି ଦିବସ ଆମକୁ ସଚେତନ କରେ। ଚଳିତ ବର୍ଷ ଅର୍ଥାତ୍ ୨୦୨୬ ପାଇଁ ଏହି ଦିବସର ବାର୍ତ୍ତା ରହିଛି– 'ଜଳ ଏବଂ ଲିଙ୍ଗ'। ଜଳପ୍ରାପ୍ତି ଓ ଲିଙ୍ଗଗତ ସମାନତା ମଧ୍ୟରେ ରହିଥିବା ଅଦୃଶ୍ୟ ଗଭୀର ସମ୍ପର୍କକୁ ଏହି ବାର୍ତ୍ତା ଉପସ୍ଥାପନ କରୁଛି। ଶୁଦ୍ଧ ଜଳ ଓ ପରିମଳ ବ୍ୟବସ୍ଥାର ଅଭାବ ଆଜି ମହିଳାମାନଙ୍କଠାରେ ଯେଉଁ ସାମାଜିକ, ଆର୍ଥିକ ଏବଂ ସ୍ୱାସ୍ଥ୍ୟଗତ ସମସ୍ୟା ସୃଷ୍ଟି କରୁଛି, ସେସବୁ ସମସ୍ୟା ଉପରେ ଆଲୋକପାତ କରୁଛି। ତେଣୁ ସାରା ବିଶ୍ୱରେ ଜଳ ପରିଚାଳନା ଓ ତତ୍ ସମ୍ପର୍କିତ ଗ୍ରହଣ କରାଯାଉଥିବା ବିଭିନ୍ନ ଗୁରୁତ୍ୱପୂର୍ଣ୍ଣ ମତାମତରେ ନାରୀ ଓ କନ୍ୟାମାନଙ୍କର ବହୁ ସଂଖ୍ୟାରେ ସକ୍ରିୟ ଯୋଗଦାନ ସକାଶେ ଆହ୍ୱାନ କରୁଛି।

ଜଳ ହେଉଛି ଜୀବନ ପାଇଁ ଏକ ମୌଳିକ ସମ୍ବଳ। କିନ୍ତୁ ବିଶ୍ୱର ସବୁଠାରେ ଜଳର ବଣ୍ଟନ ସମାନ ଭାବରେ କରାଯାଇ ନାହିଁ। ଅନ୍ୟପକ୍ଷରେ ମହିଳାମାନଙ୍କୁ ପ୍ରାଧାନ୍ୟ ଦେବାରେ ମଧ୍ୟ ସମାନତା ରହିନାହିଁ। ଉଭୟ କ୍ଷେତ୍ରରେ ସମାନତା ଜରୁରୀ। ତେଣୁ ଏବର୍ଷର ଅଫିସିଆଲ ସ୍ଲୋଗାନ୍ ରହିଛି– 'ଜଳ ସମାନତା ରହିଲେ ଲିଙ୍ଗ ସମାନତା ଆସିବ।' ବାସ୍ତବରେ ଲିଙ୍ଗଗତ ଅସମାନତା ହିଁ ସୁସ୍ଥ ସମାଜ ଗଠନ ଓ ସାମାଜିକ ଉନ୍ନତି ପଥରେ ବାଧକ ସାଜୁଛି। ବିଶ୍ୱର ଅନେକ ଅଞ୍ଚଳରେ, ବିଶେଷ ଭାବରେ ବିକାଶଶୀଳ ଦେଶଗୁଡ଼ିକରେ ମହିଳା ଏବଂ ଝିଅମାନେ ଜଳ ସଂଗ୍ରହ ପାଇଁ ପ୍ରାଥମିକ ଦାୟିତ୍ୱ ବହନ କରନ୍ତି। ଏହି କାର୍ଯ୍ୟ ପାଇଁ ପ୍ରତିଦିନ ଘଣ୍ଟା ଘଣ୍ଟା ସମୟ ଲାଗେ। ଶାରୀରିକ ଭାବରେ କଷ୍ଟକର ଯାତ୍ରା ଆବଶ୍ୟକ ହୁଏ। ଏପରି ବୋଝ ଶିକ୍ଷା, ନିଯୁକ୍ତି ଏବଂ ବ୍ୟକ୍ତିଗତ ବିକାଶ ଦିଗରେ ସେମାନଙ୍କର ପ୍ରବେଶକୁ ସୀମିତ କରୁଛି। ରୋଷେଇ, ସଫା କରିବା ଏବଂ ପରିମଳ ବ୍ୟବସ୍ଥାରେ ଜଳର ଆବଶ୍ୟକତା ଅପରିହାର୍ଯ୍ୟ। ଏସବୁ ବିଭାଗ ରହିଛି ଘରର ମହିଳାଙ୍କ ହାତରେ। ତେଣୁ ମହିଳାମାନେ ଜଳର ଅଧିକାଂଶ ପରିଚାଳନା କରିବେ ବୋଲି ଆଶା କରାଯାଏ। କିନ୍ତୁ ଜଳ ପରିଚାଳନା ଏବଂ ଭିତ୍ତିଭୂମି ବିକାଶ ସହ ଜଡ଼ିତ ନିଷ୍ପତ୍ତି ଗ୍ରହଣ ପ୍ରକ୍ରିୟାରୁ ସେମାନଙ୍କୁ ପ୍ରାୟତଃ ବାଦ୍ ଦିଆଯାଇଥାଏ। ତେଣୁ ଜଳର ସୁପରିଚାଳନା ଆଶା କରିବା ବୃଥା ପ୍ରମାଣିତ ହୁଏ। ଏହି ଅସମାନତା ଏକ ବିରୋଧାଭାସ ସୃଷ୍ଟି କରେ। କାହିଁକି ନା ଜଳ ଅଭାବ ଦ୍ୱାରା ଯେଉଁମାନେ ସର୍ବାଧିକ ପ୍ରଭାବିତ, ସେହି ଲୋକମାନେ ଏହାର ପରିଚାଳନା ଉପରେ ସବୁଠାରୁ କମ୍ ଅଂଶଗ୍ରହଣ କରନ୍ତି। ପରିମଳ ବ୍ୟବସ୍ଥା ଲିଙ୍ଗଗତ ବୈଷମ୍ୟକୁ ଆହୁରି ତୀବ୍ର କରେ। ସ୍ୱଚ୍ଛ ଜଳ ଏବଂ ଉପଯୁକ୍ତ ପରିମଳ ବ୍ୟବସ୍ଥାର ପ୍ରବେଶ କେବଳ ଭିତ୍ତିଭୂମିର ବିଷୟ ନୁହେଁ ବରଂ ମର୍ଯ୍ୟାଦା, ସ୍ୱାସ୍ଥ୍ୟ ଏବଂ ମାନବାଧିକାରର ବିଷୟ। ଅତଏବ ନୀତି ଦୃଷ୍ଟିକୋଣରୁ ଜଳସମ୍ପଦ ପରିଚାଳନାରେ ଲିଙ୍ଗ ଦୃଷ୍ଟିକୋଣକୁ ଏକୀକୃତ କରିବା ଜରୁରୀ। ମହିଳାମାନଙ୍କର ଜଳ ସଂରକ୍ଷଣ ଜ୍ଞାନର ଉପଯୋଗ ପୂର୍ବକ ଜଳ ପରିଚାଳନା ରଣନୀତିର ପ୍ରଭାବକୁ ଯଥେଷ୍ଟ ବୃଦ୍ଧି କରାଯାଇପାରିବ।

**– ଡ. କମଳାକାନ୍ତ ଜେନା**
ମୋ : ୯୪୩୯୫୦୧୬୫୧





## ବର୍ଷାଜଳ ସଂରକ୍ଷଣ ପାଇଁ ପଦକ୍ଷେପ ନେବା ଜରୁରୀ



ବର୍ତ୍ତମାନ ସମଗ୍ର ପୃଥିବୀରେ ଜଳର ସଂରକ୍ଷଣ ଏକ ପ୍ରମୁଖ ଆହ୍ୱାନ ଭାବେ ଉଭା ହୋଇଛି। କାରଣ ଜଳ ବିନା ଜୀବନ ପରିକଳ୍ପନା ଅସମ୍ଭବ। ଶୁଦ୍ଧ ଜଳର ଆବଶ୍ୟକତା ବଢ଼ିଚାଲିଥିବା ବେଳେ ଏହା ପାଇବା ମଧ୍ୟ କଷ୍ଟକର ହେଲାଣି। ଏହି ପରିପ୍ରେକ୍ଷୀରେ ବର୍ଷାଜଳ ସଂରକ୍ଷଣକୁ ଗୁରୁତ୍ୱ ଦେବାର ଆବଶ୍ୟକତା ରହିଛି। ତେବେ ବ୍ୟକ୍ତିଗତସ୍ତର ଅପେକ୍ଷା ଗୋଷ୍ଠୀସ୍ତରରେ ବର୍ଷା ଜଳ ଏବଂ ଅନ୍ୟ ଜଳ ସଂରକ୍ଷଣ କରାଯାଇପାରିବ। ବିଶେଷକରି ସହରାଞ୍ଚଳରେ ଥିବା ହୋଟେଲ, ହଷ୍ଟେଲ, ମେସ୍, ସ୍କୁଲ କଲେଜ ଆଦିରେ ପ୍ରତିଦିନ ବହୁତ ପାଣି ଖର୍ଚ୍ଚ ହେଉଛି। ମାତ୍ର ଏମାନଙ୍କ ପାଖରେ ବର୍ଷା ଜଳ ସଂରକ୍ଷଣ କିମ୍ବା ଏହି ପାଣିକୁ ସଂରକ୍ଷଣ କରିବା ପାଇଁ କୌଣସି ବ୍ୟବସ୍ଥା କରାଯାଉନାହିଁ। ଫଳରେ ଗ୍ରାଉଣ୍ଡ ୱାଟର ରି-ଷ୍ଟୋର ହୋଇପାରୁନି ଏବଂ ଧୀରେ ଧୀରେ ଜଳସ୍ତର କମିବାକୁ ଲାଗୁଛି। ଏହାର ପ୍ରତିକାର ସ୍ୱରୂପ କମ୍ ଖର୍ଚ୍ଚରେ ବୋର୍‌ୱେଲ ରିଚାର୍ଜ କରିବା ସହିତ ବର୍ଷାଜଳ ସଂରକ୍ଷଣ ପାଇଁ ପଦକ୍ଷେପ ନେବା ଆବଶ୍ୟକ।

**–ଡ. ବିଶ୍ୱଜିତ୍ ପଣ୍ଡା,**
ସମ୍ପାଦକ, 'ବିକାଶ ସାଥୀ'

# ସମସ୍ତଙ୍କ ପାଇଁ ସ୍ୱଚ୍ଛ, ନିରାପଦ ପାନୀୟ ଜଳ

ସ୍ୱଚ୍ଛ ଏବଂ ନିରାପଦ ପାନୀୟ ଜଳର ଉପଲବ୍ଧତାକୁ ମାନବିକ ଅଧିକାର ଭାବରେ ସ୍ୱୀକୃତି ଦିଆଯାଇଛି। ତଥାପି ଅନେକ କୋଟି ଲୋକ ଏବେ ବି ସୁରକ୍ଷିତ ଭାବରେ ପରିଚାଳିତ ପାନୀୟ ଜଳ ଏବଂ ପରିମଳ ବିନା ଜୀବନ ଅତିବାହିତ କରୁଛନ୍ତି। ଦୂଷିତ ଜଳ ରୋଗର ଏକ ପ୍ରମୁଖ କାରଣ ହୋଇ ରହିଛି, ବିଶେଷକରି ପିଲାମାନଙ୍କ କ୍ଷେତ୍ରରେ ଏହା ଦେଖାଯାଉଛି। ବିଶ୍ୱ ଜଳ ଦିବସ ପୁଣି ଥରେ ପାଇପଲାଇନ୍, ଟ୍ରିଟମେଣ୍ଟ ପ୍ଲାଣ୍ଟ, ଗ୍ରାମ ଜଳ ଯୋଜନା ଏବଂ ସ୍ୱଚ୍ଛତା ଶିକ୍ଷାରେ ନିବେଶର ଜରୁରୀ ଆବଶ୍ୟକତାକୁ ସାମ୍ନାକୁ ଆଣିବ। ସମସ୍ତଙ୍କ ପାଇଁ ନିରାପଦ ଜଳ ସୁନିଶ୍ଚିତ କରିବା କେବଳ ଏକ ସ୍ୱାସ୍ଥ୍ୟ ସମସ୍ୟା ନୁହେଁ; ଏହା ମର୍ଯ୍ୟାଦା ଏବଂ ସାମାଜିକ ନ୍ୟାୟର ମଧ୍ୟ ଏକ ପ୍ରଶ୍ନ।

## ଏକ ଉତ୍ତମ ଆଗାମୀ କାଲି ଆଡ଼କୁ...



ବିଶ୍ୱ ଜଳ ଦିବସ କେବଳ କ୍ୟାଲେଣ୍ଡରରେ ଏକ ତାରିଖ ନୁହେଁ। ଏହା ଏକ ସ୍ମରଣ କରାଏ ଯେ, ସ୍ୱାସ୍ଥ୍ୟ, ଖାଦ୍ୟ, ଶକ୍ତି, ସହର ଏବଂ ପ୍ରକୃତିର ଭବିଷ୍ୟତ ଆଜି ପାଣି କେତେ ସତର୍କତାର ସହିତ ବ୍ୟବହାର କରାଯାଉଛି ତାହା ଏହି ଦିବସ ସଚେତନ କରାଏ। ଯଦି ବିଶ୍ୱ ଜଳ ଦିବସର ଶିକ୍ଷାକୁ ଦୈନନ୍ଦିନ ଜୀବନରେ ଗ୍ରହଣ କରାଯାଏ, ତେବେ ସେମାନେ ଏପରି ଏକ ବିଶ୍ୱ ଗଠନ କରିବାରେ ସାହାଯ୍ୟ କରିପାରିବେ; ଯେଉଁଠାରେ ନଦୀଗୁଡ଼ିକ ପରିଷ୍କାର ରହିବ, ଭୂତଳ ଜଳ ସ୍ଥିର ରହିବ, ପ୍ରତ୍ୟେକ ବ୍ୟକ୍ତି ଏବେ ଏବଂ ଆଗାମୀ ବର୍ଷଗୁଡ଼ିକରେ ନିରାପଦ ଜଳ ପାଇପାରିବେ।

## ବିଶ୍ୱ ଜଳ ଦିବସର ମୁଖ୍ୟ ଲକ୍ଷ୍ୟ

ବିଶ୍ୱ ଜଳ ଦିବସ ନିରାପଦ ଜଳ ପାଇବାରେ ବଞ୍ଚିତ ରହୁଥିବା ୨.୧ ବିଲିୟନ ଲୋକଙ୍କ ବିଷୟରେ ସଚେତନତା ସୃଷ୍ଟି କରେ। ଏହା ବିଶ୍ୱ ଜଳ ସଙ୍କଟର ମୁକାବିଲା ପାଇଁ ପଦକ୍ଷେପ ନେବା ବିଷୟରେ ମଧ୍ୟ ପ୍ରୋତ୍ସାହିତ କରେ। ବିଶ୍ୱ ଜଳ ଦିବସର ଏକ ମୁଖ୍ୟ ଲକ୍ଷ୍ୟ ୨୦୩୦ ସୁଦ୍ଧା ସମସ୍ତଙ୍କ ପାଇଁ ଶୁଦ୍ଧ ଜଳ ଏବଂ ପରିମଳ ହାସଲକୁ ସମର୍ଥନ କରିବା।

**OFFICE OF THE SUPERINTENDING ENGINEER**
**CUTTACK (R&B) DIVISION NO.I : CUTTACK**
E-Mail I.D. - eepwdcuttack@gmail.com, Tel./Fax No.(0671)-2304128
GOVERNMENT OF ODISHA
No.34001/233/2526 ('e' PROCUREMENT NOTICE)
Bid Identification No. S.E. CTC(R&B)-78 of 2025-26
**TENDER CALL NOTICE**
1. The Superintending Engineer, Cuttack (R&B) Division No.I, Cuttack on behalf of Governor of Odisha invites on Percentage rate basis bid in **Single cover system** in ONLINE MODE from eligible contractor for Building works as mentioned below.
2. No. of Work : **2 Nos.**
3. Nature of work : **Building works**
4. Class of Contractor : **"C" & "B" Class**
5. Tender Paper Cost : **Rs.6000/- (Online)**
6. Available of bid documents in the website : **From 25.03.2026 to 5 P.M. of 08.04.2026**
7. Date of Opening of Bid : **11 A.M. of 09.04.2026**
8. The Bidders have to participate in ONLINE bidding only. Further details can be seen from the website https://tendersodisha.gov.in. Any addendum/corrigendum/cancellation of tender can also be seen in the said website.

Sd./- (Er. Md. Shahbaz)
Superintending Engineer,
Cuttack (R&B) Division No.I
OIPR-34001/34091/1/25-26/0020

See Career Appointment on every Wednesday & Saturday

**ପୂର୍ବ ତଟ ରେଳପଥ**
ଟେଣ୍ଡର ବିଜ୍ଞପ୍ତି ସଂ.SBP-ELECT-2026-T-269A
**କାର୍ଯ୍ୟର ନାମ :** "ସମ୍ବଲପୁର ମଣ୍ଡଳରେ ବିଭିନ୍ନ ଷ୍ଟେସନଗୁଡ଼ିକରେ ସର୍ବନିମ୍ନ ଯାତ୍ରୀ ସୁବିଧା (MEA) ଗୁଡ଼ିକର ବ୍ୟବସ୍ଥା" ସମ୍ବନ୍ଧୀୟ ବୈଦ୍ୟୁତିକ କାର୍ଯ୍ୟ।
**କାର୍ଯ୍ୟର ଆନୁମାନିକ ମୂଲ୍ୟ :** ₹ 6,02,868.62, **EMD :** ₹ 12,100/-, **କାର୍ଯ୍ୟ ଶେଷ ହେବା ଅବଧି :** ସ୍ୱୀକୃତିପତ୍ର ଜାରି ହେବା ତାରିଖ ଠାରୁ ଛଅ (06) ମାସ।
**ଟେଣ୍ଡର ବନ୍ଦ ହେବା ତାରିଖ ଓ ସମୟ:** ତା.07.04.2026ରିଖ 1530 ଘଟିକାରେ।
ଏହି ଇ-ଟେଣ୍ଡରଗୁଡ଼ିକ କ୍ଷେତ୍ରରେ ଡାକ/କୋରିୟର/ଫାକ୍ସ ମାଧ୍ୟମରେ କିମ୍ବା ବ୍ୟକ୍ତିଗତ ରୂପେ ପଠାଯାଇଥିବା କୌଣସି ପ୍ରକାର ମାନୁଆଲ ଅଫର ଗ୍ରହଣଯୋଗ୍ୟ ହେବ ନାହିଁ, ଯଦ୍ୟପି ଏଗୁଡ଼ିକ ଫାର୍ମ (Firm)ର ଲେଟର ହେଡ୍‌ରେ ଦାଖଲ କରାଯାଇଥିବ ଏବଂ ଯଥା ସମୟରେ ଗ୍ରହଣ କରାଯାଇଥିବ। ଏହିଭଳି ସମସ୍ତ ମାନୁଆଲ ଅଫରଗୁଡ଼ିକ ଅବୈଧ ବୋଲି ଧରାଯିବ ଏବଂ କୌଣସି ବିଚାର ବିନା ବିଧିବଦ୍ଧ ରୂପେ ନାକଚ କରାଯିବ। ଉପରୋକ୍ତ ଇ-ଟେଣ୍ଡରର ସମସ୍ତ ବିବରଣୀ ଇ-ଟେଣ୍ଡର ନଥିପତ୍ର ସହିତ ୱେବସାଇଟ୍ www.ireps.gov.in ରେ ଉପଲବ୍ଧ ଅଟେ।
ଦ୍ରଷ୍ଟବ୍ୟ : ଏହି ଇ-ଟେଣ୍ଡର ନିମନ୍ତେ ଜାରି କରାଯାଇଥିବା କୌଣସି ପରିବର୍ତ୍ତନ/ଶୁଦ୍ଧିପତ୍ରକୁ ଧ୍ୟାନ ଦେବା ନିମନ୍ତେ ଟେଣ୍ଡର ବନ୍ଦ ହେବା ତାରିଖର 15 (ପନ୍ଦର) ଦିନ ପୂର୍ବରୁ ୱେବସାଇଟକୁ ପୁନଃପରିଦର୍ଶନ କରିବା ପାଇଁ ଆଶାୟୀ ଟେଣ୍ଡରଦାତାମାନଙ୍କୁ ପରାମର୍ଶ ଦିଆଯାଉଅଛି। ଟେଣ୍ଡରଦାତା/ ବିଡ଼ରମାନଙ୍କ ପାଖରେ ନିଶ୍ଚିତ ଭାବେ କ୍ଲାସ-III ଡିଜିଟାଲ ସ୍ୱାକ୍ଷର ପ୍ରମାଣପତ୍ର ଥିବା ଆବଶ୍ୟକ ଏବଂ ସେମାନେ ନିଶ୍ଚିତ ଭାବେ IREPS ପୋର୍ଟାଲରେ ପଞ୍ଜୀକୃତ ହୋଇଥିବେ। କେବଳ ପଞ୍ଜୀକୃତ ଟେଣ୍ଡରଦାତା / ବିଡ଼ରମାନେ ଇ-ଟେଣ୍ଡରିଙ୍ଗରେ ଅଂଶଗ୍ରହଣ କରିପାରିବେ।
ବରିଷ୍ଠ ମଣ୍ଡଳ ବିଦ୍ୟୁତ ଯନ୍ତ୍ରୀ (ସାମାନ୍ୟ)/ ସମ୍ବଲପୁର
PR-1249/Q/25-26

**छत्तीसगढ़ शासन वन विभाग, सामान्य बनमण्डल दुर्ग**
**पुलगांव डिपो का ई-ऑक्सन का संक्षिप्त विज्ञापन**
सर्व साधारण को सूचनार्थ प्रकाशित किया जाता है कि दुर्ग वनमंडल के अधिनस्थ शासकीय उपभोक्ता डिपो पुलगांव, अण्डा, सुपेला, पाटन, वन परिसर कुम्हारी, बेमेतरा एवं अन्य डिपो में संग्रहित ईमारती काष्ठ, जलाऊ एवं बल्ली का ई-ऑकशन द्वारा निर्वर्तन निम्नानुसार किया जावेगा। इच्छुक वोलीदारों से अनुरोध है कि वे ई-ऑकशन में भाग लेंवे। ई-ऑकशन की शर्तें एवं अन्य जानकारी कार्यालयीन दिवस व समय पर वनमंडल कार्यालय/संबंधित परिक्षेत्र कार्यालय से प्राप्त की जा सकी है। ई-ऑकशन में रखे जाने वाले अनुमानित मात्रा:-
नीलाम तिथि - 27.03.2026
समय - प्रात: 09.00 बजे

नया ईमारती काष्ठ / जलाऊ चट्टा

| परिक्षेत्र | डिपो | प्रजाति | लट्ठा घ.मी. | चिरान | बल्ली नग | डोंगरी | जलाऊ चट्टा |
|---|---|---|---|---|---|---|---|
| दुर्ग | पाटन | कहुआ लट्ठा / मिश्रित लट्ठा | 6.663 | - | - | - | - |
| | सुपेला | मिश्रित लट्ठा / मिश्रित जलाऊ | 17.507 | - | - | - | 33 |
| | अण्डा | मिश्रित लट्ठा | 2.312 | - | - | - | - |
| धमधा | धमधा | कहुआ लट्ठा / सोफा फ्रेम, बत्ता चिरान / मि.ज. | 1.716 | 0.304 | - | - | 3 |
| साजा | साजा | सागौन लट्ठा / बल्ली / डेंगरी | 14.736 | - | 110 | 23 | - |
| | | योग | 42.934 | 0.304 | 110 | 23 | 36 |

अविक्रित काष्ठ / जलाऊ चट्टा

| परिक्षेत्र | डिपो | प्रजाति | लट्ठा घ.मी. | चिरान घ.मी. | बल्ली / डेंगरी नग | जलाऊ चट्टा |
|---|---|---|---|---|---|---|
| दुर्ग | पुलगाव | सागौन लट्ठा / बल्ली / डेंगरी | 525.392 | - | 25362/20722 | 6 |
| -,,- | -,,- | आम / मिश्रित लट्ठा | 4.563 | - | - | - |
| -,,- | पाटन | सागौन लट्ठा, बल्ली, डेंगरी / साल चिरान | 3.476 | 2.185 | 203/745 | 38 |
| -,,- | सुपेला | सागौन लट्ठा, नीलगिरी लट्टा | 1.277 | - | - | - |
| धमधा | धमधा / कुम्हारी | सागौन लट्ठा, डों. / मिश्रित जलाऊ | 3.582 | - | /22 | 4 |
| बेमेतरा | बेमेतरा | सागौन लट्ठा | 18.462 | - | - | - |
| | | योग | 556.752 | 2.185 | 25565/21489 | 48 |

टीप: 01 क्रेताओं को ई-ऑकशन के पूर्व एम.एस.टी.सी. ई-कार्मस पोर्टल में रजिस्ट्रेशन करना अनिवार्य हैं।
02 क्रेताओं को ई-ऑकशन के पूर्व क्रय लाटों के अपसेट प्राईज मूल्य के 10 प्रतिशत की राशि अपने वॉलेट में रखना अनिवार्य है। सफल बोलीदार को एक सप्ताह के भीतर शेष 15 प्रतिशत ई.एम.डी. की राशि जमा करना अनिवार्य है।
03 लॉट की थप्पी सूची एवं फोटो एम.एस.टी.सी. ई-कार्मस पोर्टल में अपने आई.डी से लॉगिन करके देख सकते है।
04 ई-ऑकशन में लॉट क्रय के पश्चात् प्रथम क्रेता को 40 सेकेंड का समय प्राप्त होगा, उसी लॉट को क्रय करने के लिये अन्य क्रेताओं द्वारा 40 सेकेंड के पूर्व क्रय करने पर 30 सेकेंड का समय प्राप्त होगा।
05 सफल क्रेताओं को अपना पूर्ण पता, मो.नं., पैन कार्ड एवं GST की छायाप्रति प्रस्तुत करना अनिवार्य है।
फोन नं. - 75870-13100, ई-मेल: dfodurg@gmail.com
G-252607311/2
स्वा./- वनमण्डलाधिकारी, दुर्ग बनमण्डल, दुर्ग (छ.ग.)

ରେଳ ମନ୍ତ୍ରଣାଳୟ
(ପୂର୍ବ ତଟ ରେଳପଥ)
ବିଜ୍ଞପ୍ତି
ଭୁବନେଶ୍ୱର, ତାରିଖ- 18.02.2026
**ରେଳ ଅଧିନିୟମ, ୨୦୦୮ ର ଧାରା ୨୦ (E) ଅନୁଯାୟୀ ବିଜ୍ଞପ୍ତି**

କା. ଆ. ୫୪୪(E) ଯେତେବେଳେ କି, ଭାରତ ସରକାରଙ୍କ ବିଜ୍ଞପ୍ତି ଅନୁଯାୟୀ ରେଳ ମନ୍ତ୍ରଣାଳୟ (ପୂର୍ବତଟ ରେଳପଥ, ନିର୍ମାଣ ସଂଗଠନ), କ୍ରମିକ ସଂଖ୍ୟା ୫୪୪(E) ୨୬.୧୧.୨୦୨୫ ତାରିଖ ଗେଜେଟ ଅଫ ଇଣ୍ଡିଆରେ ପ୍ରକାଶିତ, ଅସାଧାରଣ, ଭାଗ ୨, ବିଭାଗ ୩ ଉପ-ବିଭାଗ (୨), ତାରିଖ ୨୬.୧୧.୨୦୨୫ (ପରବର୍ତ୍ତୀ ସମୟରେ ଉକ୍ତ ବିଜ୍ଞପ୍ତି ଭାବରେ କୁହାଯାଏ) ଏବଂଉପବିଭାଗ (୧) ଅନୁଯାୟୀ ଜାରି କରାଯାଇଥିଲା। ରେଳବାଇ ଅଧିନିୟମ, ୧୯୮୯ (୨୪ର ୧୯୮୯) ର ଧାରା ୨୦ (A) (ପରବର୍ତ୍ତୀ ସମୟରେ ଉକ୍ତ ଆଇନ ଭାବରେ କୁହାଯାଏ), କାର୍ଯ୍ୟକାରୀ, ରକ୍ଷଣାବେକ୍ଷଣ ଉଦ୍ଦେଶ୍ୟରେ ଉକ୍ତ ବିଜ୍ଞପ୍ତିରେ ସଂଲଗ୍ନ ହୋଇଥିବା ଅନୁସୂଚୀରେ ନିର୍ଦ୍ଦିଷ୍ଟ ଜମି ଅଧିଗ୍ରହଣ କରିବାକୁ କେନ୍ଦ୍ରସରକାର ଘୋଷଣାକରିଛନ୍ତି। ବିଶେଷ ରେଳପ୍ରକଳ୍ପର ପରିଚାଳନା ଏବଂକାର୍ଯ୍ୟ, ଯଥା "ଆର .ଭି. ଲାଇନ (ରାୟପୁର–ବିଜୟନଗରମ ଲାଇନ) ରୁ ଆସୁଥିବା ଉପସ୍ରୋତ ଯାତାୟାତ କୁ ଏଡ଼ାଇ ସିଙ୍ଗାପୁରରୋଡ଼ରେ ଲୁପ୍ ଲାଇନ ସହିତ ମିଶିବାକୁ ଥିବା ଫ୍ଲାଇ ଓଭର" ଓଡ଼ିଶା ରାଜ୍ୟର ରାୟଗଡା ଜିଲ୍ଲାରେ ଅବସ୍ଥିତ।

ଏବଂ ଯେତେବେଳେ କି, ଉକ୍ତ ବିଜ୍ଞପ୍ତିର ବିଷୟ ବସ୍ତୁ ସ୍ଥାନୀୟ ଖବର କାଗଜ ଏହି କାନୁନର ଅନୁଚ୍ଛେଦ 20A ର ଉପଅନୁଚ୍ଛେଦ (4) ଅନ୍ତର୍ଗତ, 16 ଡିସେମ୍ବର 2025 ତାରିଖରେ ଭୁବନେଶ୍ୱର ସଂସ୍କରଣର 'ସମାଜ' ଓ 16 ଡିସେମ୍ବର 2025 ତାରିଖରେ ଭୁବନେଶ୍ୱର ସଂସ୍କରଣର 'ଟାଇମ୍ସ ଅଫ୍ ଇଣ୍ଡିଆ' ରେ ପ୍ରକାଶିତ।

ଏବଂ, ଉକ୍ତ ଆଇନର ଧାରା ୨୦ (E) ର ଉପଧାରା (୧) ଅନୁଯାୟୀ, ସକ୍ଷମ ଅଧିକାରୀ ଏହାର ରିପୋର୍ଟ କେନ୍ଦ୍ରସରକାର ନିକଟରେ ଦାଖଲ କରିଛନ୍ତି।

ବର୍ତ୍ତମାନ, ସକ୍ଷମ ଅଧିକାରୀଙ୍କ ରିପୋର୍ଟ ଗ୍ରହଣ କରିବା ପରେ ଏବଂ ଉକ୍ତ ଆଇନ ର ଧାରା ୨୦ (E) ର ଉପଧାରା (୧) ଦ୍ୱାରା ପ୍ରଦତ୍ତ କ୍ଷମତାକୁ ବ୍ୟବହାର କରି କେନ୍ଦ୍ର ସରକାର ଏଠାରେ ଘୋଷଣା କରିଛନ୍ତି ଯେ ସଂଲଗ୍ନ ହୋଇଥିବା ଅନୁସୂଚୀରେ ଉଲ୍ଲେଖ କରାଯାଇଥିବା ଜମିଗୁଡ଼ିକ ଉପରୋକ୍ତ ଉଦ୍ଦେଶ୍ୟ ପାଇଁ ଅର୍ଜନ କରାଯିବ।

ଏବଂ ଆହୁରି ମଧ୍ୟ, ଉକ୍ତ ଆଇନର ଧାରା ୨୦ (E) ରଉପଧାରା (୨) ଅନୁଯାୟୀ, କେନ୍ଦ୍ର ସରକାର ଘୋଷଣା କରିଛନ୍ତି ଯେ ସରକାରୀ ଗେଜେଟରେ ବିଜ୍ଞପ୍ତି ପ୍ରକାଶପାଇବାପରେ ସଂଲଗ୍ନ ଅନୁସୂଚୀରେ ଉଲ୍ଲେଖ କରାଯାଇଥିବା ଜମି ସମ୍ପୂର୍ଣ୍ଣ ଭାବରେ କେନ୍ଦ୍ରରେ ରହିବ।ସରକାର ସମସ୍ତ ଘଟଣାବଳୀରୁ ମୁକ୍ତ ରହିବେ।

**ଅନୁସୂଚୀ**

ଓଡ଼ିଶା ରାଜ୍ୟର ରାୟଗଡା ଜିଲ୍ଲାରେ **"ଆର .ଭି. ଲାଇନ (ରାୟପୁର-ବିଜୟନଗରମ ଲାଇନ) ରୁ ଆସୁଥିବା ଉପସ୍ରୋତ ଯାତାୟାତକୁ ଏଡ଼ାଇ ସିଙ୍ଗାପୁର ରୋଡ଼ରେ ଲୁପ୍ ଲାଇନ ସହିତ ମିଶିବାକୁ ଥିବା ଫ୍ଲାଇଓଭର"।** ରାୟଗଡା ଜିଲ୍ଲା ପାଇଁ ଅଧିଗ୍ରହଣ କରିବା ପାଇଁ ଜମିର ସଂକ୍ଷିପ୍ତ ବିବରଣୀ।

| କ୍ର. ସଂ. | ଖାତା ସଂଖ୍ୟା | ଖସରା/ ପ୍ଲଟ୍ଟ | ସମୁଦାୟ କ୍ଷେତ୍ର (ଏକରରେ) | ଅଧିଗ୍ରହଣ କ୍ଷେତ୍ର (ଏକରରେ) | କିସମ | ରୟତିଙ୍କର ନାମ |
|---|---|---|---|---|---|---|
| 01 | 02 | 03 | 04 | 05 | 06 | 07 |
| **ଗ୍ରାମ - ଅଙ୍କୁର, ତହସିଲ - ରାୟଗଡ଼ା, ଥାନା - ରାୟଗଡ଼ା (୫୩) ଜିଲ୍ଲା - ରାୟଗଡ଼ା** | | | | | | |
| **ବ୍ୟକ୍ତିଗତ ଜମି** | | | | | | |
| ୧ | ୧ | ୧୪ | ୦.୪୫ | ୦.୧୧୭ | ଡଙ୍ଗରତିନ | ପେଡେଟ୍ଟି କୃଷ୍ଣମା ପିତା- ପେଡେଟ୍ଟି ଜୋଚନ୍ନା, ପେଡେଟ୍ଟି ଫକିର, ପେଡେଟ୍ଟି ମୁକୁନା ପିତା- ପେଡେଟ୍ଟି କୁମୁଟି |
| ୨ | ୫ | ୧୧ | ୦.୬୮ | ୦.୦୭ | ଡଙ୍ଗରଦୁଇ | ପେଡେଟ୍ଟି ପୁରୀ ପିତା - ପେଡେଟ୍ଟି ବାଣ୍ଡୁ, ପେଡେଟ୍ଟି ଯୋଗୀ, ପେଡେଟ୍ଟି ତମ୍ମୁ ପିତା- ପେଡେଟ୍ଟି ଦାରା, ପେଡେଟ୍ଟି ରମେୟା ପିତା- ପେଡେଟ୍ଟି ଗୋପୀନାଥ |
| ୩ | | ୧୩ | ୦.୭୨ | ୦.୦୬୬ | ଡଙ୍ଗରଦୁଇ | |
| ୪ | ୬ | ୮ | ୦.୯୮ | ୦.୦୩୮ | ଡଙ୍ଗରତିନ | ଲକ୍ଷ୍ମଣ ପେଡେଟ୍ଟି, ବାସୁ ପେଡେଟ୍ଟି ପିତା- ପେଡେଟ୍ଟି ଉତ୍ତରା, ପେଡେଟ୍ଟି ହୀରା ସ୍ୱାମୀ- ପେଡେଟ୍ଟି ଉତ୍ତରା |
| ୫ | ୧୩ | ୧୯୩ | ୦.୮୫ | ୦.୦୬ | ଡଙ୍ଗରଏକ | ପେଡେଟ୍ଟି ହିରିଣ୍ଣ, ପେଡେଟ୍ଟି ଲିଙ୍ଗନା ପିତା- ପେଡେଟ୍ଟି ଏରଗଡୁ |
| ୬ | ୧୬/୧୦୫ | ୧୫ | ୦.୦୬୮ | ୦.୦୧୦ | ଡଙ୍ଗରଦୁଇ | ପେଡେଟ୍ଟି ପଲାଇ, ପେଡେଟ୍ଟି ବାସନା, ପେଡେଟ୍ଟି ତାଲ୍ଲାପ୍ପା ସ୍ୱାମୀ- ପେଡେଟ୍ଟି ବାରିକ, ପେଡେଟ୍ଟି ଜାମି, ପେଡେଟ୍ଟି ମାଝାଡି ସ୍ୱାମୀ- ପେଡେଟ୍ଟି ରାଇନୁ |
| ୭ | ୧୬/୧୭୪ | ୧୦ | ୦.୩୬ | ୦.୧୩୫ | ଡଙ୍ଗରତିନ | ନୀଳମଣି ଖୁଣ୍ଟିଆ ପିତା- ହରିହର ଖୁଣ୍ଟିଆ |
| ୮ | ୧୬/୫୨ | ୧୯୪ | ୦.୪୨ | ୦.୦୧୦ | ଡଙ୍ଗରଦୁଇ | ମିନିଆକା ନରସିଂହ ପିତା- ମିନିଆକା ଆଚନା |
| | | ମୋଟ | ୪.୫୨୮ | ୦.୫୦୭ | | |
| **ଗ୍ରାମ - କୁରୁମପେଟା,ତହସିଲ - ରାୟଗଡ଼ା,ଥାନା - ରାୟଗଡ଼ା(୫୪),ଜିଲ୍ଲା - ରାୟଗଡ଼ା** | | | | | | |
| **ବ୍ୟକ୍ତିଗତ ଜମି** | | | | | | |
| ୧ | ୩ | ୫୮୧ | ୧.୩୩ | ୦.୦୮୩ | ଡଙ୍ଗରତିନ | ଓଡିସି କୃଷ୍ଣମା, ପିତା - ଓଡିସି ଗୁରୁଭାଲୁ |
| ୨ | ୮ | ୪୯୫ | ୮.୬୩ | ୦.୬୪୨ | ଡଙ୍ଗରଏକ | ନୀମା ନାରାୟଣ, ନୀମା ବାଳଭଦ୍ର, ନୀମା ଆପଳା ସ୍ୱାମୀ, ପିତା - ନୀମା ଗୋପୀନାଥ |
| ୩ | ୮ | ୫୦୬ | ୩.୧୧ | ୦.୪୩୬ | ଡଙ୍ଗରଦୁଇ | |
| ୪ | ୮ | ୫୮୩ | ୨.୨୧ | ୦.୪୨୬ | ଡଙ୍ଗରତିନ | |
| ୫ | ୮ | ୫୩୬ | ୦.୨୯ | ୦.୦୧ | ଡଙ୍ଗରଏକ | |
| ୬ | ୮ | ୫୯୧ | ୩.୩୧ | ୦.୫୩୬ | ଡଙ୍ଗରଦୁଇ | |
| ୭ | ୨୮ | ୨୯୪ | ୦.୮୪୦ | ୦.୬୩୮ | ଡଙ୍ଗରତିନ | ସୁଙ୍କରୀ ରାମମୂର୍ତ୍ତି, ପିତା - ସୁଙ୍କରୀ ଲକ୍ଷ୍ମୀ ନାରାୟଣ |
| ୮ | ୩୧ | ୩୦୧ | ୧.୮୫୦ | ୦.୦୮୨ | ଡଙ୍ଗରତିନ | କମଳ କୁମାର ଟାଙ୍କ, ପିତା - ହରି ଲାଲ ବିର୍ଜି |
| ୯ | ୩୫ | ୨୯୫ | ୦.୮୫୦ | ୦.୨୮୭ | ଡଙ୍ଗରତିନ | ଓଡିସି ଶୀତମା (ସ୍ୱାମୀ - ଓଡିସି ସନ୍ୟାସୀ), ଓଡିସି ପେଣ୍ଟମା (ସ୍ୱାମୀ - ଓଡିସି ଏଙ୍କଟ ସ୍ୱାମୀ) |
| ୧୦ | ୩୯ | ୫୭୪ | ୩.୧୬ | ୦.୮୫୩ | ଡଙ୍ଗରଦୁଇ | ପେଡେଟ୍ଟି ଦିବାନା, ପିତା - ପେଡେଟ୍ଟି କୁସୁନ |
| ୧୧ | ୪୧ | ୪୦୬ | ୦.୯୫୦ | ୦.୦୦୨ | ଡଙ୍ଗରଦୁଇ | ଲୀମା ଲାଛନା, ପିତା - ଲୀମା ଯୋଗୀଦାରା |
| ୧୨ | | ୪୦୭ | ୧.୨୮୦ | ୦.୦୧୫ | ଡଙ୍ଗରଏକ | |
| ୧୩ | | ୩୭୮ | ୮.୮୭୦ | ୦.୧୩୩ | ଡଙ୍ଗରଦୁଇ | |
| ୧୪ | | ୩୮୩ | ୪.୦୬୦ | ୦.୧୯୨ | ଡଙ୍ଗରଦୁଇ | |
| ୧୫ | ୪୧/୧୧୭ | ୯୦ | ୦.୨୬୦ | ୦.୦୪୬ | ଡଙ୍ଗରଦୁଇ | ନିଳଗିରି କୁମାର, ନିଳଗିରି ରବି, ନିଳଗିରି ମାଲେଶ, ପୁରୁଷୋତ୍ତମ ଜାନକୀ ପି: ନିଳଗିରି ନାରାୟଣ |
| ୧୬ | ୪୧/୮୫୬ | ୯୧ | ୦.୦୩୦ | ୦.୦୩୦ | ଡଙ୍ଗରଏକ | ଜଗନ୍ନାଥ ନିମାଲ ପୁରୀ, ପିତା - ପୀତାବାସ ନିମାଲପୁରୀ |
| ୧୭ | ୪୧/୮୫୬ | ୧୦୦ | ୦.୬୧୦ | ୦.୧୪୫ | ଧାନଦୁଇ | ଜଗନ୍ନାଥ ନିମାଲ ପୁରୀ, ପିତା - ପୀତାବାସ ନିମାଲ ପୁରୀ |
| ୧୮ | ୪୧/୧୪୮ | ୧୦୬ | ୦.୩୦୦ | ୦.୦୦୯ | ଧାନଦୁଇ | ପୁଳକ ଲାତା, ପିତା - ପୁଳକ ସରାବୁ |
| ୧୯ | ୪୧/୫୧୬ | ୧୦୯ | ୦.୩୦୦ | ୦.୧୦୦ | ଧାନଦୁଇ | ଭଜା ନିମକା, ପିତା - ସୁନାଧର ନିମକା |
| ୨୦ | ୪୧/୭୭୪ | ୧୦୮ | ୦.୪୦୦ | ୦.୦୦୩ | ଧାନଦୁଇ | ବନ୍ଦନା ଆଟକା, ସ୍ୱାମୀ - ସୁରେନ୍ଦ୍ର ପେଡେଟ୍ଟି |
| ୨୧ | ୫ | ୧୧୦ | ୦.୨୯୦ | ୦.୦୧୧ | ଧାନତିନ | ନୀଳଗିରି କମଳାମା, ସ୍ୱାମୀ - ନୀଳଗିରି କୃଷ୍ଣମୂର୍ତ୍ତି |
| ୨୨ | ୪୧/୬୮୧ | ୪୦୮/ ୧୧୧୮ | ୦.୧୦୩ | ୦.୧୦୩ | ଡଙ୍ଗରଦୁଇ | ଗେମ୍ବାଲି ଶୋଭାରାଣୀ, ସ୍ୱାମୀ - ଗେମ୍ବାଲି ଗୁପ୍ତେଶ୍ୱର ରାଓ |
| ୨୩ | ୪୧/୨୨୬ | ୪୦୮. | ୨.୧୨୦ | ୦.୧୫୪ | ଡଙ୍ଗରଦୁଇ | ପ୍ରମିଳା ମୋହାପାତ୍ର, ସ୍ୱାମୀ ପ୍ରଫୁଲ୍ଲ ମୋହାପାତ୍ର |
| ୨୪ | ୪୧/୧୨୨ | ୪୯୯/୨ | ୨.୨୮୦ | ୦.୭୫ | ଡଙ୍ଗରଦୁଇ | ରୁଆଇ ପେଡେଟ୍ଟି ଓ ଅନ୍ୟାନ୍ୟ ସହଭାଗୀ ରାୟତମାନେ |
| ୨୫ | ୪୧/୧୪୯ | ୩୦୦ | ୦.୩୭ | ୦.୦୮୧ | ଡଙ୍ଗରତିନ | ଗଜେନ୍ଦ୍ର ମୁରଲୀ, ପିତା - ଗଜେନ୍ଦ୍ର ଗଙ୍ଗୟା |
| ୨୬ | ୪୧/୧୬ | ୫୮୦ | ୦.୬୪୦ | ୦.୦୧୦ | ଡଙ୍ଗରତିନ | ଗଜେନ୍ଦ୍ର ଗଗନ୍ୟା, ପିତା - ଗଜେନ୍ଦ୍ର ସ୍ୱାମୀ |
| ୨୭ | ୪୧/୧୬୫ | ୫୩୪ | ୦.୫୦୦ | ୦.୨୬୧ | ଡଙ୍ଗରଏକ (ଧୂଆଁ) | କାଦ୍ରକା ଆଲୁ, ପିତା - କାଦ୍ରକା ସିତାନ୍ନା |
| ୨୮ | ୪୧/୧୬୫ | ୫୩୧ | ୦.୫୯୦ | ୦.୦୩୦ | ଡଙ୍ଗରଦୁଇ | |
| ୨୯ | ୪୧/୨୧୪ | ୪୨୯ | ୦.୦୭୦ | ୦.୦୭୦ | ଡଙ୍ଗରଏକ | ପୁଳକ ମାଧବ, ପିତା - ପୁଳକ କାଳୀ; ପୁଳକ ଶିକାରୀ, ସ୍ୱାମୀ - ପୁଳକ କାଳୀ |
| ୩୦ | ୪୧/୧୨୦ | ୪୨୯/୬୭୪ | ୧.୧୫୦ | ୦.୧୧୪ | ଡଙ୍ଗର ଏକ | ସାବିତ୍ରୀ ନିମାକା ସ୍ୱା: ନିମାକା ସୁନାଧର, ମଧୁବନ ନିମାକା, ବୃନ୍ଦାବନ ନିମାକା, ପୁରଞ୍ଜନ ନିମାକା, ସବନ ନିମାକା ପି: ନିମାକା ସୁନାଧର |
| ୩୧ | ୪୧ | ୩୯୨ | ୬.୭୯୦ | ୦.୧୨୫ | ଡଙ୍ଗରଦୁଇ | ଲୀମା ଲାଛନା, ପିତା - ଲୀମା ଯୋଗୀଦାରା |
| ୩୨ | ୪୧ | ୩୮୯ | ୩.୯୮୦ | ୦.୨୯୯ | ଡଙ୍ଗରଦୁଇ | ଲୀମା ଲାଛନା, ପିତା - ଲୀମା ଯୋଗୀଦାରା |
| ୩୩ | ୪୧/୨୪ | ୪୧୩ | ୩.୭୬୦ | ୦.୪୬୯ | ଡଙ୍ଗରଏକ | ଦିୱାନା ପେଡେଟ୍ଟି ଓ ଅନ୍ୟମାନେ, ପିତା - କୁସୁନ ପେଡେଟ୍ଟି |
| ୩୪ | ୪୧/୨୮ | ୨୯୯ | ୨.୦୦୦ | ୦.୩୪୩ | ଡଙ୍ଗରତିନ | ହିମିରିକା ଚନ୍ଦ୍ରାମଣି, ପିତା - ଜାଲିଗୁଡ଼ା |
| ୩୫ | ୪୧/୩ | ୫୦୦ | ୪.୪୭୦ | ୧.୦୫୧ | ଡଙ୍ଗରଦୁଇ | ଭୀମାବର ପ୍ରସୋମିନାଇଡୁ, ପିତା - ଭୀମାବର ପ୍ରପାପିନାଇଡୁ |
| ୩୬ | ୪୧/୫ | ୫୦୮ | ୨.୫୨୦ | ୦.୧୭୨ | ଡଙ୍ଗରଦୁଇ | ପେଡେଟ୍ଟି ମୁଗୁ ସାମନ୍ତ, ପିତା - ପେଡେଟ୍ଟି ରାଜୁ; କାଦ୍ରକା ଜଗା, ପିତା - କାଦ୍ରକା ଚାଚିରି |
| ୩୭ | ୪୧/୬୦୪ | ୫୬୯ | ୦.୭୭୦ | ୦.୨୭୩ | ଡଙ୍ଗରତିନ | ରମ୍ପା ଶ୍ରୀନିବାସ ରାଓ, ପିତା - ରମ୍ପା କନ୍ଦଳ ରାଓ |
| ୩୮ | ୪୧/୬୧୧ | ୨୯୧ | ୨.୨୩ | ୦.୫୩୮ | ଆମ୍ବତୋଟା | ସନ୍ତୋଷ କୁମାର ନିମାଲ ପୁରୀ, ପିତା - ଜଗନ୍ନାଥ ନିମାଲ ପୁରୀ |
| ୩୯ | ୪୧/୬୧୩ | ୩୨୩ | ୧.୩୫ | ୦.୬୮ | ଡଙ୍ଗରଦୁଇ | ରାକେଶ କୁମାର ଚୌଧୁରୀ, ପିତା - ଚକ୍ରପାଣି ଚୌଧୁରୀ |
| ୪୦ | ୪୧/୬୮୦ | ୫୩୫ | ୦.୧୧୦ | ୦.୦୬୯ | ଡଙ୍ଗରଏକ | ଚନ୍ଦନା ହରେନ୍ଦ୍ର ନାଥ, ପିତା - ଚନ୍ଦନା ଯୋଗୀ ନାଇଡୁ |
| ୪୧ | ୪୧/୭୦୬ | ୨୯୨ | ୦.୪୫୦ | ୦.୪୩୮ | ଡଙ୍ଗରଏକ | ହିମିରିକା ସୁନ୍ଦରୁ ଓ ହିମିରିକା ଜୀତୁ, ପିତା - ହିମିରିକା ପାଗୁ |
| ୪୨ | ୪୧/୭୧୫ | ୪୧୦/୯୬୧ /୧୧୫୦ | ୦.୦୩୪ | ୦.୦୩୪ | ଘରବାଡ଼ି | ଶଙ୍କର ସନ୍ନାହାକ, ପିତା - ନବ ଘଣ ନାହାକ |
| ୪୩ | ୪୧/୮୪୬ | ୫୩୨ | ୦.୪୯୦ | ୦.୨୭୮ | ଡଙ୍ଗରଦୁଇ | କାଦି ଦମୟନ୍ତୀ, ସ୍ୱାମୀ - କାଦି ବୀର ଭଦ୍ରଡୁ |
| ୪୪ | | ୫୩୬ | ୦.୩୦୦ | ୦.୦୧୧ | ଡଙ୍ଗରଏକ | |
| ୪୫ | | ୫୮୯ | ୦.୮୨୦ | ୦.୧୨୯ | ଡଙ୍ଗରଦୁଇ | |
| | | ମୋଟ | ୮୦.୯୨୨ | ୧୧.୧୭୧ | | |

**ସଂକ୍ଷିପ୍ତ ବିବରଣୀ:**

| କ୍ରମିକ ସଂଖ୍ୟା | ମୌଜାର ନାମ | ତହସିଲ | ଅଧିଗ୍ରହଣ କ୍ଷେତ୍ର (ଏକର ରେ) |
|---|---|---|---|
| ୧ | କୁରୁମପେଟା | ରାୟଗଡ଼ା | ୧୧.୧୭୧ |
| ୨ | ଅଙ୍କୁର | | ୦.୫୦୭ |
| | | ମୋଟ | ୧୧.୬୭୮ |

ଉପ ମୁଖ୍ୟ ଯନ୍ତ୍ରୀ (ନିର୍ମାଣ-II),
ପୂର୍ବ ତଟ ରେଳପଥ, ରାୟଗଡ଼ା
PR-308/CI/25-26


ଧରିତ୍ରୀ
DHARITRI

ଆଗାମୀ ଆଶା

www.orissakhabar.com/ www.dharitri.com ପୃଷ୍ଠା ୮ Press Regd. No. R.N. 21326/74 Postal Regd. No. BN/42/24-26. ଭୁବନେଶ୍ୱର, ରବିବାର, ୨୨ ମାର୍ଚ୍ଚ, ୨୦୨୬ Bhubaneswar, Sunday, 22 March, 2026

# ଅରବପତି ଯୁବ ଉଦ୍ୟୋଗୀ

**ଚାକିରି ହିଁ ରୋଜଗାରର ଏକମାତ୍ର ବଳିଷ୍ଠ ମାଧ୍ୟମ; ଅନେକଙ୍କ ମନରେ ଥିବା ଏହି ଭାବନାକୁ ସେମାନେ ଭୁଲ୍ ପ୍ରମାଣିତ କରି ଦେଖାଇଛନ୍ତି। ନିଜସ୍ୱ ଉଦ୍ୟମରେ ସଫଳ ବିଜ୍‌ନେସ୍ ଷ୍ଟାର୍ଟଅପ୍ ଆରମ୍ଭ କରି ପୃଥିବୀର ସବୁଠୁ ଧନୀ ଯୁବ ଅରବପତିଙ୍କ ତାଲିକାରେ ନିଜ ନାମ ସାମିଲ କରି କୋଟି କୋଟି ଯୁବପିଢ଼ିଙ୍କ ପାଇଁ ପାଲଟିଛନ୍ତି ଉଦାହରଣ ଆଉ ସେମାନଙ୍କ ମନରେ ଭରି ଦେଇଛନ୍ତି ଲକ୍ଷ୍ୟ ହାସଲ କରିବାର ସୁନେଲି ସ୍ୱପ୍ନ। ସେହିଭଳି କେତେଜଣ ସଫଳ ଯୁବ ଉଦ୍ୟୋଗୀଙ୍କ ସମ୍ପର୍କରେ ବିଶେଷ ଉପସ୍ଥାପନା...**



**ସୂର୍ଯ୍ୟା ମିଧା:** ଦୃଢ଼ ଇଚ୍ଛାଶକ୍ତି, ନିଷ୍ଠା ଓ ଅହରହ ପ୍ରଚେଷ୍ଟା ଦ୍ୱାରା ମଣିଷ ସଫଳତାର ଶୀର୍ଷରେ ପହଞ୍ଚିପାରିବ, ସେ କଥାକୁ ସେ ପ୍ରମାଣ କରି ଦେଖାଇଛନ୍ତି। ପୈତୃକ ସମ୍ପତ୍ତି ନୁହେଁ, ବରଂ ନିଜସ୍ୱ ଉଦ୍ୟମରେ ପୃଥିବୀର ସବୁଠୁ କମ୍ ବୟସ୍କ ଅରବପତି ଭାବେ ଚଳିତବର୍ଷ ଅର୍ଥାତ୍ ୧୩ ମାର୍ଚ୍ଚ ୨୦୨୬ରେ ଫୋର୍ବ୍ସ ପତ୍ରିକାରେ ପ୍ରକାଶ ପାଇଥିବା ପୃଥିବୀର ସବୁଠୁ ଧନୀ ବ୍ୟକ୍ତିଙ୍କ ତାଲିକାରେ ନିଜ ନାମକୁ ସାମିଲ କରିବାରେ ସଫଳ ହୋଇ ପାରିଛନ୍ତି ୨୨ ବର୍ଷୀୟ ଯୁବ ଉଦ୍ୟୋଗୀ ସୂର୍ଯ୍ୟା ମିଧା। ସବୁଠୁ ଆଶ୍ଚର୍ଯ୍ୟର କଥା ହେଉଛି, ପ୍ରଥମଥର ଏହି ତାଲିକାରେ ସାମିଲ ହେବା ସହ ସେ ଫେସ୍‌ବୁକ୍‌ର କୋ-ଫାଉଣ୍ଡର ମାର୍କ ଜୁକରବର୍ଗ (୨୩ ବର୍ଷରେ ଏହି ତାଲିକାଭୁକ୍ତ ହୋଇଥିଲେ)ଙ୍କ ରେକର୍ଡ ଭାଙ୍ଗି ପାରିଛନ୍ତି। ସେ ହେଉଛନ୍ତି ଏଆଇ ଦ୍ୱାରା ନିଯୁକ୍ତି ଯୋଗାଇ ଦେଉଥିବା ଷ୍ଟାର୍ଟଅପ୍ କମ୍ପାନୀ ମେର୍‌କର୍‌ର ଚେୟାରପର୍ସନ ଏବଂ କୋ-ଫାଉଣ୍ଡର। ତାଙ୍କ ସହ ଏହି ତାଲିକାରେ ତାଙ୍କର ଅନ୍ୟ ଦୁଇ କୋ-ଫାଉଣ୍ଡର ବ୍ରେଣ୍ଡାନ୍ ଫୁଡୀ ଏବଂ ଆଦର୍ଶ ହିରେମାଥ୍‌ଙ୍କ ନାମ ବି ସାମିଲ ହୋଇଛି। ତିନିଜଣଙ୍କ ମଧ୍ୟରେ ମିଧାଙ୍କ ବୟସ ସବୁଠୁ କମ୍ ଏବଂ ସେମାନଙ୍କ ଷ୍ଟାର୍ଟଅପ୍‌ର ବର୍ତ୍ତମାନ ମୂଲ୍ୟ ପ୍ରାୟ ୧୦ ବିଲିୟନ୍ ଡଲାର ବୋଲି ଆକଳନ କରାଯାଇଛି। ତେବେ କେବଳ ମିଧାଙ୍କର ବର୍ତ୍ତମାନର ସମ୍ପତ୍ତି ୨.୨ ବିଲିଅନ୍ ଡଲାର। ମିଧାଙ୍କ ମା'ବାପା ଦିଲ୍ଲୀର ମୂଳ ବାସିନ୍ଦା ହୋଇଥିବା ବେଳେ ଆମେରିକାର ନାଗରିକତ୍ୱ ଗ୍ରହଣକରି ରହୁଛନ୍ତି। ପୃଥିବୀର ସବୁଠୁ ଇନ୍‌ଫ୍ଲୁଏନ୍ସିଆଲ୍ ଟେକ୍ନୋଲୋଜି ହବ୍ ଭାବେ ପରିଚିତ କାଲିଫର୍ନିଆର ସାନ୍‌ଜୋସ୍‌ଠାରେ ପିଲାବେଳୁ ରହି ବଢ଼ିଥିବାରୁ ସେ ଷ୍ଟାର୍ଟଅପ୍ ଇକୋସିଷ୍ଟମ୍ ସହ ଜଡିତ ଥିଲେ, ଯାହାକି ତାଙ୍କୁ ଏହି ସଫଳତା ହାସଲ କରିବାରେ ବେଶ୍ କାମରେ ଆସିଲା। ସେ ଜର୍ଜଟାଉନ୍ ୟୁନିଭର୍ସିଟିରେ ପାଠପଢ଼ା ସମାପ୍ତ କରିଛନ୍ତି।

**ଲୁସି ଗୁଓ:** ମଣିଷର ସଫଳତା ଯେ କେବଳ ଡିଗ୍ରୀ ଉପରେ ନିର୍ଭର କରେ ତା' ନୁହେଁ, ବରଂ ସାହସ, ଉଦ୍ୟମ ଏବଂ ଠିକ୍ କାମ ପାଇଁ ସମୟର ସଦୁପଯୋଗ ଜଣଙ୍କୁ ସଫଳ କରିପାରେ ଏକଥାର ଜ୍ୱଳନ୍ତ ଉଦାହରଣ ହେଉଛନ୍ତି ନିକଟରେ ଫୋର୍ବ୍ସ ସର୍ବକନିଷ୍ଠ ଧନୀ ଯୁବତୀ ତାଲିକାରେ ନିଜ ନାମ ସାମିଲ କରିଥିବା ଲୁସି ଗୁଓ। ଲୋକପ୍ରିୟ ସିଙ୍ଗର୍ ଟେଲର୍ ସ୍ୱିଫ୍ଟ ୩୬ ବର୍ଷ ବୟସରେ ଏହି ତାଲିକାରେ ନାମ ସାମିଲ କରିଥିବା ବେଳେ ଲୁସି ନିଜସ୍ୱ ଉଦ୍ୟମରେ ମାତ୍ର ୩୦ ବର୍ଷ ବୟସରେ ୧.୩ ବିଲିୟନ୍ ଆମେରିକୀୟ ଡଲାର (ପ୍ରାୟ ୧୧,୪୪୫ କୋଟି ଟଙ୍କା)ର ସମ୍ପତ୍ତିର ମାଲିକାଣୀ ହୋଇ ତାଙ୍କ ରେକର୍ଡ ଭାଙ୍ଗିବାରେ ସଫଳ ହୋଇପାରିଛନ୍ତି। ଚାଇନାର ମୂଳବାସିନ୍ଦା ଏବଂ ପରେ ଆମେରିକାରେ ରହୁଥିବା ଏକ ମଧ୍ୟବିତ୍ତ ପରିବାରରେ ତାଙ୍କର ଜନ୍ମ। ପିଲାବେଳୁ ନିଓପେଟ୍ସ ନାମକ ଏକ ମୋବାଇଲ୍ ଗେମ୍‌ରେ ଭର୍ଚୁଆଲ୍ ଆଇଟମ୍ ଏବଂ କରେନ୍ସି ବିକି ପ୍ରକୃତ ଟଙ୍କା ରୋଜଗାର ଆରମ୍ଭ କରିଦେଇଥିଲେ। ଧୀରେ ଧୀରେ କୋଡିଂ ଏବଂ ପ୍ରୋଗ୍ରାମିଂ ବି ଶିଖିଲେ। ଅଧିକ ପାଠ ପଢ଼ି ଚାକିରି କରିବା ଅପେକ୍ଷା ନିଜେ କିଛି କରି ଅଧିକ ରୋଜଗାର କରିବାର ନିଶା ତାଙ୍କ ଭିତରେ ସବୁବେଳେ ଥିଲା। ତେଣୁ ସେ କାର୍ନେଜି ମେଲନ୍ ୟୁନିଭର୍ସିଟିରେ କମ୍ପ୍ୟୁଟର ସାଇନ୍ସ ପଢ଼ା ଅଧାରୁ ଛାଡ଼ି ଥିଏଲ୍ ଫେଲୋଶିପ୍ କରିବାକୁ ନିଷ୍ପତ୍ତି ନେଇଥିଲେ। ସେଠାରେ ଯୁବ ଉଦ୍ୟୋଗୀମାନଙ୍କୁ ନିଜସ୍ୱ କମ୍ପାନି କରିବା ଲାଗି ୨ ଲକ୍ଷ ଡଲାର୍ ଫଣ୍ଡିଂ ମିଳୁଥିଲା। ଏହି ଟଙ୍କା ବ୍ୟବହାର କରି ସେ ଟେକ୍ନୋଲୋଜି ଏବଂ ଷ୍ଟାର୍ଟଅପ୍ ଦୁନିଆରେ ପାଦ ଥାପିଥିଲେ। ସେ ଆଲେକ୍‌ଜାଣ୍ଡର ୱାଙ୍ଗ୍‌ଙ୍କ ସହ ମିଶି ୨୦୧୬ରେ 'ସ୍କେଲ୍ ଏଆଇ' ନାମକ ଏକ ଷ୍ଟାର୍ଟଅପ୍ କମ୍ପାନୀ ଆରମ୍ଭ କରିଥିଲେ। ପରେ ସେ ଏହାକୁ ଛାଡ଼ି ୨୦୨୨ରେ 'ପାସେସ୍' ନାମକ ନିଜସ୍ୱ ଷ୍ଟାର୍ଟଅପ୍ କମ୍ପାନୀ ଆରମ୍ଭ କଲେ। ଏହା ଏକ କ୍ରିଏଟର୍ ମନିଟାଇଜେଶନ୍ ପ୍ଲାଟଫର୍ମ, ଯାହାକି କଣ୍ଟେଣ୍ଟ କ୍ରିଏଟର୍ସମାନଙ୍କ ମଧ୍ୟରେ ଖୁବ୍ ପ୍ରିୟ ପାଲଟିଛି।

**କୈବଲ୍ୟ ବୋହରା ଏବଂ ଆଦିତ୍ ପାଲିଚା:** କିଛି ଭିନ୍ନ କରି ରୋଜଗାର କରିବାର ଇଚ୍ଛା ପିଲାବେଳୁ ସେମାନଙ୍କ ଭିତରେ ଥିଲା। ଆଉ ଏହି ଆଗ୍ରହ ଓ ପ୍ରଚେଷ୍ଟା ବଳରେ ୨୦୨୪ରେ ପ୍ରକାଶ ପାଇଥିବା ହୁରୁନ୍ ରିଚ୍ ଲିଷ୍ଟ ରିପୋର୍ଟ ମୁତାବକ ଭାରତର ସବୁଠୁ ଯୁବ ଅରବପତିଙ୍କ ତାଲିକାରେ ନିଜ ନାମ ସାମିଲ କରିବାରେ ସଫଳ ହୋଇପାରିଛନ୍ତି ବେଙ୍ଗାଲୁରୁରେ ଜନ୍ମିତ କୈବଲ୍ୟ ବୋହରା(୨୧) ଏବଂ ମୁମ୍ବାଇରେ ଜନ୍ମିତ ଆଦିତ୍ ପାଲିଚା(୨୨)। ବର୍ତ୍ତମାନ କୈବଲ୍ୟଙ୍କ ସମ୍ପତ୍ତି ପ୍ରାୟ ୪,୪୮୦ କୋଟି ଟଙ୍କାରୁ ଊର୍ଦ୍ଧ୍ୱ ହୋଇଥିବା ବେଳେ ଆଦିତ୍‌ଙ୍କ ସମ୍ପତ୍ତିର ମୂଲ୍ୟ ୫,୩୮୦ କୋଟିରୁ ଊର୍ଦ୍ଧ୍ୱ ବୋଲି ଆକଳନ କରାଯାଇଛି। ଦୁଇଜଣ ପିଲାବେଳୁ ଏକାଠି ମୁମ୍ବାଇରେ ଏବଂ ପରେ ଦୁବାଇରେ ପାଠ ପଢ଼ିଥିଲେ। ପରେ କାଲିଫର୍ନିଆର ଷ୍ଟାନ୍‌ଫୋର୍ଡ ୟୁନିଭର୍ସିଟିରେ କମ୍ପ୍ୟୁଟର ସାଇନ୍ସ ପଢୁଥିବା ବେଳେ କୋଭିଡ୍ ମହାମାରୀ ସମୟରେ ତାଙ୍କୁ ମୁମ୍ବାଇ ଫେରିବାକୁ ପଡ଼ିଥିଲା। ହେଲେ ସେମାନେ ଅନ୍‌ଲାଇନ୍‌ରେ ପାଠ ପଢ଼ିବା ଅପେକ୍ଷା ନିଜସ୍ୱ ବିଜ୍‌ନେସ୍ ଷ୍ଟାର୍ଟଅପ୍ କରିବାକୁ ନିଷ୍ପତ୍ତି ନେଲେ। ମହାମାରୀରେ ବାହାରକୁ ଯାଇ ଗ୍ରୋସେରି ଏବଂ ଅନ୍ୟାନ୍ୟ ଜରୁରୀ ସାମଗ୍ରୀ କିଣିବାରେ ଲୋକଙ୍କୁ ଅସୁବିଧା ହେଉଥିବାରୁ କିଭଳି ଏସବୁ ସାମଗ୍ରୀ ସେମାନଙ୍କ ପାଖରେ ସହଜରେ ପହଞ୍ଚାଯାଇ ପାରିବ, ସେଥିପାଇଁ ଯୋଜନା କରିଥିଲେ। କଲେଜ ପାଠପଢ଼ା ଛାଡ଼ି ମାତ୍ର ୧୭ ବର୍ଷ ବୟସରେ ସେମାନେ ଆରମ୍ଭ କଲେ କିରାନାକାର୍ଟ ନାମକ ଏକ ଇ-ଶପିଂ ସାଇଟ୍। ୨୦୨୧ରେ ସେମାନେ ଏହାକୁ ପରିବର୍ତ୍ତନ କରି ଜିପ୍ଟୋ ନାମକ କ୍ୱିକ୍ କମର୍ସ କମ୍ପାନୀ ଆରମ୍ଭ କଲେ ଆଉ ମାତ୍ର ୧୦ ମିନିଟ୍‌ରେ ଗ୍ରାହକଙ୍କ ପାଖରେ ଗ୍ରୋସେରୀ ପହଞ୍ଚାଇଦେଲେ। ଉଭୟଙ୍କ ପରିବାର ସଦସ୍ୟ ଅଧାରୁ ପାଠପଢ଼ା ଛାଡ଼ିବାକୁ ନେଇ ଆଦୌ ରାଜି ନ ଥିଲେ। ହେଲେ ଜିପ୍ଟୋ ଲଞ୍ଚ୍ ହେବାର ମାତ୍ର ୫ମାସ ମଧ୍ୟରେ ୫୦୦ କୋଟିରୁ ଅଧିକ ରୋଜଗାର କରିବାରେ ସଫଳ ହୋଇପାରିଲା। ତେଣୁ ଧୀରେ ଧୀରେ ପିଲାମାନଙ୍କ ସଫଳତା ଦେଖି ଅଭିଭାବକ ମଧ୍ୟ ଖୁସି ହୋଇଥିଲେ। ବର୍ତ୍ତମାନ ସୁଦ୍ଧା ସେମାନଙ୍କ କମ୍ପାନୀର ଆୟ ୫.୯ ବିଲିୟନ୍ ଡଲାରରୁ ଊର୍ଦ୍ଧ୍ୱ ହୋଇସାରିଥିବା ବେଳେ ସେମାନେ ଭବିଷ୍ୟତରେ ଆହୁରି ଉନ୍ନତି କରିବା ସହ ଅଧିକରୁ ଅଧିକ ଲୋକଙ୍କୁ ରୋଜଗାର ଯୋଗାଇଦେବାକୁ ଲକ୍ଷ୍ୟ ରଖିଥିବା ପ୍ରକାଶ କରନ୍ତି।




କୈବଲ୍ୟ ବୋହରା

ଆଦିତ୍ ପାଲିଚା

ଲୁସି ଗୁଓ



ସୂର୍ଯ୍ୟା ମିଧା

## ଏ ସପ୍ତାହର ପ୍ରଶ୍ନ ?

୧– ନିକଟରେ ଆବିଷ୍କୃତ ହୋଇଥିବା ଟାକିଡ୍ରୋମ୍ସ ଅଲ୍‌ଟ୍ରାପାନେସିସ୍ ଏକ ପ୍ରକାର .......... ପ୍ରଜାତିର ଜୀବ ?
୨– ଦି ପ୍ରେସିଜନ୍ ଷ୍ଟ୍ରାଇକ୍ ମିସାଇଲ୍ ......... ଦେଶ ଦ୍ୱାରା ନିର୍ମିତ ହୋଇଛି ?
୩– ଲୋ ଟେମ୍ପରେଚର୍ ଥର୍ମାଲ୍ ଡିସାଲାଇନେଶନ୍ ପ୍ରୋଗ୍ରାମ୍ ............... ଦ୍ୱାରା କାର୍ଯ୍ୟକାରୀ କରାଯାଇଛି ?
୪– ଭାରତ ନେଟ୍ ପ୍ରୋଜେକ୍ଟର ମୁଖ୍ୟ ଉଦ୍ଦେଶ୍ୟ .............. ?
୫– ଏଚ୍‌ଏମ୍‌ପିଭିର ଫୁଲ୍‌ଫର୍ମ ................ ?

## ଗତ ଥରର ଉତ୍ତର

୧ ଉପନଦୀ
୨ ତାମିଲନାଡୁ
୩ ତ୍ରିପୁରା
୪ ସଡ଼କ ପରିବହନ ଓ ରାଜପଥ ମନ୍ତ୍ରଣାଳୟ
୫ ୨୦୧୪ ମସିହା

## ଉତ୍ତରଦାତା



ନିର୍ବିକଳ୍ପ ନାଥ
ଘଣ୍ଟେଶ୍ୱର



ଅନ୍ନଦା ପ୍ରସାଦ ପଟ୍ଟନାୟକ,
କଟକ

**ସୂଚନା:** ଆଗାମୀ ଆଶା ପୃଷ୍ଠାରେ ଦିଆଯାଇଥିବା ପ୍ରଶ୍ନର ଉତ୍ତର ସହ ନିଜ ନାମ, ଠିକଣା, ଫଟୋ ଏବଂ ମତାମତ ଲେଖି ପଠାନ୍ତୁ।
**ଇ-ମେଲ୍ ଠିକଣା:** dharitriagamiasha@gmail.com

## ଟପ୍ ଟେନ୍ ୧୦

### ସର୍ବାଧିକ ହେଲିକପ୍ଟର ପ୍ରସ୍ତୁତକାରୀ

୧. ଏୟାରବସ୍ ହେଲିକପ୍ଟର୍ସ ........................ ଫ୍ରାନ୍ସ/ୟୁରୋପିଆନ୍ ୟୁନିଅନ୍
୨. ଲିଓନାର୍ଡୋ ହେଲିକପ୍ଟର୍ସ ..................... ଇଟାଲୀ/ୟୁନାଇଟେଡ୍ କିଙ୍ଗ୍‌ଡମ୍
୩. ବେଲ୍ ଟେକ୍ସଟ୍ରନ୍ ............................................. ଆମେରିକା
୪. ସିକର୍‌ସ୍କାଏ (ଲକ୍‌ହିଡ୍ ମାର୍ଟିନ୍)................................ ଆମେରିକା
୫. ବୋଇଂ ଡିଫେନ୍ସ, ସ୍ପେଶ୍ ଆଣ୍ଡ ସିକ୍ୟୁରିଟି.......................... ଆମେରିକା
୬. ରୁଷିଆନ୍ ହେଲିକପ୍ଟର୍ସ ................................................ ରୁଷିଆ
୭. ହିନ୍ଦୁସ୍ତାନ ଏରୋନଟିକ୍ସ ଲିମିଟେଡ୍ ................................. ଭାରତ
୮. ରବିନ୍‌ସନ୍ ହେଲିକପ୍ଟର କମ୍ପାନି ................................ ଆମେରିକା
୯. ଆଭିଏଶନ୍ ଇଣ୍ଡଷ୍ଟ୍ରି କର୍ପୋରେଶନ୍ ଅଫ୍ ଚାଇନା...................... ଚାଇନା
୧୦. ଏମ୍‌ଡି ହେଲିକପ୍ଟର୍ସ ............................................ ଆମେରିକା

## ୟୁଥ୍ ଆଲର୍ଟ

# ଅଧିକ ସମୟ ଏସିରେ ରହୁଥିଲେ

**ଧୀରେ ଧୀରେ ଗରମ ବଢୁଛି, ଯେଉଁଥିପାଇଁ ଏସିର ବ୍ୟବହାର ବି ବଢ଼ିବା ଆରମ୍ଭ ହେଲାଣି। ଏମିତିରେ ବିଶେଷକରି ଯୁବପିଢ଼ି ଘରଠୁ କଲେଜ, ଅଫିସ୍ ଏବଂ ଗାଡ଼ି ପର୍ଯ୍ୟନ୍ତ ସବୁଠି ଏୟାର କଣ୍ଡିଶନର(ଏସି)ର ବ୍ୟବହାର କରୁଥିବା ଦେଖିବାକୁ ମିଳୁଛି। ହେଲେ ଅଧିକ ସମୟ ଏସି ବ୍ୟବହାର କରୁଥିଲେ କେତେକ ଦିଗ ପ୍ରତି ସତର୍କ ରହିବା ଜରୁରୀ...**

- ଅତ୍ୟଧିକ ଗରମ ବେଳେ ଏସିର ଥଣ୍ଡା ପରିବେଶରେ ରହିବାକୁ କାହାକୁ ବା ଭଲ ନ ଲାଗେ! ହେଲେ ଅଧିକ ସମୟ ଏସିରେ ରହିବା ପରେ ବାହାରକୁ ଗରମରେ ବାହାରିଲେ ହଠାତ୍ ଶରୀରର ତାପମାତ୍ରା ଅସନ୍ତୁଳିତ ହୋଇପଡ଼େ, ଯଦ୍ୱାରା ଷ୍ଟ୍ରୋକ୍ ହେବାର ଆଶଙ୍କାକୁ ବି ଏଡ଼ାଇ ଦିଆଯାଇ ନ ପାରେ।
- ଅଧିକ ସମୟ ଏସିରେ ରହିଲେ ନାକ ଶୁଖିବା, ପୋଡ଼ିବା, ବ୍ଲକ୍ ହେବା, ଗଳାରେ ଯନ୍ତ୍ରଣା ହେବା ଭଳି ସମସ୍ୟା ମଧ୍ୟ ଦେଖାଦେଇଥାଏ। ଏହି ଆଲର୍ଜିକ୍ ରିଆକ୍ସନ୍ ଧୀରେ ଧୀରେ ଶ୍ୱାସଜନିତ ସମସ୍ୟାର କାରଣ ସାଜିପାରେ। ତେଣୁ ଅଧିକ ସମୟ ଏସିରେ ରହିବା ବିଶେଷକରି ପୂର୍ବରୁ କୌଣସି ଥଣ୍ଡା ଆଲର୍ଜି କିମ୍ବା ଶ୍ୱାସ ବା ଆଜ୍‌ମା ସମସ୍ୟା ଥିଲେ ଏହା କ୍ଷତିକାରକ ହୋଇପାରେ।
- ହେଲେ ଦୀର୍ଘ ସମୟ ଏସି ରୁମ୍‌ରେ ରହିବା ଦ୍ୱାରା ଶରୀରରୁ ଜଳୀୟାଂଶ ଖୁବ୍‌ଶୀଘ୍ର କମିଥାଏ। ଫଳରେ ଡିହାଇଡ୍ରେଶନ୍ ସମସ୍ୟା ଉପୁଜିପାରେ। ତେଣୁ ଏହି ସମସ୍ୟା ନ ହେବା ଲାଗି ଏସି ଟେମ୍ପରେଚର ବହୁତ କମ୍ ନ କରି ନର୍ମାଲ ରଖନ୍ତୁ ଏବଂ ମଝିରେ ମଝିରେ ପାଣି ପିଇବାକୁ ଆଦୌ ଭୁଲନ୍ତୁ ନାହିଁ।
- ଅଧିକ ସମୟ ଏସିରେ ରହିବା ଦ୍ୱାରା ଡ୍ରାଏ ଆଇ ବା ଆଖି ଶୁଷ୍କ ହେବା ସମସ୍ୟା ଦେଖାଦିଏ। ଫଳରେ ଆଖି କୁଣ୍ଡେଇ ହୋଇ ଲାଲ୍ ପଡ଼ିଥାଏ। ଯେଉଁମାନଙ୍କଠାରେ ପୂର୍ବରୁ ଏଭଳି ସମସ୍ୟା ଥାଏ, ସେମାନେ ଏସିରେ ଅଧିକ ସମୟ ଆଦୌ ରହିବା ଠିକ୍ ନୁହେଁ, ନଚେତ୍ ସମସ୍ୟା ବଢ଼ିପାରେ।
- ସେହିପରି ଏସିରେ ଦୀର୍ଘ ସମୟ ରହିବା ଦ୍ୱାରା ମଶ୍ଚରାଇଜର କମିଯିବା ଦ୍ୱାରା ସ୍କିନ୍ ଡ୍ରାଏ ହୋଇଯାଏ। ଏଥିପାଇଁ ମଧ୍ୟ କାହା କାହାଠାରେ ତ୍ୱଚା କୁଣ୍ଡେଇ ହେବା ଭଳି ବିଭିନ୍ନ ଲକ୍ଷଣ ଦେଖାଦିଏ।
- କେବଳ ଏତିକି ନୁହେଁ, କାହା କାହାଠାରେ ଏସି ଯୋଗୁ ମୁଣ୍ଡବିନ୍ଧା, ମାଇଗ୍ରେନ୍ ଆଦି ସମସ୍ୟା ବି ଦେଖାଦେଇ ଥାଏ। ତେଣୁ ଏଭଳି ଅସୁବିଧା ଦୂର କରିବା ଲାଗି ଏସି ବ୍ୟବହାର କମ୍ କରନ୍ତୁ।



## ଜାଣନ୍ତୁ ଦୁନିଆ

# ଯେଉଁ ଗାଁରେ ପୁରୁଷ ପ୍ରବେଶ ମନା

**ପୃଥିବୀରେ ଏମିତି ଏକ ଗାଁ ରହିଛି, ଯେଉଁଠାକୁ ପୁରୁଷଙ୍କ ପ୍ରବେଶ ନିଷେଧ। ଆଶ୍ଚର୍ଯ୍ୟ ଲାଗୁଥିଲେ ବି ଏକଥା ସତ। ତେବେ ଉମଜା ନାମକ ଏହି ଗାଁଟି ରହିଛି କେନିଆର ସାମବୁରୁ ଅଞ୍ଚଳରେ। ଜାଣିବା ଏହା ସମ୍ପର୍କରେ ...**

- କେନିଆର ରାଜଧାନୀ ନାଇରୋବିଠାରୁ ୩୮୦ କିମି. ଦୂରରେ ଥିବା ଏହି ଗାଁ ସମଗ୍ର ପୃଥିବୀରେ ଏଭଳି ଏକ ଗାଁ, ଯେଉଁଠାରେ ଦୀର୍ଘ ୨୬ ବର୍ଷ ହେବ କେବଳ ମହିଳା ରହୁଛନ୍ତି।
- ୧୯୯୦ରେ ସମାଜସେବୀ ରେବେକା ଲୋଲୋସେଲିଙ୍କ ଦ୍ୱାରା ଏହି ଗାଁକୁ ବ୍ରିଟିଶ୍ ଯବାନଙ୍କ ଦ୍ୱାରା ବଳାତ୍କାରର ଶିକାର ହୋଇଥିବା ୧୪ ଜଣ ମହିଳାଙ୍କ ରହିବା ଲାଗି ବଛା ଯାଇଥିଲା। ସେବେଠୁ ପୁରୁଷପ୍ରଧାନ ସମାଜରେ ହିଂସାର ଶିକାର ହୋଇଥିବା ମହିଳା କିମ୍ବା ବାଲ୍ୟ ବିବାହ କରିଥିବା ମହିଳାମାନେ ରହି ଆସୁଛନ୍ତି। ବର୍ତ୍ତମାନ ଏଠାରେ ପ୍ରାୟ ୨୫୦ ଜଣ ମହିଳା ଏବଂ ସେମାନଙ୍କ ପିଲାମାନେ ରହୁଛନ୍ତି।
- ସେହି ମହିଳାମାନେ ଗାଁରେ ଥିବା ପାଠଶାଳା, ସାଂସ୍କୃତିକ କେନ୍ଦ୍ର ଏବଂ ସାମବୁରୁର ରାଷ୍ଟ୍ରୀୟ ଉଦ୍ୟାନକୁ ଆସୁଥିବା ପର୍ଯ୍ୟଟକଙ୍କ ଲାଗି କ୍ୟାମ୍ପିଂ ସାଇଟ୍ ଚଳାଉଛନ୍ତି। କେବଳ ଏତିକି ନୁହେଁ, ରୋଜଗାର ନିମନ୍ତେ ସେମାନେ ପାରମ୍ପରିକ ପୋଷାକ, ଆଭୂଷଣ, ହସ୍ତକଳା ସାମଗ୍ରୀ ପ୍ରସ୍ତୁତ କରି ଉମୋଜା ୱାସୋ ଓମେନ୍ସ କଲ୍‌ଚରାଲ୍ ସେଣ୍ଟରରେ ଏବଂ ୱେବ୍‌ସାଇଟ୍‌ରେ ମଧ୍ୟ ବିକ୍ରି କରିଥା'ନ୍ତି। ଏହି ସଂସ୍ଥାଗୁଡ଼ିକରୁ ହେଉଥିବା ନିୟମିତ ଆମଦାନୀରେ ସେମାନେ ଘରଖର୍ଚ୍ଚ ଚଳାଇଥାନ୍ତି।



- ଏଠାରେ ରହୁଥିବା ମହିଳା ପାରମ୍ପରିକ ପୋଷାକ ଓ ଆଭୂଷଣ ପିନ୍ଧିବା ବାଧ୍ୟତାମୂଳକ।
- ନିୟମ ଅନୁଯାୟୀ ଏଠାକୁ ପୁରୁଷ ବୁଲିବାକୁ ଆସିପାରିବେ, ହେଲେ ରହିବାର ଅନୁମତି ନାହିଁ। ଏମିତିକ ପିଲାବେଳୁ ନିଜ ମା'ଙ୍କ ସହ ରହି ଆସିଥିବା ପୁଅମାନଙ୍କୁ ମଧ୍ୟ ୧୮ ବର୍ଷ ହେବା ପରେ ଆଉ ଏଠାରେ ରହିବାର ଅନୁମତି ନାହିଁ।

1-Printed and published by Adyasha Satpathy on behalf of Navajat Printers & Media Pvt. Ltd. and printed at Navajat Printers, B-15, Industrial Estate, Rasulgarh, Bhubaneswar, Editor - Tathagata Satpathy, ସମ୍ପାଦକ– ତଥାଗତ ସତପଥୀ